

‘ପଠାନ୍ ୨’ରେ ଜୁନିୟର୍ ଏନ୍‌ଟିଆର୍
▸ପୃଷ୍ଠା ୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-172 ◆THURSDAY ◆18 DECEMBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୧୭୨ ◆ଗୁରୁବାର ◆୧୮ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ୧୦ ଡିଗ୍ରୀ ତଳେ ୧୦ ସହର; ଜାରି ରହିବ ଶୀତ ଲହରୀ

■ ଭୁବନେଶ୍ୱର, ୧୭ ।୧୨ (ସମିସ): ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ଶୀତ ଜାରି ରହିଛି । ତଳ ମୁହାଁ ପାରଦ ଯୋଗୁଁ ସାରା ରାଜ୍ୟ ଜାଡ଼ରେ ଥରୁଛି । ରାତିର ତାପମାତ୍ର ଅହେତୁକ ହ୍ରାସ ପାଇବା କାରଣରୁ ସନ୍ଧ୍ୟାରୁ ଶୀତ ମାଡ଼ି ଆସୁଛି । ଗତ ୨୪ ଘଣ୍ଟାରେ ରାଜ୍ୟର ୧୦ ଟି ସହର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିବା ବେଳେ ଏହି ସ୍ଥିତି ଆଗକୁ ମଧ୍ୟ ଜାରି ରହିବାର ସମ୍ଭାବନା ରହିଛି । ପାଣିପାଗ କେନ୍ଦ୍ର କହିଛି ଗତ ୨୪ ଘଣ୍ଟାରେ ୫.୭ ଡିଗ୍ରୀ ସହ ସେମିଲିଗୁଡା ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଛି । ସେମିଲିଗୁଡାରେ ତାପମାତ୍ରା ୫.୭ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ କୋରାପୁଟରେ ତାପମାତ୍ରା ୬ ଡିଗ୍ରୀ ଜି.ଉଦୟଗିରି ୬.୬, ଝାରସୁଗୁଡା ୭.୨, ଦାରିଙ୍ଗବାଡି ୮, ବୌଦ୍ଧ ୯.୪, ଚିପିଲିମା ୧୦, ଅନୁଗୁଳ ୧୦, ରାୟଗଡ଼ା ୧୦ ଓ ନବରଙ୍ଗପୁରରେ ମଧ୍ୟ ତାପମାତ୍ରା ୧୦ ଡିଗ୍ରୀ ରେକର୍ଡ ହୋଇଛି । ଏହି ତାପମାତ୍ରା ସହ କୋରାପୁଟରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୫.୨ ଡିଗ୍ରୀ କମ୍ ରହିଥିବା ବେଳେ ଝାରସୁଗୁଡ଼ାରେ ଏହା ୪.୫ସ ଡିଗ୍ରୀ ତଳେ ରହିଛି । ଗତ ଦୁଇଦିନ ହେବ କିଛି କିଛି ସ୍ଥାନରେ ତାପମାତ୍ରା ୨ରୁ ୩ ଡିଗ୍ରୀ ହ୍ରାସ ପାଇଥିବାରୁ ଶୀତ ଅପେକ୍ଷାକୃତ ବଢ଼ିଛି ।

ଶୀତ ସହ ରାଜ୍ୟର ଅନେକ ସ୍ଥାନରେ ବର୍ତ୍ତମାନ କୁହୁଡ଼ି ପାଇଁ ପାଗ ଅନୁକୂଳ ରହୁଛି । ଗତ ୨୪ ଘଣ୍ଟାରେ ରାଜ୍ୟର କିଛି କିଛି ସ୍ଥାନରେ ଘନ କୁହୁଡି ଦୃଶ୍ୟମାନ ହୋଇଥିବା ବେଳେ ଆଗାମୀ ଦୁଇଦିନ ଯାଏ ଏହି ସ୍ଥିତି ଜାରି ରହିବା ନେଇ ପାଣିପାଗ କେନ୍ଦ୍ର କହିଛି । ୨ ଦିନ ପାଇଁ କୋରାପୁଟ, ▸ପୃଷ୍ଠା-୭

## ଦିଲ୍ଲୀରେ ପ୍ରଦୂଷଣ ଅସହ୍ୟ; ଗାଡ଼ି ଚଳାଚଳରେ କଟକଣା

### ଘରୁ କାମ କରିବେ ୫୦% କର୍ମଚାରୀ

### ପ୍ରଭାବିତ ଶ୍ରମିକଙ୍କୁ ୧୦ ହଜାର କ୍ଷତିପୂରଣ

■ ନୂଆଦିଲ୍ଲୀ, ୧୭ ।୧୨ (ଏଜେନ୍ସି): ରାଜଧାନୀ ଦିଲ୍ଲୀରେ ବିଷାକ୍ତ ପ୍ରଦୂଷଣ କାରଣରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଏହାକୁ ଦୃଷ୍ଟିରେ ରଖି ଦିଲ୍ଲୀ ସରକାର ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ସବୁ ସରକାରୀ ଓ ଘରୋଇ କାର୍ଯ୍ୟାଳୟରେ ୫୦ ପ୍ରତିଶତ କର୍ମଚାରୀ ୱାର୍କ ଫ୍ରମ୍ ହୋମ ଅର୍ଥାତ ଘରୁ କାର୍ଯ୍ୟ କରିବା ବାଧ୍ୟତାମୂଳକ ବୋଲି ସରକାର ନିର୍ଦ୍ଦେଶ ଦେଇଛନ୍ତି । ଅର୍ଥାତ ଏବେ ଅଧା କର୍ମଚାରୀ ହିଁ କାର୍ଯ୍ୟାଳୟ ଯିବେ ଓ ବାକି ଅଧା କର୍ମଚାରୀ ଘରୁ କାର୍ଯ୍ୟ କରିବେ । ଏହି ନୂଆ ନିୟମ ଗୁରୁବାରଠାରୁ ଲାଗୁ ହେବ । ତେବେ ସ୍ୱାସ୍ଥ୍ୟସେବା, ଅଗ୍ନିସମ ସେବା, ଜେଲ ପ୍ରଶାସନ, ସାର୍ବଜନୀନ ପରିବହନ ଓ ବିପର୍ଯ୍ୟ ପରିଚାଳନା ଭଳି କ୍ଷେତ୍ରକୁ ଏହି ନିୟମରୁ ବାଦ୍ ଦିଆଯାଇଛି । ▸ପୃଷ୍ଠା-୭



### ଦେଶରେ ୨୫ ସହରରେ ଗଡୁଛି ମେଟ୍ରୋ ରେଳ

# ଓଡ଼ିଶାରେ ମେଟ୍ରୋ ଭବିଷ୍ୟତ ଅନ୍ଧାର

■ ଭୁବନେଶ୍ୱର, ୧୭।୧୨ (ସମିସ): ସମଗ୍ର ଦେଶରେ ମେଟ୍ରୋ ରେଳ ନେଟୱାର୍କ ଧୀରେଧୀରେ ବଢ଼ିବାରେ ଲାଗିଛି । କେନ୍ଦ୍ର ଗୃହ ଓ ନଗର ଉନ୍ନୟନ ମନ୍ତ୍ରାଳୟର ତଥ୍ୟ ଅନୁଯାୟୀ ଏଯାବତ୍ ଦେଶର ୨୫ଟି ସହରରେ ମେଟ୍ରୋ ରେଳ କାର୍ଯ୍ୟକ୍ଷମ ହେଲାଣି । ମାତ୍ର ଏହି ସମୟରେ ଓଡ଼ିଶାରେ ମେଟ୍ରୋ ପ୍ରକଳ୍ପ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି । ପୂର୍ବରୁ ବିଜେଡି ସରକାର ୨୦୨୭ ସୁଦ୍ଧା ରାଜଧାନୀରେ ମେଟ୍ରୋ ରେଳ ଗଡ଼ାଇବାକୁ ପ୍ରତିବଦ୍ଧତାର ସହ ଆଗକୁ ବଢ଼ିଥିବା ବେଳେ ରାଜ୍ୟରେ ବିଜେପି ଶାସନକୁ ଆସିବା ପରେ ବର୍ତ୍ତମାନ ରାଜ୍ୟରେ ମେଟ୍ରୋ ପ୍ରକଳ୍ପ ଏକପ୍ରକାର ଶୀତଳଭଣ୍ଡାରକୁ ଚାଲି ଯାଇଛି । ରାଜ୍ୟ ସରକାରଙ୍କ ଏପରି ଆଭିମୁଖ୍ୟକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଏହାକୁ ବୁଦ୍ଧିଜୀବୀ ମହଲ ନାପସନ୍ଦ କରିଛନ୍ତି । ମେଟ୍ରୋ ସେବା କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ନୀତି ଆଦୌ ଜନ ହିତକର ନୁହେଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

ଆସନ୍ତା ୨୧ ତାରିଖରେ ମଧ୍ୟପ୍ରଦେଶରେ



ଭୋପାଳ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାକୁ ଯାଉଛି । ଏହି ପ୍ରକଳ୍ପକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିସି ଯୋଗେ ଉଦଘାଟନ କରିବେ । କେବଳ ଭୋପାଳ ନୁହେଁ, ବର୍ତ୍ତମାନ ଦେଶର ଏକାଧିକ ରାଜ୍ୟରେ ମୋଟ୍ରୋ ପ୍ରକଳ୍ପ ଜାରି ରହିଛି । ଦକ୍ଷିଣ ଭାରତରେ ବର୍ତ୍ତମାନ କର୍ଣ୍ଣାଟକ, କେରଳ, ତାମିଲନାଡୁ ଓ ତେଲେଙ୍ଗାନାରେ ପ୍ରାୟ ୨୫୧ କିଲୋମିଟର ବିଶିଷ୍ଟ ନୂଆ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି । ପୂର୍ବରୁ ଉପରୋକ୍ତ ୪ ରାଜ୍ୟରେ

### ୨୧ରେ ଭୋପାଳ ମେଟ୍ରୋ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

### ଦକ୍ଷିଣ ଭାରତରେ ନିର୍ମାଣ ଚାଲିଛି ୨୫୧ କିମି ମେଟ୍ରୋ ଲାଇନ

୨୪୮ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ରେଳ ଲାଇନ କାର୍ଯ୍ୟକ୍ଷମ ହୋଇ ସାରିଥିବା ବେଳେ ଏହି ନୂତନ ରେଳ ଲାଇନ ଦକ୍ଷିଣ ଭାରତରେ ମେଟ୍ରୋ ରେଳ ସେବାକୁ ନୂଆ ଉଚ୍ଚତା ପ୍ରଦାନ କରିବ । ଉପରୋକ୍ତ ପ୍ରକଳ୍ପଗୁଡ଼ିକ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ କାର୍ଯ୍ୟନ୍ୱୟନ ହେଉଥିବା ଜଣାପଡ଼ିଛି । ଏତଦବ୍ୟତୀତ ଆନ୍ଧ୍ର ପ୍ରଦେଶ ସରକାର ଭାଇଜାଗ, ବିଜୟୱାଡାରେ ନିଜସ୍ୱ ଉଦ୍ୟମରେ ମେଟ୍ରୋ ସେବା ଆରମ୍ଭ କରିବାକୁ ଯାଉଛନ୍ତି । ସମାନ ସମୟରେ ରାଜ୍ୟ ବିଜେପି ସରକାରଙ୍କ ମେଟ୍ରୋ ରେଳ ପ୍ରତି ଉଦାସୀନତା ସାଧାରଣରେ ପ୍ରତିକ୍ରିୟା ସୃଷ୍ଟି କରିଛି । ବିହାର, ଉତ୍ତର ପ୍ରଦେଶ, ହରିୟାଣା ପରି ରାଜ୍ୟରେ ଭୁବନେଶ୍ୱରଠାରୁ ଅପେକ୍ଷାକୃତ ଅନୁନ୍ନତ ସହରରେ ମେଟ୍ରୋ ସେବା ଆରମ୍ଭ ହୋଇ ସାରିଥିବା ବେଳେ କେଉଁ କାରଣରୁ ରାଜ୍ୟ ବିଜେପି ସରକାର ଭୁବନେଶ୍ୱର ମେଟ୍ରୋ ସେବାକୁ ନେଇ ଆଗକୁ ବଢୁନାହାନ୍ତି, ତାହାର ଉତ୍ତର କାହା ପାଖରେ ନାହିଁ । ସରକାରଙ୍କ ଯୁକ୍ତି ଅନୁଯାୟୀ ଭୁବନେଶ୍ୱରରେ ମେଟ୍ରୋ ପ୍ରକଳ୍ପ ପାଇଁ ଏକ ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ଗଠନ କରାଯାଇଛି । କମିଟିର ରିପୋର୍ଟ ଏବଂ ସୁପାରିଶ ଆଧାରରେ ସରକାର ▸ପୃଷ୍ଠା-୭

## ବିଗୁଡୁଛି ବାଂଲାଦେଶ ସ୍ଥିତି; ଭାରତୀୟ ହାଇକମିସନକୁ ବିପଦ

■ ନୂଆଦିଲ୍ଲୀ, ୧୭ ।୧୨ (ଏଜେନ୍ସି): ବାଂଲାଦେଶରେ ଆସନ୍ତାବର୍ଷ ସାଧାରଣ ନିର୍ବାଚନ ହେବାକୁ ଯାଉଥିବା ବେଳେ ସାରା ଦେଶରେ ଏବେ ହିଂସା ବୃଦ୍ଧି ପାଇବାରେ ଲାଗିଛି । ବିଶେଷ କରି ବାଂଲାଦେଶରେ କେତେକ ଚରମପନ୍ଥୀ ଭାରତ ବିରୋଧରେ ବିଷ ଉଗାରୁଛନ୍ତି । କେବେ ଭାରତକୁ ଭାଗ ଭାଗ କରିବାକୁ କହୁଛନ୍ତି ତ କେବେ ଢାକା ସ୍ଥିତ ଭାରତୀୟ ହାଇକମିସନ ଉପରେ ଆକ୍ରମଣ କରିବାକୁ ଧମକ ଦେଉଛନ୍ତି । ଭାରତ ସରକାର ଏହାକୁ ନେଇ ଉଦବେଗ ପ୍ରକାଶ କରିବା ସହିତ ବାଂଲାଦେଶ ହାଇକମିସନରଙ୍କୁ ସମନ୍ କରିଛନ୍ତି । ଭାରତୀୟମାନଙ୍କ ନିରାପତ୍ତା ପ୍ରତି ଗୁରୁତ୍ୱ ଦେବାଲାଗି ତାଙ୍କୁ ଭାରତ ସରକାର ପରାମର୍ଶ ଦେଇଛନ୍ତି । ଏହାସହିତ ନିରାପତ୍ତା କାରଣରୁ ରାଜଧାନୀ ଢାକାସ୍ଥିତ ଭାରତୀୟ ଭିସା ଆବେଦନ କେନ୍ଦ୍ର (ଆଇଭିଏସି) କୁ ବନ୍ଦ କରି ଦିଆଯାଇଛି ।

ଆଜି କେତେକ ଚରମପନ୍ଥୀ ସଂଗଠନ ପକ୍ଷରୁ ଭାରତର ହାଇକମିସନ ଅଫିସ ଘେରାଉ କରାଯିବା ଲାଗି ଉଦ୍ୟମ ହୋଇଥିଲା । ସଂଗଠନର କର୍ମୀମାନେ ହାଇକମିସନ ଆଡ଼କୁ ଅଗ୍ରସର ହେଉଥିବା ବେଳେ ପୁଲିସ ସେମାନଙ୍କୁ ଅଟକାଇଥିଲା । ସେମାନେ ବାରିକେଡ ଭାଙ୍ଗି ଅଗ୍ରସର ହେଉଥିବା ବେଳେ ପୁଲିସ ଆଗକୁ ବଢ଼ିବାକୁ ଦେଇନଥିଲା । ସେମାନେ ଭାରତ ବିରୋଧୀ ସ୍ଲୋଗାନ ଦେବା ସହିତ ବିତାଡ଼ିତ

### ବାଂଲା ହାଇକମିସନରଙ୍କୁ ସମନ୍

### ଢାକାରେ ଭାରତ ଭିସା କେନ୍ଦ୍ର ବନ୍ଦ

ପ୍ରଧାନମନ୍ତ୍ରୀ ହସିନାଙ୍କୁ ତୁରନ୍ତ ଫେରାଇବା ଲାଗି ଦାବି କରିଥିଲେ । ବାଂଲାଦେଶ ନ୍ୟାସନାଲ ସିଟିଜେନ ପାର୍ଟି (ଏନ୍‌ସିପି) ନେତା ହସନାତ ଅବଦୁଲ୍ଲା ଧମକ ଦେବାର ଗୋଟିଏ ଦିନ ପରେ ଗତକାଲି ଭାରତୀୟ ହାଇକମିସନ ବାହାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ▸ପୃଷ୍ଠା-୭

## ହାତୀର ହାଡ଼ରୁ ତିଆରି କରୁଥିଲେ ଦାନ୍ତ

### ୯ ଗିରଫ

■ ନୀଳଗିରି, ୧୭।୧୨ (ସମିସ): କିଛି ଦିନ ପୂର୍ବରୁ କୁଲଡ଼ିହା ଅଭୟାରଣ୍ୟରେ ଏକ ମାଈ ହାତୀର ପ୍ରାଣହାନୀ ଘଟିଥିବା ବେଳେ ବନ ବିଭାଗ ପକ୍ଷରୁ ମୃତ ହାତୀକୁ ସେଠାରେ ପୋତି ଦିଆଯାଇଥିଲା । ଅଭୟାରଣ୍ୟରେ ଏଆଇ କ୍ୟାମେରା ଲାଗିଥିବାବେଳେ କିଛି ଶିକାରୀ ମୃତ ହାତୀକୁ ମାଟି ତଳୁ ଖୋଳି ବଡ଼ ବଡ଼ ହାଡ଼କୁ ଆଣି ହାତୀ ଦାନ୍ତ ସଦୃଶ ତିଆରି



କରୁଥିଲେ । ପ୍ରଥମ ପର୍ଯ୍ୟାୟରେ କୁଲଡ଼ିହା ବନ ବିଭାଗ ଏହି ଘଟଣାରେ ତିନି ଜଣଙ୍କୁ ଗିରଫ କରିଥିବା ବେଳେ ▸ପୃଷ୍ଠା-୭

## ଶ୍ରୀମନ୍ଦିର ଗର୍ଭଗୃହ ଫଟୋ ଭାଇରାଲ

### ବଡ଼ଦେଉଳର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ

■ ପୁରୀ, ୧୭।୧୨ (ସମିସ): ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ, କ୍ୟାମେରା ନେବା ଉପରେ କଟକଣା ରହିଛି । ସୁରକ୍ଷା ଦୃଷ୍ଟିକୋଣରୁ ଏହାର ଯଥେଷ୍ଟ ଗୁରୁତ୍ୱ ରହିଥିଲେ ହେଁ ଏହି କଟକଣାକୁ ଅନେକ ନାଲିଆଖି ଦେଖାଉଛନ୍ତି । ଫଳରେ ବିଭିନ୍ନ ସମୟରେ ଶ୍ରୀମନ୍ଦିର ଭିତରର ସମ୍ବେଦନଶୀଳ ଫଟୋ ବାହାରେ ବୁଲୁଛି । ଏବେ ଗର୍ଭଗୃହ ଏବଂ ରତ୍ନସିଂହାସନରେ ମହାପ୍ରଭୁଙ୍କ ଫଟୋ ଏ ମୋବାଇଲରୁ ସେ ମୋବାଇଲକୁ ଘୁରି ବୁଲୁଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶ୍ରୀମନ୍ଦିରକୁ ନେଇ କୌଣସି କଟକଣା କିମ୍ବା ନିୟମ ହେଲେ କିଛିଦିନ ଧରପଗଡ଼ ହୋଇଥାଏ । ଧୀରେ ଧୀରେ ତା' ଉପରୁ ନଜର ହଟିବା ପରେ ପୁଣି ପୂର୍ବାବସ୍ଥାକୁ ସ୍ଥିତି ଫେରିଆସେ । ମୋବାଇଲ କଟକଣା ବର୍ତ୍ତମାନ ସେହିଭଳି ସ୍ଥିତିରେ ରହିଥିବା ଚର୍ଚ୍ଚା ହେଉଥିବା ବେଳେ ବଡ଼ ଦେଉଳର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଛି ଶ୍ରୀମନ୍ଦିର । ଏ ନେଇ ବିଭିନ୍ନ ▸ପୃଷ୍ଠା-୭

## ମହିଳା ମହାବିଦ୍ୟାଳୟ ଅତିଥି ଅଧ୍ୟାପିକାଙ୍କୁ ହତ୍ୟା

### ପୁରୁଷ ବନ୍ଧୁ ଗିରଫ, କାର୍ ଜବତ

■ କେନ୍ଦୁଝର, ୧୭।୧୨ (ସମିସ): କେନ୍ଦୁଝର ସହରରେ ବୁଧବାର ଜଣେ ଅଧ୍ୟାପିକାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ଏହି ଘଟଣାରେ ଟାଉନ ପୁଲିସ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁକରି ସମ୍ପୃକ୍ତ ଅଭିଯୁକ୍ତ ରୁଦ୍ରନାରାୟଣ ମିଶ୍ରଙ୍କୁ ଗିରଫ କରିଛି । ଅଧ୍ୟାପିକା ଗତକାଲି ଛୁଟିରେ ଥିବାବେଳେ ଆଜି ତାଙ୍କର ମୃତ୍ୟୁ ଘଟଣା ଅଧିକ ଚର୍ଚ୍ଚାର ବିଷୟ ହୋଇଛି । ପରିବାର ପକ୍ଷରୁ ମୃତା ଅଧ୍ୟାପିକାଙ୍କ ଦାଦା ହେମେନ୍ଦ୍ର ପ୍ରସାଦ ଦାଶ ଟାଉନ ଥାନାରେ ଏତଲା ଦେଇଛନ୍ତି । ଟାଉନ ପୁଲିସ ଏକ ମାମଲାରେ ଓଡି୦୯-ଏମ୍-୩୧୩୨ ନମ୍ବର ବିଶିଷ୍ଟ ମାରୁତି ସ୍ୱିଫ୍ଟ ଡିଜାୟାର କାର୍‌କୁ ଜବତ କରିଛି । ଅଭିଯୁକ୍ତ ଜଣକ ଡାକ୍ତରଖାନାରେ ଅଧ୍ୟାପିକାଙ୍କ ମୃତଦେହ ଛାଡି ଉକ୍ତ କାର୍ ଯୋଗେ ଫେରାର୍ ହୋଇଯାଉଥିବା ସମୟରେ ପୁଲିସ ପିଛା କରି କେନ୍ଦୁଝର ସହରର ବିଜୁ ପଟ୍ଟନାୟକ ଛକ ନିକଟରୁ କାର୍‌ଟିକୁ ଜବତ କରିଥିବା ସୂଚନା ମିଳିଛି ।

କେନ୍ଦୁଝର ଟାଉନ ଥାନା ମାଇନିଂରୋଡସ୍ଥିତ ନିର୍ମଳା କନଭେଣ୍ଟ ସ୍କୁଲ ପାଖରେ ଏକ ଘରେ ରହୁଥିବା ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟର ଅତିଥି ଅଧ୍ୟାପିକା ପ୍ରିୟଙ୍କା ଦାଶ (୨୫)ଙ୍କ ମୃତ୍ୟୁ ଚର୍ଚ୍ଚାରେ ରହିଛି । ସେ ବାଲେଶ୍ୱର ଜିଲ୍ଲା ଗୋପାଳପୁର ଥାନା ଅନ୍ତର୍ଗତ ତାଳପଦା ଗ୍ରାମର ଧିରେନ୍ଦ୍ର ପ୍ରସାଦ ▸ପୃଷ୍ଠା-୭

### ବନ ବିଭାଗରେ ‘ଥର୍’ କମ୍ପନ

# ‘ମୋଡିଫିକେସନ୍’ର ତଦନ୍ତ ହେବ: ମନ୍ତ୍ରୀ

■ ଭୁବନେଶ୍ୱର, ୧୭ ।୧୨ (ସମିସ): ଜଙ୍ଗଲ ବିଭାଗ କିଣାଯାଇଥିବା ୫୧ଟି ମହିନ୍ଦ୍ରା ଥର ଗାଡ଼ି କିଣା ଓ ପ୍ରତି ଗାଡ଼ିରେ ୧୦ ଲକ୍ଷ ଟଙ୍କାର ମୋଡ଼ିଫିକେସନ ଖର୍ଚ୍ଚକୁ ନେଇ ବିଭାଗରେ ସୃଷ୍ଟି ହୋଇଛି କମ୍ପନ । କିଣାଯାଇଥିବା ଥର ଗାଡ଼ିଗୁଡ଼ିକର ସବୁଠାରୁ ଟପ୍ ମଡ଼େଲର ମୂଲ୍ୟ ୧୯ ଲକ୍ଷ ଟଙ୍କା ହୋଇଥିବାବେଳେ ୧୪ ଲକ୍ଷ ଟଙ୍କାର ଗାଡ଼ି କିଣି ଏଥିରେ ପୁଣି ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରିବା ପ୍ରସଙ୍ଗ ଲୋକମାନଙ୍କ ମଗଜରେ ପଶୁନାହିଁ । ଏମିତି କି ମୋଡ଼ିଫିକେସନ ହେଲା ଯେ ପ୍ରତି ଗାଡ଼ିରେ ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଖର୍ଚ୍ଚ ହେଲା, ତାହା ମଧ୍ୟ ସନ୍ଦେହ ସୃଷ୍ଟି କରିଛି । ଏ ସଂକ୍ରାନ୍ତରେ ‘ସକାଳ’ରେ ଖବର ପ୍ରକାଶ ପରେ ବିଭାଗରେ ହଇଚଇ ସୃଷ୍ଟି ହୋଇଛି ।

ଏହାକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଉପରେ ମୁହଁ ଖୋଲିଛନ୍ତି ବିଭାଗୀୟ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ । ବୁଧବାର ମନ୍ତ୍ରୀ କହିଛନ୍ତି ଯେ, ଗାଡ଼ିଗୁଡ଼ିକର ମୋଡିଫିକେସନର ଆବଶ୍ୟକତା ଥିବା ଦୃଷ୍ଟିରୁ ହେଇ ଥାଇପାରେ । କିନ୍ତୁ ଯଦି ଆବଶ୍ୟକତା ଠାରୁ ଅଧିକ ହୋଇଥାଏ, ଖର୍ଚ୍ଚ ଅଧିକ ହୋଇଥାଏ ତା ହେଲେ ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ଟହେବ । ଏହି ଗାଡ଼ିଗୁଡ଼ିକ ବର୍ତ୍ତମାନ ପିସିସିଏଫ୍‌ଙ୍କ ଅଧୀନରେ ରହିଛି । କ'ଣ ପାଇଁ ଅଧିକ ଖର୍ଚ୍ଚ ହୋଇଛି ତାହାର ତଦନ୍ତ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି ।

ବିଭାଗୀୟ ମନ୍ତ୍ରୀଙ୍କ ଏହି ମନ୍ତବ୍ୟ ପରେ ବନ ବିଭାଗରେ ଭାଳେଣି ପଡ଼ିଛି । କାରଣ ଏହି ଗାଡ଼ିଗୁଡ଼ିକ କିଣାଯିବା ଓ ଏହାର ଉଦ୍‌ଘାଟନ ହେବାକୁ ଗୋଟିଏ ବର୍ଷ ବିତିଯାଇଥିଲେ ମଧ୍ୟ ଏହି ବିବାଦ ଏବେ ଉଷ୍ମ ହୋଇଛି । ବଡ଼ କଥା ହେଉଛି ଯେ, ରାସ୍ତା ଘାଟ ନ ଥିବା ଉପାନ୍ତ ଓ ଦୁର୍ଗମ ଅଞ୍ଚଳରେ ବନ କର୍ମଚାରୀ ଓ ସ୍କ୍ୱାଡଙ୍କ ନିୟୋଜନ ପୂର୍ବକ ବନ୍ୟଜନ୍ତୁ ସୁରକ୍ଷା, ଅନିୟମିତ ▸ପୃଷ୍ଠା-୭




୧୪ ଲକ୍ଷର ଗାଡ଼ିରେ ୧୦ ଲକ୍ଷ ଟଙ୍କା ଖର୍ଚ୍ଚକରି ହୋଇଥିଲା ମୋଡିଫିକେସନ


C. V. Raman Global University
ODISHA BHUBANESWAR INDIA

CGU ODISHA

ADMISSION OPEN

Engineering & Technology

B.TECH. IN :
- Computer Science (CSE, CS &IT, CS - AI & ML, CSE-Data Sc., IoT & Cyber Security, Robotics & AI, AI & Data Sc.)
- Chemical Engg.
- Civil Engg.
- Electrical Engg.
- Electronics & Commun. Engg.
- Mechanical Engg.
- BCA

MARINE ENGINEERING
- B. Tech
- GP Rating
- STCW
- GME
- High Voltage
- CCMC

M TECH IN :
- Compuer Sc. & Engg.
- Chemical Engg.
- Civil Engg.
- Electrical Engg.
- Mechatronics Engg.
- Heat Power Engg.
- Electronics & Commun. Engg. (Signal Processing & Commun.)
- M.Sc in Computer Sc
- MCA

Ph.D. (DOCTORAL) PROGRAMS
- CSE
- Chemical Engg.
- Civil Engg.
- ECE
- Electrical Engg.
- Mechanical Engg

INTEGRATED PH.D. (iPHD) PROGRAMS

DIPLOMA ENGINEERING
- Comp. Sc. & Engg
- Civil Engg
- Electrical Engg
- Mechanical Engg
- Electronics & Telecom. Engg

Physical & Mathematical Sc
- M. Sc. in : Applied Mathematics & Computing, Chemistry, Physics
- Ph.D. in : Physics, Chemistry, Mathematics

Tourism and Hospitality
- B.Sc in Hotel & Hospitality Admin.
- Bachelor of Hotel Management & Catering Technology
- M.Sc. in Hotel Administration
- Ph.D. in Tourism & Hospitality
- Diploma in Hotel Management
- Certificate Course in : Bakery & Patisserie, Food production

Management & Law
- BBA (Bachelor in Business Administration)
- MBA (Master in Business Administration )
- Ph.D. in Business Management


Pharmacy
- Diploma in Pharmacy
- Bachelor of Pharmacy
- Bachelor of Pharmacy (LE)
- Ph.D. in Pharmacy

Forensic Sciences
- B.Sc. in Forensic Sciences
- M.Sc. in Forensic Sciences
- Certificates courses -
  - Finger Print & Question Document
  - Forensic Auditing & Accounting
  - Crime Scene Management
  - Digital Forensics
  - Forensic DNA

Agriculture and Allied Sc
- B.Sc. in Agriculture
- M.Sc in - Zoology, Botany, Bio-tech

Humanities and Social Sc.
- M.A. in English
- Ph.D. in English

CGET 2026
(for UG,PG and Ph.D. programs)
Apply ONLINE
No Application Fee/No Exam Fee



Scan the code to APPLY Now
www.cgu-odisha.ac.in
admission@cgu-odisha.ac.in

CAMPUS :
C. V. Raman Global Unversity,
Bidyanagar, Janla, Bhubaneswar-752054, Odisha

0674-6636555
+91-9040021102
+91-9040021100/101/103

# କଥାକାର ଅଖିଳମୋହନ ପଟ୍ଟନାୟକ



ଆଜି ଆସିଥିଲେ

ଓଡ଼ିଆ କ୍ଷୁଦ୍ରଗଳ୍ପ ଜଗତରେ ଜଣେ କାଳଜୟୀ ଗାଳ୍ପିକ ଥିଲେ ଅଖିଳମୋହନ ପଟ୍ଟନାୟକ। ତାଙ୍କ ସୃଷ୍ଟିର ସମ୍ଭାର ମଣିଷ ହୃଦୟ ଓ ମସ୍ତିଷ୍କର ଅନ୍ତଃରହସ୍ୟକୁ ଖୋଜିବାରେ ସିଦ୍ଧହସ୍ତ। ତାଙ୍କର ସମସାମୟିକ ଲେଖକମାନେ ଗ୍ରାମ୍ୟ ପୃଷ୍ଠଭୂମି ଉପରେ ଲେଖୁଥିବାବେଳେ ତାଙ୍କର ସାହିତ୍ୟ ସର୍ଜନା ସହରୀ ଜୀବନ ଉପରେ ପର୍ଯ୍ୟବସିତ ଥିଲା। ଧନାଢ୍ୟ ପରିବେଶରେ ଲୁଚିଥିବା ଅବ୍ୟକ୍ତ ଯନ୍ତ୍ରଣା ଓ କ୍ଷତକୁ ସେ କଲମମୁନରେ ପରିସ୍ଫୁଟ କରିପାରିଥିଲେ। କଥାଶିଳ୍ପୀ ଅଖିଳମୋହନ ୧୯୨୭ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ବାଙ୍କବିହାରୀ ପଟ୍ଟନାୟକ ଥିଲେ ଖୋର୍ଦ୍ଧା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ। ସେ ୧୯୪୪ ମସିହାରେ ଖୋର୍ଦ୍ଧା ହାଇସ୍କୁଲରୁ ମାଟ୍ରିକ୍ ଓ ୧୯୪୮ ମସିହାରେ ପୁରୀର ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରୁ ବି.ଏ. ପାସ୍ କରିଥିଲେ। ୧୯୫୨ ମସିହାରେ ସେ କଟକ ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନରେ ଡିଗ୍ରୀ ହାସଲ କରିଥିଲେ। ଛାତ୍ରଜୀବନରୁ ସେ ବାମପନ୍ଥୀ ଚିନ୍ତାଧାରା ପ୍ରତି ଆକର୍ଷିତ ହୋଇଥିଲେ। ଏଥିପାଇଁ ସେ କଲେଜରୁ ବରଖାସ୍ତ ହେବା ସହ କାରାବରଣ କରିଥିଲେ। ଜେଲ୍‌ରେ ଥିବା ସମୟରେ ସେ ଗଳ୍ପ ଲେଖିବା ଆରମ୍ଭ କରିଥିଲେ। ତାଙ୍କର କିଛି ଗପ 'ସହକାର' ପତ୍ରିକାରେ ପ୍ରକାଶ ପାଇଥିଲା। ଏକ ପତ୍ରିକାରେ ତାଙ୍କ ଲେଖା ବାହାରିବା ଜିଦ୍‌ରେ ସେ ଗପ ଲେଖିବା ଆରମ୍ଭ କରିଥିଲେ। ତାପରେ ସେ ଆଉ ପଛକୁ ଫେରି ନ ଥିଲେ। ଅଖିଳମୋହନ ପେସାରେ ଜଣେ ଓକିଲ ଥିଲେ। ତାଙ୍କ ସାହିତ୍ୟର ମୁଖ୍ୟ ଉପଜୀବ୍ୟ ଥିଲା ସହରୀ ଜୀବନ। ୧୯୪୮ ମସିହାରେ ତାଙ୍କର ପ୍ରଥମ ଗଳ୍ପ 'ସପନ' ଶଙ୍ଖ ପତ୍ରିକାରେ ପ୍ରକାଶ ପାଇଥିଲା। ୧୯୬୪ରେ ପ୍ରକାଶ ପାଇଥିଲା ତାଙ୍କର ପ୍ରଥମ ଗଳ୍ପ ସଂକଳନ 'ଝଡ଼ର ଇଗଲ ଓ ଧରଣୀର କୃଷ୍ଣସାର'। ସେ ଲେଖିଥିବା ସଂପୂର୍ଣ୍ଣ ଭିନ୍ନ ଧରଣର ଗଳ୍ପଗୁଡ଼ିକ ଆଧୁନିକ ଗଳ୍ପ ଜଗତକୁ ଋଦ୍ଧିମନ୍ତ କରିଥିଲା। ୧୯୮୧ରେ ଗଳ୍ପ ସଂକଳନ 'ଓ ଅନ୍ଧଗଳି' ପାଇଁ ତାଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଥିଲା। ଗଳ୍ପ ସଂକଳନ 'ନଦୀର ନାମ ଗଣତନ୍ତ୍ର', 'ପ୍ରଥମ ଓ ଶେଷ', ଭ୍ରମଣ ବୃତ୍ତାନ୍ତ 'ଅନ୍ୟ ଦେଶ', ଜୀବନୀ ସଂକଳନ 'ବାଘରାଣୀ ଖଇରୀ' ପ୍ରମୁଖ ତାଙ୍କର ଅନ୍ୟାନ୍ୟ ଲୋକପ୍ରିୟ ପୁସ୍ତକ। ତାଙ୍କ ଲିଖିତ ପୁସ୍ତକଗୁଡ଼ିକ ଇଂରାଜୀ ଓ ଅନ୍ୟାନ୍ୟ ଭାଷାରେ ଅନୁବାଦିତ ହୋଇସାରିଛି। ଏକଦା ପ୍ରତିଷ୍ଠିତ ସାହିତ୍ୟ ପତ୍ରିକା "ସମାବେଶ"ର ସମ୍ପାଦକ ଭାବରେ ସେ ବହୁ ନୂଆ ଲେଖକଙ୍କୁ ଆଗକୁ ଆଣିଥିଲେ। ପତ୍ରିକା ସମ୍ପାଦନାରେ ଅନେକ କ୍ରାନ୍ତିକାରୀ ପରିବର୍ତ୍ତନ ତାଙ୍କରି ନେତୃତ୍ୱରେ ଆସିଥିଲା। ୧୯୮୨ ନଭେମ୍ବର ୨୯ ତାରିଖରେ ତାଙ୍କର ଆକସ୍ମିକ ବିୟୋଗ ଘଟିଥିଲା। ଅଖିଳ ମୋହନଙ୍କ ସ୍ମୃତିରେ ପ୍ରତିବର୍ଷ ତାଙ୍କ ଜନ୍ମଦିନ ୧୮ ଡିସେମ୍ବର ଦିନ "ଅଖିଳ ଉତ୍ସବ" ପାଳନ କରାଯାଏ।

## ଆଜିର ଇତିହାସ

- ୧୭୭୭-ଆମେରିକାରେ ପ୍ରଥମ ଥର 'ଥ୍ୟାଙ୍କସ୍ ଗିଭିଂ ଡେ' ପାଳନ କରାଗଲା।
- ୧୯୫୬: ମିଳିତ ଜାତିସଂଘର ସଦସ୍ୟ ହେଲା ଜାପାନ।
- ୧୯୬୦: ଦିଲ୍ଲୀରେ ରାଷ୍ଟ୍ରୀୟ ସଂଗ୍ରହାଳୟର ଉଦ୍‌ଘାଟନ।
- ୨୦୦୫: କାନାଡାରେ ଗୃହଯୁଦ୍ଧ ଆରମ୍ଭ।
- ୨୦୧୪- ରକେଟ୍ ଜିଏସ୍‌ଏଲ୍‌ଭି ମାର୍କ-୩ ରକେଟ୍‌କୁ ମହାକାଶକୁ ପ୍ରକ୍ଷେପଣ କରାଗଲା।

# 'ପଠାନ୍ ୨'ରେ ଜୁନିୟର ଏନ୍‌ଟିଆର୍

ବଲିଉଡ୍‌ର କିଙ୍ଗ୍ ଖାନ୍ ଶାହାରୁଖ୍ ଦୀର୍ଘ ଦିନ ଧରି ପରଦାରୁ ଗାଏବ ରହିବା ପରେ ୨୦୨୩ରେ 'ପଠାନ୍' ଫିଲ୍ମ ମାଧ୍ୟମରେ ପରଦାକୁ ଫେରିଥିଲେ। ଏହା ବକ୍ସ ଅଫିସ୍‌ରେ ବ୍ଲକ୍‌ବଷ୍ଟର୍ ସାବ୍ୟସ୍ତ ହୋଇଥିଲା। ଇତିମଧ୍ୟରେ 'ପଠାନ୍'ର ସିକ୍ୱେଲ ଆସିବ ବୋଲି ଘୋଷଣା କରାଯିବା ପରେ ଏହାକୁ ନେଇ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି। ଏବେ ଏହି ଫିଲ୍ମର ଷ୍ଟାରକାଷ୍ଟକୁ ନେଇ ଲଗାତାର ଖବର ଆସୁଛି। ଏଥିରେ ଶାହାରୁଖ୍‌ଙ୍କ ସହ ସାଉଥ୍ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଅଭିନେତା ଜୁନିୟର୍ ଏନ୍‌ଟିଆର୍ ଲିଡ୍ ରୋଲରେ ନଜର ଆସିପାରନ୍ତି। ଆଦିତ୍ୟ ଚୋପ୍ରା ଫିଲ୍ମରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଇଁ ଜୁନିୟର୍ ଏନ୍‌ଟିଆର୍‌ଙ୍କ ସହ କଥାବାର୍ତ୍ତା ଚଳାଇଥିବା ଜଣାପଡ଼ିଛି। ପ୍ରଥମେ ଆଦିତ୍ୟ, ଜୁନିୟର୍ ଏନ୍‌ଟିଆର୍‌ଙ୍କୁ ନେଇ 'ଏଜେଣ୍ଟ ବିକ୍ରମ' ନାମକ ଫିଲ୍ମ କରିବାକୁ ଚାହୁଁଥିଲେ। 'ୱାର୍ ୨' ଫ୍ଲପ୍ ହେବା ପରେ ଏହି ଫିଲ୍ମକୁ ଆଦିତ୍ୟ ବନ୍ଦ କରି ଦେଇଛନ୍ତି। ଏହାପରେ ସେ 'ପଠାନ୍ ୨'ରେ ଜୁନିୟର୍ ଏନ୍‌ଟିଆର୍‌ଙ୍କ ଏଣ୍ଟ୍ରି ପାଇଁ ଯୋଜନା କରିଥିଲେ। ତେବେ ଏଥିରେ ଜୁନିୟର୍ ଏନ୍‌ଟିଆର୍, ଶାହାରୁଖଙ୍କ ଭଳି ଲିଡ୍ ରୋଲରେ ନଜର ଆସିବେ କି ଖଳନାୟକ ଭାବେ ଦେଖାଯିବେ ତାହା ସ୍ପଷ୍ଟ ହୋଇ ନାହିଁ। 'ଆଲ୍ଫା'ର ରିଲିଜ୍ ପରେ ଆଦିତ୍ୟ ଚୋପ୍ରା ଏହାର ସୁଟିଂ ଆରମ୍ଭ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି।

# ମହିଳାଙ୍କ ନିଆରା ନିଷ୍ପତ୍ତି ଶାନ୍ତିରେ ରହିବା ପାଇଁ ନିଜ ସହ ବିବାହ



ବଦଳୁଥିବା ସମୟାନୁସାରେ ବିବାହ ଧାରାରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଭାରତୀୟ ବିବାହଗୁଡ଼ିକରେ ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ ପଡୁଥିବାର ଦେଖାଗଲାଣି। ନିକଟରେ ମେକ୍ସିକୋର ଜଣେ ମହିଳା ନିଜ ସହ ବିବାହ କରି ସଭିଙ୍କ ଧ୍ୟାନ ଆକର୍ଷଣ କରିଛନ୍ତି। କିମ୍ ଆଡମ୍ସ ନାମ୍ନୀ ଏହି ୪୫ ବର୍ଷୀୟା ମହିଳା ଜଣକ ମେକ୍ସିକୋ ସମୁଦ୍ରତଟରେ ଧଳାରଙ୍ଗର ୱେଡିଂ ଗାଉନ୍ ପିନ୍ଧି ନିଜକୁ ବିବାହ କରିଥିଲେ। ବିଶେଷ କଥା ହେଉଛି, ଏହି ବିବାହ ବିନାବରରେ ଅନୁଷ୍ଠିତ ହୋଇଥିଲା। କିମ୍ ନିଜ ସହ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ତେବେ ଜୀବନରେ ଅନେକ କଠିନ ପରିସ୍ଥିତିର ସମ୍ମୁଖୀନ ହେବାପରେ ସେ ଆତ୍ମସମ୍ମାନ ଓ ଶାନ୍ତି ପାଇଁ ଏଭଳି ନିଷ୍ପତ୍ତି ନେଇଥିବା କହିଛନ୍ତି। କାଲିଫର୍ଣ୍ଣିଆର ମୂଳ ନିବାସୀ କିମ୍ ଏବେ ମେକ୍ସିକୋ ପ୍ୟୁର୍ଟୋ ବଲାର୍ଟାରେ ରହୁଛନ୍ତି। ତାଙ୍କ କହିବାନୁଯାୟୀ, ବିଗତ କିଛି ବର୍ଷ ତାଙ୍କ ଜୀବନର ଖୁବ୍ କଠିନ ସମୟ ଥିଲା। ଏହି ଖରାପ ପରିସ୍ଥିତି କେମିତି ସରିବ ସେ ତାକୁ ହିଁ ଅପେକ୍ଷା କରି ରହିଥିଲେ। ଅନେକ ବିଫଳ ସମ୍ପର୍କରୁ ବାହାରିବା ପରେ ସେ ତାଙ୍କର ୪୫ ତମ ଜନ୍ମଦିନ ୧ ନଭେମ୍ବରରେ ନିଜକୁ ବିବାହ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ସେ ଦୁଃଖ କଷ୍ଟର ଦିନଗୁଡ଼ିକୁ ଭୁଲି ଏକ ନୂଆ ଆରମ୍ଭ କରିବାର ଅନୁଭୂତି ଉପଲବ୍ଧି କରିଥିଲେ। କିମ୍‌ଙ୍କର ବିବାହରେ ଆଦୌ ବିଶ୍ୱାସ ନ ଥିଲା। ତାଙ୍କ କହିବାନୁଯାୟୀ, ଅନେକ ଲୋକ ବୈବାହିକ ସମ୍ପର୍କକୁ ବିଗାଡ଼ିବାର ସେ ନିଜେ ଦେଖିଛନ୍ତି। ତାଙ୍କର ଅନେକ ସାଙ୍ଗଙ୍କର ମଧ୍ୟ ବିବାହ ବିଚ୍ଛେଦ ହୋଇସାରିଛି। ତେଣୁ ସେ କୁହନ୍ତି, ବିବାହ ଭଳି ଏକ ପ୍ରେମପୂର୍ଣ୍ଣ ସମ୍ପର୍କରେ ଆଇନ ବ୍ୟବସ୍ଥାର କି ଆବଶ୍ୟକତା ଅଛି। ତାଙ୍କର ଜଣେ ବନ୍ଧୁ କିମ୍‌ଙ୍କୁ ବିବାହ ପ୍ରସ୍ତାବ ଦେଇଥିଲେ। ସେ କିନ୍ତୁ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ନିଜେ ନିଜକୁ ବିବାହ କରିବା ଦ୍ୱାରା ଜଣେ ନିଜ ସର୍ତ୍ତ ଅନୁସାରେ ଜୀବନ ଜିଇଁ ପାରିବ ବୋଲି କିମ୍ କହିଛନ୍ତି।

# ମୁଣ୍ଡ ନୁଆଇଁ ଜଣାନ୍ତି ଅଭିବାଦନ



ଭାରତୀୟ ପରମ୍ପରାରେ ଲୋକେ ହାତ ମିଳାଇ ପରସ୍ପରକୁ ଅଭିବାଦନ ଜଣାଇଥାନ୍ତି। ଜାପାନରେ ଏହାକୁ ନେଇ ଭିନ୍ନତା ଦେଖିବାକୁ ମିଳିଥାଏ। ଏଠାରେ ଲୋକମାନେ ତଳକୁ ମୁଣ୍ଡ ନୁଆଁଇ ପରସ୍ପରକୁ ଅଭିବାଦନ ଜଣାଇଥାନ୍ତି। ଜାପାନୀ ସଂସ୍କୃତିରେ ଏହାକୁ 'ଓଜିଗୀ' କୁହାଯାଏ। ତେବେ ଜାପାନୀ ସଂସ୍କୃତିରେ ମୁଣ୍ଡ ନୁଆଇଁବା ବିନମ୍ରତାକୁ ଦର୍ଶାଏ। ମୁଣ୍ଡକୁ ଶରୀରର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଏବଂ ପବିତ୍ର ଅଂଶ ଭାବେ ଜଣାଯାଏ। ମୁଣ୍ଡ ନଇଁବା ଅର୍ଥ ଜଣେ ଅନ୍ୟ ଜଣକୁ ସମ୍ମାନ ଦେଉଛନ୍ତି ତଥା ନିଜକୁ ସାମ୍ନାର ଲୋକଠାରୁ ଛୋଟ ବୋଲି ଦର୍ଶାଉଛନ୍ତି। ସେହିପରି କୌଣସି ସହକର୍ମୀଙ୍କୁ ଅଭିବାଦନ ଜଣାଇବା ହେଉ ବା ସାଙ୍ଗସାଥୀଙ୍କୁ ଧନ୍ୟବାଦ ଦେବା ମୁଣ୍ଡ ନୁଆଁଇବା ଏଠାରେ ଭଦ୍ରାମୀ ଓ ଶିଷ୍ଟାଚାରର ପ୍ରତୀକ ଭାବେ ଜଣାଯାଏ। ଜାପାନୀ ସଂସ୍କୃତିରେ ସାମାଜିକ ସଦ୍‌ଭାବକୁ ଖୁବ୍ ଗୁରୁତ୍ୱ ଦିଆଯାଏ। କେବଳ ସେତିକି ନୁହେଁ, କେଉଁ ବ୍ୟକ୍ତିଙ୍କ ସମ୍ମୁଖରେ କେତେ ତଳକୁ ନଇଁ ଅଭିବାଦନ ଜଣାଇବ, ସେ ନେଇ ମଧ୍ୟ ନିର୍ଦ୍ଦିଷ୍ଟ ନିୟମ ରହିଛି। ଉଚ୍ଚ ପଦବୀରେ ଥିବା ବ୍ୟକ୍ତି ବିଶେଷଙ୍କ ସମ୍ମୁଖରେ କିମ୍ବା କୌଣସି ଆନୁଷ୍ଠାନିକ ଅବସରରେ ସମ୍ପୂର୍ଣ୍ଣ ତଳକୁ ନଇଁ ଅଭିବାଦନ ଜଣାଯାଏ। ସାଙ୍ଗସାଥୀ ହୋଇଥିଲେ, ଅଳ୍ପ ମୁଣ୍ଡ ତଳକୁ କରି ଅଭିବାଦନ ଜଣାଯାଏ। ତେବେ ଜାପାନରେ ଏହି ପରମ୍ପରା ପଞ୍ଚମରୁ ଅଷ୍ଟମ ଶତାବ୍ଦୀ ମଧ୍ୟରେ ଆରମ୍ଭ ହୋଇଛି। ଏହାର ସମ୍ପର୍କ ବୌଦ୍ଧ ଧର୍ମ ସହ ରହିଛି। ସାଧାରଣତଃ ବୌଦ୍ଧଭିକ୍ଷୁମାନେ ବୁଦ୍ଧଙ୍କ ମୂର୍ତ୍ତି, ଶିକ୍ଷକ ଓ ଆଧ୍ୟାତ୍ମିକ ଶକ୍ତି ସମ୍ମୁଖରେ ମୁଣ୍ଡ ନୁଆଉଁଥିଲେ। ଏହାପରେ ଏହା ଜାପାନୀ ଲୋକଙ୍କର ଅଭିବାଦନଶୈଳୀର ଅଂଶ ପାଲଟିଗଲା।

# ଭାଇରାଲ ଟ୍ରେଣ୍ଡରୁ ଅଘଟଣ



ଆଜିକାଲି ବିବାହ ଓ ଜନ୍ମଦିନ ପାର୍ଟିକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଲୋକେ ନୂଆ ନୂଆ ଟ୍ରେଣ୍ଡକୁ ଆପଣାଇଉଛନ୍ତି। ଏହି ଟ୍ରେଣ୍ଡ ସବୁବେଳେ ଯେ ସୁରକ୍ଷିତ, ସେମିତି ଭାବିବା ଭୁଲ। ବେଙ୍ଗାଲୁରୁରେ ତନ୍ୟା ଏବଂ କୁଶାଗ୍ରଙ୍କ ହଳଦି ସେରିମନିରେ ଭାଇରାଲ ଟ୍ରେଣ୍ଡରୁ ଏମିତି ଏକ ଅଘଟଣ ଘଟିଛି ଯେ, ଯାହାକି ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିବା ସହ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି। କେବଳ ସେତିକି ନୁହେଁ, ଏହି ଘଟଣା ଅନ୍ୟମାନଙ୍କୁ ସଚେତନ ରହିବାର ଶିକ୍ଷା ପ୍ରଦାନ କରିଛି। ହଳଦି ରୀତିନୀତି ସମୟରେ ତନ୍ୟା ଏବଂ କୁଶାଗ୍ରଙ୍କ ଯେତେବେଳେ ପ୍ରବେଶ ହୋଇଛି ସେତିକିବେଳେ ହାଇଡ୍ରୋଜେନ୍ ବେଲୁନ୍ ବ୍ୟବହାର କରାଯାଇଥିଲା। ଏହା ଯୋଗୁଁ ଉଭୟ ବର-କନିଆ ଆହତ ହୋଇଛନ୍ତି। ଏହାର ଭିଡିଓ ଦୁହେଁ ସାମାଜିକ ଗଣମାଧ୍ୟମରେ ସେୟାର୍ କରିବା ପରେ ଲୋକଙ୍କ ନଜରକୁ ଆସିଛି। ସେମାନେ କହିଛନ୍ତ, କିଭଳି ଏକ ଟ୍ରେଣ୍ଡିଂ ଟ୍ରେଣ୍ଡ ସେମାନଙ୍କ ଜୀବନର ବିଶେଷ ଦିନକୁ ଭିନ୍ନ ଏକ ମୋଡ଼ରେ ପହଞ୍ଚାଇଛି। ଭିଡିଓରେ ଦେଖିବାକୁ ମିଳିଛି ତନ୍ୟା ଏବଂ କୁଶାଗ୍ର ହାଇଡ୍ରୋଜେନ୍ ବେଲୁନ ସହିତ ଏଣ୍ଟ୍ରି କରୁଥିଲେ। ଏତିକିବେଳେ ରଙ୍ଗ ଉଡ଼ାଉଥିବା ଗନ୍ ଉପରକୁ ଉଠିଲା ଏବଂ ଗରମ ଯୋଗୁଁ ବେଲୁନ୍ ଫାଟିଗଲା। ହଳଦି ଭଳି ଏକ ଖୁସିର ଉତ୍ସବରେ ଏମିତି ଏକ ଘଟଣା ଘଟିବ, ସେମାନେ କେବେ ଅନୁମାନ କରି ନ ଥିଲେ। ସେମାନଙ୍କର ଏଭଳି ଏଣ୍ଟ୍ରି ପାଇଁ ପୂର୍ବରୁ ଯୋଜନା କରାଯାଇଥିଲା। ପ୍ରଥମେ ହାଇଡ୍ରୋଜେନ୍ ବେଲୁନ ଉଡ଼ିଥାନ୍ତା ଏବଂ ଏହା ପରେ କଲର ଗନ୍ ବ୍ୟବହାର କରାଯାଇଥାନ୍ତା। ହେଲେ କିଏ ଗନ୍‌କୁ ବେଲୁନ୍ ଉଡ଼ିବା ବେଳେ ବ୍ୟବହାର କରି ଦେଇଥିଲେ। ଫଳରେ ବିସ୍ଫୋରଣ ଘଟିଥିଲା। ଏହି ଘଟଣାଟି କେବଳ ଭୟଙ୍କର ନ ଥିଲା, ବରଂ ଥିଲା ଖୁବ୍ ଯନ୍ତ୍ରଣାଦାୟକ। ଏଥିରେ ତନ୍ୟାଙ୍କ ମୁହଁ ଏବଂ ପିଠି ଜଳି ଯାଇଥିଲା। ସେହିପରି ବର କୁଶାଗ୍ରଙ୍କ ହାତ ଏବଂ ପିଠି ପୋଡ଼ି ଯାଇଥିବାବେଳେ ଉଭୟଙ୍କର କେଶ ବି ଜଳି ଯାଇଛି। ଅବଶ୍ୟ ଏହି ଘଟଣା ପରେ ସେମାନଙ୍କୁ ତୁରନ୍ତ ଡାକ୍ତରୀ ଚିକିତ୍ସା ମିଳିଯିବାରୁ ବେଶି କିଛି କ୍ଷତି ହୋଇ ନାହିଁ। ଅନ୍ୟପଟେ ଏଭଳି ଏକ ଅଘଟଣ ଘଟିବା ସତ୍ତ୍ୱେ ତନ୍ୟା ଏବଂ କୁଶାଗ୍ର ବିବାହର ଅନ୍ୟ ରୀତି ଅଟକାଇ ନ ଥିଲେ। ସେମାନେ କହିଛନ୍ତି ସୋସିଆଲ ମିଡିଆ ଟ୍ରେଣ୍ଡ ପଛରେ ଦୌଡ଼ିବା ପୂର୍ବରୁ ସୁରକ୍ଷାକୁ ପ୍ରାଥମିକତା ଦେବା ଉଚିତ। ସେମାନଙ୍କର ଏହି ଘଟଣାରୁ ଲୋକଙ୍କୁ ବୁଝିବା ଦରକାର ଯେ, ଯେକୌଣସି ଉତ୍ସବ ପାଳନ ପୂର୍ବରୁ ପ୍ରଥମେ ନିଜ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ।

# ଇଲେକ୍ଟ୍ରିକ୍ କମ୍ବଳ

ଶୀତ ଦିନ ଆସିଲେ ଲୋଡ଼ା ପଡ଼େ କମ୍ବଳ। ଏବେ ଇଲେକ୍ଟ୍ରିକ୍ କମ୍ବଳର ଲୋକପ୍ରିୟତା ବୃଦ୍ଧି ପାଉଛି। ଏହା ତୁରନ୍ତ ଉଷୁମ ପ୍ରଦାନ କରିବା ସହ ହିଟର୍ ଭଳି ଘରର ଆର୍ଦ୍ରତା ବୃଦ୍ଧି କରୁ ନ ଥିବାରୁ ଲୋକେ ଏହାକୁ ବେଶି ପସନ୍ଦ କରୁଛନ୍ତି। ଇଲେକ୍ଟ୍ରିକ୍ କମ୍ବଳ ଭିତରେ ହିଟିଂ ୱେୟାର୍ ଲାଗିଥାଏ। ଏହାସହ ଏଥିରେ କମ୍ ଭୋଲଟେଜ୍‌ରେ ବିଜୁଳି ପ୍ରବାହିତ ହୁଏ। ଏହି ବିଜୁଳି ଉତ୍ତାପ ସୃଷ୍ଟି କରେ। ଫଳରେ କମ୍ବଳ କିଛି ମିନିଟ୍‌ରେ ଉଷୁମ ହୋଇଯାଏ। ତେବେ ଅଧିକାଂଶ ଇଲେକଟ୍ରିକ୍ କମ୍ବଳରେ ଥର୍ମୋଷ୍ଟେଟ୍ ଥାଏ। ତା'ସହ ତାପମାତ୍ରା ଯେଭଳି କମ୍ବଳର ବୃଦ୍ଧି ନ ପାଇବ ସେଥିରେ ତାପମାତ୍ରା ନିୟନ୍ତ୍ରକ ଥାଏ। ଅନ୍ୟପଟେ ଏହାକୁ ଠିକ୍ ଭାବେ ବ୍ୟବହାର କରିବା ଦ୍ୱାରା ଇଲେକ୍ଟ୍ରିକ୍ କମ୍ବଳରେ କରେଣ୍ଟ ଲାଗିବାର ଆଶଙ୍କା କମ୍ ଥାଏ। ତେବେ ଏଥିରେ ଯେ କରେଣ୍ଟ ଲାଗିବ ନାହିଁ ତାହା ଆଦୌ ମନା କରାଯାଇ ପାରିବ ନାହିଁ। ୱାଟିଂ ଖରାପ ହୋଇଥିଲେ, କମ୍ବଳ ଫାଟି ତାର ବାହାରକୁ ବାହାରି ଯାଇଥିଲେ, ଶସ୍ତା ବ୍ରାଣ୍ଡର ହୋଇଥିଲେ ତଥା କମ୍ବଳରେ ପାଣି ଲାଗିଥିଲେ ବିଦ୍ୟୁତ୍ ଝଟ୍‌କା ଲାଗିଥାଏ। ତେଣୁ ଏହାକୁ ବ୍ୟବହାର କରିବା ବେଳେ ଯଦି ଏହା ପୁରୁଣା ମଡେଲ ହୋଇଥାଏ କିମ୍ବା ଏହାର ୱେୟାରିଂ ଖରାପ ଥିଲେ ବିପଦ ଆଶଙ୍କା ଦେଖାଦିଏ। ଇଲେକ୍ଟ୍ରିକ୍ କମ୍ବଳରେ ବିଜୁଳି ଖର୍ଚ୍ଚ କମ୍ ହୋଇଥାଏ, ଶୀଘ୍ର ଗରମ ହୁଏ, ତାପମାତ୍ରାକୁ ସୁରକ୍ଷିତ ଭାବେ ନିୟନ୍ତ୍ରଣ କରାଯାଇପାରେ ଏବଂ ଆରାମଦାୟକ ହୋଇଥାଏ। ସେହିପରି ଏହାକୁ ଦୀର୍ଘ ସମୟ ବ୍ୟବହାର କରିବା ଦ୍ୱାରା ତ୍ୱଚା ଶୁଷ୍କ ହୋଇଯାଏ। ତା'ସହ ଆଲର୍ଜି ଥିବା ଲୋକେ ଏହାକୁ ବ୍ୟବହାର କରିବା ଅନୁଚିତ ଏବଂ ପିଲା ଓ ବୟସ୍କ ବ୍ୟବହାର କରୁଥିଲେ ସେମାନଙ୍କ ଉପରେ ଦୃଷ୍ଟି ରଖିବା ଉଚିତ।



## ଆଜିର ରାଶିଫଳ

**ମେଷ:** ଦୀର୍ଘ ଦିନର ଆଶା ପୂରଣ ହେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** କୌଣସି କାର୍ଯ୍ୟ ବିଗିଡ଼ିପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ସ୍ୱଭାବରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ। ନିବେଶ ଲାଗି ଉପଯୁକ୍ତ ସମୟ। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଭୁଲ୍ କାମରୁ ଦୂରେଇ ରହିବେ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ। ବିଦ୍ୟାର୍ଥୀ ପଢ଼ାରେ ଧ୍ୟାନ ଦେବେ।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ ହେବ। ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିପାରନ୍ତି। ଗରିବଙ୍କୁ ସାହାଯ୍ୟ କରିବେ। ଉଧାର ଦେଇଥିବା ଟଙ୍କା ଫେରିପାଇବେ। କୌଣସି କଥାକୁ ନେଇ ମନ ଊଣା ହେବ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟଧାରାରେ ପରିବର୍ତ୍ତନ ଆଣିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ ହେବ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। କାମରୁ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ।

**ଧନୁ:** ଆତ୍ମବିଶ୍ୱାସ ବଢ଼ିବ। କାମ କରିବାରେ ସକ୍ଷମ ହେବେ ନାହିଁ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ। ନକାରାତ୍ମକ ଚିନ୍ତାଧାର ଦୂର ହେବ।

**ମକର:** ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ବିଚଳିତ ହେବେ ନାହିଁ। ଭାଇ,ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। । ସକାରାତ୍ମକ ଦୃଷ୍ଟିରୁ ଦିନଟି ଭଲ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। କାର୍ଯ୍ୟରେ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ। ବିବାହ ବିଳମ୍ବ ହୋଇପାରେ।

**ମୀନ:** ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

## ନବୀନଙ୍କୁ ଭେଟିଲେ ନୂଆପଡ଼ା ବିଜେଡି ନେତା

### ଉପନିର୍ବାଚନ ଓ ଚାଷୀଙ୍କ ସମସ୍ୟା ବିଷୟରେ କଲେ ଆଲୋଚନା



ଭୁବନେଶ୍ୱର,୧୭।୧୨(ସମିସ): ନୂଆପଡ଼ା ବିଜେଡିର ନେତାମାନେ ବୁଧବାର ନବୀନ ନିବାସରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ନିକଟରେ ଶେଷ ହୋଇଥିବା ନୂଆପଡା ଉପ ନିର୍ବାଚନ ଓ ଧାନ ମଣ୍ଡିରେ ଜିଲ୍ଲାର ଚାଷୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ ସେମାନେ ନବୀନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ସଦ୍ୟ ସମାପ୍ତ ନୂଆପଡା ଉପନିର୍ବାଚନରେ ହୋଇଥିବା ବ୍ୟାପକ ଅନିୟମିତତା ସମ୍ପର୍କରେ ସେମାନେ ବିଜେଡି ସଭାପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଧାନ ସଂଗ୍ରହରେ ନୂଆପଡା ଜିଲ୍ଲାରେ ଚାଷୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ନେଇ ସେମାନେ ଶ୍ରୀ ପଟ୍ଟନାୟକଙ୍କୁ ଅବଗତ କରାଇଛନ୍ତି। ଏହି ପ୍ରତିନିଧିମଣ୍ଡଳୀରେ ନୂଆପଡା ବିଧାୟକ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ, ଜିଲ୍ଲା ବିଜେଡି ସଭାପତି ଅବନୀ ଯୋଶୀ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ମନୋଜ ମିଶ୍ର, ଜିଲ୍ଲା ପରିଷଦ ଉପସଭାପତି ଭାନୁ ପ୍ରସାଦ ସିଂହ ମାଝୀଙ୍କ ସମେତ ଜିଲ୍ଲା ପରିଷଦ ସଭ୍ୟ ଓ ଅନ୍ୟ ନେତାମାନେ ଉପସ୍ଥିତ ଥିଲେ।

# ବିଜେପି ରାଜ୍ୟ କାର୍ଯ୍ୟାଳୟ ଘେରଉ କଲା କଂଗ୍ରେସ

### ଜନତା ଦେବେ ସୋନିଆ ଓ ରାହୁଲଙ୍କ ଅପମାନର ଦଣ୍ଡ: ଭକ୍ତ

ଭୁବନେଶ୍ୱର,୧୭ ।୧୨(ସମିସ): କେନ୍ଦ୍ରରେ ଶାସନ କରୁଥିବା ବିଜେପି ସରକାର କ୍ରମାଗତ ଭାବରେ ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକର ଦୁରୁପଯୋଗ କରୁଛି। ମିଥ୍ୟା ମାମଲାରେ କଂଗ୍ରେସର ସର୍ବୋଚ୍ଚ ନେତ୍ରୀ ସୋନିଆ ଗାନ୍ଧୀ ଏବଂ ସର୍ବମାନ୍ୟ ନେତା ରାହୁଲ ଗାନ୍ଧୀଙ୍କୁ ନ୍ୟାସନାଲ ହେରାଲ୍ଡ କେସରେ ଫସାଇ ଦୀର୍ଘବର୍ଷ ଧରି ହଇରାଣ ହରକତ କରାଯାଇଛି। ଏହି ମାମଲାରେ କୋର୍ଟଙ୍କ ଶୁଣାଣିକୁ ଆଧାର କରି କଂଗ୍ରେସ ଏହାକୁ ନିଜର ନୈତିକ ବିଜୟ ବୋଲି କହିଛି। ଏହା ସହିତ ବିଜେପିର ପ୍ରତିହିଂସା ପରାୟଣ ରାଜନୀତି ଦେଶ ଆଗରେ ଉଜାଗର ହୋଇଛି ବୋଲି ଦଳ କହିଛି। ଏହି ପରିପ୍ରେକ୍ଷୀରେ ଆଜି କଂଗ୍ରେସ ପକ୍ଷରୁ ବିଜେପି ରାଜ୍ୟ କାର୍ଯ୍ୟାଳୟ ଘେରଉ ପାଇଁ ଉଦ୍ୟମ କରାଯାଇଛି। ବିଜେପି ସରକାରର ସମ୍ବିଧାନ ଓ ଗଣତନ୍ତ୍ର ବିରୋଧୀ କାର୍ଯ୍ୟକଳାପ କରୁଥିବା ଅଭିଯୋଗ କରି ଦଳର ନେତା ଓ କର୍ମକର୍ତ୍ତାମାନେ ଶୋଭାଯାତ୍ରା କଂଗ୍ରେସ ଭବନଠାରୁ ବାହାରି ବିଜେପି ରାଜ୍ୟ ମୁଖ୍ୟାଳୟ ପର୍ଯ୍ୟନ୍ତ ଯାଇ ଘେରାଉ କରିଛନ୍ତି।

ଅନ୍ୟପଟେ ଏହି ଘେରାଉ ପୂର୍ବରୁ କଂଗ୍ରେସ ଭବନରେ ସାମ୍ବାଦିକ ସମ୍ମିଳନୀ ଘରି ପିସିସି ସଭାପତି ଭକ୍ତ ଚରଣ ଦାସ କେନ୍ଦ୍ର ବିଜେପି ସରକାର ଉପରେ ବର୍ଷିଛନ୍ତି। ସେ କହିଛନ୍ତି ଯେ



ସମ୍ବିଧାନକୁ ସୁରକ୍ଷା ଦେଉଥିବା ଦଳ କଂଗ୍ରେସ ଏବଂ ସର୍ବୋଚ୍ଚ ନେତ୍ରୀ ସୋନିଆ ଗାନ୍ଧୀ ଓ ସର୍ବମାନ୍ୟ ନେତା ରାହୁଲ ଗାନ୍ଧୀଙ୍କୁ ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀ ବ୍ୟକ୍ତିଗତ ବିଦ୍ୱେଷ ରଖି ବିଗତ ୧୨ ବର୍ଷ ଧରି ହଇରାଣ ଏବଂ ଅପମାନିତ କରି ଆସୁଥିଲେ। ଏହି ମିଥ୍ୟା ଦୁର୍ନୀତି ମାମଲାରେ ଇଡି ସହଯୋଗରେ ଦୀର୍ଘ ୭୫ ଘଣ୍ଟା ଜେରାକରି କଂଗ୍ରେସର ସର୍ବମାନ୍ୟ ନେତାଙ୍କୁ ଅକଥନୀୟ ଯନ୍ତ୍ରଣା ଦେଇଛନ୍ତି। ସମ୍ବିଧାନ ରଚନା କରିଥିବା କଂଗ୍ରେସ ସମସ୍ତ ସାମ୍ବିଧାନିକ ବ୍ୟବସ୍ଥାପକ ଓ ପ୍ରଶାସନିକ ଢାଞ୍ଚା ତିଆରି କରିଥିବା, ଏପରିକି ସୂଚନା ଅଧିକାର ଆଇନ ଆଣିଥିବା ସ୍ୱାଧୀନ ଚେତା କଂଗ୍ରେସର ତ୍ୟାଗ ଓ ବଳିଦାନ ସମକକ୍ଷ କେହି ନାହାନ୍ତି। କୌଣସି ଏଫ୍ଆଇଆର ବିନା କାହାରି ଅଭିଯୋଗରେ ସରକାର ଯେମିତି ତାହାର ସମସ୍ତ ସରକାରୀ କଳ ବ୍ୟବହାର କରି ଇଡି ମାଧ୍ୟମରେ ଜାତୀୟ ଓ ଆର୍ନ୍ତଜାତିକ ସ୍ତରରେ କଂଗ୍ରେସର ଛବିକୁ କଳୁଷିତ କରିବାର ଚେଷ୍ଟା କଲା, ତାହା ଦେଶପାଇଁ ଏକ ଅପମାନ। ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ ଏହି ଅପରାଧର ଅପରାଧୀ ବୋଲି ଭକ୍ତ କହିଛନ୍ତି। କୋର୍ଟଙ୍କ ଏହି ରାୟ ପରେ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ ଦେଶ ସମ୍ମୁଖରେ କ୍ଷମା ପ୍ରାର୍ଥନା କରନ୍ତୁ ନ ହେଲେ ଇସ୍ତଫା ଦିଅନ୍ତୁ ବୋଲି ଭକ୍ତ ଦାବି କରିଛନ୍ତି।

### ସବୁ ସାଂଗଠନିକ ଜିଲ୍ଲା ମୁଖ୍ୟାଳୟରେ ବିକ୍ଷୋଭ ଆଜି

ଅନ୍ୟପଟେ ଏହି ମାମଲାରେ କଂଗ୍ରେସର ନୈତିକ ବିଜୟ ହୋଇଥିବା ଦର୍ଶାଇ ୧୮ ତାରିଖ ଗୁରୁବାର ସମସ୍ତ ସାଂଗଠନିକ ଜିଲ୍ଲା ମୁଖ୍ୟାଳୟରେ କଂଗ୍ରେସ ପକ୍ଷରୁ ବିଜେପି ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଦଳ ନିଷ୍ପତ୍ତି ନେଇଛି। ଆଜିର କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ରାମଚନ୍ଦ୍ର କାଡାମ, ଜଗନ୍ନାଥ ପଟ୍ଟନାୟକ, ଶିବାନନ୍ଦ ରାୟ, ସୁରେଶ କୁମାର ରାଉତରାୟ, ଲଲାଟେନ୍ଦୁ ମହାପାତ୍ର, ସିଦ୍ଧାର୍ଥ ସ୍ୱରୂପ ଦାଶ, ଅରବିନ୍ଦ ଦାସ, ଅମୀୟ ପଟ୍ଟନାୟକ, ପ୍ରକାଶ ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

■ ୨୦ ବର୍ଷ ପରେ ଦୁଷ୍କର୍ମ ଓ ହତ୍ୟା ଅଭିଯୁକ୍ତ ଦୋଷମୁକ୍ତ

## ଆଜୀବନ ଦଣ୍ଡାଦେଶ ହାଇକୋର୍ଟରେ ରଦ୍ଦ

କଟକ,୧୭।୧୨(ସମିସ): ଏକ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ନିମ୍ନ ଅଦାଲତ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତକୁ ହାଇକୋର୍ଟ ଦୀର୍ଘ ୨୦ ବର୍ଷ ପରେ ଦୋଷମୁକ୍ତ କରିଛନ୍ତି। ଏହି ଘଟଣାରେ ରହିଥିବା ତଥ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଏଥିସହ ଆବେଦନକାରୀ ଅଭିଯୁକ୍ତକୁ ଆଜୀବନ ଜେଲ୍ ଦଣ୍ଡ ପ୍ରଦାନ କରି ଗତ ୨୦୦୫ ଜୁନ ୭ରେ ପୁରୀ ପ୍ରଥମ ଅତିରିକ୍ତ ଦୌରା ଅଦାଲତ ପ୍ରଦାନ କରିଥିବା ରାୟକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ନିମ୍ନ ଅଦାଲତଙ୍କ ଆଦେଶ ବିରୋଧରେ ବରଜୁ ମାନିଆଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଚିତ୍ତରଂଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ ପୁରୀ ସଦର ଥାନା ଅନ୍ତର୍ଗତ ପୋଢ଼ାତାରା ଗ୍ରାମର ଜଣେ ମହିଳା ଓ ତାଙ୍କ ଝିଅ ଗତ ୨୦୦୩ ମେ ୨୩ରେ ଗାଈ ଏବଂ ଛେଳି ଚରାଇବାକୁ ଯାଇଥିଲେ। ଅପରାହ୍ନ ସମୟରେ, ଦୁହେଁ ଘରକୁ ଫେରୁଥିବା ବେଳେ ଦୁଇଟି ଛେଳି ଆସି ନଥିବାରୁ ସେମାନଙ୍କୁ ଆଣିବାକୁ ଝିଅକୁ କହିଥିଲେ ମା'। ଝିଅ ଛେଳି ଖୋଜିବାକୁ ଯିବାରୁ ମା' ଘରକୁ ଏକା ଆସିଥିଲେ। ହେଲେ ଝିଅ ଫେରିବା ବହୁ ବିଳମ୍ବ ହେବାରୁ ସେ ଖୋଜିଖୋଜି ଯାଇ ଝିଅର କ୍ଷତାକ୍ତ ମୃତଦେହ ପଡିଥିବା ଦେଖିଥିଲେ। ପରେ ଆବେଦନକାରୀଙ୍କ ନାମରେ ପୁରୀ ସଦର ପୁଲିସ ଥାନାରେ ଏକ ଏତଲା ଦେଇଥିଲେ।

■ ନର୍ଲା ନିର୍ବାଚନୀ ଅନିୟମିତତା ମାମଲା

## ଭକ୍ତଙ୍କ ସାକ୍ଷ୍ୟ ଗ୍ରହଣ ଶେଷ

କଟକ,୧୭ ।୧୨(ସମିସ): ଗତ ୨୦୨୪ ନର୍ଲା ବିଧାନସଭା ନିର୍ବାଚନ ଅନିୟମିତତା ଅଭିଯୋଗରେ ରୁଜୁ ମାମଲାରେ ଆଜି ଆବେଦନକାରୀ ପରାଜିତ କଂଗ୍ରେସ ପ୍ରାର୍ଥୀ ଭକ୍ତଚରଣ ଦାସଙ୍କ ସାକ୍ଷ୍ୟ ଗ୍ରହଣ ପ୍ରକ୍ରିୟା ଶେଷ ହୋଇଛି। ଶ୍ରୀ ଦାସ ହାଇକୋର୍ଟରେ ହାଜର ହୋଇଥିବା ବେଳେ ପ୍ରତିପକ୍ଷଙ୍କ ଆଇନଜୀବୀ ତାଙ୍କୁ ଜେରା କରିଥିଲେ। ପରବର୍ତ୍ତୀ ତାରିଖରେ ଆବେଦନକାରୀଙ୍କ ତରଫରୁ ପରବର୍ତ୍ତୀ ସାକ୍ଷୀ ହାଇକୋର୍ଟରେ ହାଜର ହେବା ପରେ ତାଙ୍କୁ ଜେରା କରାଯିବ ବୋଲି ଦର୍ଶାଯାଇଥିଲା। ଆସନ୍ତା ୨୦୨୬, ଜାନୁଆରୀ ୯କୁ ନିବାଚନୀ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ହାଇକୋର୍ଟ ସ୍ଥିର କରିଛନ୍ତି। ଶ୍ରୀ ଦାସଙ୍କ ତରଫରୁ ଦାୟର ନିର୍ବାଚନୀ ମାମଲାର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ ଗତ ୨୦୨୪ ସାଧାରଣ ନିର୍ବାଚନରେ ନର୍ଲା ଆସନରୁ ବିଧାୟିକା ଭାବେ ବିଜୁ ଜନତା ଦଳ ପ୍ରାର୍ଥୀ ମନୋରମା ମହାନ୍ତି ନିର୍ବାଚିତ ହୋଇଥିଲେ। ଶିକ୍ଷାଗତ ଯୋଗ୍ୟତା ସମ୍ପର୍କିତ ମିଥ୍ୟା ତଥ୍ୟ ସତ୍ୟପାଠରେ ଦାଖଲ କରିଥିବା ଅଭିଯୋଗ କରି ପରାଜିତ କଂଗ୍ରେସ ପ୍ରାର୍ଥୀ ଶ୍ରୀ ଦାସ ହାଇକୋର୍ଟରେ ନିର୍ବାଚନୀ ମକଦ୍ଦମା ଦାୟର କରିଥିଲେ। ଗତ ନଭେମ୍ବର ୨୭ରେ ମାମଲାରେ ସାକ୍ଷ୍ୟ ଗ୍ରହଣ ଆରମ୍ଭ ହୋଇଥିଲା ବେଳେ ପ୍ରଥମ ସାକ୍ଷୀ ଭାବେ ଆବେଦନକାରୀଙ୍କ ସାକ୍ଷ୍ୟ ଗ୍ରହଣ ଆଜି ଶେଷ ହୋଇଛି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ବିଦ୍ୟାଧର ମିଶ୍ର, ତରଣୀକାନ୍ତ ବିଶ୍ୱାଳ ଓ ପ୍ରତିପକ୍ଷଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଗୋପାଳ ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି।

■ ହାଇକୋର୍ଟରେ ଆପାର୍ଟମେଣ୍ଟ ପଞ୍ଜୀକରଣ ମାମଲା

## ଜାନୁଆରୀ ୨୦ରେ ଶୁଣାଣି

କଟକ,୧୭। ୧୨(ସମିସ): ରାଜ୍ୟରେ ରେରା ଆଇନ କାର୍ଯ୍ୟକାରୀ ତଥା ୨୦୧୭ ଫେବୃଆରୀ ୨୫ପୂର୍ବରୁ ନିର୍ମିତ ଆପାର୍ଟମେଣ୍ଟ ପଞ୍ଜୀକରଣକୁ ସରକାର ଅନୁମତି ପ୍ରଦାନ କରି ଗତ ୨୦୨୫ ଫେବୃଆରୀରେ ଜାରି ବିଜ୍ଞପ୍ତିକୁ ବେଆଇନ ଦର୍ଶାଇ ରୁଜୁ ମାମଲାର ଶୁଣାଣି କରିଛନ୍ତି ହାଇକୋର୍ଟ। ଉକ୍ତ ବିଜ୍ଞପ୍ତିକୁ ଇତିମଧ୍ୟରେ ବାତିଲ କରି ସରକାର ଡିସେମ୍ବର ୩ରେ ଏକ ନୂତନ ବିଜ୍ଞପ୍ତି ଆଣିଥିବା ବେଳେ ଏହାସହ କେତେକ ମଧ୍ୟବର୍ତ୍ତୀକାଳୀନ ଆବେଦନ ଉପରେ ଆସନ୍ତା ଜାନୁଆରୀ ୨୦ରେ ପରବର୍ତ୍ତୀ ଶୁଣାଣି ହେବ ବୋଲି ଧାର୍ଯ୍ୟ କରିଛନ୍ତି ଅଦାଲତ। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ବିମଳେନ୍ଦୁ ପ୍ରଧାନଙ୍କ ତରଫରୁ ଦାୟର ଏହି ମାମଲାର ଶୁଣାଣି କରିଛନ୍ତି। ଓଡ଼ିଶା ଆପାର୍ଟମେଣ୍ଟ ଓନରସିପ ଆଣ୍ଡ ମ୍ୟାନେଜମେଣ୍ଟ ଆକ୍ଟ (ଓଏଓଏମ ଆକ୍ଟ-୨୦୨୩) ଅନୁସାରେ ସମସ୍ତ ଆପାର୍ଟମେଣ୍ଟ ପଞ୍ଜୀକରଣ ପାଇଁ ଅକ୍ୟୁପାନ୍ସି ପ୍ରମାଣପତ୍ର ବାଧ୍ୟତାମୂଳକ ଥିଲା। ୨୦୧୭ ଫେବୃଆରୀ ୨୫ ପୂର୍ବରୁ ନିର୍ମିତ ଆପାର୍ଟମେଣ୍ଟ ପଞ୍ଜୀକରଣ କ୍ଷେତ୍ରରେ ଉପରୋକ୍ତ ଆଇନ ଲାଗୁ ହେବ ନାହିଁ ବୋଲି ସରକାର ଗତ ଫେବୃଆରୀରେ ଜାରି ବିଜ୍ଞପ୍ତି ବେଆଇନ ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ଥିଲେ। ଏହି ବିଜ୍ଞପ୍ତିକୁ ଯଦିଓ ବାତିଲ କରାଯାଇ ନୂଆ ବିଜ୍ଞପ୍ତି ଆସିଛି। ଏହି ପ୍ରସଂଗରେ କେତେକ ଇଣ୍ଟରଭିନର ଅନ୍ତରୀଣ ଆବେଦନ ମଧ୍ୟ କରିଛନ୍ତି। ପରବର୍ତ୍ତୀ ତାରିଖରେ ଏ ପ୍ରସଂଗରେ ଶୁଣାଣି ହେବ ବୋଲି କହିଛନ୍ତି ଆବେଦନକାରୀଙ୍କ ଆଇନଜୀବୀ ମୋହିତ ଅଗ୍ରୱାଲ।

### ଗଣଶିକ୍ଷା ବିଭାଗ ଛୁଟିରୁ ବାଦ୍ ପଡ଼ିଲା ଗୁରୁ ଦିବସ ଓ ଶିଶୁ ଦିବସ

## ପିଲାଙ୍କ ମନରୁ ମହାପୁରୁଷଙ୍କୁ ଦୂରେଇ ଦେବାର ଷଡ଼୍ଯନ୍ତ୍ର: ଶିକ୍ଷକ ସଂଘ

ଭୁବନେଶ୍ୱର, ୧୭ ।୧୨(ସମିସ): ଚଳିତ ବର୍ଷ ପ୍ରାଥମିକ ବିଦ୍ୟାଳୟରେ ଗୁରୁଦିବସ ଓ ଶିଶୁଦିବସ ପାଳନକୁ ଛୁଟି ଦିବସରୁ ବାଦ୍ ଦିଆଯାଇଛି। ଏହି ଦୁଇଟି ଦିବସକୁ ପିଲାମାନେ ପାଳନ କରିବେ ନା ନାହିଁ, ସେନେଇ ମଧ୍ୟ ବିଜ୍ଞପ୍ତିରେ କୌଣସି ସ୍ପଷ୍ଟତା ନାହିଁ। କାହିଁକି ଏହି ଦୁଇଟି ଦିବସକୁ ଛୁଟି ତାଲିକାରୁ ବାଦ୍ ଦିଆଗଲା, ସେ ସମ୍ପର୍କରେ ମଧ୍ୟ ବିଭାଗ ପକ୍ଷରୁ କୁଛି ସୂଚନା ଦିଆଯାଇ ନାହିଁ। ଫଳରେ ମହାପୁରୁଷଙ୍କୁ ପିଲାଙ୍କ ଠାରୁ ଦୂରେଇ ଦେବାକୁ ଏହା ଗଣଶିକ୍ଷା ବିଭାଗର ସୁଚିନ୍ତିତ ଷଡ଼୍ଯନ୍ତ୍ର ବୋଲି ଅଭିଯୋଗ ହୋଇଛି। ସେହିପରି ସରସ୍ୱତୀ ପୂଜାକୁ ମଧ୍ୟ ଛୁଟି ତାଲିକାରୁ ବାଦ୍ ଦିଆଯାଇଛି।

ସ୍ୱାଧୀନତା ସଂଗ୍ରାମୀ ତଥା ଦେଶର ଦ୍ୱିତୀୟ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣାଙ୍କ ଜନ୍ମଦିନ ସେପ୍ଟେମ୍ବର ୫କୁ ବିଦ୍ୟାଳୟରେ ଗୁରୁଦିବସ ଭାବେ ପାଳନ କରାଯାଉଛି। ସେହିପରି ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଜନ୍ମଦିନ ନଭେମ୍ବର ୧୪ କୁ ଶିଶୁଦିବସ ଭାବେ ପାଳନ କରାଯାଉଛି। ଗଣଶିକ୍ଷା ବିଭାଗ ପକ୍ଷରୁ ଉଭୟ ଦିନକୁ ପୂର୍ବରୁ ପାଳନଦିବସ ଉଲ୍ଲେଖ କରି ଛୁଟି ଦିବସ ଭାବେ ଘୋଷଣା କରୁଥିଲା। ସେହିଦିନ ପିଲାମାନେ ମହାପୁରୁଷଙ୍କ ବିଷୟରେ କହିବା ସହ ଅନେକ ତଥ୍ୟ ଓ ତାଙ୍କର ତ୍ୟାଗକୁ ଜାଣିପାରୁଥିଲେ। ଶିକ୍ଷକ ଶିକ୍ଷୟତ୍ରୀମାନେ ମଧ୍ୟ ପିଲାଙ୍କୁ ମହାପୁରୁଷଙ୍କ ଅବଦାନ ସମ୍ପର୍କରେ କହିବା ସହ ଦେଶ ସ୍ୱାଧୀନତା ପାଇଁ ସଂଘର୍ଷ ସମ୍ପର୍କରେ ଅବଗତ କରୁଥିଲେ। ଫଳରେ ଡ. ରାଧାକ୍ରିଷ୍ଣନ୍ ଓ ନେହେରୁଙ୍କ ବିଷୟରେ ପିଲାମାନେ ଅଧିକ ଜାଣିବା ସହ ସ୍ୱାଧୀନତା ଆନ୍ଦୋଳନର ଇତିହାସକୁ ବୁଝିଥାନ୍ତି। ହେଲେ ଏହି ଦୁଇ ଦିନକୁ ଛୁଟି ତାଲିକାରୁ ବାଦ୍ ଦେବା ପରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ 'ପିଷ୍ଟା' ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ସଂଘର ସଭାପତି ବ୍ରହ୍ମାନନ୍ଦ ମହାରଣା କହିଛନ୍ତି ଯେ, ଛୁଟି ତାଲିକାରୁ ବାଦ୍ ଦେଇ ଦୁଇ ସ୍ୱାଧୀନତା ସଂଗ୍ରାମୀ ତଥା ମହାପୁରୁଷଙ୍କ ନାମକୁ ଜନମାନସରୁ ଦୂରେଇ ଦେବାକୁ ସରକାର ଏପରି ନିଷ୍ପତ୍ତି ନେଇଛନ୍ତି। ଇତିହାସକୁ କଦର୍ଥ କରିବାକୁ ଗଣଶିକ୍ଷା ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଯାହା ଛାତ୍ରଛାତ୍ରୀଙ୍କୁ ବ୍ୟାପକ ଭାବେ କ୍ଷତି ପହଞ୍ଚାଇବ। ଏଣୁ ଛୁଟି ଦିବସରେ ଏହି ଦୁଇ ଦିବସକୁ ସାମିଲ କରି ପାଳନ ଦିବସ ଭାବେ ସ୍ଥାନିତ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ସୂଚନାଯୋଗ୍ୟ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରକାଶିତ ଛୁଟି ତାଲିକାରେ ରବିବାର ବ୍ୟତୀତ ଆଉ ୩୦ ଦିନକୁ ଛୁଟି ଦିବସ ଭାବେ ଘୋଷଣା କରାଯାଇଛି। ତନ୍ମଧ୍ୟରୁ ନେତାଜୀ ଜୟନ୍ତୀ, ସାଧାରଣତନ୍ତ୍ର ଦିବସ, ଉତ୍କଳ ଦିବସ, ସ୍ୱାଧୀନତା ଦିବସ, ଗଣେଶ ପୂଜା ଓ ଗାନ୍ଧୀ ଜୟନ୍ତୀକୁ ବିଦ୍ୟାଳୟରେ ପାଳନ କରାଯିବ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି।

## ସୁଦାନରୁ ଫେରିଲେ ଓଡ଼ିଆ ଯୁବକ ଆଦର୍ଶ

ଭୁବନେଶ୍ୱର, ୧୭।୧୨ (ସମିସ): ଆଫ୍ରିକୀୟ ରାଷ୍ଟ୍ର ସୁଦାନରେ ନିଖୋଜ ଥିବା ଜଗତସିଂହପୁର ଜିଲ୍ଲାର ଆଦର୍ଶ କୁମାର ବେହେରାଙ୍କୁ ଉଦ୍ଧାର କରାଯାଇଛି। କେନ୍ଦ୍ର ସରକାରଙ୍କ ଉଦ୍ୟମ ପରେ ସେ ଭାରତ ଫେରିଛନ୍ତି। ବୁଧବାର ସେ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିବା ପରେ ଭୁବନେଶ୍ୱର ବିମାନ ବନ୍ଦରରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ଆଦର୍ଶଙ୍କ ଫେରିବା ଖବର ପାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୁସି ବ୍ୟକ୍ତ କରିବା ସହ କେନ୍ଦ୍ର ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରାଳୟକୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଆଦର୍ଶ ସୁଦାନର ଉତ୍ତର ଡରଫର୍ ରାଜ୍ୟର ଏଲ୍ ଫାସର୍ ସହରରେ ଆଦର୍ଶ ନିଖୋଜ ଥିଲେ। କେନ୍ଦ୍ର ସରକାର ତାଙ୍କୁ କିଛି ଆନ୍ତର୍ଜାତିକ ମଧ୍ୟସ୍ଥିଙ୍କ ସହଯୋଗରେ ଉଦ୍ଧାର କରିଛନ୍ତି। ସୂଚନାଯୋଗ୍ୟ ଯେ ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା କୋଟକଣା ଗ୍ରାମର ଆଦର୍ଶ କୁମାର ବେହେରା ୨୦୨୨ ମସିହାରୁ ସୁଦାନରେ କାମ କରୁଥିଲେ। ପରେ ତାଙ୍କ ପରିବାର ବର୍ଗ ପାଖକୁ ସେ ନିଖୋଜ ଅଛନ୍ତି ଏବଂ ତାଙ୍କର କୌଣସି ଖୋଜ୍ ଖବର ମିଳୁନାହିଁ ବୋଲି ଖବର ଆସିଥିଲା। ଆଦର୍ଶ ନିଖୋଜ ଖବର ପାଇବା ପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାର କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରାଳୟକୁ ପତ୍ର ଲେଖି ତାଙ୍କୁ ଉଦ୍ଧାର କରିବା ପାଇଁ ଅନୁରୋଧ



ଭାରତ ସରକାରଙ୍କ ଉଦ୍ୟମରେ ସ୍ୱଦେଶ ଆସିଲେ

ଭୁବନେଶ୍ୱର ବିମାନ ବନ୍ଦରରେ ସ୍ୱାଗତ

ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଲେ କୃତଜ୍ଞତା

କରିଥିଲେ। ଏଥି ସହିତ ନୂଆଦିଲ୍ଲୀରେ ଅବସ୍ଥାପିତ ଆବାସିକ କମିଶନର ମଧ୍ୟ ବୈଦେଶିକ ମନ୍ତ୍ରାଳୟକୁ ପତ୍ରଲେଖି ସୁଦାନରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ କାର୍ଯ୍ୟାଳୟ ସହିତ ଯୋଗାଯୋଗରେ ରହି ଆଦର୍ଶଙ୍କ ଖୋଜ୍ ଖବର ନେବା ଏବଂ ତାଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବା ପାଇଁ ଅନୁରୋଧ କରିଥିଲେ।

ଅପରପକ୍ଷେ ଆଦର୍ଶ ଭୁବନେଶ୍ୱରରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଡଃ ଏସ ଜୟଶଙ୍କର ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଶ୍ରୀ ବେହେରା କହିଛନ୍ତି ଯେ ସେଠାରେ ମୁଁ ବହୁତ କଷ୍ଟରେ ଥିଲି। ମୋ ମାଟିକୁ ମୁଁ ନିରାପଦ ଭାବେ ଫେରି ଆସି ଥିବାରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ମୁଁ ଓ ମୋ ପରିବାର ଋଣୀ ବୋଲି ସେ କହିଛନ୍ତି।

## ଓଏସ୍ଏସ୍‌ଟିଇଟି ଅନ୍‌ଲାଇନ୍ ପଞ୍ଜୀକରଣ ୨୦କୁ ବୃଦ୍ଧି

କଟକ,୧୭ ।୧୨(ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଆନୁକୂଲ୍ୟରେ ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଏସଏସଟିଇଟି)-୨୦୨୫ ପାଇଁ ଚାଲିଥିବା ଅନଲାଇନ ପଞ୍ଜୀକରଣକୁ ଆବେଦନକାରୀଙ୍କ ଅନୁରୋଧକ୍ରମେ ଆସନ୍ତା ଡିସେମ୍ବର ୨୦ ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଗତ ଡିସେମ୍ବର ୬ରୁ ୨୪ ଘଣ୍ଟିଆ ଅନଲାଇନ ପଞ୍ଜୀକରଣ ଆରମ୍ଭ ହୋଇ ଡିସେମ୍ବର ୧୭ ତାରିଖ ମଧ୍ୟରାତ୍ରୀ ପର୍ଯ୍ୟନ୍ତ ଚାଲିବା ପାଇଁ ପୂର୍ବରୁ ସ୍ଥିର ହୋଇଥିଲା। ପ୍ରକାଶଥାଉକି, ଆସନ୍ତା ୨୦୨୬ ଜାନୁଆରୀ ୨୦ରେ ଓଏସଏସଟିଇଟି ଅନୁଷ୍ଠିତ ହେବ। ପ୍ରଥମ ସିଟିଂରେ ପେପର-୧ ପରୀକ୍ଷା ସକାଳ ୯ଟାରୁ ଦିନ ସାଢ଼େ ୧୧ଟା ପର୍ଯ୍ୟନ୍ତ ଓ ଦ୍ୱିତୀୟ ସିଟିଂରେ ପେପର-୨ ପରୀକ୍ଷା ଦିନ୨ଟାରୁ ଅପରାହ୍ନ ସାଢେ ୪ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସେହିଭଳି ଆସନ୍ତା ୨୦୨୬ଜାନୁଆରୀ ୧୦ରୁ ଆଡମିଟ କାର୍ଡ ପ୍ରଦାନ କରାଯିବ।

### ପିକ୍‌ନିକ୍ କରିବାକୁ ଆସି ବୁଡ଼ିଗଲେ

## ସମୁଦ୍ରରେ ଚାଲିଗଲା ଛାତ୍ରୀଙ୍କ ଜୀବନ

ପୁରୀ,୧୭।୧୨(ସମିସ): ସାଙ୍ଗସାଥୀଙ୍କ ସହ ଖୁସି ମନାଇବାକୁ ଆସିଥିଲେ। ହେଲେ କିଏ ଜାଣିଥିଲା ମୃତ୍ୟୁ ଛକି ବସିଛି ବୋଲି। ପିକ୍‌ନିକ କରିବାକୁ ଆସିଥିବା ଜଣେ ଛାତ୍ରୀଙ୍କର ସଲିଳ ସମାଧି ହୋଇଛି। ସମୁଦ୍ରରେ ଗାଧୋଇବା ବେଳେ ବୁଡ଼ିଯିବାରୁ ତାଙ୍କର ଅକାଳ ମୃତ୍ୟୁ ଘଟିଛି। ଆଉ ତାଙ୍କୁ ଉଦ୍ଧା କରିବାକୁ ଯାଇ ଜଣେ ଶିକ୍ଷକ ଆହତ ହୋଇଛନ୍ତି। ଏଭଳି ଦୁଃଖଦ ଓ ଅଭାବନୀୟ ଘଟଣା ଘଟିଛି ପୁରୀ-କୋଣାର୍କର ବେଳାଭୂମି ରାସ୍ତାର ବେଲେଶ୍ୱର ମହାଦେବ ମନ୍ଦିର ନିକଟ ବେଳାଭୂମିରେ। ମୃତ ଛାତ୍ରୀ ହେଉଛନ୍ତି କଟକ ବକ୍ସି ବଜାର ବଣିଆ ସାହିର ଶିକ୍ଷାଶ୍ରୀ ସାହୁ। କଟକ ବାଦାମବାଡି ନିକଟସ୍ଥ ଏଆର୍ କ୍ରିଏସନ କୋଚିଂ ସେଣ୍ଟରର ଶତାଧିକ ଛାତ୍ରଛାତ୍ର ଓ ଶିକ୍ଷକ ବୁଧବାର ପୁରୀ ବୁଲିବାକୁ ଆସିଥିଲେ। ସେମାନେ ବେଲେଶ୍ୱର ନିକଟ କୋକୋପାମ ଫାର୍ମ ହାଉସ୍‌ରେ ରହିଥିଲେ। ସେଠାରେ ନାଚଗୀତ ସହ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପାଠପଢାର ବ୍ୟସ୍ତତା ଭିତରୁ ବାହାରିଥିବା ପିଲାମାନେ ଖୁସି ମନାଇଥିଲେ। ପରେ ସେମାନେ ସମୁଦ୍ରରେ ସ୍ନାନ କରିବାକୁ ଚାହିଁଥିଲେ। ନିକଟସ୍ଥ ବେଲେଶ୍ୱର ବେଳାଭୂମି ସମୁଦ୍ରରେ ଗାଧୋଉଥିଲେ। ପିଲାମାନଙ୍କ ସହିତ ଶିକ୍ଷକ ଏବଂ ଲାଇଫଗାର୍ଡ ମଧ୍ୟ ରହିଥିଲେ। ହେଲେ ଶିକ୍ଷାଶ୍ରୀ ରିପ୍ କରେଣ୍ଟରେ ପଡି ବୁଡ଼ି ଯାଇଥିଲେ। ତାଙ୍କୁ ବଞ୍ଚାଇବା ପାଇଁ ଶିକ୍ଷକ ବିଶ୍ୱଜିତ୍ ସାହୁ ଚେଷ୍ଟା କରିଥିଲେ। ସେ ମଧ୍ୟ ଗୁରୁତର ହୋଇଛନ୍ତି। ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଏ ନେଇ ଛାତ୍ରୀଙ୍କ ପରିବାରକୁ ଖବର ଦିଆଯାଇଛି। ଗୁରୁବାର ଶବ ବ୍ୟବଚ୍ଛେଦ ହେବ ବୋଲି ଜଣାପଡିଛି। ଏହି ଦୁଃଖଦ ଘଟଣା ସମସ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶୋକର ଛାୟା ଖେଳାଇଦେଇଛି।

**ଉଦ୍ଧାର କରିବାକୁ ଯାଇ ଶିକ୍ଷକ ଗୁରୁତର**

# ବ୍ରହ୍ମପୁର-ଜୟପୁର ୬ ଲେନ୍ ବିଶିଷ୍ଟ ରାସ୍ତା ପାଇଁ ବିନିଯୋଗ ହେବ ୬ହଜାର କୋଟି: ମୁଖ୍ୟମନ୍ତ୍ରୀ

ବ୍ରହ୍ମପୁର,୧୭।୧୨(ସମିସ): ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୪୨ତମ ବାର୍ଷିକୋତ୍ସବରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ସରସ୍ୱତୀ ବିଦ୍ୟାମନ୍ଦିର ସମୂହ ପ୍ରତିଭା ସମ୍ପନ୍ନ ବିଦ୍ୟାର୍ଥୀ ସୃଷ୍ଟି କରିବା ସହିତ ଭାରତୀୟ ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ସଚେତନତା ସୃଷ୍ଟି କରି ଉତ୍ତମ ନାଗରିକ ଗଠନ କରିଥାନ୍ତି ବୋଲି ମତବ୍ୟକ୍ତ କରିଛନ୍ତି।

ସେହିପରି ଗଞ୍ଜାମ ଓ ବ୍ରହ୍ମପୁର ସହର ଦକ୍ଷିଣ ଓଡ଼ିଶାର ପ୍ରାଣକେନ୍ଦ୍ର ହୋଇଥିବା ବେଳେ ଓଡ଼ିଶାର ବିକାଶ ପାଇଁ ଗଞ୍ଜାମ ଜିଲ୍ଲାର ବିକାଶ ଅତି ଜରୁରୀ। ଏଣୁ ବ୍ରହ୍ମପୁର ସହର ଓ ନିକଟବର୍ତ୍ତୀ ଅଞ୍ଚଳରେ ଯୋଗାଯୋଗର ବିକାଶ ପାଇଁ ୧୦ଟି ଗୁରୁତ୍ୱପୂର୍ଣ୍ଣ ରାସ୍ତା ନିର୍ମାଣ କରାଯିବ। ଏଥିପାଇଁ ୫୨କୋଟି ୧୭ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ସହରର ସହଜ ଜୀବନଧାରଣ ଓ ଟ୍ରାଫିକ ବ୍ୟବସ୍ଥାରେ ଉନ୍ନତି ପାଇଁ ଏହା ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀମାଝୀ କହିଥିଲେ। ସେହିପରି ବ୍ରହ୍ମପୁର ସହରର ଖାଦ୍ୟର ପ୍ରସିଦ୍ଧିକୁ ଦେଖି ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳର ବିଭିନ୍ନ ସ୍ଥାନରେ ଫୁଡ୍ ଷ୍ଟ୍ରିଟ୍ ପ୍ରତିଷ୍ଠା କରାଯିବ। ଏହି ସହରର ବିକାଶ ପାଇଁ ଆଗାମୀ ଦିନରେ ଆହୁରି ଅନେକ ନୂଆ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ ବୋଲି ସେ ସୂଚନା ଦେଇଥିଲେ। ସେହିପରି ବ୍ରହ୍ମପୁର-ଜୟପୁରକୁ



ସଂଯୋଗ କରି ଏକ ୬ ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ କରାଯିବ, ଯେଉଁଥିପାଇଁ ୬ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏଥିପାଇଁ ପ୍ରକ୍ରିୟା ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇ କହିଥିଲେ।

କାର୍ଯ୍ୟକ୍ରମ ପୂର୍ବରୁ ମୁଖ୍ୟମନ୍ତ୍ରୀ ଶ୍ରୀମାଝି ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ, ସ୍ୱାଧୀନତା ସଂଗ୍ରାମୀ ମୋହନ ନାୟକ, ସମାଜସେବୀ ଶିବରାମ ମହାପାତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଆସିକା ବିଧାୟକ ସରୋଜ ପାଢ଼ୀ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡ. ଜୀବାନନ୍ଦ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ଏସ୍. ମୋହନ ରାଓ ସ୍ୱାଗତ ଭାଷଣ ପ୍ରଦାନ କରି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପରିଚାଳନା ସମିତିର ସମ୍ପାଦକ ନାରାୟଣ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ।

■ ନିର୍ମାଣ ହେବ ଗ୍ରେଟର୍ ବ୍ରହ୍ମପୁର ସିଟି, ଡିପିଆର ପ୍ରସ୍ତୁତ ପାଇଁ ନିର୍ଦ୍ଦେଶ
■ ବ୍ରହ୍ମପୁରର ବିଭିନ୍ନ ସ୍ଥାନରେ ନିର୍ମାଣ ହେବ ଫୁଡ୍ ଷ୍ଟ୍ରିଟ୍

### ଚତୁର୍ଥ ପର୍ଯ୍ୟାୟ +୨ ନାମଲେଖା

## ବିଦ୍ୟାଳୟକୁ ଫେରିବେ ୧୬୪୬ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୧୭ ।୧୨(ସମିସ): +୨ ଶିକ୍ଷାରୁ ଦୂରେଇ ଯାଇଥିବା ଛାତ୍ରଛାତ୍ରୀଙ୍କୁ ପୁନଃ ନାମଲେଖା ସୁଯୋଗ ଦେବା ପରେ ୧୬୬୪ ଜଣ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି। ଆଜି ମେଧାତାଲିକା ପ୍ରକାଶ ପାଇଥିବାବେଳେ ଆବେଦନ କରିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୬୪୬ ଜଣ ପିଲା ନାମଲେଖା ପାଇଁ ଚୟନ ହୋଇଛନ୍ତି। ଅର୍ଥାତ୍ ଏହି ସମସ୍ତ ଛାତ୍ରଛାତ୍ରୀ ପୁଣିଥରେ ଶିକ୍ଷାକ୍ଷେତ୍ରକୁ ଫେରିବା ସମ୍ଭାବନା ସୃଷ୍ଟି ହୋଇଛି। ଚୟନ ହୋଇଥିବା ପିଲାଙ୍କ ମଧ୍ୟରେ କଳାରେ ସର୍ବାଧିକ ୧୨୧୨ ଜଣ ଚୟନ ହୋଇଥିବାବେଳେ ବିଜ୍ଞାନରେ ୧୪୫, ବାଣିଜ୍ୟରେ ୨୦, ସଂସ୍କୃତରେ ୨୪୨ ଓ ଧନ୍ଦାମୂଳକ ଶିକ୍ଷାରେ ୨୭ ଜଣ ଚୟନ ହୋଇଛନ୍ତି। ମେଧା ତାଲିକାରେ ସ୍ଥାନ ପାଇଥିବା ପ୍ରାର୍ଥୀମାନେ ଆସନ୍ତାକାଲି ଅର୍ଥାତ୍ ୧୮ ଓ ୧୯ ତାରିଖରେ ନାମଲେଖାଇବେ। ୱେଟିଂ ତାଲିକାରେ ଥିବା ପ୍ରାର୍ଥୀ ୨୦ରୁ ୨୨ ତାରିଖ ମଧ୍ୟରେ ପଞ୍ଜିକରଣ କରିବାକୁ ଥିବାବେଳେ ୨୨ ତାରିଖରେ ସେମାନଙ୍କ ମେଧା ତାଲିକା ପ୍ରକାଶ ପାଇବ। ୨୪ ତାରିଖ ମଧ୍ୟରେ ନାମଲେଖା ପ୍ରକ୍ରିୟା ସରିବ। ବିଦ୍ୟାଳୟରୁ ଦୂରେଇ ରହିଥିବା ଛାତ୍ରଛାତ୍ରୀଙ୍କୁ ଶିକ୍ଷାନୁଷ୍ଠାନକୁ ଫେରାଇ ଆଣିବା ପାଇଁ ପୁଣି ସୁଯୋଗ ଦେବା ପରେ ଏତେ ସଂଖ୍ୟାରେ ପିଲା ଆବେଦନ କରିଥିବାରୁ ଡ୍ରପଆଉଟ୍ ହାର କମିବ ବୋଲି ଆଶା କରାଯାଉଛି। ଅପରପକ୍ଷରେ ସାମ୍ସ ମାଧ୍ୟମରେ ନାମଲେଖା ପ୍ରକ୍ରିୟା ପାଇଁ ଶିକ୍ଷାନୁଷ୍ଠାନର ସିଟ୍ ଖାଲିଥିଲେ ମଧ୍ୟ ଛାତ୍ରଛାତ୍ରୀମାନେ ନାମଲେଖାଇ ପାରୁ ନଥିବା ଅଭିଯୋଗ ହୋଇଛି। ଫଳରେ ନାମଲେଖା ବହୁ ବିଳମ୍ବ ହେବା ସହ ବହୁ ଛାତ୍ରଛାତ୍ରୀ ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି। ଏଣୁ ନାମଲେଖା ପ୍ରକ୍ରିୟାକୁ ଅଧିକ ସରଳୀକରଣ ବା ବିକଳ୍ପ ବ୍ୟବସ୍ଥା କରିବାକୁ ଅଭିଭାବକ ଓ ଶିକ୍ଷାବିତମାନେ ଦାବି କରିଛନ୍ତି।

## ରାଇରଙ୍ଗପୁର ବଜାରରେ ମିଳୁଛି ଭେଜାଲ ଖାଦ୍ୟ

# ନିୟମିତ ଯାଞ୍ଚ ହେଉନି; ଖାଦ୍ୟ ସୁରକ୍ଷା ବିଭାଗ ଚୁପ୍

ରାଇରଙ୍ଗପୁର, ୧୭।୧୨(ସମିସ): ରାଇରଙ୍ଗପୁରରେ ଅପମିଶ୍ରିତ ଭେଜାଲ ଖାଦ୍ୟ ମିଳୁଛି। ବିଷାକ୍ତ ଖାଦ୍ୟ ଖାଇ ଲୋକେ ରୋଗରେ ଆକ୍ରାନ୍ତ ହେବା ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ବିଷାକ୍ତ ଖାଦ୍ୟ ଖାଇ ଜନସାଧାରଣ ଗୁରୁତର ହେଉଛନ୍ତି। ଅନେକଙ୍କ ମୃତ୍ୟୁ ମଧ୍ୟ ହେଉଛି। ଯାହାକୁ ରୋକିବାରେ ଖାଦ୍ୟ ସୁରକ୍ଷା ବିଭାଗ ନିଷ୍କ୍ରିୟ ସାଜିଛି। ବିଷାକ୍ତ ଖାଦ୍ୟଜନିତ ଆକ୍ରାନ୍ତର ମାତ୍ରା ବର୍ଷକୁ ବର୍ଷ ବୃଦ୍ଧି ପାଉଛି।

ମୟୂରଭଞ୍ଜ ଜିଲ୍ଲାରେ ଭେଜାଲ ଖାଦ୍ୟ ମିଳୁଥିବା ନେଇ ଗତବର୍ଷ ବିଧାନସଭାରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଚାଞ୍ଚଲ୍ୟକର ତଥ୍ୟ ଉପସ୍ଥାପନ କରିଥିଲେ। ଖାଉଟି ନିତିଦିନ ଖାଉଥିବା ସାମଗ୍ରୀ ଅସଲି ନୁହେଁ, ନକଲି ବୋଲି କହିବା ପରେ ଖାଉଟି ଚିନ୍ତାରେ ପଡ଼ିଥିଲେ। ଏହାପରେ ବର୍ଷେ ବିତିଯାଇଥିଲେ ସୁଦ୍ଧା କାରବାର ରୋକିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ନିୟମିତ ଯାଞ୍ଚ ପରିବର୍ତ୍ତେ ସବୁ ଜାଣି ସୁଦ୍ଧା ଖାଦ୍ୟ ସୁରକ୍ଷା ବିଭାଗ ଚୁପ୍ ରହିଛି। ଭେଜାଲ ଖାଦ୍ୟ ପଦାର୍ଥ ବିକ୍ରି କରି ମୁନାଫାଖୋର ବ୍ୟବସାୟୀ ଅଧିକ ଉପାର୍ଜନ କରିବା ଆଶାରେ ଲୋକଙ୍କ ଜୀବନ ସହ ଖେଳୁଛନ୍ତି। ଏହାକୁ ରୋକିବା ପାଇଁ ଖାଦ୍ୟ ନିରାପତ୍ତା ବିଭାଗ ରାଇରଙ୍ଗପୁର ଅଞ୍ଚଳରେ ଚଢ଼ଉ ପ୍ରକ୍ରିୟା କରି ପରୀକ୍ଷାଗାରରେ ଯାଞ୍ଚ କରି ଅପମିଶ୍ରିତ ଖାଦ୍ୟ ଠାବ କରିବାରେ କୌଣସି ମନ ନିବେଶ କରୁନାହାଁନ୍ତି। ଲୋକେ ଭେଜାଲ ଖାଦ୍ୟ ଖାଇ ଆକ୍ରାନ୍ତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି।

- ଅପମିଶ୍ରିତ ଖାଦ୍ୟ ଖାଇ ଲୋକେ ହେଉଛନ୍ତି ରୋଗାକ୍ରାନ୍ତ
- କାରବାର ରୋକିବାରେ ବିଫଳ ରାଜ୍ୟ ସରକାର; ଚିନ୍ତାରେ ଖାଉଟି
- ହୋଟେଲ, ଫାଷ୍ଟଫୁଡ୍ ଦୋକାନରେ ହେଉନି ଚଢ଼ଉ
- ଭେଜାଲ ସସ୍ ସାଜୁଛି କାଳ



ଏଥିସହିତ ବିଷକ୍ରିୟା ଯୋଗୁଁ ମୃତ୍ୟୁ ମଧ୍ୟ ହେଉଛି। ଯାହାକି ଚିନ୍ତାର କାରଣ ସାଜିଛି। ରାଇରଙ୍ଗପୁର ସହରରେ ଥିବା ହୋଟେଲ, ରେଷ୍ଟୋରାଁ, ମାଳମାଳ ଫାଷ୍ଟଫୁଡ୍ ଦୋକାନ ଖୋଲି ଚାଲିଥିବାବେଳେ ବିଭାଗୀୟ ଚଢ଼ଉ ହେଉନାହିଁ। ହୋଟେଲ ମାଲିକ ଅଧିକ ଲାଭ ପାଇଁ ଶସ୍ତା ତେଲ, ମସଲା, ବାସି ଖାଦ୍ୟ ଦେଉଥିବାବେଳେ ସେଗୁଡ଼ିକ ଯାଞ୍ଚ ହେଉନାହିଁ। କମ୍ ଦାମରେ ବଜାରରେ ମିଳୁଥିବା ନିମ୍ନମାନର ଭେଜାଲ ସସ୍‌ର ଫାଷ୍ଟଫୁଡ଼ ଦୋକାନରେ ବହୁଳ ଭାବେ ବ୍ୟବହାର ହେଉଛି। ଯାହାକି ଦୋକାନୀଙ୍କୁ ଲାଭ ଦେଉଥିବାବେଳେ ଗ୍ରାହକଙ୍କୁ ରୋଗଗ୍ରସ୍ତ କରୁଛି।

ଏଥିପ୍ରତି ଖାଦ୍ୟ ସୁରକ୍ଷା ବିଭାଗର ମଧ୍ୟ ତିଳେ ହେଲେ ନଜର ପଡୁନି। ବିଷାକ୍ତ ଖାଦ୍ୟ ଖାଇ ଅନେକ ଲୋକେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ଏ ନେଇ ଖାଦ୍ୟ ସୁରକ୍ଷା ବିଭାଗର ଯାଞ୍ଚ ସମେତ ସଚେତନତା ଅଭାବରୁ ଲୋକେ ରୋଗ କିଣୁଛନ୍ତି। ଚା', ବିସ୍କୁଟ, ସସ୍, ଗରମ ମସଲା, ଅଟା, ଲଙ୍କା ଗୁଣ୍ଡ, ଚାଓମିନ୍, ଆଇସ୍‌କ୍ରିମ, ହଳଦୀ, ରୋଷେଇ ତେଲ, ଚକୋଲେଟ, ମିକ୍ସଚର, ପାଣି, ମଇଦା, କଷ୍ଟର୍ଡ ପାଉଡର, ଛତୁଆ ଆଦିରେ ଅଧିକ ପରିମାଣରେ ଭେଜାଲ ମାତ୍ରା ରହୁଛି। ଅନ୍ୟପକ୍ଷରେ ସଚେତନତା ଅଭାବରୁ ଗ୍ରାହକ ଶସ୍ତା ଯୋଗୁଁ ଆକର୍ଷିତ ହୋଇ ଧୀରେ ଧୀରେ ରୋଗ କିଣୁଛନ୍ତି। ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ନିୟମିତ ଯାଞ୍ଚ ଅଭାବରୁ ଦୋକାନୀ ମଉକା ପାଇ ସାଧାରଣ ଲୋକଙ୍କ ଜୀବନ ସହ ଖେଳିବାକୁ ପଛାଉନାହାନ୍ତି। ଲୋକଙ୍କୁ ଏସିଡ, ପାକସ୍ଥଳୀରେ ବ୍ୟଥା ଆଦି ବିଭିନ୍ନ ପ୍ରକାର ପେଟ ରୋଗର ଶିକାର ହୋଇଥା'ନ୍ତି। ତେବେ ଖାଦ୍ୟ ସୁରକ୍ଷା ବିଭାଗ କେବଳ ଫୁଡ୍ ଲାଇସେନ୍ସ ପ୍ରଦାନ କରି ନିଦାବିଷ୍ଟୁ ସାଜି ବସି ନ ରହି ନିୟମିତ ଭାବେ ଯାଞ୍ଚ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ବିଷାକ୍ତ ଖାଦ୍ୟ କାରବାରରେ ରୋକ ଲାଗିପାରନ୍ତା। ଉକ୍ତ ଭେଜାଲ ରାସାୟନିକ ଖାଦ୍ୟର ବିକ୍ରି ବନ୍ଦ କରିବା ନିମନ୍ତେ ରାଇରଙ୍ଗପୁରରେ ସଚେତନତା ସମେତ ନିୟମିତ ଭାବେ ଖାଦ୍ୟ ସୁରକ୍ଷା ବିଭାଗର ଯାଞ୍ଚ ପ୍ରକ୍ରିୟା ହେଲେ କାରବାରରେ ରୋକ ଲାଗିବ ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

## ନାକଝରୀକୁ ବିଦ୍ୟୁତ୍ ସଂଯୋଗ ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



ବାରିପଦା/ଶରତ, ୧୭।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ସାତକୋଶିଆ ଗ୍ରାମ ପଞ୍ଚାୟତର 'ନାକଝରୀ' ନାମକ ଗ୍ରାମର ୨୫ ଜନଜାତି ପରିବାରଙ୍କୁ ବିଦ୍ୟୁତ୍ ସେବା ଯୋଗାଇଦେବା ଦାବିରେ ବୁଧବାର ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି 'ଶରତ ବିକାଶ ମଞ୍ଚ'ର ସଭାପତି ଗାମାଏ ରାମିଲ୍ ସିଂ ଗୋଇପାଇଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଜରିଆରେ ପ୍ରଦାନ କରିଛନ୍ତି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଏ ସମ୍ପର୍କରେ ଅନୁସନ୍ଧାନ କରାଯାଇ ତିନିଦିନ ମଧ୍ୟରେ ବିଦ୍ୟୁତ୍ ସେବା ଯୋଗାଣ ପାଇଁ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ ଶ୍ରୀ ସୟ ଶରତ ବିକାଶ ମଞ୍ଚର ସଦସ୍ୟ ତଥା ନାକଝରୀ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ପଞ୍ଚାୟତର ଏହି ଗ୍ରାମକୁ ବିଦ୍ୟୁତ୍ ସଂଯୋଗ କରାଯାଇ ପାରି ନ ଥିବାରୁ ପାନୀୟଜଳ, ପିଲାଙ୍କ ପାଠପଢ଼ା, ରାତ୍ରି ସମୟରେ ବନ୍ୟଜନ୍ତୁଙ୍କ ଆକ୍ରମଣ ଆଦି ସମସ୍ୟା ନେଇ ଗ୍ରାମବାସୀ ଦୀର୍ଘ ଦିନ ହେଲା ଯୁଝୁଛନ୍ତି। କାରଣ ଏହି ପଞ୍ଚାୟତରେ ବସବାସ କରୁଥିବା ସମସ୍ତ ଗ୍ରାମରେ ପ୍ରାୟ ୮ ବର୍ଷ ତଳେ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିଲା। କିନ୍ତୁ ଏହି ପଞ୍ଚାୟତର ଏହି ନାକଝରୀ ଗ୍ରାମକୁ ଆଜି ପର୍ଯ୍ୟନ୍ତ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଇ ପାରିନାହିଁ। ଉକ୍ତ ଗ୍ରାମକୁ ବିଦ୍ୟୁତ ସେବା ଯୋଗାଇ ଦେବା ଦାବିରେ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେବା କାର୍ଯ୍ୟକ୍ରମରେ ଶରତ ବିକାଶ ମଞ୍ଚ ସଭାପତି ଶ୍ରୀ ଗୋଇପାଇଙ୍କ ସମେତ ନାକଝରୀ ଗ୍ରାମର ଯୁବ ନେତା ଶିବ ଗାଗାରାଇ, ସୁମିତ୍ରା ଗାଗାରାଇ, ସାମାଜିକ କର୍ମୀ ନବୀନ ମୁଣ୍ଡୁରୀ, ମିନତୀ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ। ବାରମ୍ବାର ଦାବି ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି। ଦାବି ପୂରଣ ହୋଇ ନ ପାରିଲେ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

- ସୀମାନ୍ତ ଅଞ୍ଚଳରେ ଘରେ ପଶି ସଶସ୍ତ୍ର ଡକାୟତି

## ଆକ୍ରମଣ କରି ଲୁଟିନେଲେ ଟଙ୍କା ଓ ଅଳଙ୍କାର



ରାଇରଙ୍ଗପୁର, ୧୭।୧୨(ସମିସ): ବାମନଘାଟି ଉପଖଣ୍ଡର ମୟୂରଭଞ୍ଜ ଓ ଝାଡ଼ଖଣ୍ଡ ସୀମାନ୍ତ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ନିୟମିତ ବ୍ୟବଧାନରେ ଅପରାଧିକ କାର୍ଯ୍ୟକଳାପ ହେଉଥିବାବେଳେ ପୁଣି ଘରୁ ସଶସ୍ତ୍ର ଡକାୟତି ହୋଇଛି। ସୀମାନ୍ତବର୍ତ୍ତୀ ତିରିଂ ଥାନା ଅନ୍ତର୍ଗତ ବଡ଼ସିଆଜଙ୍ଗ (ଗୁମୁଦିଘୁଟୁ) ଗ୍ରାମରେ ମଙ୍ଗଳବାର ରାତିରେ ଡକାୟତି ହୋଇଛି। ଅଶ୍ୱନୀ ମହାନ୍ତ ରାତିରେ ନିଜ ଗୁହାଳ ଘରେ ଥିବା ୫ ଜଣ ଡକାୟତ ତାଙ୍କ ଘରକୁ ପଶି ଆସିଥିଲେ। ଅତର୍କିତ ଭାବେ ମାରଣାସ୍ତ୍ରରେ ଆକ୍ରମଣ କରି ଲହୁଲୁହାଣ କରି ଦେଇଥିଲେ। ଏଥିସହିତ ତାଙ୍କ ସ୍ତ୍ରୀଙ୍କୁ ମଧ୍ୟ ଡକାୟତମାନେ ଆକ୍ରମଣ କରି କାବୁ କରି ନେଇଥିଲେ। ଘରେ ଥିବା ୬୧ ହଜାର ୨୦୦ ଟଙ୍କା ସମେତ ସୁନା ଅଳଙ୍କାର, ଏଟିଏମ୍ କାର୍ଡ ଓ କଂସାବାସନ ସବୁ ଲୁଟି ନେଇଛନ୍ତି। ଯାହାର ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଲୁଟ୍ କରି ଘରୁ ଚମ୍ପଟ ମାରିଥିଲେ। ଡକାୟତମାନେ ଓଡ଼ିଆ ଓ ହିନ୍ଦୀ ମିଶାମିଶି କଥାବାର୍ତ୍ତା କରୁଥିବାରୁ ଝାଡ଼ଖଣ୍ଡ ଅଞ୍ଚଳର ବୋଲି ସନ୍ଦେହ କରାଯାଉଛି। ଏନେଇ ତିରିଂ ଥାନାରେ ଅଭିଯୋଗକ୍ରମେ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି। ସେପଟେ ଆହତ ଅଶ୍ୱନୀ ମହାନ୍ତଙ୍କ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଚିକିତ୍ସା କରିବା ପରେ ଗୁରୁତର ଥିବାରୁ ପିଆର୍‌ଏମ୍ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। କିଛିଦିନ ପୂର୍ବେ ରାଇରଙ୍ଗପୁରରୁ ମୋବାଇଲ ଓ ତେଜରାତି ଦୋକାନରୁ ଲକ୍ଷାଧିକ ଟଙ୍କାର ଡକାୟତି ହୋଇଛି। ତାହାର କିଛି ବ୍ୟବଧାନରେ ପୁଣି ଘରୁ ଡକାୟତି ହୋଇଛି। ଦିନକୁ ଦିନ ଚୋରି ଡକାୟତି ମାତ୍ରା ବୃଦ୍ଧି ପାଉଥିବାବେଳେ ପୁଲିସ ପ୍ରଶାସନ ତାହାକୁ ରୋକିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ନିୟମିତ ଚୋରି ଡକାୟତି ଘଟଣା ଘଟୁଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ପୁଲିସ ପକ୍ଷରୁ ତଦନ୍ତ କରି ତୁରନ୍ତ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବାର ଆବଶ୍ୟକତା ରହିଛି।

## କଟୁରିଆ ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ

କପ୍ତିପଦା, ୧୭।୧୨(ସମିସ): କଟୁରିଆ ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଡମ୍ବରୁଧର ମାର୍ଣ୍ଡିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସ୍ୱତନ୍ତ୍ର ଅତିଥି ଭାବେ ବିଧାୟକ ପ୍ରତିନିଧି ଲାଡୁରା ହାଇବ୍ରୁ, ମୁଖ୍ୟବକ୍ତା ଭାବେ ପଣ୍ଡିତ ରଘୁନାଥ ମୁର୍ମୁ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଭଗବାନ ପଣ୍ଡା, ସମ୍ମାନିତ ଅତିଥି ଭାବେ ଏସିଏମ କୋର୍ଡିନେଟର ପୀତାମ୍ବର ସାହୁ ଓ ବିଦ୍ୟାଳୟର ଅଧ୍ୟକ୍ଷ ଭଞ୍ଜ ସିଂ, ମୁଖ୍ୟଅତିଥି ଭାବେ କପ୍ତିପଦା ମଙ୍ଗଳ ଅଧିକାରୀ ସଞ୍ଜୟ ସରେନ, ସମାଜସେବୀ ମାଝୀ, ବାବା ଜଗଦୀଶ ମୁର୍ମୁ ଓ ସମାଜସେବୀ ବିନୟ ସାମଲ, ପ୍ରତିଷ୍ଠା କମିଟି ସଭ୍ୟ ରୂପାୟ ମୁର୍ମୁ, ଧନୁ ମୁର୍ମୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ରାଜେଶ କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିବାବେଳେ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା।

## ମହାତ୍ମା ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏଡ୍‌ସ ସଚେତନତା



ବୈଶିଙ୍ଗା, ୧୭।୧୨(ସମିସ): ସ୍ଥାନୀୟ ମହାତ୍ମା ଗାନ୍ଧୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଏଡ୍‌ସ ସଚେତନତା କର୍ମଶାଳା ଯୁବ ରେଡକ୍ରସ ଉଦ୍ୟମରେ ପାଳନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ଇଂରାଜୀ ବିଭାଗ ବରିଷ୍ଠ ପ୍ରଧ୍ୟାପକ ବୀରେନ୍ଦ୍ର ବେହେରା ଉଦ୍‌ଘାଟନ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏଡ୍‌ସ ପରାମର୍ଶଦାତା ସନ୍ୟାସୀ ଜେନା ବିଶେଷଜ୍ଞ ଭାବେ ଯୋଗଦେଇ ଏଡ୍‌ସର ଭୟାବହତା, କାରଣ, ନିରାକରଣ ଓ ପ୍ରତିକାର ଉପରେ ଦୀକ୍ଷାନ୍ତ ଭାଷଣ ଦେଇ ଯୁବ ସମାଜକୁ ସତର୍କ କରାଇବା ସଙ୍ଗେ ସଙ୍ଗେ ନିଜକୁ ସମ୍ପୂର୍ଣ୍ଣ ସୁରକ୍ଷିତ ରଖିବାକୁ ପରାମର୍ଶ ଦେଇଥିଲେ। ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ ଯୋଜନା ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। କଲେଜର ରେଡ୍‌କ୍ରସ ମୁଖ୍ୟ ମହେନ୍ଦ୍ର କର ଏହି ସଭାକୁ ସଂଯୋଜନା ଦେଇ ସଭାକୁ ସଫଳ କରାଇଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପକ ବିଜୟ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର ବରିଷ୍ଠ ପ୍ରାଧ୍ୟାପକ, ଅଧ୍ୟାପକ, ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଏମ୍‌ପିସି ହାଇସ୍କୁଲ ପକ୍ଷରୁ ଶକ୍ତି ସଂରକ୍ଷଣ ସଚେତନତା



ବେତନଟୀ, ୧୭।୧୨(ସମିସ): ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଉପଲକ୍ଷେ ବେତନଟୀ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚବିଦ୍ୟାଳୟ ପକ୍ଷରୁ ଶକ୍ତୀ ସଂରକ୍ଷଣ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଏକ ସଚେତନତା ରାଲି ବିଦ୍ୟାଳୟ ପ୍ରାଙ୍ଗଣରୁ ବାହାରି ବେତନଟୀ ବଜାର ପରିକ୍ରମା କରି ବିଦ୍ୟୁତ ସବ୍‌ଡିଭିଜନ ଅଫିସରେ ପହଞ୍ଚିଥିଲେ। ସେଠାରେ ବିଦ୍ୟୁତ ବିଭାଗ ଅଧିକାରୀ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କୁ ଶକ୍ତି ସଂରକ୍ଷଣର ସରଳ ଉପାୟ ବିଷୟରେ ବୁଝାଇବା ସହିତ ଶପଥପାଠ କରାଇଥିଲେ। ପରେ ସ୍କୁଲରେ ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅର୍ଜୁନ ସିଂ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଦ୍ୟୁତ ବିଭାଗ ଜେଇଇ ଅଶ୍ୱିନୀ ସାହୁ ଯୋଗଦେଇ ଶିକ୍ଷାର୍ଥୀଙ୍କୁ ଶକ୍ତୀ ସଂରକ୍ଷଣର ଉପାୟ ବିଷୟରେ ଅଭିନବ ବାର୍ତ୍ତା ପ୍ରଦାନ କରିଥିଲେ। ଏ ଉପଲକ୍ଷେ ଅନୁଷ୍ଠିତ କୁଇଜ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ଶକ୍ତୀ କ୍ଲବର ଭାରପ୍ରାପ୍ତ ଶିକ୍ଷୟିତ୍ରୀ ମନସ୍ୱିନୀ ପଟ୍ଟନାୟକ, ଶିକ୍ଷୟିତ୍ରୀ ଇତିଶ୍ରୀ ମନ୍ତ୍ରୀ, ଶିକ୍ଷକ ନିରଜ ମହାନ୍ତ, ପ୍ରକାଶ ଗିରି, ହେମନ୍ତ ଦାସ, ରାଜକମଲ ସଦୁଆ, ଅଜୟ ବାରିକ, ଅମର ଜ୍ୟୋତି ସ୍ୱାଇଁ, ସୌରଭ ନନ୍ଦ, ସୁନୀଲ ସାହୁ, ଶିକ୍ଷୟିତ୍ରୀ ଗାୟତ୍ରୀ ରାଉତ, କାପୁରା ସୋରେନ, ଯାଜ୍ଞସେନୀ ବେହେରା, ମୌସୁମୀ ମଣ୍ଡଳ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ସୁବୋଧ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## କେନ୍ଦ୍ରୀୟ ରେଶମ ବୋର୍ଡ ପକ୍ଷରୁ ସ୍ଥିତି ଅନୁଧ୍ୟାନ




ମହୁଲଡିହା, ୧୭।୧୨(ସମିସ): ଠାକୁରମୁଣ୍ଡା ବ୍ଲକର ରେଶମ ବୈଷୟିକ ସେବା କେନ୍ଦ୍ର କେନ୍ଦ୍ରୀୟ ରେଶମ ବୋର୍ଡ, କଟକ ପକ୍ଷରୁ ଟସର ସୂତା କଟାଳିଙ୍କ ସାମାଜିକ, ଅର୍ଥନୈତିକ ଓ କୌଶଳଗତ ସ୍ଥିତି ସମ୍ପର୍କରେ ଆକଳନ କରାଯାଇଛି। କେନ୍ଦ୍ରୀୟ ରେଶମ ବୋର୍ଡ ବୈଜ୍ଞାନିକ ଅମ୍ରିତ ଲାୟକ ଓ ସହଯୋଗୀ ରବୀନ୍ଦ୍ର ଦାସ ଠାକୁରମୁଣ୍ଡା ବ୍ଲକ ପୁରୁଣାପାଣି, କେଶଡିହା ଓ ଖମଡିହା ଗ୍ରାମକୁ ଯାଇ ଟସର ସୂତା କଟାଳି ମହିଳାଙ୍କ ସହିତ ଆଲୋଚନା କରି ଭିନ୍ନ ଆନୁସଙ୍ଗିକ ସ୍ଥିତି ଅନୁଧ୍ୟାନ କରିଛନ୍ତି। ମହିଳାମାନଙ୍କ ପାଇଁ ନିୟମିତ ତାଲିମ ବ୍ୟବସ୍ଥା ପାଇଁ ଭିତ୍ତିଭୂମିର ବିକାଶ ଦିଗରେ ପ୍ରୟାସ କରିବାକୁ ବୈଜ୍ଞାନିକ ଅମ୍ରିତ ଲାୟକ ଗୁରୁତ୍ୱ ଦେଇଥିବା କହିଛନ୍ତି। ଠାକୁରମୁଣ୍ଡାରେ ଗୋଟିଏ ସାଧନ କେନ୍ଦ୍ର ପ୍ରତିଷ୍ଠା ଦିଗରେ ସେ କେନ୍ଦ୍ରୀୟ ରେଶମ ବୋର୍ଡକୁ ଅବଗତ କରି ବ୍ୟବସ୍ଥା କରିବେ ବୋଲି କହିଛନ୍ତି। ଏହି କ୍ରମରେ ସେ ଠାକୁରମୁଣ୍ଡା, ହାଣ୍ଡିଫୁଟା ଆଦି ଗ୍ରାମ ବୁଲି ସ୍ଥାନ ନିରୂପଣ କରିସାରିଛନ୍ତି। କେନ୍ଦ୍ରୀୟ ରେଶମ ବୋର୍ଡ କର୍ତ୍ତୃପକ୍ଷଙ୍କ ସହ ଶରତ କୁମାର ତ୍ରିପାଠୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ରାଧାଶ୍ୟାମ ମହାନ୍ତ ମହିଳାମାନଙ୍କୁ ସଂଗଠିତ କରିବା ଏବଂ ହିତାଧିକାରୀଙ୍କ ଘରକୁ ଯାଇ ସ୍ଥିତି ଆକଳନ କରିବାରେ ସହାୟତା କରିଥିଲେ।

## କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବୈଶିଙ୍ଗା, ୧୭।୧୨(ସମିସ): ହେମପୁରସ୍ଥିତ କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସମରଜିତ୍ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବାର୍ଷିକ ଉତ୍ସବ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସହିଦ ମେମୋରିଆଲ ମହାବିଦ୍ୟାଳୟ, ମାଣିଦାର ଅଧ୍ୟକ୍ଷ ଡ. ଦିଲ୍ଲୀପ କୁମାର ଭୋଇ, ମୁଖ୍ୟବକ୍ତା ଭାବେ ବୈଶିଙ୍ଗା ବିଏଡ୍ ପ୍ରତିଷ୍ଠାନର ନିର୍ଦ୍ଦେଶକ ମଧୁସୂଦନ ମହାନ୍ତି, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ବିମଳେନ୍ଦୁ ମହାପାତ୍ର, ସିଆର୍‌ସିସି ପ୍ରଦୀପ ମହାନ୍ତି ଯୋଗଦେଇ ମାନବିକ ମୂଲ୍ୟବୋଧର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ବିଶ୍ୱକଲ୍ୟାଣରେ ନିଜର ବଳିଷ୍ଠ ଯୋଗଦାନ ପାଇଁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ବରିଷ୍ଠ ଶିକ୍ଷକ ତୁଷାକାନ୍ତ ପାତ୍ର ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ, ଚନ୍ଦନ କୁମାର ଦାସ ଅତିଥି ପରିଚୟ ଓ ପ୍ରଭାତୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଚଳିତ ବର୍ଷ ମାଟ୍ରିକ ଟପ୍ପର ଉଷଶୀ ଧଳଙ୍କୁ ଶ୍ରୀବିଦ୍ୟା ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ସହଯୋଗ ପାଇଁ ଉଦଳାର ଶ୍ରୀବିଦ୍ୟା ମେମୋରିଆଲ ଟ୍ରଷ୍ଟ, ଶିଖରଖୁଣ୍ଟାର ମା' ସରସ୍ୱତୀ ସ୍ୱୟଂ ସହାୟକ ଗ୍ରୁପ୍, ୱାର୍ଡ ସଭ୍ୟ ବିସିକେଶନ ଧଳ, ବୈଶିଙ୍ଗା ଆଇଟିଆଇର ଅଧ୍ୟକ୍ଷ ରମାକାନ୍ତ ଜେନା, ହେମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯାମିନୀକାନ୍ତ ମହାନ୍ତ ଓ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟ/ସଭ୍ୟାଙ୍କୁ ପ୍ରଧାନଶିକ୍ଷକ କୃତଜ୍ଞତା ଜ୍ଞାପନ କରିଥିଲେ। ଅପରାହ୍ଣରେ ପିଲାମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ଜୟଶ୍ରୀ ପାଢ଼ୀ, ରାଜନନ୍ଦିନୀ ପାତ୍ର, ସବିତା ବାରିକ, ବିନ୍ନି ସଞ୍ଜୀବନ ବାରିକ, ପ୍ରଜ୍ଞା ପାରମିତା ମଲ୍ଲିକ, କୌଶଲ୍ୟା ଭୂୟାଁ, ସଙ୍ଗୀତା ନାୟକ, ଶୁଭଲକ୍ଷ୍ମୀ ଷଡ଼ଙ୍ଗୀ, ଜଗନ୍ନାଥ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।



## ହଡ଼ପ ସରକାରୀ ଜମି ଚିହ୍ନଟ ପାଇଁ ଦାବି

### ନଗରପାଳଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାରିପଦା, ୧୭।୧୨(ସମିସ): ସରକାରୀ ରାସ୍ତା ଉନ୍ନତୀକରଣ ଓ ହଡ଼ପ ହୋଇଥିବା ସରକାରୀ ଜମିକୁ ଚିହ୍ନଟ କରିବା ସମ୍ବନ୍ଧରେ ଦାବି ହୋଇଛି। ଏନେଇ ଜିଲ୍ଲାପାଳ ହେମକାନ୍ତ ସୟଙ୍କୁ ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ନେତୃତ୍ୱରେ କାଉନ୍‌ସିଲର ଓ ସ୍ଥାନୀୟ ଜନସାଧାରଣ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି। ୱାର୍ଡ ନଂ ୨୭, ଭୁଗୁଡ଼ାକଟା ଅଞ୍ଚଳର ଲୋକେ ଦାବି ଜଣାଇଛନ୍ତି। ପ୍ରାୟ ୫୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଲୋକେ ବସବାସ କରୁଛନ୍ତି। ସାହିରେ ଏକ ରାସ୍ତା ଖରାପ ଅବସ୍ଥାରେ ଥିବା ବେଳେ ପୌରପାଳିକା ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। କିନ୍ତୁ ଜନୈକ ବ୍ୟକ୍ତି ଉକ୍ତ ଉନ୍ନତୀକରଣ କାର୍ଯ୍ୟକୁ ବାଧା ଦେବା ସହିତ ବିଭିନ୍ନ ସମସ୍ୟା ଉପୁଜାଉଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକୁ ମଧ୍ୟ ବନ୍ଦ କରିବା ପ୍ରଚେଷ୍ଟା କରୁଛନ୍ତି। କିନ୍ତୁ ଏଥିପାଇଁ ରାସ୍ତା ଉନ୍ନତି କାର୍ଯ୍ୟ ହୋଇପାରୁ ନାହିଁ। ଏକର ଏକର ସରକାରୀ ଜମି ହଡ଼ପ କରି ବ୍ୟକ୍ତି ଜଣକ ନିଜ ଓ ନିଜ ସ୍ତ୍ରୀ ନାମରେ କରି ଦେଇ ବିଭିନ୍ନ ସମସ୍ୟା ଉପୁଜାଉଛନ୍ତି। ଯାହା ଫଳରେ ଲୋକେ ହଇରାଣ ହେବା ସହ ଉନ୍ନତିମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ତେଣୁ ସମ୍ପୃକ୍ତ ବ୍ୟକ୍ତି ବିରୋଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି କରିଛନ୍ତି। ନଚେତ୍ ଆଗକୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ସ୍ଥାନୀୟ ଲୋକମାନେ ଚେତାବନୀ ଦେଇଥିବା ନେଇ ସମସ୍ତେ ଜିଲ୍ଲାପାଳଙ୍କୁ ଜଣାଇଛନ୍ତି।



# ବଲ୍ଲଭଭାଇ ପଟେଲ ଓ ଗୁରୁ ପରମେଶ୍ୱର ମହାନ୍ତଙ୍କ ସ୍ମୃତିଚାରଣ ସଭା

ଖୁଣ୍ଟା, ୧୭।୧୨(ସମିସ): ଗୁରୁ ପରମେଶ୍ୱର ସ୍ମୃତି କମିଟି ଆନୁକୂଲ୍ୟରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କର ୭୫ତମ ଏବଂ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର, ତାଳକୁଣ୍ଡାର ଶିକ୍ଷକ ସ୍ୱର୍ଗତ ପରମେଶ୍ୱର ମହାନ୍ତଙ୍କ ପ୍ରଥମ ବାର୍ଷିକ ସ୍ମୃତିଚାରଣ ସଭା ଖୁଣ୍ଟା ବ୍ଲକର ବାସପିଠା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ତାଳକୁଣ୍ଡାଠାରେ ସ୍ମୃତି କମିଟିର ସଭାପତି ପ୍ରାକ୍ତନ ପ୍ରଧାନଶିକ୍ଷୟିତ୍ରୀ ମାହେଶ୍ୱରୀ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସକାଳେ ମୁଖ୍ୟ ଅତିଥି ଭାବରେ ତାଳକୁଣ୍ଡା ଗ୍ରାମର ସବୁଠାରୁ ବୟୋଜ୍ୟେଷ୍ଠା ଶତାୟୁ ମହିଳା ସମାଜସେବୀ ସାବିତ୍ରୀ ମହାନ୍ତ, ସମ୍ମାନିତ ଅତିଥି ଭାବରେ ସ୍ୱର୍ଗତ ଶିକ୍ଷକଙ୍କ ସହକର୍ମୀ ପ୍ରାକ୍ତନ ପ୍ରଧାନଶିକ୍ଷକ ନକୁଳ ଚନ୍ଦ୍ର ମହାନ୍ତ, ନାଗେଶ୍ୱର ମହାନ୍ତ, ପ୍ରାକ୍ତନ ପୋଷ୍ଟ ମାଷ୍ଟର ରସାନନ୍ଦ ମହାନ୍ତ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପରମେଶ୍ୱର ମହାନ୍ତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅପରାହ୍ଣରେ ତାଳକୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭାରତରତ୍ନ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୭୫ତମ ଏବଂ ଗୁରୁ ପରମେଶ୍ୱର ମହାନ୍ତଙ୍କ ପ୍ରଥମ ବାର୍ଷିକ ତିରୋଧାନ ଦିବସ ଉପଲକ୍ଷେ ଆୟୋଜିତ ସଭାରେ ଭାରତୀୟ ରେଡ୍‌କ୍ରସ ସୋସାଇଟିର ଭାଇସ୍ ପେଟ୍ରୋନ ତଥା ରାଜ୍ୟ ଜୁନିଅର ରେଡ୍‌କ୍ରସର ସିନିୟର ରିସୋର୍ସ ପର୍ସନ୍ ଡ. ରମାକାନ୍ତ ମହାନ୍ତ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବରେ ଅଖିଳ ଭାରତୀୟ ବହୁଭାଷୀ ସାହିତ୍ୟ ପରିଷଦର ସଭାପତି ସାହିତ୍ୟିକ ବାସୁଦେବ ନାପିତ ଯୋଗଦେଇ ଶିମିଳିପାଳର ପାଦଦେଶରେ ଥିବା ତାଳକୁଣ୍ଡା ଗ୍ରାମରେ ଶିକ୍ଷାର ମଶାଲ ଜାଳିଥିବା ଜଣେ ନିର୍ଭିକ ଦକ୍ଷ ଏବଂ ଆଦର୍ଶ ଶିକ୍ଷକ ଗୁରୁ ପରମେଶ୍ୱର ସ୍ମୃତି କମିଟି ଗଠନ କରି ଭାରତର ଅଦ୍ୱିତୀୟ ଦେଶପ୍ରେମୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ତିରୋଧାନ ପାଳନ କରି ଦେଶପ୍ରେମର ଚେତନା ଜାଗ୍ରତ କରିବା ଅତ୍ୟନ୍ତ ପ୍ରଶଂସନୀୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ମା' ସବଳା ବିଶ୍ୱକଲ୍ୟାଣ ସେବା ସମିତିର ଉପଦେଷ୍ଟା ସାବିତ୍ରୀ ମହାନ୍ତ, ମୁଖ୍ୟବକ୍ତା ଭାବରେ ପ୍ରାକ୍ତନ ପ୍ରଧାନଶିକ୍ଷୟିତ୍ରୀ ଇକୋ ଫ୍ରେଣ୍ଡ ଅନ୍ନଦା ମହାନ୍ତ, 'ପ୍ରଣାମ ସାବିତ୍ରୀ' ସଂଗଠନର ସଦସ୍ୟା ଭୁବନେଶ୍ୱରୀ ମହାନ୍ତ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପରମେଶ୍ୱରଙ୍କ ବହୁମୁଖୀ ପ୍ରତିଭା ତଥା ଲୋକପ୍ରିୟତା ବିଷୟରେ ଆଲୋକପାତ କରିଥିଲେ।



ପୁରାତନ ଛାତ୍ର ଦେବାଶିଷ ମହାନ୍ତ ସ୍ୱାସ୍ଥ୍ୟ ରକ୍ଷା ଏବଂ ପ୍ରଣବ କେଶରୀ ଯୋଗ ଶିକ୍ଷାର ଉପକାରିତା ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ଅଧ୍ୟୟନ କରିଥିବା ଦୁଇଜଣ ବିଶିଷ୍ଟ ଛାତ୍ର ତଥା ଅବସରପ୍ରାପ୍ତ ଶିକ୍ଷକ ଡମ୍ବରୁଧର ମହାନ୍ତ, ବୈଦ୍ୟନାଥ ମହାନ୍ତଙ୍କୁ ଏବଂ ବିଦ୍ୟାଳୟରେ ଅଧ୍ୟୟନରତ ଜଣେ ଅସହାୟ ଆଦିବାସୀ ଛାତ୍ରୀ ଚାନ୍ଦିନୀ ସିଂ, ବିଦ୍ୟାଳୟରେ ସର୍ବାଧିକ ନମ୍ବର ରଖିଥିବା ଯଶୋପ୍ରଜ୍ଞା ମହାନ୍ତଙ୍କୁ 'ଗୁରୁ ପରମେଶ୍ୱର ସ୍ମୃତିସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏଥିରେ ଶିକ୍ଷକ ସୁଶାନ୍ତ କୁମାର ନାଏକ, ସ୍ମୃତି କମିଟିର ସଂଯୋଜକ ବିପ୍ଳବ କୁମାର ମହାନ୍ତ, ଈଶ୍ୱର ଚନ୍ଦ୍ର ମହାନ୍ତ, ରାକେଶ ମହାନ୍ତ, ଯୋଗ ଶିକ୍ଷିକା କମଳା ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ତ୍ରିବେଣୀ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୋକାନରୁ ୪ ସିଲିଣ୍ଡର ଚୋରି

ରାଇରଙ୍ଗପୁର,୧୭।୧୨(ସମିସ): ରାଇରଙ୍ଗପୁର ଟାଉନ୍ ଥାନା ଅନ୍ତର୍ଗତ ମହତାବ ଭବନ ନିକଟସ୍ଥ ଏକ ଦୋକାନରୁ ୪ଟି ଗ୍ୟାସ୍ ସିଲିଣ୍ଡର ଚୋରି ହୋଇଛି । ଏନେଇ ଦୋକାନ ମାଲିକ ଅଁଳାଡୁବା ର ନୀଳମାଧବ ମହାନ୍ତ ରାଇରଙ୍ଗପୁର ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି । ରାତିରେ ଚୋରି ହୋଇଥିବାବେଳେ ସକାଳୁ ଦୋକାନ ଖୋଲିବାବେଳେ ଜାଣିବାକୁ ପାଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ଅଭିଯୋଗକ୍ରମେ ପୁଲିସ ତଦନ୍ତ ଜାରି ରଖିଛନ୍ତି ।

## ଅଲୋଡ଼ା ଶିଶୁକନ୍ୟା: ପୋଲ ତଳୁ ମିଳିଲା ମୃତଦେହ

ଉଦଳା,୧୭।୧୨(ସମିସ): ପୁଣି ଅଲୋଡ଼ା ହେଲା ଶିଶୁକନ୍ୟା । ନବଜାତକ ଶିଶୁ କନ୍ୟାକୁ ପୋଲ ତଳେ ଫୋପାଡ଼ି ଦେଲେ । ଏଭଳି ଘଟଣା ସାମ୍ନାକୁ ଆସିଛି ଉଦଳା ଥାନା ଅଠଣଗାଁଠାରେ । ଅଠଣଗାଁ ପୋଲ ତଳେ ଏକ ନବଜାତ ଶିଶୁକନ୍ୟାର ମୃତଦେହ ପଡ଼ିଥିବା ବୁଧବାର ସକାଳ ୯ଟା ସମୟରେ ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ । ଏ ନେଇ ଉଦଳା ପୁଲିସକୁ ଖବର ଦେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । କେହି ଏହି ନବଜାତକୁ ଏକ ପଲିଥିନ୍‌ରେ ଭର୍ତ୍ତି କରି ତାକୁ ଆଣି ପୋଲ ତଳେ ଫୋପାଡ଼ି ଦେଇଛି । ଯାହାକି ଏକ ସଦ୍ୟ ଜନ୍ମିତ ଶିଶୁକନ୍ୟା ହୋଇଥିବା ଜଣାଯାଇଛି । ତେବେ କେହି ଶିଶୁକନ୍ୟାକୁ ପୋଲ ଉପରୁ ତଳକୁ ପକାଇଛି ନା ପୋଲ ତଳେ ପଥର ସନ୍ଧିରେ ଥୋଇଦେଇ ଯାଇଛି ତାହା ସ୍ପଷ୍ଟ ହୋଇ ନ ଥିବାବେଳେ କିଏ ଏଭଳି ଅମାନୁଷିକ କାମ କରିଛି ତାହାର ଖୋଳତାଡ଼ କରୁଛି ପୁଲିସ ।

## ୨୨ରେ ଉଦଳାଠାରେ ଯୁଗ୍ମ ଜନଶୁଣାଣି

ଉଦଳା,୧୭।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟାଳୟ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆସନ୍ତା ୨୨ ତାରିଖରେ କପ୍ତିପଦା ଉପଖଣ୍ଡ ପାଇଁ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ । ଉପଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତାଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ପୂର୍ବାହ୍ଣ ୧୦ଟାରେ ଅନୁଷ୍ଠିତ ହେବ । ଏହି ଶିବିରରେ ଉପଖଣ୍ଡ ତଥା ବ୍ଲକ୍‌ସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କ ଉପସ୍ଥିତିରେ ଶୁଣାଣି କରାଯାଇ ଉତ୍ଥାପିତ ଅଭିଯୋଗ ଗୁରୁତ୍ୱର ସହ ଯଥାସମ୍ଭବ ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସରକାରୀ ଯୋଜନାର କାର୍ଯ୍ୟକାରିତା, ଦୁର୍ନୀତି, ଜନକଲ୍ୟାଣ, ସାମାଜିକ ସୁରକ୍ଷା ଆଦି ସମ୍ବଳିତ ବ୍ୟକ୍ତିଗତ ବା ସାମୂହିକ ସମସ୍ୟା ନେଇ ନିର୍ଦ୍ଧାରିତ ସମୟ ପୂର୍ବରୁ ନିଜ ଦରଖାସ୍ତକୁ ପଞ୍ଜିକୃତ କରାଇପାରିବେ ।

## ଖୁଣ୍ଟା ବାଳିକା ହାଇସ୍କୁଲ୍‌ର ବାର୍ଷିକ ଉତ୍ସବ



କୁଆମରା,୧୭।୧୨(ସମିସ): ଗୋପବନ୍ଧୁ ନଗର ବ୍ଲକ୍ ଖୁଣ୍ଟା ବାଳିକା ଉଚ୍ଚ ବିଦ୍ୟାଳୟର ୪୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ରାମସାଏ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ଅଧିକାରୀ ନରେନ୍ଦ୍ର ଖମାରୀ, ମୁଖ୍ୟବକ୍ତା ବ୍ଲକ୍ ଶିକ୍ଷା ଅଧିକାରୀ ଡ. ଅଭିମନ୍ୟୁ ସେଠୀ, ସମ୍ମାନିତ ଅତିଥି ଖୁଣ୍ଟା ଥାନା ଆଇଆଇସି ପଞ୍ଚାନନ ମହାନ୍ତି, ସାନଖୁଣ୍ଟା ପଞ୍ଚାୟତ ସରପଞ୍ଚ ସୁମି ହାଁସଦା, ସମିତିସଭ୍ୟ ରଞ୍ଜନ କୁମାର ମହାନ୍ତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶଶୀଧର ବାରିକ, ପ୍ରାକ୍ତନ ପ୍ରଧାନଶିକ୍ଷୟିତ୍ରୀ ଅଞ୍ଜଳି ମହାପାତ୍ର ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ମନରେ ଆତ୍ମବିଶ୍ୱାସ ଜାଗ୍ରତ କରୁଥିବା ବ୍ୟକ୍ତି ହିଁ ଆଦର୍ଶ ଶିକ୍ଷକ ବୋଲି ମତବ୍ୟକ୍ତ କରିଥିଲେ । ସହକାରୀ ଶିକ୍ଷକ ମନୋରଞ୍ଜନ ବେହେରା ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ । ଶିକ୍ଷକ ବଙ୍କିମ ଚନ୍ଦ୍ର ବାରିକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ଏହି ଅବସରରେ ଚଳିତ ବର୍ଷ ବାର୍ଷିକ କ୍ରୀଡ଼ାର ଚାମ୍ପିଅନ ଦଶମ ଶ୍ରେଣୀର ଛାତ୍ରୀ ସିନଗ ସୋରେନଙ୍କ ସମେତ ମୋଟ୍ ୧୫୦ କୃତୀ ଛାତ୍ରୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା । ଅପରାହ୍ଣରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ରରୁଆଁ ବ୍ଲକ୍‌ରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଶୁକୁଳି,୧୭।୧୨(ସମିସ): ରରୁଆଁ ବ୍ଲକ୍ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର । କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷ ଅଜିତ୍ କୁମାର ତିରିଆ ଯୋଗଦେଇ ଭିନ୍ନକ୍ଷମ ବ୍ୟକ୍ତି ପାଇବାକୁ ଥିବା ସୁବିଧା ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ ଉପସ୍ଥିତ ଥିଲେ ରରୁଆଁ ବ୍ଲକ୍ ଉନ୍ନୟନ ଅଧିକାରୀ ପ୍ରେମାନନ୍ଦ ବେହେରା, ସରପଞ୍ଚ ଝୁନା ପିଙ୍ଗୁଆ, ଘାଗରବେଡ଼ା ସରପଞ୍ଚ ପୁଷ୍ପାଞ୍ଜଳି କାଣ୍ଡିଆନ, ଚିତ୍ତରଞ୍ଜନ ମହାନ୍ତ, ତିଳକୁଟି ସମିତିସଭ୍ୟ ରଶ୍ମିରାଣୀ ମହାନ୍ତ, ପାନପତ୍ରିଆ ସମିତିସଭ୍ୟ ଲଖମନଗିରି, ନରକ୍ଷଣ୍ଡା ସମିତିସଭ୍ୟ ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବରେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଭୀମଭୋଇ ସାମର୍ଥ୍ୟ ଶିବିରରେ ବିଭିନ୍ନ ବର୍ଗର ନୂଆ ପୁରୁଣା ମୋଟ୍ ୬୧୯ ଜଣ ହିତାଧିକାରୀ ପଞ୍ଜିକୃତ ହୋଇଥିଲେ । ଆଗାମୀ ଦିନରେ ହିତାଧିକାରୀମାନଙ୍କୁ ଏଥିନିମନ୍ତେ ସୁବିଧା ଯେମିତିକି ବସ୍ ପାସ୍, ଭତ୍ତା, ଋଣ ସୁବିଧା ଭଳି ଅନେକ ସିବିଧା ପାଇପାରିବେ ସେ ବିଷୟରେ ଅବଗତ କରାଯାଇଥିଲା ।

### ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ୧୫୬ତମ ଜୟନ୍ତୀ

# ‘ନବ ଉତ୍କଳର ବିନ୍ଧାଣି ଥିଲେ ମହାରାଜା’




ବାରିପଦା,୧୭।୧୨(ସମିସ): ଭଞ୍ଜ ମାଟିର ସୁବର୍ଣ୍ଣ ଯୁଗର ପ୍ରବର୍ତ୍ତକ ତଥା ନବ ଉତ୍କଳର ଅନ୍ୟତମ ବିନ୍ଧାଣି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପବିତ୍ର ଜୟନ୍ତୀ ଜିଲ୍ଲା ପ୍ରଶାସନ ପକ୍ଷରୁ ବୁଧବାର ମହାସମାରୋହରେ ପାଳିତ ହୋଇଯାଇଛି । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଏବଂ ବାରିପଦା ପୌରପାଳିକାର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ପଦ୍ମଶ୍ରୀ ଡ. ଦମୟନ୍ତୀ ବେଶ୍ରା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ବାରିପଦା ପୌରପାଳିକା ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଜିଲ୍ଲାପାଳ ହେମକାନ୍ତ ସୟ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଉପନଗରପାଳିକା ସୀମା ଦାସ, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା ଯୋଗଦେଇଥିଲେ । ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ ବୃନ୍ଦ, ଆଦିବାସୀ ମୋର୍ଚ୍ଚାର ରାଜ୍ୟ ସଭାପତି କାନ୍ଦ୍ରା ସୋରେନ, ସମାଜସେବୀ ଶରତ ଚନ୍ଦ୍ର ନାୟକ, ବିରଜା ଦେବୀ, ପ୍ରତିଶ୍ରୁତି ସାହିତ୍ୟ ପତ୍ରିକାର ସମ୍ପାଦକ ଭାଗବତ ପ୍ରସାଦ ପଣ୍ଡା, ବିଭିନ୍ନ ୱାର୍ଡର କାଉନ୍‌ସିଲର, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଶିକ୍ଷାବିତ୍, ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅବସ୍ଥାପିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ଏବଂ ମହାରାଜା ପୂର୍ଣ୍ଣ ଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ପୂର୍ବକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଓଡ଼ିଆ ସାହିତ୍ୟ ଜଗତର ଜଣେ ମହାନ ପୃଷ୍ଠପୋଷକ ତଥା ଊନବିଂଶ ଶତାବ୍ଦୀର ଓଡ଼ିଆ ଭାଷା ଆନ୍ଦୋଳନର ଅନ୍ୟତମ ପୁରୋଧା ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ରାଜ୍ୟରେ ଉତ୍ତମ ପ୍ରଶାସନ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ଭାଷା, ସାହିତ୍ୟ ଏବଂ ପ୍ରଶାସନିକ କ୍ଷେତ୍ରରେ ସଂସ୍କାର ଆଣିଥିଲେ । ଖଣ୍ଡବିଖଣ୍ଡିତ ଓଡ଼ିଶାର ଏକୀକରଣ ତଥା ଭାଷାଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଯେଉଁ ଆନ୍ଦୋଳନର ସୂତ୍ରପାତ ହୋଇଥିଲା, ସେଥିରେ ଉତ୍କଳ ଗୌରବ ମଧୁସୂଦନଙ୍କୁ ସହାୟତା କରିବାରେ ମହାରାଜା ଶ୍ରୀରାମ ଚନ୍ଦ୍ର ଥିଲେ ଅଗ୍ରଗଣ୍ୟ । ସେହି ପ୍ରବାଦ ପୁରୁଷଙ୍କ ପାଇଁ ଏଇ ମାଟି ଗର୍ବିତ ବୋଲି ଅତିଥିଗଣ କହିଥିଲେ । ଏହି ଅବସରରେ ତର୍କ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ପରିଚାଳନା କରିଥିବାବେଳେ କର୍ମଚାରୀ ଶ୍ରୀକାନ୍ତ ବେହେରା, ସୁନିତା ମହାପାତ୍ର, ଲଳିତ ରଞ୍ଜନ ନାଏକ, ଛିତା ସୋରେନ, ରବି ନାରାୟଣ ନାଏକ, ଲିଜତ ପ୍ରଧାନ ଓ ଛୋଟରାୟ ସିଂ ପ୍ରମୁଖ ସହଯୋଗ କରିଥିଲେ ।

## ଉତ୍କଳ ସମ୍ମିଳନୀ ମୟୂରଭଞ୍ଜ ଶାଖା



ବାରିପଦା: ଉତ୍କଳ ସମ୍ମିଳନୀ ମୟୂରଭଞ୍ଜ ଶାଖା ପକ୍ଷରୁ ସ୍ଥାନୀୟ କଲ୍ୟାଣୀ ମହିଳା ସମିତି ସଭାଗୃହରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୬ତମ ଜୟନ୍ତୀ କଳ୍ପନା ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ସମ୍ମିଳନୀର ଉପସଭାପତି ଡ. ଶ୍ୟାମସୁନ୍ଦର ଦାସଙ୍କ ସଞ୍ଚାଳନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡ. ସୁବାସ ଚନ୍ଦ୍ର କାରୁଆ, ସମ୍ମାନିତ ଅତିଥି ଭାବେ ଡ. ସୁଶାନ୍ତ କୁମାର ପାତ୍ର, କୈବଲ୍ୟ ପ୍ରସାଦ ମହାପାତ୍ର, ଜ୍ୟୋତ୍ସ୍ନାମଣି ଜେନା ମହାରାଜାଙ୍କ ଗୁଣାବଳୀ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ । କବୟିତ୍ରୀ ବାସନ୍ତିଲତା ମହାପାତ୍ର ଓ ସବିତା ମିଶ୍ର ସ୍ୱରଚିତ କବିତାପାଠ କରିଥିଲେ । ପ୍ରଥମେ ବନ୍ଦେ ଉତ୍କଳ ଜନନୀ ପରେ ଭଞ୍ଜଭୂମି ଜାତୀୟ ସଂଗୀତ ଗାନ ହୋଇଥିଲା । ସଭାରେ କୁମାର ରଞ୍ଜନ ପଣ୍ଡା, ରାଜକୁମାର ମିଶ୍ର, ସନ୍ତୋଷ ପଟ୍ଟନାୟକ, ଭଞ୍ଜ କିଶୋର ମହାନ୍ତ, ଦୋଳଗୋବିନ୍ଦ ମହାନ୍ତ, ହରିହର ଦାସ, ନରେନ୍ଦ୍ର ମୋହନ ସେନାପତି, ବ୍ରଜେଶ୍ୱରୀ ଷଡ଼ଙ୍ଗୀ, ପୂର୍ଣ୍ଣିମା ପଣ୍ଡା, ବୀଣାପାଣି ପଣ୍ଡା, ଯତୀନ୍ଦ୍ର ନାଥ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ସମ୍ପାଦକ କୁଞ୍ଜବନ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ ।

**କରଞ୍ଜିଆ:** ପ୍ରଜାବତ୍ସଳ ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପବିତ୍ର ୧୫୬ତମ ଜୟନ୍ତୀ ଅବସରରେ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଗୋଲେଇ ଛକସ୍ଥିତ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଗଣମାଧ୍ୟମ ପ୍ରତିନିଧିଙ୍କ ଉପସ୍ଥିତିରେ ପାଞ୍ଚପିଢ଼ ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା, ପ୍ରେସ୍ କ୍ଲବ୍ ସମ୍ପାଦକ କର୍ଣ୍ଣାର୍ଜୁନ ସାହା, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିରାମ କିସ୍କୁ, ସାମ୍ବାଦିକ ବିନ୍ଦୁଶାର ଦାଶ, ଶରତ ତ୍ରିପାଠୀ ପ୍ରମୁଖ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ମାଲ୍ୟାର୍ପଣ ସ୍ଥଳରେ ସ୍କୁଲ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ମହାରାଜାଙ୍କ ଜୟଗାନ କରିଥିଲେ । କରଞ୍ଜିଆ ବିଜ୍ଞପିତ ଅଞ୍ଚଳ ପରିଷଦ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ବିସ୍କୁଟ ବଣ୍ଟନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସୂଚନା କେନ୍ଦ୍ର ଓ ପାଠାଗାରର ଗ୍ରନ୍ଥାଗାରିକ ଅରୁଣ କୁମାର ପାଣିଗ୍ରାହୀ, ଏନ୍‌ଏସିର ସୁଧୀର କୁମାର ସାହା ଯୋଗଦେଇଥିଲେ ।



## ହଜାର ହଜାର ଗଛକଟାକୁ ଭଞ୍ଜସେନାର ନିନ୍ଦା

**ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ସହିତ ଆଇନର ଆଶ୍ରୟ ଚେତାବନୀ**

**ପ୍ରଭାବଶାଳୀ ଲୋକଙ୍କୁ ପ୍ରଶାସନର ଜମି ଯୋଗାଇବା ପାଇଁ ପରୋକ୍ଷରେ ସହଯୋଗ**

ବାରିପଦା,୧୭।୧୨(ସମିସ): ବୁଧବାର ମୟୂରଭଞ୍ଜ ଗଡ଼ଜାତ ରାଜ୍ୟର ମହାରାଜା ତଥା ପୁଣ୍ୟାତ୍ମା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ ପାଳନ କରାଯାଇଛି । ମହାରାଜାଙ୍କ ଦାନ ଓଡ଼ିଶା ପାଇଁ ଅତୁଳନୀୟ । ରେଭେନ୍ସା ମହାବିଦ୍ୟାଳୟର ଉନ୍ନତି, କଟକ ଏସ୍‌ସିବି ମେଡିକାଲ୍ ପ୍ରତିଷ୍ଠା ମହାରାଜାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ କ୍ଷେତ୍ରରେ ଦୂରଦର୍ଶୀ ଚିନ୍ତାଧାରା ପ୍ରମାଣିତ କରେ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଏବଂ ଓଡ଼ିଆ ଭାଷା ଆନ୍ଦୋଳନରେ ମଧ୍ୟ ମହାରାଜାଙ୍କ ମୁଖ୍ୟ ଭୂମିକା ଆଜି ବି ସମସ୍ତ ଓଡ଼ିଆ ପ୍ରାଣରେ ରୁଦ୍ଧିମନ୍ତ ହୋଇ ରହିଛି । ମହାରାଜାଙ୍କ ଏହି ପବିତ୍ର ଜୟନ୍ତୀକୁ ଜିଲ୍ଲାର ଅଣ ରାଜନୈତିକ ସଂଗଠନ ଭଞ୍ଜସେନା ପାଳନ ସହିତ ସ୍ମୃତିଚାରଣ କରିଛି । ସଂଗଠନର ବରିଷ୍ଠ କର୍ମକର୍ତ୍ତା ପିଣ୍ଟୁ ମାଇତି, ରାକେଶ୍ ବେହେରାଙ୍କ ନେତୃତ୍ୱରେ ଏକାଠି ହୋଇ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ପ୍ରତିମୂର୍ତ୍ତି ତଳେ ସମ୍ମାନପୂର୍ବକ ନିରବ ପ୍ରାର୍ଥନା କରି ମହାରାଜାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ତେବେ ଆଜି ଭଳି ପବିତ୍ର ଦିନରେ କିଛି ପ୍ରଭାବଶାଳୀ ଲୋକଙ୍କୁ ସରକାରୀ ଜାଗା ବହୁମାତ୍ରାରେ ଯୋଗାଇବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ସ୍ଥାନ ଚିହ୍ନଟ ଓ ସେଠାରେ ୨୭୦୦ରୁ ଊର୍ଦ୍ଧ୍ୱ ଗଛ କଟାଯିବା ମହାରାଜାଙ୍କ ପାଇଁ ଅସମ୍ମାନ ବୋଲି ଭଞ୍ଜସେନା ପକ୍ଷରୁ କୁହାଯାଇଛି । ସହରରେ ବହୁ ସରକାରୀ ଜାଗା ଥିବା ସତ୍ତ୍ୱେ ବାରିପଦା ସହରର ପାଲବଣୀ ଅଞ୍ଚଳରୁ ଏତେ ସଂଖ୍ୟକ ଗଛ କାଟିବା ଦୁର୍ଭାଗ୍ୟଜନକ । ସଂଗଠନ ପକ୍ଷରୁ ଗଛ ନ କାଟି ପ୍ରସ୍ତାବିତ ଆନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ଅନ୍ୟତ୍ର ନିର୍ମାଣ ପାଇଁ ୪/୫ ମାସ ପୂର୍ବରୁ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ତା' ସତ୍ତ୍ୱେ ସେହି ଜାଗାରେ ହଜାର ହଜାର ଗଛ କାଟି ବସ୍‌ଷ୍ଟାଣ୍ଡ କରିବାର ଜିଦ୍ ପ୍ରକୃତରେ ପ୍ରଭାବଶାଳୀ ଲୋକଙ୍କୁ ସରକାରୀ ଜାଗା ପ୍ରଦାନ ପାଇଁ ଜିଲ୍ଲା ପ୍ରଶାସନ ପ୍ରତ୍ୟକ୍ଷ ସହଯୋଗ କରୁଛି ବୋଲି ସଂଗଠନ ଅଭିଯୋଗ ଆଣିଛି । ବାରିପଦା ସହରକୁ ପୂର୍ବରୁ ବିଶ୍ୱର ଉତ୍ତପ୍ତ ସହର ଭାବେ ପରିଗଣିତ ହୋଇଛି । ଆଗାମୀ ବର୍ଷମାନଙ୍କରେ ତା'ର ପ୍ରତିକାର ଚିନ୍ତାରେ ବୃକ୍ଷରୋପଣ ପରିବର୍ତ୍ତେ ପୁନର୍ବାର ଗଛକଟା ଏକ ଘୃଣ୍ୟ ଯୋଜନା ବୋଲି ସଂଗଠନ ପକ୍ଷରୁ କୁହାଯାଇଛି । ଏଣୁ ଅତିଶୀଘ୍ର ଏହି ଅନୈତିକ କାର୍ଯ୍ୟ ବିରୋଧରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଭଞ୍ଜସେନା ଆଇନର ଆଶ୍ରୟ ନେବ ବୋଲି ଚେତାବନୀ ଦେଇଛି ।



## ସିଭିଲ୍ ସୋସାଇଟି ପକ୍ଷରୁ ପରିଚୟପତ୍ର ବଣ୍ଟନ



ବେତନଟୀ,୧୭।୧୨(ସମିସ): ବେତନଟୀର ବରିଷ୍ଠ ନାଗରିକମାନଙ୍କୁ ନେଇ ଗଠିତ ଓ ପଞ୍ଜିକୃତ ସମାଜସେବା ଅନୁଷ୍ଠାନ "ସିଭିଲ୍ ସୋସାଇଟି' ପକ୍ଷରୁ ସ୍ୱର୍ଗତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୬ତମ ଜୟନ୍ତୀ ପାଳନ କରାଯାଇଛି । ସୋସାଇଟିର ସଭାପତି ଚୂଡ଼ାମଣି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସାଧାରଣ ସମ୍ପାଦକ ଆଡ୍‌ଭୋକେଟ ସଚ୍ଚିଦାନନ୍ଦ ମହାନ୍ତି ଦିବସର ତାତ୍ପର୍ଯ୍ୟ ଓ କାର୍ଯ୍ୟକ୍ରମର ସୂଚନା ଦେଇଥିଲେ । ସ୍ଥାନୀୟ ଧର୍ମଶାଳା ପରିସରରେ ଏଥିନିମନ୍ତେ ସ୍ୱର୍ଗତ ମହାରାଜା କେବଳ ମୟୂରଭଞ୍ଜ ଜିଲ୍ଲାର ନୁହେଁ, ସମଗ୍ର ଭାରତବାସୀଙ୍କ ନିମନ୍ତେ ତାଙ୍କର ଅତୁଳନୀୟ ଅବଦାନ ସମ୍ପର୍କରେ ଅବସରପ୍ରାପ୍ତ ପ୍ରାଧ୍ୟାପିକା ଉଷା ଶତପଥୀ ବ୍ୟକ୍ତବ୍ୟ ରଖିଥିଲେ । ପୁଣ୍ୟଶ୍ଳୋକ ମହାରାଜାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ଉପସ୍ଥିତ ସଭ୍ୟସଭ୍ୟାଗଣ ପୁଷ୍ପ, ଧୂପ, ଦୀପଦାନ ପୂର୍ବକ ପ୍ରଣତି ଅର୍ପଣ କରିଥିଲେ । ସଂଗଠନରେ ନୂଆକରି ଯୋଗଦେଇଥିବା ୨୫ ଜଣଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା । ଏହାପରେ ସଭାସ୍ଥଳରେ ଉପସ୍ଥିତ ବେତନଟୀ ଥାନା ଅଧିକାରିଣୀଙ୍କ ଦ୍ୱାରା ପ୍ରସ୍ତୁତ "ବରିଷ୍ଠ ନାଗରିକ ପରିଚୟପତ୍ର' ୧୭ ଜଣଙ୍କୁ ବଣ୍ଟନ କରାଯାଇଥିଲା । ସିଭିଲ୍ ସୋସାଇଟିର ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ପରିଚାଳନାରେ ହରେନ୍ଦ୍ରନାଥ ବାରିକ ଓ କମଳଲୋଚନ କର ସହଯୋଗ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମରେ ଯୁଗ୍ମ ସମ୍ପାଦକ ରବିନ୍ଦ୍ରନାଥ ମିଶ୍ର ସଂଯୋଜନା ଓ ଧନ୍ୟବାଦ ଅର୍ପଣ କରିଥିଲେ ।

**ବେତନଟୀ ପ୍ରିମିୟର ଲିଗ୍ ଉଦ୍‌ଘାଟିତ**

## ଆରିୟନ୍ ଫାଇଟର ବିଜୟୀ



ବେତନଟୀ,୧୭।୧୨(ସମିସ): ବେତନଟୀ କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ଏମ୍‌ପିସି ହାଇସ୍କୁଲ ଖେଳପଡ଼ିଆରେ ବୁଧବାର ବେତନଟୀ ପ୍ରିମିୟର ଲିଗ୍-୨୦୨୫ ସିଜିନ୍-୧୨ ଉଦ୍‌ଘାଟିତ ହୋଇଯାଇଛି । ଟୁର୍ଣ୍ଣାମେଣ୍ଟକୁ ମୁଖ୍ୟଅତିଥି ଭାବେ ବିଧାୟକ ସନାତନ ବିଜୁଳି ଉଦ୍‌ଘାଟନ କରି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । କ୍ଲବ୍‌ର ସଭାପତି ଶଶିକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସ୍ୱତନ୍ତ୍ର ଅତିଥି ଭାବରେ ପ୍ରଧାନଶିକ୍ଷକ ଅର୍ଜୁନ ସିଂ, କ୍ଲବ୍ ସମ୍ପାଦକ ଦିଲ୍ଲୀପ କୁମାର ରାଉତ, କ୍ଲବ୍ ସଦସ୍ୟ ସୁମନ ପାଲ, ପ୍ରକାଶ ଜ୍ୟୋତି ଆଦିତ୍ୟ, ବେତନଟୀ ମଣ୍ଡଳ ସଭାପତି ଜୀବନ ପରିଡ଼ା, ମାଲିକ ସନ୍ଦୀପ ମିଶ୍ର, ରାଜୀବ ପାତ୍ର, ପ୍ରୀୟଜିତ୍ ନାୟକ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଛନ୍ତି । କାର୍ଯ୍ୟକ୍ରମକୁ କ୍ଲବ୍ ସଦସ୍ୟ କିଶୋର କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ । ପ୍ରଥମ ମ୍ୟାଚ୍ ଆରିୟନ ଫାଇଟର ସହିତ ବାହାନଡ଼ା ଟାଇଗର ମଧ୍ୟରେ ହୋଇଥିଲେ । ପ୍ରଥମେ ବ୍ୟାଟିଂ କରି ବାହାନଡ଼ା ଟାଇଗର ୧୭.୧ ଓଭରରେ ସମସ୍ତ ୱିକେଟ ହରାଇ ୧୩୯ ରନ୍ ସଂଗ୍ରହ କରିଥିଲା । ଜବାବରେ ଆରିୟନ ଫାଇଟର୍ ୧୯ ଓଭରରେ ୭ ୱିକେଟ୍ ହରାଇ ୧୪୦ ରନ୍ ସଂଗ୍ରହ କରି ବିଜୟ ଲାଭ କରିଥିଲା । ଆରିୟନ ଫାଇଟରର ସତ୍ୟଜିତ୍ ରାମଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି । ଖେଳକୁ ସୁଧାକର ପଣ୍ଡା ଓ ଅନୁପ ଦଣ୍ଡପାଟ ପରିଚାଳନା କରିଥିଲାବେଳେ ସତ୍ୟରଞ୍ଜନ ପାତ୍ର ଓ ଟିକି ମହାନ୍ତ ସ୍କୋରର୍ ଦାୟିତ୍ୱ ତୁଲାଇଥିଲେ । ଅନ୍‌ଲାଇନ୍ ସ୍କୋର ଗୌରବନାଥ, ଅନୁପ ପରିଡ଼ା ଓ ସିପୁନ ନାଥ ପରିଚାଳନା କରିଥିଲେ । ପ୍ରିମିୟର ଲିଗକୁ ପ୍ରଶାନ୍ତ ନାଥ, ସଞ୍ଜୁ ଦ୍ୱିବେଦୀ, ମନୋଜ ପଣ୍ଡା, ସୁଧାକର ପଣ୍ଡା, ମଳୟ ସେନାପତି, ସର୍ବେଶ୍ୱର ଦାସ, ରାଜେଶ ବେହେରା, ହୃଷୀକେଶ ମହାନ୍ତ, ସତ୍ୟପ୍ରକାଶ ବେହେରା, ଭାଗ୍ୟରଞ୍ଜନ ବେହେରା, ଚନ୍ଦନ ଗିରି, କିସ୍ମତ୍ ପରିଡ଼ା, ସଞ୍ଜୀବ ରାଉତ, ଅମିତ୍ ବରାଳ ପ୍ରମୁଖ ସହଯୋଗ କରିଥିଲେ ।

**ମୟୂରଭଞ୍ଜ ସିଟିଜେନ୍ ଫୋରମ୍ ପକ୍ଷରୁ ଶ୍ରୀରାମ ଚନ୍ଦ୍ରଙ୍କ ଜୟନ୍ତୀ**

## ଅଖଣ୍ଡ ମୟୂରଭଞ୍ଜ ଗଠନ ପାଇଁ ଉଠିଲା ଦାବି

ବାରିପଦା,୧୭।୧୨(ସମିସ)




ଓଡ଼ିଶାରେ ମିଶ୍ରଣ ସମୟରେ ମୟୂରଭଞ୍ଜ ରାଜ୍ୟରୁ ତତ୍କାଳୀନ ବିହାର ଓ ପଶ୍ଚିମବଙ୍ଗରେ ମିଶିଥିବା ଅଂଶକୁ ଫେରାଇ ଆଣି ପୁନର୍ବାର ମୟୂରଭଞ୍ଜରେ ମିଶାଯାଉ ବୋଲି ଦାବି କରିଛନ୍ତି ମୟୂରଭଞ୍ଜ ମହାରାଜା ପ୍ରବୀଣଚନ୍ଦ୍ର ଭଞ୍ଜଦେଓ । ଜିଲ୍ଲା ବିଭାଜନ ପ୍ରସଙ୍ଗରେ ତାଙ୍କ ମତାମତ ଲୋଡ଼ାଯିବାରୁ ସେ ଏହା କହିଛନ୍ତି । ପ୍ରଶାସନିକ ସୁବିଧା ଓ ଉନ୍ନୟନର ବାହାନା କରି ଜିଲ୍ଲା ବିଭାଜନକୁ ସେ ତୀବ୍ର ବିରୋଧ କରିଛନ୍ତି । ଯଦି ବିଭାଜନ କଲେ ହିଁ ବିକାଶ ହେବ ତାହେଲେ ଦୁଇ କାହିଁକି ବରଂ ମୟୂରଭଞ୍ଜର ୪ଟି ସବ୍‌ଡିଭିଜନକୁ ଗୋଟିଏ ଲେଖାଏଁ ଜିଲ୍ଲା କରାଯାଉ ବୋଲି ଶ୍ରୀ ଭଞ୍ଜଦେଓ କହିଛନ୍ତି । ପାଞ୍ଚପୀଢ଼, ବାମନଘାଟି, କପ୍ତିପଦା ଓ ସଦର ସବ୍‌ଡିଭିଜନର ଲୋକସଂଖ୍ୟା ଏବଂ ଆୟତନ ଗୋଟିଏ ଗୋଟିଏ ଜିଲ୍ଲା ହେବା ପାଇଁ ଯଥେଷ୍ଟ ବୋଲି ସେ କହିଛନ୍ତି । ତେବେ ଯେଉଁ ମୟୂରଭଞ୍ଜ ଦିନେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବା ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା, ଆଜି ସେହି ପ୍ରଦେଶର ସରକାର ଲୋକଙ୍କ ଆବେଗକୁ ଭ୍ରୂକ୍ଷେପ ନ କରି ମୟୂରଭଞ୍ଜକୁ ଭାଙ୍ଗିବାକୁ ବସିଛନ୍ତି ବୋଲି ଶ୍ରୀ ଭଞ୍ଜଦେଓ କ୍ଷୋଭ ପ୍ରକାଶ କରି କହିଛନ୍ତି ।

ସ୍ଥାନୀୟ ବାରିପଦା ବେଲଗଡ଼ିଆସ୍ଥିତ ରାଜପ୍ରାସାଦରେ ମୟୂରଭଞ୍ଜ ସିଟିଜେନ୍ ଫୋରମ୍ ଆନୁକୂଲ୍ୟରେ ୧୫୬ତମ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ ପାଳନ ଅବସରରେ ଶ୍ରୀ ଭଞ୍ଜଦେଓ ନିଜର କ୍ଷୋଭ ପ୍ରକାଶ କରିଛନ୍ତି । ଫୋରମ୍‌ର ସଭାପତି ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ଏଥିରେ ପୌରୋହିତ୍ୟ କରିଥିଲେ । ଫୋରମ୍‌ର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ପ୍ରାରମ୍ଭରେ ଜିଲ୍ଲା ବିଭାଜନକୁ ନେଇ ରାଜନୈତିକ ଅଭିସନ୍ଧିକୁ ତୀବ୍ର ବରୋଧ କରିଥିଲେ । ଓଡ଼ିଶାକୁ ମୟୂରଭଞ୍ଜ ରାଜ୍ୟ ଯାହା ଦେଇଛି ତାହା ପ୍ରତିବଦଳରେ କ'ଣ ପାଇଛି ବୋଲି ପ୍ରଶ୍ନ କରିଛନ୍ତି । ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. ଅମ୍ବିକା ପ୍ରସନ୍ନ ଦାସ ଯୋଗଦେଇ କହିଛନ୍ତି ଯେ ମହାରାଜାଙ୍କ ଅବଦାନରେ ଓଡ଼ିଶା ହସିଛି, ଓଡ଼ିଆ ଭାଷା ନୂଆ ପରିଚୟ ଛୁଇଁଛି । କିନ୍ତୁ ପ୍ରତିବଦଳରେ ମୟୂରଭଞ୍ଜ ବହୁ ଜିନିଷ ପାଇବାକୁ ରହିଥିବାବେଳେ ସେପରି କିଛି ହୋଇନି । ମୟୂରଭଞ୍ଜରେ ୪ ପିଢ଼ିର ଭଞ୍ଜ ଶାସନ ପ୍ରଣାଳୀକୁ ସମଗ୍ର ଦେଶରେ ବିରଳ ବୋଲି ସେ ବର୍ଣ୍ଣନା କରିବା ସାଙ୍ଗକୁ ତାହା ତତ୍କାଳୀନ ବ୍ରିଟିଶ ରାଜ୍ୟକୁ ମଧ୍ୟ ଚକିତ କରି ଆସିଥିଲା ବୋଲି ପ୍ରଫେସର ଦାସ କହିଛନ୍ତି । ସ୍ୱର୍ଗତ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ବ୍ୟକ୍ତିତ୍ୱ ସେତେବେଳେ ସମସ୍ତଙ୍କ ପାଇଁ ଉଦାହରଣ ସାଜିଥିଲା ବୋଲି ସେ ତଥ୍ୟଭିତ୍ତିକ ମତବ୍ୟକ୍ତ କରିଥିଲେ । ଏଥିରେ ଡ. ବିଜୟ କୁମାର ଅଗ୍ରୱାଲା, ରଞ୍ଜନ ବାନାର୍ଜୀ, ସନ୍ଦୀପ ଚାନ୍ଦ, ଜେଡ଼ମୁନି କୁମାର ମହାନ୍ତ, ଭାଗବତ ପଣ୍ଡା ଓ ବିଭୁ ପ୍ରସାଦ ଦାସ ପ୍ରମୁଖ ମଧ୍ୟ ବକ୍ତବ୍ୟ ରଖିଥିଲେ । ଶେଷରେ ଫୋରମ୍‌ର ବାର୍ଷିକ ଉତ୍ସବ ଆସନ୍ତା ନବବର୍ଷ ପହିଲାରେ ୭୭ତମ ମୟୂରଭଞ୍ଜ ମିଶ୍ରଣ ଦିବସ ଅବସରରେ ପାଳନ କରାଯିବ ଓ ଦୁଇ ପ୍ରମୁଖ ପ୍ରତିଭାଙ୍କୁ ମୟୂରଭଞ୍ଜ ସିଟିଜେନ୍ ଆୱାର୍ଡ ପ୍ରଦାନ କରାଯିବ ବୋଲି ଫୋରମ୍‌ର ସମ୍ପାଦକ ବିଭୁଦତ୍ତ ଦାସ ସୂଚନା ଦେଇଥିଲେ । ଫୋରମ୍‌ର ବରିଷ୍ଠ ସଦସ୍ୟ ରାଜକିଶୋର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

## କପ୍ତିପଦା ଉପଖଣ୍ଡସ୍ତରୀୟ ମହୋତ୍ସବ ‘ଧୁମୁସା’ର ଚତୁର୍ଥ ସନ୍ଧ୍ୟା

ଉଦଳା,୧୭।୧୨(ସମିସ): କପ୍ତିପଦା ଉପଖଣ୍ଡସ୍ତରୀୟ ମହୋତ୍ସବ ଧୁମୁସା-୨୦୨୫ ଉଦଳା ଆଦିବାସୀ ସମ୍ବଳ ବିକାଶ କେନ୍ଦ୍ର ମହୋତ୍ସବ ପଡ଼ିଆରେ ଚାଲିଥିବା ଚତୁର୍ଥ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥିବୃନ୍ଦ ଭାସ୍କର ମଢ଼େଇ, ଉଦଳା ବିଧାୟକ ସୁଶାନ୍ତ କୁମାର ବାରିକ, କପ୍ତିପଦ। ଉପଖଣ୍ଡ ଉପଜିଲ୍ଲାପାଳ (ଉଦଳା) ଦୀପକ କୁମାର ଗୋଚ୍ଛାୟତ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଝୁଲଣା ବାରସାଳିଆ, ଗୋପବନ୍ଧୁନଗର ବ୍ଲକ୍ ଅଧ୍ୟକ୍ଷା ରଶ୍ମିତା ଚୌଧୁରୀ, ଉପାଧ୍ୟକ୍ଷା ଉର୍ମିଳା ଲେଙ୍କା, ୧୪ ନଂ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟା ଉର୍ମିଳା ସେଠୀ, ୧୫ ନଂ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ଓମ୍ ପ୍ରକାଶ ମହାନ୍ତି, ତହସିଲ୍‌ଦାର ପୃଥ୍ୱୀରାଜ ପରିଡ଼ା, ଗୋପବନ୍ଧୁନଗର ବ୍ଲକ ବିଡିଓ ଯୋଗଦେଇ କପ୍ତିପଦା ଉପଖଣ୍ଡର ଐତିହ୍ୟ, ପରମ୍ପରା, ଭାଷା, ସାହିତ୍ୟ, ଲୋକକଳା, ସାମାଜିକ ଓ ସାଂସ୍କୃତିକ ଭାବଧାରା ଏବଂ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନାକୁ ପ୍ରତିଫଳିତ କରି ପ୍ରଦର୍ଶନୀ, ସାଧାରଣ ସଭା ଓ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ମୁଖ୍ୟ ଆକର୍ଷଣ ଥିଲା ଧାରାବାହିକ "ଭାଗ୍ୟରେଖା'ର ଅଭିନେତ୍ରୀ ସ୍ମୃତିରେଖା ଓ "ମାୟା ମମତା'ର ପଲ୍ଲବୀ ତଥା ଜ୍ଞାନ(ନାଲିଆମ୍ବ)ଙ୍କ କାର୍ଯ୍ୟକ୍ରମ । ବିଶେଷ ଆକର୍ଷଣରେ ଥିଲା ସାଇ ଇଭେଣ୍ଟ ଏବଂ ମେଲୋଡି ତଥା ଓଲିଉଡ୍ ପ୍ରଚ୍ଛଦପଟ୍ଟ ଗାୟକ ରାଜେଶ ଦାସ ଓ ଗାୟିକା ଅଞ୍ଜଳି ଦତ୍ତଙ୍କ କାର୍ଯ୍ୟକ୍ରମ ।



ସକାଳ
THE SAKALA

# ସମ୍ପାଦକୀୟ

ଉତ୍ତମ ପୋଷଣ ହିଁ ଶିଶୁର ଜୀବନଧାରଣ ଓ ବିକାଶର ମୂଳଦୁଆ।
-ୟୁନିସେଫ୍

## ସୁନ୍ଦରଗଡ଼ର ମହକ

ସମୟ ଥିଲା ଦେଶର ଚାହିଦା ପୂରଣ ପାଇଁ ଅଧିକ ଅମଳକ୍ଷମ ବିହନ ଓ ରାସାୟନ ସାର ପ୍ରୟୋଗକୁ ପ୍ରାଧାନ୍ୟ ଦିଆଯାଉଥିଲା। ଏହାଫଳରେ ଖାଦ୍ୟଶସ୍ୟ କ୍ଷେତ୍ରରେ ଭାରତ ସ୍ୱାବଲମ୍ବୀ ହେବା ସହ ରପ୍ତାନି କରୁଛି। କିନ୍ତୁ ଦିନକୁ ଦିନ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ପାଉଥିବାରୁ ପାରମ୍ପରିକ ପଦ୍ଧତିରେ ହେଉଥିବା ଜୈବିକ ଚାଷ ପ୍ରତି ଆକର୍ଷଣ ବଢ଼ିଛି। ତେଣୁ ଜୈବିକ ପଦ୍ଧତିରେ ହେଉଥିବା ଚାଷ ସଂପ୍ରତି ଏକ ବିପ୍ଳବର ରୂପ ନେଇଛି। ଆମେ ଏଠାରେ ସୁନ୍ଦରଗଡ଼ ପାରମ୍ପରିକ ପଦ୍ଧତିରେ ଦେଶୀ ଧାନ ଚାଷ କିଭଳି ଆଧୁନିକ ପ୍ରଣାଳୀର ଉତ୍ପାଦିତ ହେଉଥିବା ଅଧିକ ଅମଳକ୍ଷମ ଧାନ ସହ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେଉଛି ତାହା ଉଲ୍ଲେଖ କରିବାକୁ ଉଚିତ୍ ମନେ କରୁଛୁ। ଏକର ପିଛା ଧାନ ଅମଳରେ ପାରମ୍ପରିକ ଚାଷ ପଛରେ ପଡ଼ିଯାଇଥିଲେ ମଧ୍ୟ ତାହାର ବର୍ଦ୍ଧିତ ଚାହିଦା ଓ ବଜାର ଦର ଚାଷୀଙ୍କୁ ବେଶ୍ ଲାଭ ପ୍ରଦାନ କରିଛି। ଫଳରେ ତିନିବର୍ଷ ଧରି ଅଧିକରୁ ଅଧିକ ଜମିରେ ଏପ୍ରକାର ଧାନ ଚାଷ ହେଉଛି ଏବଂ ବଜାରରେ ଖାଉଟିଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। କ୍ରମାଗତ ରାସାୟନିକ ସାର ପ୍ରୟୋଗ ଫଳରେ ଜମିର ଉର୍ବରତା ହ୍ରାସ ପାଉଥିବାରୁ ଚାଷୀଙ୍କ ମଧ୍ୟରେ ପାରମ୍ପରିକ ଚାଷ ପ୍ରତି ଆଗ୍ରହ ମଧ୍ୟ ବଢ଼ିଛି।

ପ୍ରାୟ ଦଶବର୍ଷ ତଳେ ଜିଲ୍ଲାର ବାଲିଶଙ୍କରା ବ୍ଲକରେ ଏହି ପାରମ୍ପରିକ ଚାଷ ପାଇଁ କିଛି ଦେଶୀ ଧାନ ବିହନ ସଂରକ୍ଷଣ ଏଦିଗରେ ସବୁଠାରୁ ବଡ଼ ଯୋଗଦାନ ଥିଲା। ତେବେ ଏହି ଜୈବିକ ଚାଷ ବିଶେଷ ଅଗ୍ରଗତି କରିପାରିନଥିଲା। ଗତ ତିନିବର୍ଷ ମଧ୍ୟରେ ଏହି ପଦ୍ଧତି ସଂପ୍ରସାରିତ ହେବା ସହ ଚାଷୀଙ୍କ ମଧ୍ୟରେ ସ୍ୱତନ୍ତ୍ର ଆଗ୍ରହ ସୃଷ୍ଟି ହୋଇଛି। ୨୦୨୫-୨୬ କୃଷିବର୍ଷରେ ଜିଲ୍ଲାର ୮,୩୦୦ ହେକ୍ଟର ଜମିରେ ପାରମ୍ପରିକ ପଦ୍ଧତିରେ ଦେଶୀଧାନ ଚାଷ ହୋଇଛି। ସବୁଠାରୁ ବଡ଼ କଥା ହେଲା, ଚାଷୀଙ୍କୁ ଲାଭପ୍ରଦ ମୂଲ୍ୟ ମିଳୁଛି ଏବଂ ବଜାରରେ ଚାହିଦା ବଢ଼ିଛି। ସରକାର ଅଧିକ ଅମଳକ୍ଷମ ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ ସଂଗ୍ରହ କରୁଥିବା ବେଳେ ଦେଶୀଧାନ ଅମଳ କରୁଥିବା ଚାଷୀଙ୍କୁ ୪୧୦୦ ଟଙ୍କା ମିଳୁଛି। ଅବଶ୍ୟ ହେକ୍ଟର ପିଛା ଧାନ ଅମଳରେ ପାର୍ଥକ୍ୟ ରହିଛି। ରାସାୟନିକ ସାର ପ୍ରୟୋଗ କରି ଚାଷୀ ଅଧିକ ଅମଳକ୍ଷମ ଧାନ ହେକ୍ଟର ପିଛା ୩୬ କ୍ୱିଣ୍ଟାଲ ଅମଳ କରିପାରୁଛି। ତେବେ ପାରମ୍ପରିକ ଚାଷରେ ଏହା ୨୪ ରୁ ୨୮ କ୍ୱିଣ୍ଟାଲ ମଧ୍ୟରେ ସୀମିତ ରହିଛି। ସେହିପରି ଟାଙ୍ଗରପାଲି ଓ ଲେଫ୍ରିଗଡ଼ରେ ୨୪ ରୁ ୨୫ କ୍ୱିଣ୍ଟାଲ ଧାନ ଉତ୍ପାଦିତ ହେଉଛି। ସବୁଠାରୁ ଉଲ୍ଲେଖଯୋଗ୍ୟ ହେଲା, ୮,୩୦୦ ହେକ୍ଟର ମଧ୍ୟରୁ ୭୦ ପ୍ରତିଶତ ଜମିରେ ଅଣ ବାସୁମତି ପାରମ୍ପରିକ ଧାନ ଚାଷ ହେଉଥିବା ବେଳେ ଅବଶିଷ୍ଟ ଜମିରେ ଦେଶୀ ଧାନ ଅମଳ ହେଉଛି, ଯାହାର ଚାହିଦା ସବୁଠାରୁ ଅଧିକ। ରପ୍ତାନି ସୁଯୋଗ ଦୃଷ୍ଟିରୁ ଚାଷୀ ଏ ବାବଦରେ ଅଧିକ ଉପାର୍ଜନ କରିବାକୁ ସମର୍ଥ ହୋଇଛି। ଅଣବାସୁମତି ଦେଶୀ ସୁବାସିତ ଚାଉଳ ମଧ୍ୟରେ ଗୀତାଞ୍ଜଳି, କେତକୀ ଗୋହା, ବାଦଶାହ ଓ ସୁଗନ୍ଧା ଅନ୍ୟତମ। ଆମର ନିତିଦିନିଆ ଚାଉଳ ମଧ୍ୟରେ 'କଳାଚମ୍ପା' ପ୍ରତି ସାଧାରଣ ଗ୍ରାହକଙ୍କ ଚାହିଦା ସବୁଠାରୁ ଅଧିକ।

ପାରମ୍ପରିକ ଧାନ ଚାଷ ପ୍ରତି ଚାଷୀଙ୍କୁ ଆକର୍ଷିତ କରିବା ସକାଶେ ହେକ୍ଟର ପିଛା ୫ ହଜାର ଟଙ୍କା ସହାୟତା, ୪୫ କେଜି ଦେଶୀ ଧାନ ବିହନ ଓ ଜୈବିକ ସାର ସହ ଓ ପିଡ଼ିଆ ବାବଦରେ ୭୦୦୦ ଟଙ୍କା ଦିଆଯାଉଥିଲା। ଏହି ସହାୟତା ରାଶି ହ୍ରାସ କରାଯାଇଥିଲେ ମଧ୍ୟ ଅଧିକରୁ ଅଧିକ ଜମିରେ ପାରମ୍ପରିକ ଦେଶୀ ଧାନ ଚାଷ ହେଉଥିବାରୁ ଏହି ବିହନ କୃଷି ବିପ୍ଳବ ଆଗକୁ ରାଜ୍ୟର ଅନ୍ୟ ଅଞ୍ଚଳକୁ ସଂପ୍ରସାରିତ ହେବ ବୋଲି ଆଶ କରୁ।

## ଆତଙ୍କବାଦ – ମାନବବାଦ

ଅଷ୍ଟ୍ରେଲିଆର ସିଡନୀ ବଣ୍ଡିବିଚ୍‌ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ କେନ୍ଦ୍ର କରି ପରସ୍ପର ବିରୋଧୀ ବିବାଦୀୟ ମନ୍ତବ୍ୟ ଆସିଥିବାରୁ ଏହାର ଉଦ୍ଦେଶ୍ୟ ଏବେ ମଧ୍ୟ ସ୍ପଷ୍ଟ ହୋଇନାହିଁ। ରବିବାର ଘଟିଥିବା ନାରକୀୟ ହିଂସାକାଣ୍ଡରେ ସଂପୃକ୍ତ ଗୋଟିଏ ଧର୍ମର ଦୁଇଟି ସ୍ୱରୂପ ଏପ୍ରକାର ମତାନ୍ତର ପାଇଁ ଖୋରାକ ଯୋଗାଇଛି। ହାନୁଖା ଉତ୍ସବରେ ଯୋଗଦେଇଥିବା ଇହୁଦୀଙ୍କ ଉପରେ ଆକ୍ରମଣ ହୋଇଥିବାରୁ ଇସ୍ରାଇଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ଇସଲାମ ବିରୋଧୀ ଆଭିମୁଖ୍ୟକୁ ବଳ ଯୋଗାଇଛି। ଏପରିକି ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନୀ ଆଲ୍‌ବାନ୍‌ସି ଗାଜାରେ ଚାଲିଥିବା ନରସଂହାର ବିରୋଧରେ କଠୋର ପ୍ରତିକ୍ରିୟା ଏବଂ ସ୍ୱତନ୍ତ୍ର ପାଲେଷ୍ଟାଇନ ରାଷ୍ଟ୍ର ଗଠନ ସପକ୍ଷରେ ଦେଇଥିବା ମନ୍ତବ୍ୟକୁ ମଧ୍ୟ ସେ କଡ଼ା ସମାଲୋଚନା କରିଛନ୍ତି। ସମଗ୍ର ବିଶ୍ୱ ନେତୃବର୍ଗ ନେତାନ୍ୟାହୁଙ୍କ କାର୍ଯ୍ୟଶୈଳୀକୁ ତୀବ୍ର ବିରୋଧ କରୁଥିବା ବେଳେ ସିଡନୀ ଘଟଣାକ୍ରମକୁ ଆଳ କରି ସେ ଇସଲାମ ବିରୋଧୀ କାର୍ଯ୍ୟକଳାପ ସପକ୍ଷରେ ଜନମତ ସୃଷ୍ଟି ପାଇଁ ଆଗେଇ ଆସିଛନ୍ତି। କୂଟନୈତିକ ଚାପର ବଶବର୍ତ୍ତୀ ହୋଇ ସେ ଶାନ୍ତି ରାଜାନାମାକୁ ଗ୍ରହଣ କରିଥିଲେ ମଧ୍ୟ ନାନା ଆଳ ଦେଖାଇ ଛୋଟବଡ଼ ସାମରିକ କାର୍ଯ୍ୟାନୁଷ୍ଠାନ ଜାରି ରଖିଛନ୍ତି। ଦୁଇ ଆକ୍ରମଣକାରୀ ପିତା-ପୁତ୍ର, ସାଜିଦ ଓ ନବିନ ଆକ୍ରାମ୍ ଆଇଏସ କର୍ମୀ କୁହାଯାଇଥିବା ବେଳେ ସେମାନେ ଯେ ଆଇଡିଏଫ କର୍ମୀ ନୁହନ୍ତି ଏକଥା କିଏ କହିବ? ନିଜ ସପକ୍ଷରେ ଜନମତ ସୃଷ୍ଟି ସକାଶେ ନେତାନ୍ୟାହୁଙ୍କ କୁଟିଳ ନୀତିର ଏହା ଅଂଶବିଶେଷ ହୋଇପାରେ।

ଇହୁଦୀଙ୍କ ପରମଶତ୍ରୁ ମୁସଲ୍‌ମାନମାନଙ୍କ ଜେହଦୀ ସଂଗଠନ ପକ୍ଷରୁ ଏହି ଆକ୍ରମଣ ହୋଇଥାଇପାରେ। କିନ୍ତୁ ସେମାନଙ୍କ ମଧ୍ୟରେ ମାନବବାଦୀ ଚିନ୍ତନ ଯେ ବଞ୍ଚିରହିଛି ତାହାର ପ୍ରମାଣ ହୋଇଛନ୍ତି ମହମ୍ମଦ-ଅଲ୍ଲୀ-ମହମ୍ମଦ। ଜୀବନକୁ ବିପନ୍ନ କରି ନିରସ୍ତ୍ର ମହମ୍ମଦ ଇହୁଦୀଙ୍କ ପ୍ରାଣରକ୍ଷା ପାଇଁ ବନ୍ଧୁକଧାରୀଙ୍କୁ କାବୁ କରିଛନ୍ତି। ଏଭଳି ଦୁଃସାହସିକ କାର୍ଯ୍ୟରୁ ନିବୃତ୍ତ ରହିବାକୁ ପ୍ରବର୍ତ୍ତାଇଥିବା ଭାଇଙ୍କୁ ସେ କହିଥିଲେ ଯଦି ତାଙ୍କର କିଛି ହୋଇଯାଏ ତେବେ ପରିବାରର ସଦସ୍ୟଙ୍କୁ କହିବ ତାଙ୍କ କାନ୍ଧରେ ଗୁଳି ବାଜିଥିବାରୁ ସେ ଏବେ ଚିକିତ୍ସିତ ହେଉଛନ୍ତି। ତାଙ୍କର ଏହି ସାହସିକ ପଦକ୍ଷେପ ଯୋଗୁଁ ଶତାଧିକ ଇହୁଦୀ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି। ସିଡନୀ ଆତଙ୍କବାଦୀ ଆକ୍ରମଣରେ ୧୬ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୪୦ ଜଣ ଆହତ ହୋଇଛନ୍ତି। ପୁଲିସର ପାଲଟା କାର୍ଯ୍ୟାନୁଷ୍ଠାନରେ ସାଜିଦର ମୃତ୍ୟୁଘଟିଛି ଓ ପୁତ୍ର ନବିଦ୍ ଗୁରୁତର ଆହତ ହୋଇଛି। ସେମାନଙ୍କ ଘରୁ ଆଇଏମ ପତାକା ଓ ବିସ୍ଫୋରକ ସାମଗ୍ରୀ ମିଳିଥିବା କୁହାଯାଉଛି। ପୂର୍ବରୁ ନବିଦଙ୍କ କାର୍ଯ୍ୟକଳାପ ମଧ୍ୟ ସନ୍ଦେହ ପରିସରକୁ ଆସିଥିଲା। ଏମାନେ ପାକିସ୍ତାନ ବଂଶୋଦ୍ଭବ ଓ ୧୯୯୮ ରୁ ଛାତ୍ର ଭିସାରେ ଅଷ୍ଟ୍ରେଲିଆ ଆସି ସାଜିଦ ସହିତ ପାରିବାରିକ ସମ୍ବନ୍ଧରେ ବାନ୍ଧି ହୋଇ ରହିଯାଇଛନ୍ତି। ଅନ୍ୟ ପକ୍ଷରେ ଜୀବନ ରକ୍ଷାକାରୀ ଅହମ୍ମଦ ସିରିୟା ବାସିନ୍ଦା। ବ୍ୟକ୍ତି ଓ ବ୍ୟକ୍ତି ଚରିତ୍ର କେବଳ ରାଷ୍ଟ୍ର ପରିଚୟରୁ ଚିହ୍ନଟ ହୁଏନି, ହୁଏ ତାଙ୍କ କାର୍ଯ୍ୟକଳାପରୁ, ତାହା ପ୍ରମାଣିତ ହୋଇଛି।

## ଖାଦ୍ୟ ଅପଚୟ: ସମସ୍ୟା ଓ ସମାଧାନ

ବିଦ୍ୟାଧର ମହାରଣା

ଏବେ ସବୁଆଡ଼େ ବାହାଘର ପରିବେଶ। ସବୁଠି କ୍ୟାଟରିଂ ଚର୍ଚ୍ଚା। କିଏ କେତେ ପ୍ରକାରର ମେନ୍ୟୁ କରିଛି ତାହାର ଏକ ତାଲିକା ଅତିଥିମାନଙ୍କୁ ଧରାଇ ଦିଆଯାଉଛି। ଷ୍ଟାର୍ଟର, ସାଲାଡ, ମେନ ମେନ୍ୟୁ, ଡେଜର୍ଟ, ମିଠା ଇତ୍ୟାଦି ବହୁ ଆଇଟମ ବନ୍ଦୋବସ୍ତ କରାଯାଉଛି। ଗୁପଚୁପ, ଚାଟ, ମିଠା ମକା ଛଣା, ଅଣ୍ଡା ଚପ୍, କଟଲେଟ, ଚିଙ୍ଗୁଡ଼ି ଚପ୍, ଚିକେନ ପକୋଡ଼ା, ପନିର ଟିକା, ମସରୁମ ଟିକା, ସ୍ପ୍ରିଙ୍ଗ ରୋଲ, ବରା ଆଳୁଦମ, ସୁପ ଇତ୍ୟାଦି ଷ୍ଟାର୍ଟର ସହିତ କୋଲ୍ଡ ଡ୍ରିଙ୍କ୍ସ ପରେ ମେନ ମେନ୍ୟୁ। ଏହାପରେ ମିଠା। ଅତିଥି ମାନେ ଖାଇବାରେ ହେଳା କାହିଁକି କରିବେ? ଉପହାର ତ ଦିଆଯାଇଛି, ଖାଇବାନି କିଆଁ? କିନ୍ତୁ ଭୋଜି ଶେଷରେ କେତେ ଖାଦ୍ୟ ଅପଚୟ ହେଉଛି ତା'ର ହିସାବ କିଏ ରଖୁଛି? ଏହାର ସ୍ୱାସ୍ଥ୍ୟଗତ ଦିଗ ମଧ୍ୟ କେତେକ ଭାବୁ ନାହାନ୍ତି। ଜଣେ ବୟସ୍କ ଦିନକୁ ୨୦-୩୦ ଗ୍ରାମ ତେଲ (୪-୬ ଚାମଚ) ଖାଇବା କଥା। କିନ୍ତୁ ତାହା ଭୋଜିରେ ୬୦-୧୦୦ ଗ୍ରାମ ହୋଇଯାଏ। ସ୍ୱନାମଧନ୍ୟ ଡାକ୍ତର ଅଶୋକ ଚନ୍ଦ୍ର ମହାପାତ୍ର କହନ୍ତି ବୟସ୍କ ଲୋକ ଗୋଟିଏ/ଦୁଇଟି ତରକାରୀ ଖାଇବା କଥା। ଅଧିକା ଖାଇଲେ ଲୁଣ ଓ ତେଲ ଅଧିକ ହୋଇ ଶରୀର ପାଇଁ କ୍ଷତିକାରକ। କିନ୍ତୁ ସେଥିପାଇଁ କାହାର ନିଘା ନାହିଁ।

ଭାରତରେ ଏପରି ସାମାଜିକ ଉତ୍ସବରେ ପ୍ରାୟ ୧୦-୨୦% ଓ ସ୍ଥଳବିଶେଷରେ ୩୦-୪୦% ଖାଦ୍ୟ ଅପଚୟ ହୁଏ, ଯାହାର ମୂଲ୍ୟ ବାର୍ଷିକ ୯୨୦୦୦ କୋଟି ଟଙ୍କା। ଅହମ୍ମଦାବାଦ ଏ କ୍ଷେତ୍ରରେ ଅପବାଦର ଶୀର୍ଷରେ ରହିଛି। ସେଠାରେ ସାଧାରଣ ବାହାଘର ଭୋଜିରେ ୧୫-୨୫% ଖାଦ୍ୟ ଅପଚୟ ହୁଏ, ଯାହା କେତେଶହ କିଲୋଗ୍ରାମ ଖାଦ୍ୟ ସହିତ ସମାନ। କେତେ ଖାଦ୍ୟ ନଷ୍ଟ ହେଉଛି ଓ କାହିଁକି ହେଉଛି ସେ ବିଷୟରେ କ୍ୱଚିତ ଆଲୋଚନା ହେଉଛି। ଭାରତରେ ବର୍ଷକୁ ପ୍ରାୟ ୧୦ ନିୟୁତ ବିବାହ ଉତ୍ସବ ଅନୁଷ୍ଠିତ ହୁଏ। ଏଥିରେ ଅଧିକାଂଶ କ୍ଷେତ୍ରରେ ଆବଶ୍ୟକତା ଅପେକ୍ଷା ଅଧିକ ଖାଦ୍ୟ ପ୍ରସ୍ତୁତ ହୁଏ ଏବଂ ବଫେ ବ୍ୟବସ୍ଥାରେ ଖାଦ୍ୟ ପରିବେଷଣ କରାଯାଏ। ଅଟକଳ ଅନୁସାରେ ବିବାହ ଭୋଜିଗୁଡ଼ିକରେ ପ୍ରାୟ ହାରାହାରି ୩୦% ଖାଦ୍ୟ ଅପଚୟ ହୋଇଥାଏ। ବହୁ ଲୋକ ଲୋଭରେ ହେଉ ବା ଇଚ୍ଛା ବିରୁଦ୍ଧରେ ଅଧିକ ଖାଇବା ପାଇଁ ବିଭିନ୍ନ ଆଇଟମ ପ୍ଲେଟ୍‌ରେ ଆଣନ୍ତି। କିନ୍ତୁ ଖାଇନପାରି ୱେଷ୍ଟବିନ୍‌ରେ ଫୋପାଡ଼ି ଦିଅନ୍ତି। ଏଥିରେ ବହୁ ଅର୍ଥ ଅପଚୟ ସହିତ ପରିବେଶୀୟ ସମସ୍ୟା ସୃଷ୍ଟି ହୁଏ।

ଏପରି ଖାଦ୍ୟ ଅପଚୟ ହେବାର ମୁଖ୍ୟକାରଣଗୁଡ଼ିକ ହେଲା ସାଂସ୍କୃତିକ ଚାପ, ଅତ୍ୟଧିକ ପ୍ରସ୍ତୁତି, ବଫେ ସିଷ୍ଟମ, ରୋଷେଇରେ ଅସୁବିଧା ଓ ଜନଗହଳି। ଗ୍ରାମାଞ୍ଚଳ ଭୋଜିରେ ବଳକା ଖାଦ୍ୟକୁ ସାଇ ପଡ଼ିଶା ମଧ୍ୟରେ ବାଣ୍ଟି ଦିଆଯାଏ। ଗରିବ ଲୋକ ଉପକୃତ ହୁଅନ୍ତି। କିନ୍ତୁ ସହରରେ ବଳକା ଖାଦ୍ୟ ବୁଲା କୁକୁର ଓ ଗାଈ ଖାଆନ୍ତି। ଆଜିକାଲି ଯୌତୁକ ଯେମିତି ବାହାଘର ଭୋଜି ସେମିତି। ଯୌତୁକ ପରି ବିବାହ ଖର୍ଚ୍ଚ ମଧ୍ୟ ଏବେ ବହୁଗୁଣ ବଢ଼ିଗଲାଣି। ଧୂମ୍‌ଧାମରେ ବାହାଘର ଭୋଜି ନ ହେଲେ ବରଯାତ୍ରୀ ଓ ନିମନ୍ତ୍ରିତ ଅତିଥି ଅସୁଖୀ। ତେଣୁ ଦାମିକା କ୍ୟାଟରିଂ ଦେବାକୁ ବାଧ୍ୟ। ଭୋଜିରେ ଯେତିକି ଲୋକଙ୍କୁ ନିମନ୍ତ୍ରଣ କରାଯାଏ, ଏହାଠାରୁ କାଳେ ଅଧିକ ଆସିଯିବେ ଏବଂ ନିଅଣ୍ଟ ହେବ - ଏହି ଭୟରେ ଅଧିକ ରୋଷେଇ ହୁଏ। ମେନମେନ୍ୟୁକୁ ଆସିବା ପୂର୍ବରୁ ଷ୍ଟାର୍ଟର ଖାଇ ପେଟ ପୂରିଯାଏ। ପୁଣି ଡେଜର୍ଟ, ମିଠା ଓ ଆଇସ୍‌କ୍ରିମ ଅଛି। ଏଣୁ ମେନ ମେନ୍ୟୁ ଯାହା ପ୍ଲେଟ୍ ରେ ଅଣାଯାଏ ତାହାର ଅଧା ବଳିଯାଏ। ଆଉ କେତେକ କ୍ଷେତ୍ରରେ ମାଂସ ସିଝି ନଥାଏ, ବ୍ୟଞ୍ଜନ ଅଧିକ ରାଗ ହୋଇଥାଏ। ଯାହା ଫଳରେ ଏଗୁଡ଼ିକ ଫୋପଡ଼ା ଯାଏ।

ଏପରି ଖାଦ୍ୟ ଅପଚୟ ହେବା ଦ୍ୱାରା ଶସ୍ୟ ଉତ୍ପାଦନ ପାଇଁ ବ୍ୟୟ ହୋଇଥିବା ବିହନ, ସାର, ପାଣି ଓ ଶ୍ରମ ମଧ୍ୟ ଅପଚୟ ହୁଏ। ଶେଷରେ କୃଷି ଉପରେ ଅଧିକ ଚାପ ପଡ଼େ। ଅପରପକ୍ଷରେ ସବୁଜ ବାଷ୍ପ ନିର୍ଗତ ଯୋଗୁଁ ଏହା ଜଳବାୟୁ ପରିବର୍ତ୍ତନର ଏକ କାରଣ ମଧ୍ୟ ହୁଏ। ଅପଚୟ ହୋଇଥିବା ଖାଦ୍ୟ ଯୋଗୁଁ ୮-୧୦% ସବୁଜ ଗୃହ ବାଷ୍ପ ବାୟୁମଣ୍ଡଳକୁ ନିର୍ଗମନ ହୁଏ। ଏହା ଖାଦ୍ୟ ଯୋଗାଣ ଶୃଙ୍ଖଳାର ଅପାରଗତା ଦର୍ଶାଏ। ବିଶ୍ୱ କ୍ଷୁଧା ସୂଚକାଙ୍କ ଅନୁସାରେ ଭାରତର ସୂଚକାଙ୍କ ୨୫.୮ ଏବଂ ଏହାର ସ୍ଥାନ ୧୨୩ ଦେଶରେ ୧୦୨। ଆମ ଦେଶରେ ୩୫.୫% ଶିଶୁ ଅପପୁଷ୍ଟିର ଶିକାର ଏବଂ ୫୭% ମହିଳା ରକ୍ତହୀନତା ରୋଗରେ ପୀଡ଼ିତ। ଦେଶରେ ୨୦ କୋଟି ଲୋକ ଉପାସରେ ଶୋଇ ଯାଉଛନ୍ତି। ଏପରି ସ୍ଥଳେ ସାମାଜିକ ଉତ୍ସବରେ ଏପରି ଖାଦ୍ୟ ଅପଚୟ କେତେ ଯୁକ୍ତିଯୁକ୍ତ? ଏପରି ଖାଦ୍ୟ ଅପଚୟ ନିରାକରଣ ପାଇଁ ଖାଦ୍ୟ ପ୍ରସ୍ତୁତି ସଂସ୍ଥା, ନୀତି ପ୍ରଣେତା, ପରିଚାରକ ଓ ଅତିଥି ସଚେତନ ହେବା ଆବଶ୍ୟକ। ଖାଦ୍ୟ ଅପଚୟ ହ୍ରାସ ପରିବେଶ ସୁରକ୍ଷା ସହିତ ଦେଶରେ କ୍ଷୁଧା ନିବାରଣ ପାଇଁ ସହାୟକ ହୋଇପାରେ। ମୂଳ କଥା ହେଉଛି ଭୋଜିରେ ଅତିଥି ସଂଖ୍ୟା ଓ ଖାଦ୍ୟ ପ୍ରକାର ସଂଖ୍ୟା ସୀମିତ କଲେ ଅସୁବିଧା କ'ଣ?

ଏପରି ଏକ ଗମ୍ଭୀର ସମସ୍ୟାର ସମାଧାନ ପାଇଁ ସମସ୍ତେ ଆଗେଇ ଆସିବା ଆବଶ୍ୟକ। ପ୍ରଥମେ କୌଣସି ଭୋଜି ପାଇଁ ନିମନ୍ତ୍ରିତ ଅତିଥି ଅଟକଳ ସଠିକ ହେବା ଜରୁରୀ। କେତେଜଣଙ୍କୁ କାର୍ଡ ବଣ୍ଟା ଯାଇଛି, ବିବାହ ମଣ୍ଡପ ଦୂରତ୍ୱ, ନିଜ ଅଞ୍ଚଳରେ ହେଉଥିବା ବିବାହ ସଂଖ୍ୟା ଅନୁସାରେ ଆଶା କରାଯାଉଥିବା ଅତିଥି ସଂଖ୍ୟା ଅଭିଜ୍ଞ ବ୍ୟକ୍ତି ଆକଳନ କରି ପାରିବେ। ସେହି ଅନୁସାରେ ରୋଷେଇ କରିବା ସହିତ ଆବଶ୍ୟକ ହେଲେ ତୁରନ୍ତ କିଛି ରୋଷେଇ କରିବାକୁ ପ୍ରସ୍ତୁତ ରହିବା ଆବଶ୍ୟକ। ସୁତରାଂ ଅତିଥିମାନଙ୍କ ଆଗମନକୁ ପର୍ଯ୍ୟବେକ୍ଷଣ କରିବାକୁ ସ୍ୱତନ୍ତ୍ର ବନ୍ଦୋବସ୍ତ କରାଯିବା ଆବଶ୍ୟକ। ଅଭିଜ୍ଞ କ୍ୟାଟରର ନିଯୁକ୍ତ କରିବା ଆବଶ୍ୟକ, ଯିଏ ବଳକାଖାଦ୍ୟକୁ କୌଣସି ବେସରକାରୀ ସଂଗଠନ କିମ୍ବା ଜରାଶ୍ରମକୁ ଦେଇପାରିବେ। ବିବାହ ବ୍ରତ ସମୟରେ ବଳକା ଖାଦ୍ୟକୁ ଖାଦ୍ୟ ବ୍ୟାଙ୍କ କିମ୍ବା ଆହାର କେନ୍ଦ୍ରରେ ମହଜୁଦ୍ କରି ରଖିଲେ ଗରିବ ଲୋକେ ଉପକୃତ ହେବେ।

ସରକାରୀ ସ୍ତରରେ ମଧ୍ୟ ଖାଦ୍ୟ ଅପଚୟ ନିୟନ୍ତ୍ରଣ କରିବା ପାଇଁ ଦୃଢ଼ ଆଇନ୍ ପ୍ରଚଳନ କରିବା ଆବଶ୍ୟକ। ନିକଟରେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀଙ୍କ ବାହାଘର ଉତ୍ସବରେ ମାତ୍ର ୬୦ ଜଣ ଅତିଥି ଥିଲେ। ଆମ ଦେଶର ବିତ୍ତ ମନ୍ତ୍ରୀ ନିର୍ମଳା ସୀତାରମଣ ନିଜ କନ୍ୟାର ବିବାହ ନିଜ ଘରେ ସମ୍ପନ୍ନ କରିଥିଲେ ଏବଂ ଏଥିରେ କୌଣସି ରାଜନୈତିକ ବ୍ୟକ୍ତି ଯୋଗ ଦେଇନଥିଲେ। ସ୍ୱର୍ଗତ ବିଜୁ ପଟ୍ଟନାୟକ ବାହାଘର ବରଯାତ୍ରୀ ସଂଖ୍ୟା ୨୫ରେ ସୀମିତ କରିବାକୁ ଆଦେଶ ଦେଇଥିଲେ। କିଛିଦିନ ପରେ ଏହାକୁ କେହି ମାନିଲେନି। ଓଡ଼ିଶା ସରକାର ୧୯୭୩ ମସିହାରେ 'ଓଡ଼ିଶା ଫୁଡ୍ ରେଜିଷ୍ଟ୍ରେସନ୍ ଅନ ସର୍ଭିସ୍ ଅଫ ମିଲସ ବାଇ କ୍ୟାଟରିଂ ଏଷ୍ଟାବ୍ଲିସମେଣ୍ଟ ଅର୍ଡର' ଗେଜେଟ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏହା ଅତ୍ୟାବଶ୍ୟକ ସାମଗ୍ରୀ ଆଇନ୍ ୧୯୫୫ ଅନୁସାରେ ହୋଇଥିଲା। ତେବେ ଏହି ସରକାରୀ ନିର୍ଦ୍ଦେଶ ବିଶେଷ ଫଳପ୍ରଦ ହେଲାନାହିଁ। ଭାରତ ସରକାର ୨୦୦୬ ମସିହାରେ 'ଫୁଡ୍ ସେଫଟି ଆଣ୍ଡ ଷ୍ଟାଣ୍ଡାର୍ଡ ଆଇନ୍'(ଏଫ୍‌ଏସ୍‌ଏସ୍‌ଏଆଇ) ପ୍ରଣୟନ କଲେ। ତଥାପି ତାହା ପ୍ରଭାବଶାଳୀ ହୋଇପାରୁନାହିଁ।

ବିଦେଶରେ ଖାଦ୍ୟ ଅପଚୟ ନିରାକରଣ ପାଇଁ କେତେକ ବ୍ୟବସ୍ଥା ଥିଲେ ମଧ୍ୟ ଭାରତରେ ଏଥିପାଇଁ କୌଣସି ଦୃଢ଼ କଟକଣା ନଥିବାରୁ ଏଭଳି ଖାଦ୍ୟ ଅପଚୟ ହେଉଛି। ଯଦିଓ ଦେଶରେ ଖାଦ୍ୟ ଅପଚୟ ନିରାକରଣ ପାଇଁ କୌଣସି ବଳିଷ୍ଠ ଆଇନ୍ ନାହିଁ, ତଥାପି କେତେକ ସହାୟକ ନିୟମର ସାହାଯ୍ୟ ନିଆଯାଇ ପାରିବ। କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ୨୦୧୬ ଅନୁଯାୟୀ ଅବଶିଷ୍ଟ ଖାଦ୍ୟ କମ୍ପୋଷ୍ଟ କରିବାକୁ ହେବ। ଜାତୀୟ ଖାଦ୍ୟ ନିରାପତ୍ତା ଆଇନ୍ ୨୦୧୩ ଅନୁସାରେ ସରକାର ଖାଦ୍ୟ ନିରାପତ୍ତା ପାଇଁ ଖାଦ୍ୟ ଅପଚୟ ହ୍ରାସ କରିପାରିବେ। ଏଫ୍‌ଏସ୍‌ଏସ୍‌ଏଆଇ ଆଇନ୍ ଦ୍ୱାରା ନିରାପଦ ଖାଦ୍ୟ ବଣ୍ଟନ ବ୍ୟବସ୍ଥା କରାଯାଇ ପାରିବ। ସଂସଦରେ ତିନିଟି ଘରୋଇ ବିଲ୍ ଖାଦ୍ୟ ଅପଚୟ ହ୍ରାସ ପାଇଁ ୨୦୨୦/୨୨ରେ ଆଗତ କରାଯାଇଥିଲେ ମଧ୍ୟ ଏଗୁଡ଼ିକ ପାରିତ ହୋଇନାହିଁ। ସରକାର ଏହା ଉପରେ ଗଭୀର ଭାବରେ ଚିନ୍ତା କରିବାର ଆବଶ୍ୟକତା ଅନୁଭୂତ ହୁଏ। ଆମ ରାଜ୍ୟରେ ଖାଦ୍ୟ ସୁରକ୍ଷା ଆୟୋଗ ତାଙ୍କର ରିପୋର୍ଟ ଦାଖଲ କରିଥିଲେ ମଧ୍ୟ ସରକାରୀସ୍ତରରେ ଏହା ଉପରେ କୌଣସି ପଦକ୍ଷେପ ନିଆଯାଇନାହିଁ। ବର୍ତ୍ତମାନ ଏହା ଉପରେ ବିଚାର କରିବା ପ୍ରାସଙ୍ଗିକ ମନେହୁଏ।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

## ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା

ଧନିରାମ ସୋରେନ

ଶିକ୍ଷା ଏପରି ଏକ ଅସ୍ତ୍ର, ଯାହା ସମାଜକୁ ପରିବର୍ତ୍ତନ କରିପାରେ। କିନ୍ତୁ ଆଜିକାର ଶିକ୍ଷା ପ୍ରଣାଳୀ ଓ ବ୍ୟବସ୍ଥା ଏପରି ସ୍ଥିତି ଧାରଣ କରିଛି ଯେ, ଯାହା ଅତ୍ୟନ୍ତ ଚିନ୍ତାର ବିଷୟ ପାଲଟିଛି। ଶିକ୍ଷାରେ ନାନା ସମସ୍ୟା ତଥା ଅବ୍ୟବସ୍ଥାକୁ ନେଇ ପ୍ରତିଦିନ ଖବରକାଗଜ ମୁଖର ହୁଏ। କେଉଁଠି ପିଲାମାନେ ରାଜରାସ୍ତାରେ ବା ସ୍କୁଲ ଗେଟ ସମ୍ମୁଖରେ ବସି ଧାରଣା ପ୍ରଦର୍ଶନ କରୁଥିବାର ଦୃଶ୍ୟ ତ କେଉଁଠି ଅଧିକାରୀ ବା ମନ୍ତ୍ରୀଙ୍କୁ ଭେଟିବା ପାଇଁ ସ୍କୁଲ ଗେଟ ଡେଇଁ ଚାଲି ଚାଲି ଯାଉଥିବାର ଦୃଶ୍ୟ ଶିକ୍ଷାର ଚରମ ଅବ୍ୟବସ୍ଥାକୁ ସୂଚାଉଛି।

ଆମ ରାଜ୍ୟର ଶିକ୍ଷା ସମସ୍ୟାକୁ ଅନୁଶୀଳନ କଲେ ଜଣାଯାଏ ଯେ ଶିକ୍ଷକଙ୍କ ଅଭାବ, ଶ୍ରେଣୀ ଗୃହ ତଥା ଭିତ୍ତିଭୂମିର ଅଭାବ ରହିଛି। ଏହାଛଡ଼ା ପ୍ରାରମ୍ଭିକ ସ୍ତରରେ ଓଡ଼ିଆ ଇଂରାଜୀ ପଢ଼ା, ଲେଖା ଶିଖିବା ପାଇଁ ପାଠ୍ୟ ଖସଡ଼ାରେ ଯଥେଷ୍ଟ ଶିକ୍ଷଣ ନ ରହିବା, ଶିକ୍ଷାର ଗୁଣାତ୍ମକ ମାନ ବିଦ୍ୟାଳୟ ପିଲାଙ୍କଠାରେ କେତେ ପ୍ରତିଫଳିତ ହେଉଛି ତାହାର ତର୍ଜମା ନ ହେବା ଯୋଗୁଁ ଶିକ୍ଷାର ସ୍ଥିତି ଦୁର୍ବଳ ହେବାରେ ଲାଗିଛି। ଫଳସ୍ୱରୂପ ପିଲାମାନେ ଉତ୍ତମ ଶିକ୍ଷା ପାଇ ପାରୁନାହାନ୍ତି। ଶିକ୍ଷାର ମାନ ଓ ମହତ୍ତ୍ୱକୁ ଉପଲବ୍ଧି କରି ପାରୁନାହାନ୍ତି। ପରିଣାମ ସ୍ୱରୂପ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ପାଠ ଛାଡୁଥିବା ପିଲାମାନେ ଦାଦନ ମୁହାଁ ହେବା, ବାଲ୍ୟ ବିବାହ କରିବା ଓ ଶିଶୁ ଶ୍ରମିକ ହେବା ଦେଖା ଯାଉଛି।

ଆଜିକା ସମୟରେ ପାଠ ପଢୁଥିବା ପିଲାମାନେ ଆସନ୍ତା କାଲି ଯେ ଅନେକ ସଂଖ୍ୟାରେ ବେକାର ହେବେ ଏହା ଜଳ ଜଳ ଦେଖାଯାଉଛି। ଶିକ୍ଷା ଦୁର୍ବଳ ହୋଇଗଲେ ସମାଜ ବି ଦୁର୍ବଳ ହୋଇଯିବ। ଏ ସବୁ ପରିସ୍ଥିତି ଜଣେ ବାସ୍ତବ ଦେଶଭକ୍ତ ଓ ସମାଜସେବୀ ପାଇଁ ଅତ୍ୟନ୍ତ ବ୍ୟଥା ଓ ନିରାଶର ବିଷୟ। ଏଣୁ ବର୍ତ୍ତମାନ ପରିସ୍ଥିତିରେ ସମୃଦ୍ଧ ଓ ବିକଶିତ ରାଜ୍ୟ ଗଢ଼ି ତୋଳିବା ପାଇଁ ଶିକ୍ଷାକୁ ମଜବୁତ କରିବାକୁ ପଡ଼ିବ। ସମାଜରେ ସିଟି ବା ବିଏଡ ସାରି ବେକାର ହୋଇ ରହିଥିବା ଯୁବକଯୁବତୀଙ୍କୁ ନିଯୁକ୍ତିର ସୁଯୋଗ ଦେଇ ଶିକ୍ଷକ ଅଭାବକୁ ପୂରଣ କରିବାକୁ ପଡ଼ିବ। ରାଜ୍ୟର ଶିକ୍ଷା ସୁଦୃଢ଼ ପାଇଁ ଯଥେଷ୍ଟ ବ୍ୟୟ ଅଟକଳ କରିବାକୁ ହେବ। ଏହାଦ୍ୱାରା ଶ୍ରେଣୀଗୃହ ସହ ବିଦ୍ୟାଳୟର ସମ୍ପୂର୍ଣ୍ଣ ଭିତ୍ତିଭୂମି ବିକାଶ କରାଯାଇପାରିବ।

ଶିକ୍ଷାର ଗୁଣାତ୍ମକ ମାନ ପ୍ରତ୍ୟେକ ସମୟରେ ଶ୍ରେଣୀଗୃହରେ ତର୍ଜମା କରିବା ସହ ଆଧୁନିକ ପ୍ରଯୁକ୍ତି ବିଦ୍ୟା ଶିକ୍ଷାର ପ୍ରଚଳନକୁ ପ୍ରାଧାନ୍ୟ ଦେବାକୁ ହେବ। ପ୍ରତିପିଲା ଯେପରି ବେକାର ନ ହୋଇ ନିଜ ନିଜ ମେଧା ଶକ୍ତି ହିସାବରେ ବିକାଶ କରି ପାରିବେ ତା'ର ବ୍ୟବସ୍ଥା କରିବାକୁ ପଡ଼ିବ। ବିଦ୍ୟାଳୟରେ ପିଲାଙ୍କୁ ଉପଯୁକ୍ତ ଶିକ୍ଷା ମିଳିଲେ ଏବଂ ଏହି ଶିକ୍ଷା ସମାଜରେ ପ୍ରତିଫଳନ ହେଲେ ସମାଜର ତଥା ରାଜ୍ୟର ବିକାଶରେ ସହାୟକ ହେବ। ଏଣୁ ବର୍ତ୍ତମାନ ପରିସ୍ଥିତିରେ ସରକାର ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ପାଇଁ ଶିକ୍ଷାର ସୁଦୃଢ଼ ଓ ସମୃଦ୍ଧକୁ ପ୍ରାଥମିକତା ଦିଅନ୍ତୁ।

ଘଟିଡୁବା(ମୟୂରଭଞ୍ଜ), ମୋ: ୭୯୭୮୩୪୬୯୧୧

## ସୁସ୍ଥ ଭବିଷ୍ୟତ ଓ ପ୍ରାକୃତିକ କୃଷି

ସୁରେଶ ଚନ୍ଦ୍ର ବିଷୋୟୀ

ରାସାୟନିକ ଚାଷ କମ ସମୟରେ ଉତ୍ପାଦନ ବଢ଼ାଇପାରେ। କିନ୍ତୁ ଏହା ଆମ ପରିବେଶ ଓ ମଣିଷ ସ୍ୱାସ୍ଥ୍ୟ ପାଇଁ ଖୁବ୍ କ୍ଷତିକାରକ। ଏହା ମାଟିର ଉର୍ବରତାକୁ ଦୀର୍ଘକାଳ ପାଇଁ ନଷ୍ଟ କରିଦେଇଥାଏ, ଯାହା ଭବିଷ୍ୟତ ପିଢ଼ି ପାଇଁ ଖୁବ୍ ଅନିଷ୍ଟକର। କିନ୍ତୁ ଜୈବିକ ଓ ପ୍ରାକୃତିକ କୃଷି ମାଧ୍ୟମରେ ମାଟିର ଜୀବନ ଶକ୍ତି ଓ ଉର୍ବରତା ବଢ଼ିପାରେ, ଜଳ ସଂରକ୍ଷଣ ସମ୍ଭବ ହୁଏ ଏବଂ ପରିବେଶ ସହିତ ସମନ୍ୱୟ ବଜାୟ ରହେ। ଏହା କିନ୍ତୁ ସତ ଯେ ଯେଉଁ ମାଟିରେ ଦୀର୍ଘ ବର୍ଷ ଧରି ରାସାୟନିକ ସାର ଓ କୀଟନାଶକ ବ୍ୟବହୃତ ହୋଇଥାଏ, ସେଠାରେ ଜୈବିକ କୃଷି ପ୍ରାଥମିକ ସ୍ତରରେ ମାଟିର ଗୁଣ ପୁନଃ ସ୍ଥାପନ ପାଇଁ ଦୁଇ/ତିନି ବର୍ଷର ସମୟ ଆବଶ୍ୟକ କରେ। ଅନେକ କୃଷକ ନିଜ ଅଭିଜ୍ଞତା ଦ୍ୱାରା ଜୈବିକ କୃଷିରେ ସଫଳତା ଅର୍ଜନ କରିଛନ୍ତି।

ସରକାରୀ ଅନୁଦାନ ଏପର୍ଯ୍ୟନ୍ତ ରାସାୟନିକ ଚାଷ ଉପରେ କେନ୍ଦ୍ରିତ ରହିଛି। ତଥାପି ସରକାର ଜୈବିକ ଓ ପ୍ରାକୃତିକ କୃଷିକୁ ଗୁରୁତ୍ୱ ଦେଇ ନୂଆ ପଦକ୍ଷେପ ନେଉଛନ୍ତି। ସେଥିପାଇଁ ଜାତୀୟ ପ୍ରାକୃତିକ କୃଷି ମିଶନ୍ ଭଳି ଯୋଜନା ଆରମ୍ଭ ହୋଇଛି। ଆନ୍ଧ୍ରପ୍ରଦେଶରେ ଗୋଷ୍ଠୀ ଦ୍ୱାରା ପରିଚାଳିତ ପ୍ରାକୃତିକ କୃଷି, ସିକିମର ଜୈବିକ ଚାଷ କାର୍ଯ୍ୟକ୍ରମ ଏବଂ ଦେଶର ବିଭିନ୍ନ ପ୍ରାନ୍ତରେ କାର୍ଯ୍ୟକାରୀ ହେଉଥିବା ଅନ୍ୟାନ୍ୟ ପ୍ରକଳ୍ପ ଯଥା ପରମ୍ପରାଗତ କୃଷି ବିକାଶ ଯୋଜନା ଓ ଭାରତୀୟ ପ୍ରାକୃତିକ କୃଷି ପଦ୍ଧତି ହେଉଛି ଏହାର ଉଦାହରଣ।

ଓଡ଼ିଶାରେ ମଧ୍ୟ ଶ୍ରୀଅନ୍ନ ଅଭିଯାନ କାର୍ଯ୍ୟକ୍ରମ ଚାଲିଛି। ଏହାଦ୍ୱାରା ଅନେକ କୃଷକ ଜୈବିକ ଓ ପ୍ରାକୃତିକ ପ୍ରଣାଳୀରେ କୃଷି କରୁଛନ୍ତି। ଏହି କାର୍ଯ୍ୟକ୍ରମ ଅଧୀନରେ ଅନେକ ସଫଳ ଉଦାହରଣ ଦେଖିବାକୁ ମିଳିଛି। ସେମାନେ ପ୍ରମାଣ କରିଦେଇଛନ୍ତି ଯେ, ଯଦି ଠିକ୍ ଭାବେ ଶିକ୍ଷା ଓ ପ୍ରଶିକ୍ଷଣ ଦିଆଯାଏ ଏବଂ ତାହାକୁ ଆଧାର କରି କୃଷକମାନେ ଚାଷ କରିବେ, ତେବେ ଜୈବିକ ଓ ପ୍ରାକୃତିକ କୃଷି ଦ୍ୱାରା ମଧ୍ୟ ଉତ୍ପାଦନ ବୃଦ୍ଧି ହୋଇପାରିବ। ଏହିଭଳି ଅନେକ ଉଦାହରଣ ରହିଛି। ଯଦି ଦୀର୍ଘମିଆଦୀ ଦୃଷ୍ଟିକୋଣ ରଖି ଏହି ବିଧିକୁ ଉନ୍ନତ କରାଯାଏ, ତେବେ ଏହା କେବଳ ପରିବେଶ ସୁରକ୍ଷା ନୁହେଁ, ବରଂ କୃଷକମାନଙ୍କ ସ୍ୱାବଲମ୍ବନ ଓ ରାଷ୍ଟ୍ରୀୟ ଖାଦ୍ୟ ସୁରକ୍ଷା ପାଇଁ ମଧ୍ୟ ଫଳପ୍ରଦ ହୋଇପାରିବ।

ଯଦି ଜୈବିକ ଓ ପ୍ରାକୃତିକ କୃଷିକୁ ଆଗାମୀ ଦିନରେ ନୀତିଗତ ସମର୍ଥନ ଦିଆଯାଏ, ତେବେ ତାହା ହିଁ ଲୋକଙ୍କ ଦ୍ୱାରା ଆଦୃତ ହେବ। ଏହା କୃଷକଙ୍କ ଅର୍ଥନୈତିକ ସ୍ୱାବଲମ୍ବନ, ପରିବେଶ ସୁରକ୍ଷା ଓ ଜନସ୍ୱାସ୍ଥ୍ୟ ପାଇଁ ଏକ ଦୀର୍ଘମିଆଦୀ ଏବଂ ସୁସ୍ଥ ବିକଳ୍ପ ଭାବରେ ପ୍ରମାଣିତ ହେବ। ଜଣେ କୃଷକ, ଜଣେ ଉପଭୋକ୍ତା ଓ ଜଣେ ଉତ୍ତମ ନାଗରିକ ଭାବରେ ଆମ ସମସ୍ତଙ୍କ ଦାୟିତ୍ୱ ଯେ, ଏହି ପରିବର୍ତ୍ତନକୁ ସ୍ୱୀକାର କରି ଏକ ସୁସ୍ଥ ଓ ସ୍ଥାୟୀ ଭବିଷ୍ୟତ ନିମନ୍ତେ ଆମେ ଦେଶ ନିର୍ମାଣରେ ସାହାଯ୍ୟ କରିବା।

ରୋହିବାଙ୍କ(ନୟାଗଡ଼)

## ଶେଷହୀନ ସଂଗ୍ରାମର ସାହିତ୍ୟ ସାଧକ: ହରେକୃଷ୍ଣ ମହତାବ

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ଭାରତର ସ୍ୱାଧୀନତା ପ୍ରାପ୍ତି ପରେ ସଂଗ୍ରାମରେ ପଡ଼ିଯିବ ପୂର୍ଣ୍ଣଚ୍ଛେଦ? ଅନେକଙ୍କ ନିକଟରେ ଏହି ମନୋଭାବ ମହାତ୍ମା ଗାନ୍ଧୀ ଲକ୍ଷ୍ୟ କରିପାରିଥିଲେ। ସେଥିପାଇଁ ସେ ଯଥେଷ୍ଟ ପୂର୍ବରୁ କହିଥିଲେ- ସ୍ୱାଧୀନତା ପ୍ରାପ୍ତି ପରେ ଦେଶ ଗଠନର କାର୍ଯ୍ୟ ପ୍ରକୃତରେ ଆରମ୍ଭ ହେବ। ଆହୁରି ମଧ୍ୟ ସେ ନିଜସ୍ୱ ଆତ୍ମାନୁଭୂତି ବ୍ୟକ୍ତ କଲେ ଯେ - ଗାଁରେ ହିଁ ପ୍ରକଟିତ ଭାରତର ଆତ୍ମା। ଗାନ୍ଧୀ-ଦୂତ ଡକ୍ଟର ହରେକୃଷ୍ଣ ମହତାବଙ୍କ ସାଧନାର ପଥକୁ ଏହି ପ୍ରେରଣାଗର୍ଭିତ ବାଣୀ ସୁନିୟନ୍ତ୍ରିତ ଓ ସମୃଦ୍ଧିଶାଳୀ କରି ରଖିଛି ତାଙ୍କ ଜୀବନର ଅନ୍ତିମ ପାବଚ୍ଛ ପର୍ଯ୍ୟନ୍ତ। ଏହି ସତ୍ୟ ହିଁ ଆବିଷ୍କୃତ ହୋଇଯାଏ ସ୍ୱତଃ ତାଙ୍କ ଜୀନାନୁଶୀଳନ ଓ ସାହିତ୍ୟାନୁଶୀଳନ ଦ୍ୱାରା।

'ପ୍ରଜାତନ୍ତ୍ର ପ୍ରଚାର ସମିତି' ମାଧ୍ୟମରେ ସମଗ୍ର ଓଡ଼ିଶାର ପୁନଃନିର୍ମାଣ ଧାରାକୁ ଅବ୍ୟାହତ ରଖିବା ପାଇଁ ସେ ନେଇ ସାରିଥିଲେ ଦୃଢ଼ ସଂକଳ୍ପ। 'ଝଙ୍କାର', 'ମୀନାବଜାର' ଆଦି ପତ୍ରିକା ପ୍ରକାଶନ, 'ବିଷୁବ ମିଳନ' ଆୟୋଜନ ଦ୍ୱାରା ରାଜ୍ୟର ସାରସ୍ୱତ ପରିମଣ୍ଡଳକୁ ପରିଶୁଦ୍ଧ, ପରିଚ୍ଛନ୍ନ, ପ୍ରେରଣାଦୀପ୍ତ ରଖିବା ପାଇଁ ସେ ସୃଷ୍ଟି କରିଥିଲେ ପାରସ୍ପରିକ ଆତ୍ମୀୟତା-ସମ୍ପ୍ରସାରଣଶୀଳ ଚେତନା। ଏସବୁ ଥିଲା ଅନନ୍ୟ ଓ ଅନ୍ତଃହୀନ ରାଷ୍ଟ୍ର ନିର୍ମାଣର ନିଦର୍ଶନ। ବ୍ୟସ୍ତତା ସତ୍ତ୍ୱେ ସେ ସାହିତ୍ୟ ସର୍ଜନାରୁ ଦୂରେଇ ଯାଇନାହାନ୍ତି। ଲେଖିଛନ୍ତି ଓଡ଼ିଶାର ଗୌରବମୟ ଇତିହାସ। ଆତ୍ମଜୀବନୀ 'ସାଧନାର ପଥେ' ରଚନା କରିଦେଇ ସେଇ ପଥର ଯେ ନଥାଏ ସମାପ୍ତି ଏହି ସଂକେତ ଛାଡ଼ି ଯାଇଛନ୍ତି। ଓଡ଼ିଆ କଥା ସାହିତ୍ୟ ପ୍ରତି ତାଙ୍କ ଅବଦାନ ସର୍ବସ୍ୱୀକୃତ। 'ପ୍ରତିଭା', 'ଅବ୍ୟାପାର', 'ଟାଉଟର' ଆଦି ରାଜନୈତିକ ଉପନ୍ୟାସ ରଚନା କରି ସାହିତ୍ୟ ଜଗତକୁ ବୈଚିତ୍ର୍ୟ ମଣ୍ଡିତ କରିବା ସହିତ ସୁସ୍ଥ ସମାଜ ଗଠନର ବାର୍ତ୍ତା ସେ ପ୍ରଦାନ କରିଛନ୍ତି। ଲେଖିଛନ୍ତି କବିତା, ଗଳ୍ପ, ନାଟକ, ସମାଲୋଚନା ଆଦି ଅନେକ।

ସବୁଠାରୁ ଯେଉଁ ରଚନା ତାଙ୍କର ଆଶାତୀତ ଲୋକପ୍ରିୟତା ଅର୍ଜନ କରିଥିଲା ତାହା ହେଉଛି ପ୍ରଜାତନ୍ତ୍ରରେ 'ଗାଁ ମଜଲିସ' ସ୍ତମ୍ଭରେ ପ୍ରକାଶିତ ତାଙ୍କର ବିପୁଳ ବିଚାର। ଗ୍ରାମାଞ୍ଚଳକୁ ନୂତନ ରୂପରେଖ ପ୍ରଦାନ କରିବା ନିମିତ୍ତ ଲୋକ-ଚେତନା ସୃଷ୍ଟି କରିବାରେ ଏହା ଯେଉଁ ପ୍ରଭାବଶାଳୀ ଭୂମିକା ନେଇଥିଲା, ତାହା ଆଜି କଳ୍ପନା କରିବା ସହଜ ନୁହେଁ। ପ୍ରତିଦିନ ହଜାର ହଜାର ପାଠକ ଅପେକ୍ଷା କରି ରହନ୍ତି ମହତାବଙ୍କ ଲେଖା ପଢ଼ିବା ସକାଶେ। ସେଥିରେ ଲେଖକ ଏପରି ଗଠନମୂଳକ ଚିନ୍ତାଧାରା ପ୍ରକାଶ କରିଥା'ନ୍ତି, ଯାହା ଗାଁ ଠାରୁ ସହର ପର୍ଯ୍ୟନ୍ତ ସର୍ବତ୍ର ହେଉଥିଲା ଚର୍ଚ୍ଚାର ବିଷୟ। ଏହାର ଭାଷା ଏତେ ସରଳ, ବୋଧଗମ୍ୟ, ଚିନ୍ତା ଉଦ୍ରେକକ୍ଷମ ଯେ ସବୁସ୍ତରର ପାଠକଙ୍କୁ ତାହା ମନେ ହେଉଥିଲା ସତେକି ଡକ୍ଟର ମହତାବ ସେମାନଙ୍କ ସହ ଅନ୍ତରଙ୍ଗ ଆଲୋଚନାରେ ନିମଗ୍ନ। ଲେଖାରୁ ଭାସି ଆସୁଥିଲା ଗାଁ ମାଟିର ବାସ୍ନା। ଆଖିରେ ଦେଖି ହେଉଥିଲା ଚାଷ ଜମିରେ ସୁନାର ଫସଲ। ମହାପୁରୁଷମାନଙ୍କ ଜୀବନଧାରାର ପବିତ୍ର ପ୍ରବାହ ଦୃଷ୍ଟିଗୋଚର ହୋଇ ଯାଉଥିଲା। 'ଗାଁ ମଜଲିସ'ର ତୃତୀୟ ଖଣ୍ଡ ସକାଶେ ହିଁ ଲାଭ କରିଥିଲେ ଭାରତୀୟ ସାହିତ୍ୟ ଏକାଡେମୀ ପୁରସ୍କାର। ସମାଜ ସଂଗଠନ ସମ୍ପର୍କରେ ସରଳ ଭାଷାର ବର୍ଣ୍ଣନା ଯେ ହୋଇପାରେ ଉଚ୍ଚକୋଟୀର ସାହିତ୍ୟର ପରିଚାୟକ, ତାହା ପ୍ରମାଣିତ ହୋଇଗଲା ଏହାଦ୍ୱାରା।

ମହତାବ ଉପଲବ୍ଧି କରିଥିଲେ ଗଭୀର ଭାବରେ ଯେ ସଂଗ୍ରାମରେ, ସେବାରେ, ସମର୍ପିତ ଚେତନାରେ ପୂର୍ଣ୍ଣଚ୍ଛେଦ ନଥାଏ। ସେଥିପାଇଁ ସେ ବାସ୍ତବିକ ଅନ୍ତଃହୀନ ସଂଗ୍ରାମର ସାଧକ ଭାବରେ ରହିଥିବେ ନମସ୍ୟ ଚିରକାଳ ପାଇଁ। 'ବିପଦ ଓ ସାହସ' ଶୀର୍ଷକ ଲେଖାଟିରେ ସେ କହୁଛନ୍ତି, 'ଭଗବାନ ମଣିଷକୁ ଯେଉଁ ହାତଗୋଡ଼ ଦେଇଛନ୍ତି, ସେଥିକୁ ହଲାଇ ବଢ଼ି, ଭୂମିକମ୍ପ ଯେତେ ଯାହା ବିପଦ ଅଛି ସବୁକୁ ହସି ଉଡ଼ାଇ ଦେଇପାରେ। ଜାପାନ ରାଜ୍ୟରେ ବାରମ୍ବାର ବଢ଼ି ହୁଏ, ଭୂମିକମ୍ପ ହୁଏ, ସବୁ ଭାଙ୍ଗିଯାଏ - ପୁଣି ଗଢ଼ି ହୁଏ, ଏମିତି ଚାଲିଛି। ସେଥିପାଇଁ ଆମ ଦେଶରେ ଯେତେ ବିପଦ ଆପଦ ଆସୁ, ସବୁକୁ ଠେଲି ପେଲି ଯିବା ପାଇଁ ଲୋକ ସାହସ ବାନ୍ଧିବା ଉଚିତ। ଆମ ପୂର୍ବ ପୁରୁଷ ସେପରି ସାହସ ବାନ୍ଧିଥିଲେ ବୋଲି ତ ଆମେ ଅଛୁଁ। ପୁଣି ସେହିପରି ବା ତା'ଠାରୁ ବଳି ସାହସ ବାନ୍ଧିଲେ ତ ପଛକୁ ଆମ ପୁଅନାତି ମଣିଷ ହୋଇ ରହିବେ। ସାହାଯ୍ୟ ମିଳିଲେ ଭଲ, ମାତ୍ର ସାହାଯ୍ୟକୁ ଅପେକ୍ଷା କରି ରହିବା ଉଚିତ ନୁହେଁ। ନିଜ ସାହସରେ ନିଜେ ଚାଲିବାକୁ ମନ କଲେ ନିଜର ତ ମଙ୍ଗଳ ଅପରନ୍ତୁ ଦେଶର ମଙ୍ଗଳ।' ଏହା ତ ସାତଗୋଟି ବାକ୍ୟରେ ଦୃଷ୍ଟାନ୍ତଟିଏ ମାତ୍ର। ମହତାବଙ୍କ ପ୍ରତିଟି ଲେଖାରେ ଏହିପରି ପୁନରୁତ୍ଥାନର ବାଣୀଶକ୍ତି ସକ୍ରିୟ ଓ ଦୀପ୍ତିମନ୍ତ ରୂପରେ ବିଦ୍ୟମାନ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧-'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨- ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩-'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪- ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫-ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬-ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭- 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୦ ଡିଗ୍ରୀ ତଳେ...

କନ୍ଧମାଳ, ସୁନ୍ଦରଗଡ ଆଦି ୩ ଜିଲ୍ଲାକୁ ଘନ କୁହୁଡି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଥିବା ବେଳେ ରାଜ୍ୟର ପାଞ୍ଚଟି ଜିଲ୍ଲା ଯଥା ସୁନ୍ଦରଗଡ଼, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, ସମ୍ବଲପୁର, ସୋନପୁର ଓ କୋରାପୁଟରେ ମଧ୍ୟମ ଧରଣର କୁହୁଡ଼ି ନେଇ ପାଣିପାଗ କେନ୍ଦ୍ର କହିଛି।

### ଦିଲ୍ଲୀରେ ପ୍ରଦୂଷଣ...

ସୂଚନାଯୋଗ୍ୟ ଯେ ଗ୍ରେଡେଡ ରେସପନ୍ସ ଆକ୍ସନ ପ୍ଲାନ (ଜିଆରଏପି-୩) ତୃତୀୟ ପର୍ଯ୍ୟାୟ ଦିଲ୍ଲୀରେ ୧୬ ଦିନ ପାଇଁ କାର୍ଯ୍ୟକାରୀ ହୋଇଥିଲା। ଏହି ସମୟ ଅବଧିରେ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିଲା ଓ ଏହା ଦିନ ମଜୁରିଆ ତଥା ଶ୍ରମିକମାନଙ୍କ ଜୀବିକାକୁ ପ୍ରଭାବିତ କରିଥିଲା। ଦିଲ୍ଲୀ ସରକାରଙ୍କ ସମସ୍ତ ପଞ୍ଜୀକୃତ ଓ ଯାଞ୍ଚ ହୋଇଥିବା ନିର୍ମାଣ ଶ୍ରମିକଙ୍କ ବ୍ୟାଙ୍କ ଖାତାକୁ କ୍ଷତିପୂରଣ ଭାବେ ୧୦୦୦୦ ଟଙ୍କା ପଠାଯିବ ବୋଲି କୁହାଯାଇଛି। ଜିଆରଏପି-୪ ଯେପର୍ଯ୍ୟନ୍ତ ଜାରି ରହିବ ସେପର୍ଯ୍ୟନ୍ତ ଏହି ଉପାୟରେ ଶ୍ରମିକମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ। ଜିଆରଏପିର ଚତୁର୍ଥ ପର୍ଯ୍ୟାୟ ଡିସେମ୍ବର ୧୮ ସକାଳ ୮ଟାରୁ ଦିଲ୍ଲୀ-ଏନ୍‌ସିଆରରେ କାର୍ଯ୍ୟକାରୀ ହେବ। ଏହାଦ୍ୱାରା ଅନ୍ୟ ରାଜ୍ୟରୁ ଆସୁଥିବା ଭାରୀ ଯାନଗୁଡିକୁ ଦିଲ୍ଲୀରେ ପ୍ରବେଶ କରିବାକୁ ବାରଣ କରାଯିବ। ଜିଆରଏପି-୪ ଅନୁସାରେ ଦିଲ୍ଲୀ ଓ ଏନ୍‌ସିଆରରେ ଷଷ୍ଠରୁ ୯ମ ଶ୍ରେଣୀ କ୍ଲାସ ପାଇଁ ଏକ ହାଇବ୍ରିଡ ମୋଡ୍‌ରେ କ୍ଲାସ କରିବାକୁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଥିଲା। ସେହିଭଳି ଗାଡ଼ି ଚଳାଚଳ ଉପରେ ମଧ୍ୟ କଟକଣା ଜାରି କରାଯାଇଛି। ଦିଲ୍ଲୀ ବାହାରେ ପଞ୍ଜୀକରଣ ହୋଇଥିବା ବି-୬ ଛଡ଼ା ଅନ୍ୟ କୌଣସି ବାହନକୁ ରାଜଧାନୀରେ ପ୍ରବେଶ କରିବାକୁ ଅନୁମତି ମିଳିବ ନାହିଁ। ଫଳରେ ଆସନ୍ତାକାଲି ଠାରୁ ନୋଏଡ଼ାରୁ ୪ ଲକ୍ଷ, ଗୁରୁଗ୍ରାମରୁ ୨ ଲକ୍ଷ ଏବଂ ଗାଜିଆବାଦରୁ ୫.୫ ଲକ୍ଷ ଗାଡ଼ି ଦିଲ୍ଲୀରେ ପଶିପାରିବେ ନାହିଁ। ୧୦ ବର୍ଷ ପୁରୁଣା ଡିଜେଲ ଗାଡ଼ି ଏବଂ ୧୫ ବର୍ଷ ପୁରୁଣା ପେଟ୍ରୋଲ ଗାଡ଼ି ବି ଚଳାଚଳ କରିପାରିବ ନାହିଁ। ଏଭଳି ଗାଡ଼ି ଚଳାଚଳ କଲେ ଜରିମନା ସହିତ ଗାଡ଼ିକୁ ଜବତକରାଯିବ। ଉଲ୍ଲେଖଥାଉ କି, ଡିସେମ୍ବର ୧୫ରେ ଦିଲ୍ଲୀରେ ଚଳିତ ଶୀତଋତୁରେ ସବୁଠାରୁ ଖରାପ ବାୟୁ ଗୁଣବତ୍ତା (ଏକ୍ୟୁଆଇ) ଦେଖିବାକୁ ମିଳିଥିଲା ଓ ଏହା ୪୯୮ରେ ପହଞ୍ଚିଥିଲା। ଶନିବାରଠାରୁ ସୋମବାର ମଧ୍ୟରେ କୁହୁଡି ଓ ଧୂଆଁ କାରଣରୁ ଦିଲ୍ଲରେ ଏକପ୍ରକାର ଅନ୍ଧାର ଛାଇଯାଇଥିଲା। ଫଳରେ ୨୦୦ରୁ ଅଧିକ ବିମାନ ବାତିଲ ହେବା ସହ ସଡ଼କ ଦୁର୍ଘଟଣା ମଧ୍ୟ ଘଟିଥିଲା। କିନ୍ତୁ ୩ ଦିନରେ ପରେ ପ୍ରବଳ ପବନ ବହିବା ଓ କୁହୁଡି କମିବା କାରଣରୁ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହୋଇଥିଲା। ମଙ୍ଗଳବାର ଏକ୍ୟୁଆଇ ୩୫୪ ଥିବା ବେଳେ ବୁଧବାର ଏହା ହ୍ରାସ ପାଇ ୩୨୯ରେ ପହଞ୍ଚିଛି। ସେପଟେ ପ୍ରଦୂଷଣ କମ ନ ହେବା କାରଣରୁ ଦିଲ୍ଲୀ ପରିବେଶ ମନ୍ତ୍ରୀ ମନଜିନ୍ଦର ସିଂହ ସିରସା ମଙ୍ଗଳବାର କ୍ଷମା ମାଗିଥିଲେ। ଗୁରୁବାରଠାରୁ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ବିନା ପେଟ୍ରୋଲ ପମ୍ପରେ ପେଟ୍ରୋଲ ନ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସିରସା କହିଛନ୍ତି।

### ଓଡ଼ିଶାରେ ମେଟ୍ରୋ...

ଆଗାମୀ ଦିନରେ ଅନ୍ତିମ ସିଦ୍ଧାନ୍ତ ନେବେ। ତେବେ ରାଜ୍ୟ ସରକାରଙ୍କୁ ଇତିମଧ୍ୟରେ ୧୮ ମାସ ବିତିଲାଣି। ସରକାର ଗଠନ କରିଥିବା ଆନ୍ତଃମନ୍ତ୍ରୀସ୍ତରୀୟ କମିଟିର ସ୍ଥିତି କଣ, ଏହା କେତେଥରବୈଠକ କରିଛି, ଏଯାବତ୍ କେଉଁ ନିଷ୍କର୍ଷରେ ପହଞ୍ଚିଛି, ସେନେଇ ସରକାରଙ୍କ ପକ୍ଷରୁ କୌଣସି ସୂଚନା ମିଳୁନାହିଁ। ଯାହାଫଳରେ ଭୁବନେଶ୍ୱରରେ ମେଟ୍ରୋ ସେବାକୁ ନେଇ ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ନେଇ ଏବେ ସାଧାରଣରେ ସନ୍ଦେହ ପ୍ରକାଶ ପାଇଲାଣି। ବିଶେଷଜ୍ଞ ମହଲର ଯୁକ୍ତି ଅନୁଯାୟୀ ଭୁବନେଶ୍ୱର-କଟକରେ ଲୋକସଂଖ୍ୟା ପ୍ରାୟ ୨୫ ଲକ୍ଷ ହୋଇଥିବା ବେଳେ ଏହି ଟୁଇନ ସିଟିରେ ମେଟ୍ରୋ ଚଳାଚଳ ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି। ଯଦି ସରକାରଙ୍କ ପାଥରେ ଅର୍ଥର ଅଭାବ ଅଛି, ତାହେଲେ କେନ୍ଦ୍ର ସହ ମିଳିତ ସହଭାଗିତାରେ ପ୍ରକଳ୍ପ ନିର୍ମାଣ ପାଇଁ ରାଜ୍ୟ ସରକାର ପ୍ରସ୍ତାବ ଦେଇପାରନ୍ତେ। ପୂର୍ବ ସରକାର ନିଜସ୍ୱ ପାଣ୍ଠିରୁ ମେଟ୍ରୋ ପ୍ରକଳ୍ପ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ୬ ହଜାର କୋଟି ବ୍ୟୟଅଟକଳ କରି ପ୍ରଥମ ବର୍ଷ ବଜେଟ୍‌ରେ ୧୦୦୦ କୋଟି ବରାଦ ବି କରିଥିଲେ। ମାତ୍ର ସରକାର ପରିବର୍ତ୍ତନ ପରେ ପ୍ରକଳ୍ପ ଏବେ ସ୍ୱପ୍ନ ପାଲଟିଛି। ସାଧାରଣ ପରିବହନ ସେବା ପାଇଁ ରାଜ୍ୟ ସରକାର ଗୁଡ଼ିକ ଏବେ ମେଟ୍ରୋ ରେଳ ସେବାକୁ ପ୍ରାଧାନ୍ୟ ଦେଉଛନ୍ତି। ରାଜ୍ୟ ବିଜେପି ସରକାର ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ନେଇ ଦୃଢ଼ୋକ୍ତି ପ୍ରକାଶ କରୁଛନ୍ତି। ଏପରିସ୍ଥଳେ ଯଦି ସବୁ ଯୋଗ୍ୟତା ଥାଇ ଭୁବନେଶ୍ୱରରେ ସାଧାରଣ ମେଟ୍ରୋ ସେବା ଆରମ୍ଭ ହୋଇନପାରେ, ତାହେଲେ ଏହାଠାରୁ ବଡ଼ ଦୁର୍ଭାଗ୍ୟଜନକ କଥା ଆଉ କିଛି ନାହିଁ ବୋଲି ବିଶେଷଜ୍ଞ ମହଲରେ ମତପ୍ରକାଶ ପାଇଛି।

### ବିଗୁଡ଼ୁଛି ବାଂଲାଦେଶ...

ହସିନା ପୁଣି ନିର୍ବାଚନ ପ୍ରତ୍ୟାବର୍ତ୍ତନ କରିବେ ବୋଲି ବାଂଲାଦେଶ ଅନ୍ତରୀଣ ସରକାରର ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସ ଆଶଙ୍କା ପ୍ରକାଶ କରିବା ପରେ ଏହି ଅନ୍ଦୋଳନ ଆରମ୍ଭ ହୋଇଛି।

ପୁଣି ଅବଦୁଲ୍ଲା ଭାରତର ଉତ୍ତରପୂର୍ବ ରାଜ୍ୟଗୁଡି (ସେଭେନ ସିଷ୍ଟର୍ସକୁ ଅଲଗା କରିବା ଓ ବିଚ୍ଛିନ୍ନତାବାଦୀଙ୍କୁ ଆଶ୍ରୟ ଦେବା ପାଇଁ ଆହ୍ୱାନ ଦେଇଥିଲେ। ଏହାକୁ ନେଇ ମଧ୍ୟ ଭାରତ ବାଂଲାଦେଶ ହାଇକମିସନର ରିଆଜ ହମିଦୁଲ୍ଲାଙ୍କ ନିକଟରେ ପ୍ରତିବାଦ ଜଣାଇଛି। ଆଜି ଭାରତର ବୈଦେଶିକ ବିଭାଗ ପକ୍ଷରୁ ତାଙ୍କୁ ସମନ୍ କରାଯାଇଥିଲା। ଉଲ୍ଲେଖଥାଉ କି, ଅବଦୁଲ୍ଲା ଗତ ସୋମବାର ରାଜଧାନୀ ଢାକାରେ ଏକ ରାଲିଙ୍କୁ ସଂବୋଧନ କରିବା ବେଳେ ଧମକ ଦେଇ କହିଥିଲେ ଯେ, ଯଦି ଭାରତ ବାଂଲାଦେଶରେ ଅସ୍ଥିରତା ସୃଷ୍ଟି କରୁଥିବା ବ୍ୟକ୍ତିମାନଙ୍କୁ ଶରଣ ଦିଏ, ତେବେ ଭାରତଠାରୁ ଉତ୍ତରପୂର୍ବର ୭ଟି ରାଜ୍ୟକୁ ଅଲଗା କରିଦିଆଯିବ।

### ହାତୀର ହାଡ଼ରୁ...

ସେମାନଙ୍କ ନିକଟରୁ ବହୁ ମାରଣାସ୍ତ୍ର ସହ ଜଙ୍ଗଲୀ ମଲା ଜନ୍ତୁ ଜବତ କରିଥିଲେ। ଗତ ମଙ୍ଗଳବାର ଦିନ ଆଉ ଦୁଇ ଶିକାରୀ ଗିରଫ ହୋଇଥିଲେ। ଗିରଫ ପାଞ୍ଚ ଜଣ ଶିକାରୀଙ୍କ ମୋବାଇଲକୁ ଟ୍ରାକ୍ କରି କୁଲଡ଼ିହା ବନ ବିଭାଗ ବୁଧବାର ଦିନ ପୁଣି ୪ ଶିକାରୀଙ୍କୁ ଗିରଫ କରିବାରେ ସଫଳ ହୋଇଛି। ହାତୀ ହାଡକୁ ମାଟି ତଳେ ପୋତି ଦେଇଥିବା ବେଳେ କିଛି ହାଡ଼ରୁ ଅବିକଳ ହାତୀର ଦାନ୍ତ ତିଆରି କରୁଥିଲେ। କେବଳ ୯ ଜଣ ନୁହନ୍ତି, ଏହା ପଛରେ ଆଉ କିଛି ସାମିଲ ଥିବାର ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗିରଫ ୯ ଜଣ ଯାକ ସ୍ଥାନୀୟ ହାତୀଖୋଲିଆ, ସନ୍ତରାଗଡ଼ିଆ ଅଞ୍ଚଳର ବୋଲି ଜଣାପଡିଛି।

### ଶ୍ରୀମନ୍ଦିର ଗର୍ଭଗୃହ...

ସମୟରେ ଗୋଇନ୍ଦା ବିଭାଗ ରିପୋର୍ଟ ଦେଇଛି। ଏହାକୁ ନଜରରେ ରଖି ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ପ୍ରବେଶ ପଥରେ ଭକ୍ତଙ୍କୁ ଯାଞ୍ଚ କରାଯାଉଛି। ସମ୍ଭାବ୍ୟ ଆଶଙ୍କା କରି ଗତ କିଛିବର୍ଷ ହେବ ଜାତୀୟ ସୁରକ୍ଷା ବାହିନୀ (ଏନ୍‌ଏସଜି) ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରୁଛନ୍ତି। କିନ୍ତୁ ବାସ୍ତବରେ ଯେ ବଡଦେଉଳର ସୁରକ୍ଷା ବ୍ୟବସ୍ଥା ଧର୍ମକୁ ଆଖିଠାର ତାହା ମୋବାଇଲ କଟକଣାକୁ ଦେଖିଲେ ଜଣାପଡୁଛି। କାରଣ ପୁଣି ଭାଇରାଲ ହୋଇଛି ଶ୍ରୀମନ୍ଦିର ଗର୍ଭଗୃହ ଫଟୋ। ଏକ ଇନଷ୍ଟାଗ୍ରାମ ଆଇଡିରେ ଆଶୀର୍ବାଦ ୯୪୫ରେ ଶ୍ରୀମନ୍ଦିର ରତ୍ନସିଂହାସନରେ ବିରାଜମାନ ମହାପ୍ରଭୁଙ୍କ ଫଟୋ ଓ ଭିତର ବେଢାର ଫଟୋ ଅପ୍‌ଲୋଡ଼ ହୋଇଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଚାରିଦ୍ୱାରରେ ମାଳ ମାଳ ସୁରକ୍ଷାକର୍ମୀ ଯାଞ୍ଚ କରୁଥିବାବେଳେ କିଭଳି ମୋବାଇଲ ମନ୍ଦିର ଭିତରକୁ ନେଲେ ସେ ନେଇ ପ୍ରଶ୍ନ ଉଠାଇଛନ୍ତି ସେବାୟତ ଓ ଭକ୍ତ। ଅନ୍ୟପଟେ ଶ୍ରୀମନ୍ଦିରର ପ୍ରଚଳିତ ଆଇନରେ ସଂଶୋଧନ ସହିତ ଶ୍ରୀମନ୍ଦିର ଚାରି ଦ୍ୱାରରେ ଅତ୍ୟାଧୁନିକ ସ୍କାନିଙ୍ଗ ମେସିନ୍ ଲଗାଇବା ପାଇଁ ଦାବି ହୋଇଛି। ଏ ସମ୍ପର୍କରେ ଏସ୍‌ପି ପ୍ରତୀକ୍ ସିଂ କହିଛନ୍ତି, 'ଶ୍ରୀମନ୍ଦିର ଗର୍ଭଗୃହର ଫଟୋ ଭାଇରାଲ ଘଟଣାକୁ ନେଇ ସିଂହଦ୍ୱାର ଥାନାରେ ଏକ ମାମଲା ରୁଜୁ କରାଯାଇଛି। କେସ୍ ନମ୍ବର ୨୩୩ରେ ଶ୍ରୀଜଗନ୍ନାଥ ଟେମ୍ପୁଲ ଆକ୍ଟରେ ମାମଲା ରୁଜୁ ହୋଇଛି। ଗୋଟେ ଇନ୍‌ଷ୍ଟାଗ୍ରାମ ଆଇଡିରେ ଫଟୋ ଅପ୍‌ଲୋଡ଼ ହୋଇଥିବା ଦେଖିବାକୁ ମିଳିଛି। ଏହି ଫଟୋ କିଏ ଅପ୍‌ଲୋଡ଼ କରିଛି, ଏହା ପଛର କ'ଣ ସତ୍ୟତା ରହିଛି ସବୁ ଯାଞ୍ଚ କରାଯିବ। ଯିଏ ଦୋଷୀ ସାବ୍ୟସ୍ତ ହେବେ ତାଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସୂଚନାଥାଉ କି, ଅତୀତରେ ଗର୍ଭଗୃହ ଫଟୋ ଭାଇରାଲ ହୋଇଥିବା ନଜରକୁ ଆସିଥିଲା। ୨୦୨୨ ନଭେମ୍ବରରେ ଆକାଶ ଚୌଧୁରୀ ନାମକ ଜଣେ ବ୍ୟକ୍ତି ନିଜ ଫେସବୁକ୍ ପେଜରେ ଗର୍ଭଗୃହ ଫଟୋ ଭାଇରାଲ କରିଥିଲେ। ସେ ଗର୍ଭଗୃହର ଫଟୋ ସହିତ ଦର୍ଶନ ପାଇଁ ଯାଉଥିବା ବେଳର ଭିଡିଓ ନିଜ ଫେସବୁକ୍ ପେଜ୍‌ରେ ଅପ୍‌ଲୋଡ କରିଥିଲେ। ପଶ୍ଚିମବଙ୍ଗ ନିବାସୀ ଆକାଶ ଜଣେ ୟୁ-ଟ୍ୟୁବର ବୋଲି ଜଣାପଡିଥିଲା। ସେହିପରି ପୂର୍ବରୁ ୨୦୧୭ ମସିହାରେ ପ୍ରଥମଥର ଗର୍ଭଗୃହ ଫଟୋ ଭାଇରାଲ୍ ହୋଇଥିଲା। ଏହାସତ୍ତ୍ୱେ ସୁରକ୍ଷା ବ୍ୟବସ୍ଥା ଯେଉଁଭଳି ହେବା କଥା ତାହା ହେଉନାହିଁ। ଫଳରେ ଭିତରକୁ ମୋବାଇଲ ଏପରି କି ନିକଟରେ ଏକାଧକଥର ଗୁପ୍ତ କ୍ୟାମେରା ମନ୍ଦିର ଭିତରକୁ ଯିବାର ନଜରକୁ ଆସିଛି। କେବଳ ଭକ୍ତ ନୁହଁନ୍ତି ସୁରକ୍ଷା ଲାଗି ନିୟୋଜିତ ପୁଲିସ କର୍ମଚାରୀ, ସେବାୟତ ବି ମୋବାଇଲ ନେଇ ଭିତରକୁ ଯାଉଛନ୍ତି। ତେଣୁ ସୁରକ୍ଷା ଦୃଷ୍ଟିକୋଣରୁ ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ ନେଇ ଜାରି କଟକଣା କଡ଼ାକଡ଼ି ହେବା ଦରକାର ବୋଲି କୁହାଯାଉଛି।

### ମହିଳା ମହାବିଦ୍ୟାଳୟ...

ଦାଶଙ୍କ ଝିଅ ଏବଂ ୨ ବର୍ଷ ହେଲା କେନ୍ଦୁଝର ସରକାରୀ ମହିଳା ମହାବିଦ୍ୟାଳୟରେ ଗୃହ ବିଜ୍ଞାନ ବିଭାଗରେ ଅତିଥି ଅଧ୍ୟାପିକା ଭାବେ କାର୍ଯ୍ୟରତ ଥିଲେ। ଏହି ସମୟ ମଧ୍ୟରେ କେନ୍ଦୁଝରର ରୁଦ୍ରନାରାୟଣ ମିଶ୍ର ସହିତ ତାଙ୍କର ବନ୍ଧୁତା ସ୍ଥାପନ ହୋଇଥିଲା। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ସକାଳ ୧୦ଟା ୫୫ ମିନିଟରେ ୭୦୦୮୮୯୨୨୫୨ ମୋବାଇଲରୁ ଏକ ଫୋନ୍ କଲ୍ ଆସିଥିଲା। କୁହାଯାଇଥିଲା ଯେ 'ଆପଣଙ୍କର ଝିଅ ରୁମରୁ ଚାବି ଦେଇ ଯିବା ସମୟରେ ହଠାତ୍ ଟଳି ପଡ଼ିଲେ। ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ଡାକ୍ତରଖାନାରେ ଡାକ୍ତର ଦେଖିବା ପରେ ତାଙ୍କୁ ମୃତ ଘୋଷଣା କରିଥିଲେ'। ଫୋନ କରିଥିବା ବ୍ୟକ୍ତି ଜଣକ କେନ୍ଦୁଝର ପୁରୁଣା ସହରର ବୋଲି ଜଣାପଡ଼ିଛି। ପରିବାର ଲୋକ କେନ୍ଦୁଝର ମେଡିକାଲରେ ପହଞ୍ଚିବା ପରେ ଅଧ୍ୟାପିକାଙ୍କ ବେକରେ କ୍ଷତ ଚିହ୍ନ ଓ ଦାଗ ଦେଖାଯାଇଥିଲା। ଝିଆରୀଙ୍କୁ ତଣ୍ଟି ଚିପି ହତ୍ୟା କରାଯାଇଥିବା ତାଙ୍କ ଦାଦା ଅଭିଯୋଗ କରିଛନ୍ତି। ଏଥିପାଇଁ ଶ୍ରୀ ମିଶ୍ରଙ୍କୁ ଦାୟୀ କରି ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

### ମୋଡିଫିକେସନର ତଦନ୍ତ...

କାର୍ଯ୍ୟ ଉପରେ ନିୟନ୍ତ୍ରଣ, ବାଘ ଏବଂ ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କ ଚଳପ୍ରଚଳ ନିରୀକ୍ଷଣ ଓ ଉଦ୍ଧାର କାର୍ଯ୍ୟ ପାଇଁ ଏହି ଗାଡ଼ି ନିୟୋଜିତ ରହିଛି। ହେଲେ ଜଙ୍ଗଲ ନିଆଁ ଲିଭାଇବା ପାଇଁ ଏଥିରେ କିପରି ବ୍ୟବହାର କରାଯାଇ ପାରିବ ତାହା ବୁଝି ହେଉନାହିଁ। ପୁଣି କାହା ପରାମର୍ଶରେ ଏହି ଗାଡ଼ିରେ ମୋଡ଼ିଫିକେସନ ବାବଦରେ ଏତେ ଟଙ୍କା ବ୍ୟୟ କରାଗଲା ଏବଂ ଏଥିପାଇଁ ପରିବହନ ବିଭାଗର ଅନୁମତି ମିଳିଛି କି ତାହା ବି ସନ୍ଦେହରେ। କେବଳ ଏହି ଗାଡ଼ି ନୁହେଁ, ପୂର୍ବରୁ ବିଭାଗ ପକ୍ଷରୁ ୮୯ଟି ଇସୁଜୁ ଓ ଯୋଦ୍ଧା ଗାଡ଼ି କିଣାରେ ସ୍ୱଚ୍ଛତା ଅବଲମ୍ବନ କରାଯାଇଛି କି ନାହିଁ ବୋଲି ପ୍ରଶ୍ନ ଉଠିଛି। ଏହା ବ୍ୟତୀତ ରାଜ୍ୟ ପରିବହନ ବିଭାଗ ମଧ୍ୟ ଏହି ବିବାଦରେ ଛନ୍ଦି ହୋଇଛି। କାରଣ କାରଣ ଅନ୍ୟ ସାଧାରଣ ଲୋକେ ନିଜ ଗାଡ଼ିର ମୋଡିଫିକେସନ୍ କଲେ ପରିବହନ ବିଭାଗ ମାଡ଼ିବସୁଥିବା ବେଳେ ଏହି ବନ ବିଭାଗର ଏତେ ସଂଖ୍ୟକ ଗାଡ଼ି ମୋଡ଼ିଫିକସନ ପାଇଁ କେଉଁ ପରିବହନ ଅଧିକାରୀ ଅନୁମତି ଦେଇଥିଲେ ତାହା ମଧ୍ୟ ସନ୍ଦେହ ସୃଷ୍ଟି କରିଛି। ସବୁଠୁ ଆଶ୍ଚର୍ଯ୍ୟ ଜନକ କଥା ହେଉଛି ଯେ ବର୍ତ୍ତମାନ ଏହି ଥର ଗାଡ଼ିଗୁଡ଼ିକ ଜଙ୍ଗଲ ମଧ୍ୟରେ ଏହି ଗାଡ଼ିର ଉପାଦେୟତା ଖୁବ କମ୍ ଥିବାବେଳେ ବନ ବିଭାଗର ଅଧିକାରୀମାନେ ଏବେ ଏହି ଗାଡ଼ି ଧରି ବୁଲୁଛନ୍ତି।

## ରାଜ୍ୟସ୍ତରୀୟ ଜୟନ୍ତୀରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଥିଲେ ଅପାର ଗୁଣର ଅଧିକାରୀ

ଭୁବନେଶ୍ୱର,୧୭।୧୨(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଥିଲେ ଅପାର ଗୁଣର ଅଧିକାରୀ। ରାଜା ଭାବରେ ସେ ଥିଲେ ପ୍ରଜାନୁରଞ୍ଜକ। ପ୍ରଜାମାନଙ୍କ ହିତ ପାଇଁ ସେ ନିଜ ଜୀବନକୁ ଉତ୍ସର୍ଗ କରି ଦେଇଥିଲେ। ଖଣ୍ଡବିଖଣ୍ଡିତ ଓଡ଼ିଶାର ଏକୀକରଣ ତଥା ଭାଷାଭିତ୍ତିରେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠନ କରିବା ପାଇଁ ଯେଉଁ ଆନ୍ଦୋଳନର ସୂତ୍ରପାତ ହୋଇଥିଲା, ସେଥିରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ଜଙ୍ଗଲ, ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ମତବ୍ୟକ୍ତ କରିଛନ୍ତି।

ବୁଧବାର ଜୟଦେବ ଭବନଠାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ମୟୂରଭଞ୍ଜ ସାଂସ୍କୃତିକ ସଂସଦର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ ଉତ୍କଳ ଜନନୀର ଏହି ଯୋଗଜନ୍ମା ସୁଯୋଗ୍ୟ ସନ୍ତାନ ଆଜି ସମଗ୍ର ଓଡିଆ ଜାତିର ଚିର ନମସ୍ୟ ବୋଲି ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କରଞ୍ଜିଆ ବିଧାୟକ ଶ୍ରୀ ପଦ୍ମଚରଣ ହାଇବ୍ରୁରୁ କହିଲେ ଯେ ମୟୂରଭଞ୍ଜ ତଥା ଓଡିଶାର ସାମଗ୍ରିକ ବିକାଶ ପାଇଁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଅବଦାନ ଅବିସ୍ମରଣୀୟ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳସେଚନ, ଭାଷା ଆନ୍ଦୋଳନ, ଅରଣ୍ୟ ଓ



ଖଣିଜ ସମ୍ପଦର ପୁନଃମୂଲ୍ୟାୟନ, ଶିଳ୍ପାୟନ ଆଦି ପ୍ରତି କ୍ଷେତ୍ରରେ ତାଙ୍କର ଦୂରଦର୍ଶୀ ଚିନ୍ତାଧାରା ଓ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ ସ୍ପଷ୍ଟ ଭାବରେ ପ୍ରତିଫଳିତ। ତାଙ୍କ ରାଜତ୍ୱ କାଳରେ ମୟୂରଭଞ୍ଜ ଏକ ଆଦର୍ଶ ରାଜ୍ୟ ପାଲଟିଥିଲା ବୋଲି ସେ କହିଥିଲେ।

ଅନ୍ୟତମ ଅତିଥି ଭାବେ ମୟୂରଭଞ୍ଜ ସାଂସ୍କୃତିକ ସଂସଦର ସାଧାରଣ ସମ୍ପାଦକ ଡ. ରଜନୀକାନ୍ତ ବିଶ୍ୱାଳ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ ପ୍ରମୁଖ ଯୋଗଦେଇ ବରପୁତ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ସ୍ମୃତିଚାରଣ କରିଥିଲେ। ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଲୋକସମ୍ପର୍କ ଅଧିକାରୀ ରୋଜାଲିନୀ ସାହୁ ସଂଯୋଜନା କରିଥିଲେ। ଏହି ଅବସରରେ ବିଭାଗର ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ, ଉପନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ରଙ୍କ ସମେତ ସମସ୍ତ ଅଧିକାରୀ, ଛାତ୍ରଛାତ୍ରୀ, ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

# ସ୍କୁଲ୍ ସୂଚନା ଫଳକ ପଡ଼ି ଛାତ୍ର ମୃତ, ୨ ଗୁରୁତର

- ■ କ୍ଷତିପୂରଣ ଦାବିରେ ଶବ ରଖି ରାସ୍ତାରୋକ
- ■ ନିନ୍ଦା କଲେ ପୂର୍ବତନ ସାଂସଦ ପ୍ରଦୀପ ମାଝି

କୋଟପାଡ଼, ୧୭।୧୨ (ସମିସ): କୋଟପାଡ଼ ଥାନା ଅନ୍ତର୍ଗତ ଡାମନାହାଣ୍ଡି ପଞ୍ଚାୟତ ସରକାରୀ ଉନ୍ନତି ଆଶ୍ରମ ବିଦ୍ୟାଳୟ ଗାନ୍ଧୀନଗରଠାରେ ସୂଚନା ଫଳକ ପଡ଼ି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ୨ ଜଣ ଛାତ୍ର ଗୁରୁତର ହୋଇ ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି। ମୃତକ ଛାତ୍ର ହେଲେ ଗୁମୁଡ଼ା ପଞ୍ଚାୟତ ସୂଉନିଗୁଡ଼ା ଗ୍ରାମର ପ୍ରେମାନନ୍ଦ ଭତ୍ରା। ସେ ତୃତୀୟ ଶ୍ରେଣୀ ରେ ପାଠ ପଢୁଥିଲେ। ସୂଚନା ମୁତାବକ ଆଜି ସକାଳେ ପ୍ରେମାନନ୍ଦ ଓ ତାଙ୍କର ଦୁଇଜଣ ସାଙ୍ଗ ସ୍କୁଲ ଭିତରେ ଥିବା ଇଟା ତିଆରି ସୂଚନା ଫଳକକୁ ଲାଗି ବସି ଦାନ୍ତ ଘସୁଥିଲେ। ହଠାତ୍ ସୂଚନା ଫଳକ ପ୍ରେମାନନ୍ଦଙ୍କ ଉପରେ ପଡ଼ିଥିଲା। ଫଳରେ ସେ ଫଳକ ତଳେ ଦବି ଯାଇଥିଲେ। ସ୍କୁଲ୍ କର୍ତ୍ତୃପକ୍ଷ ପ୍ରେମାନନ୍ଦଙ୍କ ସହିତ ୩ ଜଣଙ୍କୁ ତୁରନ୍ତ କୋଟପାଡ଼ ମେଡିକାଲକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ପ୍ରେମାନନ୍ଦଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଥିବା ଛାତ୍ର ସାନ ଭତ୍ରାଙ୍କୁ ଅଧିକ ଚିକିତ୍ସା ପାଇଁ ଜୟପୁର ଜିଲ୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ଦୁର୍ଘଟଣାରେ ଆଉ ଜଣେ ଛାତ୍ର ଆହତ ହୋଇଥିବା ଜଣାପଡ଼ିଛି। ଏହି ଖବର ପାଇଁ ନବରଙ୍ଗପୁରର ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ସେ ମୃତ ଛାତ୍ରର ବାପା ମନବୋଧ ଭତ୍ରା, ମାଆ ଭଗବତୀ ଭତ୍ରାଙ୍କୁ ଭେଟିଥିଲେ। ମୃତ ଛାତ୍ରଙ୍କ ପରିବାରକୁ ଉଚିତ ନ୍ୟାୟ ଦେବା ପାଇଁ କୋଟପାଡ ମେଡିକାଲ ସମ୍ମୁଖ ରାଜପଥରେ ପ୍ରାୟ ସାତ ଘଣ୍ଟା ଧରି ମୃତକଙ୍କ ପରିବାର ବର୍ଗ ସହ ବସି ଧାରଣ ଦେଇଥିଲେ। ଫଳରେ ରାସ୍ତାର ଉଭୟ ପାଶ୍ୱର୍ରେ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଆଜିର ଏହି ଧାରଣାରେ କୋଟପାଡର ପୂର୍ବତନ ବିଧାୟିକା ତଥା ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦୀଆନ, ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝୀ ଉପସ୍ଥିତ ଥିଲେ। ଜୟପୁର ଉପଜିଲ୍ଲାପାଳ ସେଠାରେ ପହଞ୍ଚି ମୃତ ଛାତ୍ରଙ୍କ ମାତା ପିତାଙ୍କୁ ଭେଟି ସରକାରଙ୍କ ତରଫରୁ ଉଚିତ୍ ନ୍ୟାୟ ଓ ଆର୍ଥିକ ଅନୁଦାନ ଦେବା ପାଇଁ ଆଶ୍ୱାସନା ଦେଇଥିଲେ। ତେଣୁ ସେମାନେ ଧାରଣାରୁ ଓହରିଥିଲେ।

ଆଦିବାସୀ ଅଞ୍ଚଳ କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାରେ ଏହିପରି ଘଟଣା ବାରମ୍ବାର ଘଟିଥିବାରୁ ସରକାରଙ୍କ କାର୍ଯ୍ୟକୁ ପୂର୍ବତନ ସାଂସଦ ପ୍ରଦୀପ ମାଝୀ ନିନ୍ଦା କରିଛନ୍ତି। ଭବିଷ୍ୟତରେ ଏପରି ଘଟଣାର ପୁନରାବୃତ୍ତି ନ ହେବା ପାଇଁ ଜିଲ୍ଲା ପ୍ରଶାସନକୁ ସେ ଅନୁରୋଧ କରିଥିଲେ। ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଏହାର କଡ଼ା ଜବାବ ଦିଆଯିବ ବୋଲି ସେ କହିଛନ୍ତି।


**ORISSA CONSTRUCTION & T.E.C.S. LTD.**
BHUBANESWAR-751024

**NOTICE FOR GENERAL BODY MEETING**

The next General Body Meeting of Orissa Construction & T.E.C.S Ltd. will be held on 27.12.2025 at 11 A.M. (Saturday) in the Conference Hall of Pantha Nivas, Lewis Road, Bhubaneswar. All eligible 'A' Class members of the society are requested to remain present and participate in the proceedings by showing their identity of 'A' Class Membership. For further details including Agenda, Please Contact on E-mail:octecsociety@gmail.com.

By Order of President
**(K.M. Senapati)**
**Secretary**

**NAME CHANGE**

By virtue of an affidavit sworn before the Notary Public, Bhubaneswar, I, **Promod Das**, S/o Late Prahalad Das, resident of At- Naragoda, Po.- Tamando, Bhubaneswar, Khordha- 752054, do hereby declare that my name has been mentioned as Pramod Bhoi in some of my documents, whereas in other documents my name has been recorded as Promod Das. Similarly, my father's name has been mentioned as Prahallad Bhoi in some documents and as Prahalad Das in other documents. I further declare that **Pramod Bhoi** and **Promod Das** refer to one and the same person, that is myself; and Prahallad Bhoi and Prahalad Das refer to one and the same person, who is my father.
( Sd- Promod Das )

**AFFIDAVIT**

I,IFTHEKAR ALAM,S/o-SK Rasul Bakhas, resident of Vill - Uparbaruan,PO- Kabirpur,PS-Jajpur Sadar,Dist -Jajpur,Pin- 755009, Odisha, declare by this affidavit No - 268, dated - 25.02.2025, that now onwards I shall be known as **IFTHEKHAR ALAM** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Koraput vide no.107 dtd.16.12.2025, I Sahadev Banda, S/o- Raghu Banda resident of Vill./Po.- Kularsing, Ps.- Padwa, Dist.- Koraput, Odisha, Pin- 764038 declare that, I have changed the name of my minor son **Taruna Kumar Gabading** to **Tarun Kumar Banda**. Henceforth he will be known as **Tarun Kumar Banda** for all purposes.
Sd/- Sahadev Banda

**AFFIDAVIT**

By virtue of an affidavit sworn before Executive Magistrate, Bahalda dated -17.12.2025 I Jamuna Tudu address At/P.o- Sanbhundu, P.S- Tiring, Dist - Mayurbhanj, PIN -757053 declare that I have changed my minor son's name from Basket Tudu to Baset Tudu. Henceforth he will be known as Baset Tudu for all purposes.
**Jamuna Tudu**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, No 1236 dated 15.12.2025 I, RAJANI BHATARA, S/o - Late Ghana Bhatara, Residences of - Bikrampur, Po - Bikrampur, Ps - Nabarangpur, Dist - Nabarangpur, Odisha, Pin - 764059, declare that I have changed the name of my Son from AUSH BHATRA to SUDHANSHU BHATARA. Henceforth, he shall be known as SUDHANSHU BHATARA for all purposes.
**Sd/- Rajani Bhatara**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, No 1122 dated 15.12.2025 I, CHANDRA MAJHI, S/o - Mansae Majhi , Residences of - Talagodi, Po- Bejuguda, Ps- Khatiguda, Dist - Nabarangpur, Odisha, Pin - 764070, declare that I have changed the name of my Daughter from KULANTI MAJHI to KUNTALA MAJHI. Henceforth, she shall be known as KUNTALA MAJHI for all purposes.
**Sd/- Chandra Majhi**

**AFFIDAVIT**

By virtue of an affidavit (CF No. 102) sworn before The Executive Magistrate, Bhubaneswar, date: 16/12/2025. I, **Jayashree Dash,** W/o Madanmohan Shyamasundar Dash, resident of Plot No. 572, Gothapatna, Near Sai Pratik Apartment, Bhubaneswar, Dist- Khordha, PIN- 751003, Odisha declare that I have changed my name from **Jayashree Meher to Jayashree Dash.** Henceforth, I shall be known as **Jayashree Dash** (new name) for all purposes.
**JAYASHREE DASH**

**ADMISSION NOTICE-2025-26**
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
Campus:
262, Puranpadhan, Balakati, Bhubaneswar
Mob. 7019799641, 7978608747 9853801459
Email: mdscnbbsr@gmail.com
- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL


O-1781 eerwbnjr@gmail.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BHANAJNGAR**
NATIONAL COMPETITIVE BIDDING THROUGH e-Procurement
**Identification No. Online Tender / 21 / RWDBNJ/2025-2026**
Ltr. No. 6084 / Date 09.12.2025

| Identification No | Name of work | No. of Works | Approx. Estimated Cost (In lakh) | Class of Contractor | Period of Completion |
|---|---|---|---|---|---|
| Online Tender / RWDBNJ/21/ 2025-2026 | Building Work | 13 Nos. | 50.35 lakh to 85.68 Lakhs | "B" & "A' Class as applicable | 09 (Nine) Calendar months |

| Procurement Officer | Bid Identification No | Availability of tender online for bidding From | To |
|---|---|---|---|
| Superintending Engineer, R.W.Division, Bhanjanagar | Online Tender/21/ RWDBNJ/ 2025-2026 | 22.12.2025 at 10.00 A.M. | 05.01.2026 upto 5.00 P.M. |

Further details can be seen from the website: - www.tendersodisha.gov.in

Executive Engineer
R.W.Division, Bhanjanagar

OIPR-25174/11/0058/2526

**DISTRICT WELFARE OFFICE, SAMBALPUR**
**E-mail: dwo-sambalpur@od.gov.in** W-25

**Order No. 4442 /SSD Date: 15.12.2025**

**SHORT TENDER CALL NOTICE**

**SEALED TENDERS** are invited from eligible SERVICE PROVIDING AGENCIES to provide MANPOWER existing **13 nos of DEO-cum-Office Assistant (LAC)** as per the terms & conditions provided in the website http://sambalpur.odisha.gov.in of **Sambalpur** District **up to 5.00 PM of 24.12.2025**. The bids shall be received **through Courier/Regd. Post/ Speed Post** only during the office hours and will be **opened on 31.12.2025 at 11.00 AM** in the presence of the bidders or their authorized agents **in the Conference Hall of Collectorate, Sambalpur**

The interested agencies should clearly mention on the top of envelope as **"Tender for Selection of Outsourcing Agency to provide MANPOWER"**. The Agencies who have applied are requested to remain present in the venue for tender opening on the date of opening. The detailed Terms & Conditions and list of documents to be submitted is available in our website http://sambalpur.odisha.gov.in .

The Authority reserves the right for cancellation / modification of the Tender without assigning any reason thereof.

**By order of Collector, Sambalpur**
**District Welfare Officer, Sambalpur**

OIPR-19326/11/0001/2526

**ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ଗଜପତି**

ଏତଦ୍ୱାରା ଗଜପତି ଜିଲ୍ଲାର ସମସ୍ତ ମାଣ୍ଡିଆ ଚାଷୀ ଭାଇ ଭଉଣୀମାନଙ୍କ ଅବଗତି ପାଇଁ ଜଣାଇଦିଆଯାଉଅଛି ଯେ ଚଳିତ ଖରିଫ୍ ୨୦୨୫-୨୬ ବର୍ଷ ପାଇଁ ୫ ଗୋଟି କୃଷକ ଉତ୍ପାଦନ ସଂଘ (FPO) ଏବଂ ୪ ଗୋଟି ମହିଳା ସ୍ୱୟଂ ସହାୟକ ମହାସଂଘ (WSHG Federation) ଦ୍ୱାରା ୬ ଗୋଟି ବ୍ଲକ୍ ଯଥା ଗୁମ୍ମା, କାଶୀନଗର, ରାୟଗଡ଼, ନୂଆଗଡ, ରା-ଉଦୟଗିରି ଏବଂ ମୋହନା ବ୍ଲକ୍ ରେ ମୋଟ୍ ୨୧ ଗୋଟି କ୍ରୟ କେନ୍ଦ୍ରରେ ଆସନ୍ତା ୧ ଜାନୁଆରୀ ୨୦୨୬ ଠାରୁ ୩୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ମାଣ୍ଡିଆ କ୍ରୟ କରାଯିବ। ତେଣୁ ଚାଷୀ ଭାଇ ଭଉଣୀ ମାନଙ୍କୁ ଅନୁରୋଧ ସେମାନେ ତାଙ୍କର ଉତ୍ପାଦିତ ମାଣ୍ଡିଆକୁ ଭଲଭାବରେ ସଫାକରି FAQ ମାନର ମାଣ୍ଡିଆ ସରକାରଙ୍କ ଧାର୍ଯ୍ୟ ମୂଲ୍ୟରେ ବିକ୍ରୟ କରିବାକୁ ଅନୁରୋଧ।

**ମାଣ୍ଡିଆ ମାନ ନିର୍ଦ୍ଧାରଣ (FAQ)**

| କ୍ର ନଂ | ମିଶ୍ରିତ ବିବରଣୀ | ସର୍ବୋଚ୍ଚ ଗ୍ରହଣୀୟ ସୀମା |
|---|---|---|
| ୧ | ବାହ୍ୟ ପଦାର୍ଥ ଯଥା: ମାଟି, ଗୋଡ଼ି, ଧୂଳିବାଲି ଇତ୍ୟାଦି | ୧% |
| ୨ | ଅନ୍ୟାନ୍ୟ ଖାଦ୍ୟଶସ୍ୟ | ୧% |
| ୩ | କ୍ଷତିଗ୍ରସ୍ତ/ ଭଗ୍ନ ମାଣ୍ଡିଆ ଶସ୍ୟ | ୨% |
| ୪ | ଆଂଶିକ ଭଗ୍ନ ମାଣ୍ଡିଆ ଶସ୍ୟ | ୨% |
| ୫ | ଆର୍ଦ୍ରତା | ୧୨% |

ମାଣ୍ଡିଆର ସର୍ବନିମ୍ନ ସରକାରୀ ସହାୟକ ମୂଲ୍ୟ:- ୪୮୮୬.୦୦( ପ୍ରତି କ୍ୱିଣ୍ଟାଲ),
MPAS ପୋର୍ଟାଲରେ ପଞ୍ଜିକରଣ ପାଇଁ ସମୟ ସୀମା:- ୨୦ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ

ସ୍ୱା/- ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଗଜପତି

OFFICE OF THE PRINCIPAL
**NATIONAL HIGHER SECONDARY SCHOOL, NUAPADA**
AT/PO/DIST- NUAPADA (ODISHA)- 766105
Email: principalncn@gmail.com

Letter No. 1031/NCN Date 16.12.2025

**SHORT QUOTATION CALL NOTICE FOR PROCUREMENT OF MAJOR / MINOR TOOLS & EQUIPEMENTS FOR SETTING UP THE VOCATIONAL LABS AT SCHOOL LEVEL UNDER WB-STARS FUNDS FOR THE EAR 2024-25**

Sealed Quotations are invited from the registered Traders /Suppliers having valid GST registration number and PAN for supplying of different Equipment/Materials/Items/Tools required for the Trade (1) Agriculture (Micro Irrigation Technician) and (2) Food processing (Craft Baker) for National Higher Secondary School, Nuapada. under WB-STARS (Vocational Education) Grant for the year 2024-25. Interested Traders /Suppliers may submit their sealed quotations at Office of the Principal,National HSS, Nuapada on or before date 29/12/2025 up to 11.30 AM unfailingly. The sealed quotations shall be opened on date. 31/12/2025 at 10.30 am, at the same H.S.S, in the presence of school level purchase committee of the H.S.School and the concerned suppliers (If available). The school authority reserves the right to accept or reject any or all the quotation/s without assigning any reason thereof. The lists of the required Major Tools for both the Trades/Sectors are attached here with for your reference. The Terms & Conditions are as follows: -

**Terms & Conditions**

1. The intended supplier will have to submit valid GST Registration Certificate; valid PAN, IT returns statement and past relevant experience certificate should be accompanied with the sealed quotation.
2. Rates including GST with other taxes for packing and delivery of the required Tools with good condition up to school point within 10 days from the issue of work order.
3. The intended supplier must submit a list of all required Major Tools with quoted rate against each along with the sealed quotation.
4. If any material/s found broken or non-functional, the same will be replaced by the concerned supplier within 07 days without any extra payment and queries.
5. After supplying of all required equipments & submission of GST bills to the principal, A Post Delivery Inspection will be made by SCHOOL LEVEL PURCHASE COMMITTEE of the concerned school and the final payment shall be paid to the supplier/s.

Signature of the Principal
National H.S.S. Nuapada

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ** CAD-2722
ଆକାଶ ଶୋଭା ବିଲ୍‌ଡିଂ,
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା 24412 /ଭୁ.ଉ.କ.,ଭୁବନେଶ୍ୱର ତା 11.12.2025 ରିଖ
AVH-II-D-25/09

**ସୂଚନା**

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଅନନ୍ତ ବିହାର ହାଉସିଂ ସ୍କିମ୍, ଫେଜ୍-୨, ମୌଜା-ପୋଖରୀପୁଟ, ଭୁବନେଶ୍ୱର ଅନ୍ତର୍ଗତ **HIG** ଗୃହ ନଂ**-37(B/22)** କୁ **ବରେନ୍ଦ୍ର କୃଷ୍ଣ ଧଳ, ପିତା-ସ୍ୱର୍ଗତ ସୁରେନ୍ଦ୍ର ନାଥ ଧଳ, ଗ୍ରାମ-ଚର୍ଚ୍ଚିକା, ପୋଷ୍ଟ/ଥାନା-ବାଙ୍କି, ଜିଲ୍ଲା-କଟକ, ଓଡିଶାଙ୍କ** ନାମରେ ଆବଣ୍ଟନ କରାଯାଇଥିଲା।

ଆବଣ୍ଟନଗ୍ରାହୀ **ବରେନ୍ଦ୍ର କୃଷ୍ଣ ଧଳ** ଗତ ତା-୦୯.୦୮.୨୦୧୬ ରିଖରେ ମୃତ୍ୟୁ ବରଣ କରିଅଛନ୍ତି । (**Death certificate No. 30757** dated **06.10.2016**). ଆବଣ୍ଟନଗ୍ରାହୀ **ବରେନ୍ଦ୍ର କୃଷ୍ଣ ଧଳଙ୍କ** ସ୍ତ୍ରୀ-ସ୍ନେହଲତା ଧଳ ଗତ ତା-୦୬.୦୧.୨୦୧୬ ରିଖରେ ମୃତ୍ୟୁ ବରଣ କରିଅଛନ୍ତି । (**Death certificate No. 2884** dated **30.01.2016**)

**Legal heir certificate Misc.Case No. E-LHC/2025/103984 dated 17.06.2025** ଅନୁଯାୟୀ ବରେନ୍ଦ୍ର କୃଷ୍ଣ ଧଳଙ୍କର ଉତ୍ତରାଧିକାରୀ (୧) ସଙ୍ଘମିତ୍ରା ଚକ୍ରବର୍ତ୍ତି (ବିବାହିତା କନ୍ୟା), (୨)ଲୋପାମୁଦ୍ରା ଧଳ(ବିବାହିତା କନ୍ୟା) ଓ (୩) ଶିଦ୍ଧାର୍ଥ କୁମାର ଧଳ (ପୁତ୍ର) ଅଟନ୍ତି ।

ଇତି ମଧ୍ୟରେ **(୧) ସଙ୍ଘମିତ୍ରା ଚକ୍ରବର୍ତ୍ତି ଓ (୨) ଲୋପାମୁଦ୍ରା ଧଳ** ପଞ୍ଜିକୃତ ନାଦାବି ପତ୍ର (Registered deed of Relinquishment Document No.11131706243 dated 08.08.2017) ମାଧ୍ୟମରେ ଉକ୍ତ ଗୃହରେ ଥିବା ନିଜର ଅଧିକାର/ଅଂଶକୁ **ଶିଦ୍ଧାର୍ଥ କୁମାର ଧଳଙ୍କୁ** ହସ୍ତାନ୍ତର କରିଅଛନ୍ତି । ସୁତରାଂ **ଶିଦ୍ଧାର୍ଥ କୁମାର ଧଳଙ୍କ** ନାମରେ ମାଲିକାନା ପରିବର୍ତ୍ତନ କରାଯିବା ସମ୍ବନ୍ଧରେ ଯଦି କାହାର କିଛି ଦାବି/ ଆପତ୍ତି ଥାଏ ତାହାଲେ ଉକ୍ତ ସୂଚନା ପ୍ରକାଶନର ପନ୍ଦର(୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ସତ୍ୱ ପରିବର୍ତ୍ତନ ଆଇନ୍ ଅନୁଯାୟୀ ସଂପାଦନ କରାଯିବ ।

ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR-13033/11/0422/2526

ସକାଳ
THE SAKALA



# କେନ୍ଦୁଝର ଜିଲ୍ଲାରେ ୧୯୨ ନୂଆ ମତଦାନ କେନ୍ଦ୍ର, ୧୯୧୫କୁ ବୃଦ୍ଧି

କେନ୍ଦୁଝର, ୧୭।୧୨(ସମିସ)

କେନ୍ଦୁଝର ଜିଲ୍ଲାରେ ମତଦାତାଙ୍କ ବହୁବିଧ ସୁବିଧା ପାଇଁ ୧୯୨ଟି ନୂତନ ମତଦାନ କେନ୍ଦ୍ର ଗଠନ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ଭାରତ ନିର୍ବାଚନ ଆୟୋଗ ଅନୁମୋଦନ କରିଛନ୍ତି। ଏହି ପଦକ୍ଷେପ ଦ୍ୱାରା ମତଦାନ ସମୟର ଲୋକମାନଙ୍କର ଭିଡ଼ କମିବା ସହିତ ଭୋଟଦାନ କେନ୍ଦ୍ରର ଦୂରତା ବହୁମାତ୍ରାରେ ହ୍ରାସ ପାଇବ ଯାହାଦ୍ୱାରା ଜିଲ୍ଲାବାସୀ ବିଶେଷ ଭାବରେ ଉପକୃତ ହେଇପାରିବେ। ଏନେଇ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ କ୍ଷୁଦ୍ର ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କୁ ନୂତନ ମତଦାନ କେନ୍ଦ୍ରର ତାଲିକା ପ୍ରଦାନ କରାଯାଇଛି। ଡେପୁଟି କଲେକ୍ଟର ରୁପାଲି ହାଁସଦା, ସହକାରୀ ଜିଲ୍ଲାପାଳ ସନ୍ତୋଷ ପରିଡ଼ା ଓ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଜିଲ୍ଲାରେ ପୂର୍ବରୁ ୧୭୨୩ଟି ମତଦାନ କେନ୍ଦ୍ର ରହିଥିଲା। ତେବେ ଏହି ୧୯୨ଟି ନୂତନ କେନ୍ଦ୍ର ବୃଦ୍ଧି ପରେ ଜିଲ୍ଲାର ମୋଟ ମତଦାନ କେନ୍ଦ୍ର ସଂଖ୍ୟା ୧୯୧୫କୁ ବୃଦ୍ଧି ପାଇଛି। ନିର୍ବାଚନ ଆୟୋଗ ଏହାସହ ୪ଟି ମତଦାନ କେନ୍ଦ୍ରର ନାମ ସଂଶୋଧନ ଏବଂ ୧୭ଟି ମତଦାନ କେନ୍ଦ୍ରର ସ୍ଥାନ ପରିବର୍ତ୍ତନ ପ୍ରସ୍ତାବକୁ ମଧ୍ୟ ଅନୁମୋଦନ ପ୍ରଦାନ କରିଛନ୍ତି। ତେଲକୋଇ, ଘଷିପୁରା, ଆନନ୍ଦପୁର, ପାଟଣା, କେନ୍ଦୁଝର ଓ ଚମ୍ପୁଆ ବିଧାନସଭା ନିର୍ବାଚନମଣ୍ଡଳୀରେ ଯଥାକ୍ରମେ ୪୩,୨୯,୨୪,୨୨,୨୬ ଓ ୪୮ଟି ଏହିଭଳି ଭାବେ ମୋଟ ଉପରେ ୧୯୨ଟି ନୂତନ ମତଦାନ କେନ୍ଦ୍ର ସଂଖ୍ୟା ବୃଦ୍ଧି ପାଇଛି।

**୪ଟି କେନ୍ଦ୍ରର ନାମ ସଂଶୋଧନ ଓ ୧୭ଟି କେନ୍ଦ୍ରର ସ୍ଥାନ ପରିବର୍ତ୍ତନକୁ ଅନୁମୋଦନ**

# ବେଆଇନ ମାଙ୍ଗାନିଜ ବୋଝେଇ ବେଳେ ଚଢ଼ଉ; ଟ୍ରକ୍ ଜବତ

ଯୋଡ଼ା,୧୭।୧୨(ସମିସ): ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ନୟାଗଡ଼ ଓଜନ କଣ୍ଟା ନିକଟରୁ ଚୋରାରେ ମୂଲ୍ୟବାନ ମାଙ୍ଗାନିଜ ବୋଝେଇ ବେଳେ ଖଣି ବିଭାଗ ଚଢ଼ଉ କରି ମାଙ୍ଗାନିଜ ବୋଝେଇ ଟ୍ରକ ଜବତ କରିଛି। ମଙ୍ଗଳବାର ବିଳମ୍ବିତ ରାତିରେ ଖଣି ବିଭାଗର ଚାରିଜଣିଆ ଟିମ୍ ନୟାଗଡ଼ ଓଜନ କଣ୍ଟା ନିକଟରେ ଅତର୍କିତ ଚଢ଼ଉ କରିଥିଲେ। ଲକ୍ଷାଧିକ ଟଙ୍କାର ମାଙ୍ଗାନିଜ ବୋଝେଇ ଟ୍ରକ (ଓଆର ୦୯ ଏଲ ୮୯୫୮)କୁ ଜବତ କରାଯାଇଛି। ଅନ୍ଧାରର ସୁଯୋଗ ନେଇ ଘଟଣାସ୍ଥଳରୁ ଦୁର୍ବୃତ୍ତ ଫେରାର ହେଇଯାଇଛନ୍ତି। ଆଗାମୀ ଦିନରେ ଏହି ଧରପଗଡ଼କୁ ଜୋରଦାର କରାଯିବ ବୋଲି ନବନିଯୁକ୍ତ ଯୋଡ଼ା ଖଣି ଉପନିର୍ଦ୍ଦେଶକ ବିଶ୍ୱରଂଜନ ସେଠୀ ସୂଚନା ଦେଇଛନ୍ତି। ଉକ୍ତ ନୟାଗଡ଼ ରେଳ ସାଇଡିଙ୍ଗ ନିକଟ ଏକ ଘରୋଇ ଜମିରେ ଖଣି ବିଭାଗ ଦ୍ୱାରା ଜବତ ହୋଇ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିବା ଖଣିଜ ଗୋଦାମରୁ ସଦ୍ୟତମ ଭାବେ ମେସିନ ଲଗାଇ ଖଣିଜ ଚୋରା ଚାଲାଣ ଜଣାପଡ଼ିବା ପରେ ରାତ୍ର ପାଟ୍ରୋଲିଂ ଦଳ ସହାୟତାରେ ଏହି ଚଢ଼ଉ କରାଯାଇଥିଲା। ଉକ୍ତ ଅଞ୍ଚଳରେ ଦୀର୍ଘ ଦିନରୁ ଖଣିଜ ପଦାର୍ଥ ଗଚ୍ଛିତ ହୋଇ ରହିଛି। ଏହାର ରକ୍ଷଣାବେକ୍ଷଣ ଅଭାବ ତଥା ସୁରକ୍ଷା ଅଭାବରୁ ଅନେକ ସମୟରେ ଚୋରା ଖଣିଜ ବ୍ୟବସାୟୀମାନେ ମେସିନ ଲଗାଇ ପରିବହନ କରି ନେଉଥିବା ନଜିର ରହିଛି।

# ଦେଓଗାଁ ବ୍ରାହ୍ମଣ ସମାଜ କର୍ମକର୍ତ୍ତାଙ୍କ ବୈଠକ



ଆନନ୍ଦପୁର,୧୭।୧୨ (ସମିସ): ଆନନ୍ଦପୁର ଉପଖଣ୍ଡର ଦେଓଗାଁ ବ୍ରାହ୍ମଣ ସମାଜର କର୍ମକର୍ତ୍ତାଙ୍କ ବୈଠକ ଶ୍ରୀ ଶ୍ରୀ କୁଶଳେଶ୍ୱର ବିଜେଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଦୀପ କୁମାର ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ଷୋହଳ ଶାସନ ବତିଶ ପଡ଼ା ଶାସନ ଓ ଚଉଷଠି ଉପଶାସନର ବହୁ ମାନ୍ୟଗଣ୍ୟ ବ୍ରାହ୍ମଣ ସଦସ୍ୟ, କର୍ମକାଣ୍ଡବିତ୍ ବୈଦିକ ବ୍ରାହ୍ମଣଙ୍କୁ ନିମନ୍ତ୍ରଣ କରି ଆସନ୍ତା ଜାନୁଆରୀରେ ଏକ ସମ୍ମିଳନୀ କରିବାକୁ ଆଲୋଚନା ହୋଇଥିଲା। ଅନ୍ୟତମ ଉଦ୍ୟୋକ୍ତା ଚିତ୍ତରଞ୍ଜନ ପତିଙ୍କ ପ୍ରସ୍ତାବ ଉପରେ କର୍ମକର୍ତ୍ତାମାନେ ଆଲୋଚନା କରିଥିଲେ। ବ୍ରାହ୍ମଣ ସମାଜର ସୁରକ୍ଷା, ଭବିଷ୍ୟତ ପିଢିଙ୍କୁ କର୍ମକାଣ୍ଡ ପ୍ରବୀଣ କରିବା ପାଇଁ ବିଶିଷ୍ଟ ବାହ୍ମଣ ତଥା ହିନ୍ଦୁ ସଂସ୍କୃତି ସୁରକ୍ଷା ସମାଜ ସଦସ୍ୟ ଓ ଗବେଷକ ଜଗନ୍ନାଥ ସଂସ୍କୃତି ପ୍ରଚାରକ ଯୋଗଦେବେ ବୋଲି ନିଷ୍ପତ୍ତି ହୋଇଥିଲା। କାଳନ୍ଦୀ ଦାଶ ଗିରିଧାରୀ ଦାଶ ଜଗବନ୍ଧୁ ପଣ୍ଡା ବସନ୍ତ ପଣ୍ଡା ହଳଧର ଆଚାର୍ଯ୍ୟ ଆନନ୍ଦ ପାଣିଗ୍ରାହୀ ଶିବପ୍ରସାଦ ପଣ୍ଡା ଧର୍ମାନନ୍ଦ ପତି କେଶବ ଆଚାର୍ଯ୍ୟ ଜୟପ୍ରକାଶ ଦାଶ ବଳରାମ ପାଣିଗ୍ରାହୀ ରବୀନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଆନନ୍ଦପୁର ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ

ଆନନ୍ଦପୁର, ୧୭।୧୨ (ସମିସ): ଆନନ୍ଦପୁର ସରକାରୀ ବ୍ରଜବନ୍ଧୁ ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷ ଶିକ୍ଷକ ସଂଘ ଓଷ୍ଟା ପକ୍ଷରୁ ଆନନ୍ଦପୁର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଷ୍ଟା କେନ୍ଦୁଝର ଜିଲ୍ଲା ମୁଖ୍ୟ ଉପଦେଷ୍ଟା ଶାନ୍ତନୁ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ



ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଛାତ୍ରଛାତ୍ରୀ ବିଭିନ୍ନ କ୍ରୀଡ଼ା ଓ ଖେଳକୁଦରେ ଅଂଶଗ୍ରହଣ କରିଥିଲେ। ଅପରାହ୍ନରେ ସଂଗୀତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୁରସ୍କାର ବିତରଣୀ ସଭାରେ ଆନନ୍ଦପୁର ଅତିରିକ୍ତ ଶିକ୍ଷାଧିକାରୀ ହେମେନ୍ଦ୍ର ମହାନ୍ତି କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ସଙ୍ଘ ନେତା ଚିନ୍ତାମଣି ଜେନା, ପୂର୍ବତନ ଶିକ୍ଷକ ପବିତ୍ର ବେହେରା, ସନ୍ତୋଷ କୁମାର ସିଂ ବିଜୟ କୁମାର ସୁର, ଦାମଦୋର ସାହୁ, ସୁଦର୍ଶନ ବଳ ନିରାକାର ମହାପାତ୍ର, ହାଟଡିହି ସମ୍ପାଦକ ଶିଶିର ବିଶ୍ୱାଳ ଘସିପୁରା ସମ୍ପାଦକ ବିଜୟ କୁମାର ସାହୁ, ଶିକ୍ଷାବିତ ପିତାମ୍ବର ବିଶ୍ୱାଳ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସଂଗୀତ ଗୁରୁ ମନୋରଞ୍ଜନ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଦୀପ କୁମାର ହଜାରୀ ଧନ୍ୟବାଦ ଦେଇଥିଲେ। ଏଥିରେ ମୋଟ ୩୪୫ ଜଣ ପ୍ରତିଯୋଗୀ ବିଭିନ୍ନ ବିଭାଗର ୧୦ଟି ପ୍ରତିଯୋଗିତାରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ଗାୟତ୍ରୀ ଚକ୍ର, ଅନିତା ସାହୁ, ରାନୁ ଜେନା, ସୁନିତା ଜେନା, ତ୍ରିନାଥ ଘଡେଇ, ଶ୍ୱେତାଲିନା ମହାପାତ୍ର, ଝରଣା ମଞ୍ଜରୀ ଓଝା, ସୁଜାତା ମିଶ୍ର, କର୍ମଚାରୀ ସତ୍ୟନାରାୟଣ ସାହୁ, ତାପସ କୁମାର ଦତ୍ତ, ଶିବଶଙ୍କର ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ପଦ୍ମପୁରରେ ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ



ଆନନ୍ଦପୁର, ୧୭।୧୨ (ସମିସ): ଆନନ୍ଦପୁର ପୌର ପରିଷଦ ପଦ୍ମପୁର ଗ୍ରାମର ୧ ଓ ୨ ନମ୍ବର ୱାର୍ଡରେ ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଯୁବ ବିଜେପି ନେତା ତଥା ଆଦର୍ଶ ସେବା ସଂଘ ସଭାପତି ଯଜ୍ଞପ୍ରସାଦ ସାହୁଙ୍କ ନେତୃତ୍ୱରେ ଅସହାୟ ବ୍ୟକ୍ତିଙ୍କୁ କମ୍ବଳ ପ୍ରଦାନ କରାଯାଇଛି। ହନୁମାନ ଛକରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଭୟ ଦୁଇଟି ୱାର୍ଡର ୧୭୫ ଜଣଙ୍କୁ ଶ୍ରୀ ପ୍ରସାଦ ଆଜି ସହଯୋଗ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ କାଉନସିଲର ପଦ୍ମାବତୀ ସେଠୀ, ଯୁବ ସମାଜସେବୀ ଅକ୍ଷୟ ସାମଲ, ବନମାଳି ସେଠୀ, ପ୍ରାଣକୃଷ୍ଣ ସାହୁ, ମହେଶ୍ୱର ସାହୁ, ରଘୁନାଥ ନାହାକ, ଧନେଶ୍ୱର ସାହୁ, ଶରଣ ସାହୁ, କୃଷ୍ଣଚନ୍ଦ୍ର ସାହୁ, ବିଚିତ୍ର ଖଟୁଆ, ବିଚିତ୍ର ସାହୁ, ଲମ୍ବୋଦର ସାହୁ, ତରୁଣ ସାହୁ, ଆଗ୍ନିକ ସାହୁ, ସୁଶାନ୍ତ ସାହୁ, ମଧୁସୂଦନ ବେହେରା, ନରହରି ସାମଲ ପ୍ରମୁଖ ସହଯୋଗ କରିଥିଲେ।

# ବୁଲିଲା କୃଷି ପ୍ରଚାର ରଥ

ଚମ୍ପୁଆ, ୧୭।୧୨(ସମିସ): ଚମ୍ପୁଆ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଚଳିତ ବର୍ଷ ଖରିଫ ଋତୁ ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ପଞ୍ଜିକୃତ ଚାଷୀଙ୍କ ଧାନ କ୍ରୟ ପାଇଁ ପ୍ରଚାର ରଥର ଶୁଭାରମ୍ଭ ହୋଇଯାଇଛି। ଉପଜିଲ୍ଲାପାଳ ଉମାକାନ୍ତ ପରିଡା ଏହି ରଥର ଶୁଭାରମ୍ଭ କରିଥିଲେ। 'ସଚେତନ ଚାଷୀ; ଲାଭବାନ ଚାଷୀ' ପରିପ୍ରେକ୍ଷୀରେ ଏହି ପ୍ରଚାର ରଥ ଚମ୍ପୁଆ, ଯୋଡା ଓ ଝୁମ୍ପୁରା ଅଞ୍ଚଳରେ ପରିଭ୍ରମଣ କରି ଚାଷୀଙ୍କୁ ଧାନକ୍ରୟ, ଧାନ ମଣ୍ଡି, ଧାନର ମାନ ସମ୍ବନ୍ଧରେ ସୂଚନା ପ୍ରଦାନ କରିବ। ଏହି କାର୍ଯ୍ୟକ୍ରମରେ ଆରଏମସି ସଂପାଦକ



ଉପଜିଲ୍ଲାପାଳ କାର୍ଯ୍ୟାଳୟଠାରେ ନିୟନ୍ତ୍ରିତ ବଜାର କମିଟି ଅଧ୍ୟକ୍ଷ ତଥା ଚମ୍ପୁଆ ଦିଗାମ୍ବର ପ୍ରଧାନ ଓ କର୍ମଚାରୀ ଯୋଗ ସାମିଲ ହୋଇଥିଲେ।

# ରଙ୍ଗାପାଟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ



କେନ୍ଦୁଝର, ୧୭।୧୨(ସମିସ): ତେଲକୋଇ ନିର୍ବାଚନମଣ୍ଡଳୀର ବାଂଶପାଳ ବ୍ଲକ୍ ଜନ୍ତାରୀ ଗ୍ରାମରେ ରଙ୍ଗାପାଟ କ୍ଲବ୍ ପକ୍ଷରୁ ଆୟୋଜିତ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କେନ୍ଦୁଝର ଜିଲ୍ଲା ବିଜେପି ଉପସଭାପତି ଗୋପୀନାଥ ରାମ, ସମ୍ମାନିତ ଅତିଥି ଭାବେ ବିଜେପି ଗୋନାସିକା ମଣ୍ଡଳ ସଭାପତି କଳ୍ପତରୁ କଟେଇ, ପୂର୍ବତନ ମଣ୍ଡଳ ସଭାପତି ନିରଞ୍ଜନ ପ୍ରଧାନ, ସମିତିସଭ୍ୟ କୃଷ୍ଣଚନ୍ଦ୍ର ଜୁଆଙ୍ଗ, ସମସ୍ତ କର୍ମକର୍ତ୍ତା ଓ ଦର୍ଶକ ଏହି ଖେଳ ପର୍ବର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରାଙ୍କି ଚାମ୍ପିଅନ ହୋଇଥିବା ବେଳେ ରନର୍ସଅପ୍ ଟ୍ରଫି ଜଙ୍ଗିରାକୁ ପ୍ରଦାନ କରାଯାଇଛି।

# ଦେଶୀମଦ ଜବତ; ୨ ଅଭିଯୁକ୍ତ ଗିରଫ


ହାଟଡ଼ିହୀ,୧୭।୧୨(ସମିସ): କେନ୍ଦୁଝର ଅବକାରୀ ଅଧୀକ୍ଷକ ନରୋତ୍ତମ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଓ ଉପଅଧୀକ୍ଷକ ଦିବ୍ୟରଞ୍ଜନ ଦୀପଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ହାଟଡ଼ିହୀ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ଉ କରିଛନ୍ତି। ସୋସୋ ଥାନା ଅନ୍ତର୍ଗତ ପୁରୁଣାପାଣି, କୁଶଟିକିରି, ଟିଲଗଡ଼ିଆ ଅଞ୍ଚଳରୁ ୩୭୩ ଲିଟର ଓ ୪୦୫୦ କେଜି ଦେଶୀମଦ ମହୁଲ ପୋଚ ଜବତ କରାଯାଇଛି। ବେଆଇନ ମଦ କାରବାରରେ ସମ୍ପୃକ୍ତ ଟିଲଗଡ଼ିଆ ଗ୍ରାମର ରାଜେନ୍ଦ୍ର କିସ୍କୁ ଓ କୁଶଟିକିରି ଗାଁର ଅର୍ଜୁନ ଛାଟିଆଙ୍କୁ ଗିରଫ କରାଯାଇଛି। ଜବତ ଦେଶୀ ମହୁଲିମଦ ଓ ମହୁଲ ପୋଚର ଆନୁମାନିକ ମୂଲ୍ୟ ୧ଲକ୍ଷ ୮୦ହଜାର ଟଙ୍କା ହେବ। ଅବକାରୀ ନିରୀକ୍ଷକ ବ୍ରଜମୋହନ ମଲ୍ଲିକ, ହାଟଡ଼ିହୀ ଅବକାରୀ ଥାନାଧିକାରୀ ସିଦ୍ଧେଶ୍ୱର ମଲ୍ଲିକ, ସନ୍ତୋଷ ଦାସ, ସୁଶାନ୍ତ ରାଉତ, ଆଳତି ମାରାଣ୍ଡି, କନେଷ୍ଟବଳ ଜଗମୋହନ ବେହେରା, ସୁରେଶ ବେହେରା, ଜଗୁ ନାୟକ, ଆରତି ବେହେରା ପ୍ରମୁଖ ସାମିଲ ଥିଲା ବେଳେ ୩ଟି ମାମଲା ରୁଜୁ କରାଯାଇଛି।

# କୂଅରେ ଖସି ପଡ଼ି ବୃଦ୍ଧ ମୃତ

ବାଲିବନ୍ଧ, ୧୭।୧୨ (ସମିସ): ଝୁମ୍ପୁରା ଥାନା ନହବେଡ଼ା ପଞ୍ଚାୟତ ସଦର ଗ୍ରାମରେ ପୁରିଆ ପାତ୍ର (୬୨) କୂଅ ଭିତରେ ଖସି ପଡ଼ିବାରୁ ତାଙ୍କ ମୃତ୍ୟୁ ହୋଇଛି। ଏନେଇ ଝୁମ୍ପୁରା ଥାନାରେ ଲିଖିତ ଅଭିଯୋଗ ହୋଇଛି। କ୍ଷୀର ବିକ୍ରି କରିବା ପାଇଁ ଘରୁ ଖେଣ୍ଡରା ଗ୍ରାମକୁ ସାଇକଲ ଯୋଗେ ପୁରିଆ ଯାଇଥିଲେ। ସନ୍ଧ୍ୟା ହେବା ପରେ ମଧ୍ୟ ଘରକୁ ଫେରି ନଥିଲେ। ପ୍ରାୟ ୭ଟାରେ ସ୍ଥାନୀୟ ଲୋକେ ଖବର ଦେଲେ ଯେ ପୁରିଆ ପାତ୍ର ଫକୀରପୁର ଗ୍ରାମର ବାଉରୀ ମହାନ୍ତଙ୍କ ପରିତ୍ୟକ୍ତ କୂଅ ଭିତରେ ପଡ଼ିଯାଇଛନ୍ତି। ସ୍ଥାନୀୟ ଲୋକେ ଉଦ୍ଧାର କରିବା ପାଇଁ ଅନେକ ଚେଷ୍ଟା କରି ସଫଳ ହୋଇ ନଥିଲେ। ଲୋକେ ସଙ୍ଗେ ସଙ୍ଗେ ଝୁମ୍ପୁରାସ୍ଥିତ ଦମକଳ କେନ୍ଦ୍ର ଏବଂ ଝୁମ୍ପୁରା ଥାନାକୁ ଖବର ଦେଇଥିଲେ। ପୁଲିସ ଏବଂ ଦମକଳ ବାହିନୀ ସହାୟତାରେ ପୁରିଆଙ୍କୁ ଉଦ୍ଧାର କରି ଝୁମ୍ପୁରା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଚମ୍ପୁଆ ଡାକ୍ତରଖାନାକୁ ପଠାଯାଇଛି।


• ଗଛ କଟାକୁ ନେଇ ପ୍ରକୃତିବନ୍ଧୁଙ୍କ ଅସନ୍ତୋଷ

# ସିଆଡ଼ିମାଳିଆ ଓ ରାସ୍ତାପାର୍ଶ୍ୱରେ ଗଛ ଲଗାଇବାକୁ ଦାବି



ଆନନ୍ଦପୁର, ୧୭।୧୨ (ସମିସ): ବିଭିନ୍ନ ସରକାରୀ ଅନୁଷ୍ଠାନ ନିର୍ମାଣ ସହ ରାସ୍ତା ଏବଂ ସହରୀକରଣ ନାଁରେ ଏବେ ଆବାଧ ଗଛ କଟା ଚାଲିଛି। ଏନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ପ୍ରକୃତିବନ୍ଧୁ ବୈଲୋଚନ ସୂତାର ଏବଂ ତ୍ରିଲୋଚନ ସାହୁ। ଆନନ୍ଦପୁର ପୌର ପରିଷଦ ଅନ୍ତର୍ଗତ ବୈତରଣୀ ନଦୀରେ ନୂଆକରି ହେଉଥିବା ଦ୍ୱିତୀୟସେତୁ ପାଇଁ ୧୦୦ରୁ ଊର୍ଦ୍ଧ୍ୱ ଗଛ କଟାଯାଇଛି। ଅତୀତରେ ଶିଆଳିମାଡ଼ିଆରେ ହୋଇଥିବା କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ମଧ୍ୟ ଶହ ଶହ ଗଛ କଟା ଯାଇଥିଲା; କିନ୍ତୁ କଟା ଯାଇଥିବା ଗଛ ବଦଳରେ କେଉଁଠି ନୂତନ ଗଛ ଲଗାଗଲା ତାର କିଛି ସୂଚନା ନାହିଁ। ଏହା ମଧ୍ୟ ଜନସାଧାରଣ ଜାଣିବାର ଅଧିକାର ଅଛି। କଟା ଯାଇଥିବା ଗଛ ବଦଳରେ ସୁଦ୍ରସୁଡ଼ିଆ ବାଇପାସଠାରୁ ଆନନ୍ଦପୁର ବ୍ରିଜ ଛକ ଗୋଲେଇ ଏବଂ ସିଆଡିମାଳିଆରେ ୧୦ ଗୁଣା ଗଛ ଲଗାଯିବା ପାଇଁ ପ୍ରକୃତିବନ୍ଧୁ ତ୍ରିଲୋଚନ ସାହୁ ଏବଂ ବୈଲୋଚନ ସୂତାର ଜିଲ୍ଲାପାଳଙ୍କୁ ଜଣାଇଛନ୍ତି। ସବୁ ସମୟରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ କେନ୍ଦୁଝର ଜିଲ୍ଲାପାଳଙ୍କୁ ପ୍ରସ୍ତାବ ଦେଇଛନ୍ତି। ଗଛଗୁଡ଼ିକୁ କଟା ନ ଯାଇ ମୂଳରୁ ଓପାଡ଼ି ରୋପଣ କରିବାକୁ ପ୍ରସ୍ତାବ ଦେଇଛନ୍ତି।

# ଷ୍ଟାର୍ ଏକାଡେମୀର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା




କେନ୍ଦୁଝର, ୧୭।୧୨(ସମିସ): ଜିଲ୍ଲାର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଷ୍ଟାର ଏକାଡେମୀର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଦୁଇଦିନିଆ କ୍ରୀଡ଼ା ପ୍ରତିଯୋଗିତାର ଉଦଯାପନୀ ସମାରୋହ ଏକାଡେମୀର ଅଧ୍ୟକ୍ଷା ସୁନିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଷ୍ଟାଡିୟମ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଓସ୍କାର ସମ୍ପାଦିକା ଧରିତ୍ରୀ ରାଉତ, କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥାର ସଦସ୍ୟ ହିମାଂଶୁ ଶେଖର ମହାନ୍ତି ଏହାକୁ ଉଦଘାଟନ କରିଥିଲେ। ଉଦଯାପନୀ ଦିବସରେ କେନ୍ଦୁଝରଗଡ଼ ପୌରାଧ୍ୟକ୍ଷା ନିକୁ ସାହୁ ମୁଖ୍ୟଅତିଥି, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ପରିଚାଳକ ମାନସ ରଞ୍ଜନ ସାହୁ ଏବଂ ଜିଲ୍ଲା କ୍ରୀଡ଼ା ସଂସ୍ଥାର ସାଧାରଣ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, ସିଡବ୍ଲୁସି ସଦସ୍ୟା ସୋନାଲି ସିଂହ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସଂଯୋଜିକା ସୁପ୍ରିୟା ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ କ୍ରୀଡ଼ା ଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଙ୍କ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ମିତାରାଣୀ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ମିଠା ବ୍ୟବସାୟୀଙ୍କ ପରଲୋକ

ଆନନ୍ଦପୁର, ୧୭।୧୨ (ସମିସ): ଆନନ୍ଦପୁର ଅଞ୍ଚଳର ସର୍ବପୁରାତନ ମିଠା ବ୍ୟବସୟୀ ତଥା ୪ ନଂ ୱାର୍ଡ ନିବାସୀ ଶ୍ରୀଧର ସାହୁଙ୍କ ପରଲୋକ ହୋଇଯାଇଛି। ସେ କିଛି ଦିନ ହେବ ଯକୃତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ଗତ ମଙ୍ଗଳବାର ବିଳମ୍ବିତ ରାତିରେ ଦେହାନ୍ତ ହୋଇଥିଲା। ଖବର ପାଇ ଆନନ୍ଦପୁର ସହର ସମେତ ଆଖପାଖ ଅଞ୍ଚଳରୁ ମାନ୍ୟଗଣ୍ୟ ବ୍ୟକ୍ତି ବୈତରଣୀ ବିହାରସ୍ଥିତ ବାସଭବନରେ ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ବେଳକୁ ପରିବାରବର୍ଗ, ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ପୁଅ ସୁଜିତ ମୁଖାଗ୍ନି ଦେଇଥିଲେ।



## ବାଲି ମାଫିଆଙ୍କ ଆକ୍ରମଣରେ ୨ ଆହତ

ଡୁରୁମୁଙ୍ଗା, ୧୭।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଟାଙ୍ଗରପଡ଼ା ପଞ୍ଚାୟତ ନୂଆପଡ଼ା ବୈତରଣୀ ନଦୀ ଘାଟରୁ ମଙ୍ଗଳବାର ରାତିରେ ଟ୍ରାକ୍ଟର ଯୋଗେ ବେଆଇନ ବାଲି ଉତ୍ତୋଳନ ହେଉଥିବା ସମୟରେ ଏହାକୁ ବିରୋଧ କରିବାରୁ ମାଫିଆଙ୍କ ଆକ୍ରମଣରେ ଗ୍ରାମର ୨ ଜଣ ଯୁବକ ଫକିର ମୋହନ ବେହେରା (୩୦) ଏବଂ ରଞ୍ଜିତ ବେହେରା (୩୮) ଆହତ ହୋଇଛନ୍ତି। ଏନେଇ ଉଭୟ ପାଟଣା ଥାନାରେ ଅଭିଯୋଗ କରିଛନ୍ତି। ରାତି ୮ଟା ସମୟରେ ସାନ ଜାମୁପୋଷି ଗ୍ରାମର ମେଘ ମହାନ୍ତ ଏବଂ ନାଗା ମହାନ୍ତ ୨ଟି ଟ୍ରାକ୍ଟରରେ ବାଲି ବୋଝେଇ କରୁଥିବା ବେଳେ ଫକିର ଓ ରଞ୍ଜିତ ବିରୋଧ କରିଥିଲେ। ମେଘ, ନାଗା ଏବଂ ନୂଆପଡ଼ା ଗ୍ରାମର ଦୁଇଜଣ ଶ୍ରମିକ କପିଳ ନାଏକ ଓ ସୁନୀଲ ନାଏକ ମିଶି ଫକିର ଓ ରଞ୍ଜିତଙ୍କୁ ଆକ୍ରମଣ କରିବା ସହ ନଦୀ ହୁଡ଼ାରୁ ତଳକୁ ଠେଲି ଦେଇଥିଲେ। ଅଭିଯୋଗ ପରେ ପାଟଣା ଥାନାରେ ୩୦୦/୨୫ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଥିବା ଥାନାଧିକାରୀ ମାନସ କୁମାର ମହାକୁଳ କହିଛନ୍ତି।

# ସାଇଁକୁଳ ଗାଁର ବିକାଶ ପାଇଁ ସଂକଳ୍ପ

ଆନନ୍ଦପୁର, ୧୭।୧୨ (ସମିସ): ଘସିପୁରା ବ୍ଲକ ସାଇଁକୁଳ ଗ୍ରାମର ବିକାଶରେ ରାଜନୈତିକ ହସ୍ତକ୍ଷେପ ଦୂରେଇବା ପାଇଁ ଗ୍ରାମବାସୀଙ୍କୁ ଏକତ୍ରିତ କରିବା ପାଇଁ ହୋଇଥିବା ଉଦ୍ୟମ ସଫଳ ହୋଇଛି। ଯୁବକମାନେ ଏକଯୁଟ ହୋଇ ଦଳମତ ନିର୍ବିଶେଷରେ ସମସ୍ତେ ଏକାଠି ହୋଇ ସରକାରୀ ଯୋଜନା ଓ ଆର୍ଥିକ ଅନୁଦାନର ସଦୁପଯୋଗ କରିବା ପାଇଁ ଅଣ୍ଟା ଭିଡ଼ିଥିବା ଜଣାଯାଇଛି। ନିର୍ବାଚନ ସମୟରେ ଇଚ୍ଛା ମୁତାବକ ସମର୍ଥନ କରିବାରେ ଲଗାମ ରହିବ ନାହିଁ; କିନ୍ତୁ ଗାଁର ବିଭିନ୍ନ ପ୍ରକାର ଉନ୍ନତିମୂଳକ କାମରେ ସମସ୍ତେ ଏକାଠି ହୋଇ ସହଯୋଗ କରିବାକୁ ଯୁବ ସମାଜସେବୀ ସନ୍ତୋଷ ସ୍ୱାଇଁ ବୈଠକରେ ନିବେଦନ କରିଥିଲେ। ଗାଁର ବିକାଶ ପାଇଁ ଆସୁଥିବା ଅର୍ଥକୁ ଗାଁର ବିକାଶରେ ବିନିଯୋଗ ନକରି ବିଭିନ୍ନ ଦଳୀୟ ନେତା-କର୍ମୀ ସରକାରୀ ଅର୍ଥକୁ ହଡ଼ପ କରୁଥିବାରୁ ଗାଁର ବିକାଶ ହୋଇପାରୁନାହିଁ ବୋଲି ଗାଁର ବୁଦ୍ଧିଜୀବୀମାନେ ମତ ପୋଷଣ କରିଥିଲେ। ସାଇଁକୁଳର ଅବସରପ୍ରାପ୍ତ ଶିକ୍ଷକ ଗୋପାଳଚନ୍ଦ୍ର ପରିଡାଙ୍କ ଆହ୍ୱାନରେ ଗାଁର ଅନେକ ଅବସରପ୍ରାପ୍ତ ଶିକ୍ଷକ ଓ ଯୁବକ ଅନେକ ଦିନହେବ ଅପରିଷ୍କାର ହୋଇ ପଡ଼ିଥିବା ଗାଁର ମଶାଣିକୁ ସଫା କରିଛନ୍ତି। ହିନ୍ଦୁଧର୍ମର ମନ୍ଦିର କୁହାଯାଇଥିବା ଏ ପବିତ୍ର ସ୍ଥାନକୁ ପରିଷ୍କାର କରାଯାଇଛି। ବରିଷ୍ଠ ସମାଜସେବୀ ତଥା ଶାନ୍ତିନିକେତନ ପ୍ରଫେସର ଡ ସନତ ରଥ ଓ ଆଇନଜୀବୀ ଦୁଷ୍ମନ୍ତ ଜେନା ଏଭଳି କାମକୁ ପ୍ରଶଂସା କରିବାସହ କିପରି ଗାଁର ଉନ୍ନତି ହୋଇପାରିବ ସେନେଇ ମତ ପ୍ରକାଶ କରିଛନ୍ତି। ପବିତ୍ର ହିନ୍ଦୁ ଧର୍ମର ଏଇ ପବିତ୍ର ପୀଠର ଉନ୍ନତି ହେବାନେଇ ଗ୍ରାମର ଧରଣୀଧର ମହାପାତ୍ର, କାଳନ୍ଦି ପଟ୍ଟନାୟକ, ପ୍ରଶାନ୍ତ ସେନାପତି, ନଟ ପରିଡ଼ା. ବୀର ପରିଡ଼ା ସମେତ ଗାଁର ଯୁବକମାନେ ସହଯୋଗ କରିବାକୁ ସଂକଳ୍ପ ନେଇଥିବା ଜଣାଯାଇଛି।



# ନିଲାମ ହେବ ଜିଲ୍ଲାର ୩ ବୃହତ ଲୌହ ଓ ମାଙ୍ଗାନିଜ ଖଣି

ଯୋଡ଼ା, ୧୭।୧୨(ସମିସ)

କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଖଣିକ୍ଷେତ୍ର ଅଞ୍ଚଳର ୩ ବୃହତ ଲୌହ ଓ ମାଙ୍ଗାନିଜ ଖଣି ନିଲାମ ହେବାକୁ ଥିବା ନେଇ ସରକାରୀ ସ୍ତରରୁ ବିଜ୍ଞପ୍ତି ବାହାରିବା ପରେ କମ୍ପାନୀଗୁଡ଼ିକର ପ୍ରତିଦ୍ୱନ୍ଦ୍ୱିତାମୂଳକ ଚର୍ଚ୍ଚାକୁ ଆସିଛି। କିଛି ଛୋଟବଡ଼ ଖଣି କମ୍ପାନୀ ନିଲାମୀରେ ଭାଗ ନେବା ସହ ଏମଏନସି କମ୍ପାନୀଗୁଡିକ ମଧ୍ୟ ଦୌଡ଼ରେ ସାମିଲ ହେଉଛନ୍ତି।

ସରକାରଙ୍କ ଖଣି ନିଲାମୀର ନୂତନ ନିୟମ ଅନୁଯାୟୀ, ଖଣି ନିଲାମୀରେ ପ୍ରତିଯୋଗିତାମୂଳକ ଅଂଶଗ୍ରହଣ କରି ଉଚ୍ଚ ପ୍ରିମିୟମ ଦେଇ ଖଣି ହାତେଇବାକୁ ଲାଗିଛନ୍ତି ବଡ଼ ବଡ଼ ଖଣି କମ୍ପାନୀ। ଏଥିରେ ୧୨୦ରୁ ୧୯୦ ପର୍ଯ୍ୟନ୍ତ ପ୍ରିମିୟମ ଦେବାକୁ ପଡୁଥିଲେ ସୁଦ୍ଧା ଖଣିଗୁଡିକୁ ହାତେଇ ନେଉଛନ୍ତି। ପୂର୍ବ ନିଲାମୀରେ ମଧ୍ୟ ଏତାଦୃଶ ପରିସ୍ଥିତି ଦେଖିବାକୁ ମିଳିଥିବା ବେଳେ ଖଣି ଅଞ୍ଚଳରେ ସର୍ବଦା ଖଣି ଗୁଡିକର ପ୍ରିମିୟମ ଦେୟକୁ ନେଇ ଚର୍ଚ୍ଚା ହୋଇଆସୁଛି ଯେ ଜଣେ ଖଣି ମାଲିକ ଉତ୍ତୋଳନ କରୁଥିବା ଖଣିଜକୁ ୧୦୦ ଟଙ୍କାରେ ବିକ୍ରି କରି ସରକାରଙ୍କୁ ୧୨୦ରୁ ୧୯୦ ଟଙ୍କା ପୈଠ କରୁଛନ୍ତି କେମିତି ? ୟା ଭିତରେ ଖଣିଜର ଉତ୍ତୋଳନ ଖର୍ଚ୍ଚ, ଜିଲ୍ଲା ଖଣିଜ ପାଣ୍ଠି ଖର୍ଚ୍ଚ ସହ ଅନ୍ୟାନ୍ୟ ଖର୍ଚ୍ଚ ମଧ୍ୟ ରହିଛି। ତେବେ କମ୍ପାନୀଗୁଡ଼ିକର ଏତାଦୃଶ କାର୍ଯ୍ୟକଳାପ ଉପରେ ଆଉ ଏକ ଟିପ୍ପଣୀ ଶୁଣିବାକୁ ମିଳେ ଯେ କମ୍ପାନୀଗୁଡିକ ଖଣିଜର ମାନ ହେରଫେର କରି ନିଜର ହାନିକୁ ଭରଣା କରୁଛନ୍ତି; ଯାହା ଖଣି ବିଭାଗ ଦ୍ୱାରା ଯାଞ୍ଚ କରାଯାଇ ଏହା ଅନେକ ସମୟରେ ପ୍ରମାଣ ହୋଇଛି।

ଆଗକୁ କେନ୍ଦୁଝର ଜିଲ୍ଲାରେ ନିଲାମ ହେବାକୁ ଥିବା ଖଣିଗୁଡ଼ିକ ହେଲା ଠାକୁରାଣୀ-ଏ ଆଇରନ ଓର, ରେଙ୍ଗାଲବେଡା ପଶ୍ଚିମ ନୂଆଗାଁ ଲୁହାପଥର ଖଣି, ଜଜାଙ୍ଗ-ଏ ଲୁହାପଥର ଓ ମାଙ୍ଗାନିଜ ଖଣି। ନିଲାମ ହେବାକୁ ଥିବା ଉକ୍ତ ଖଣିଗୁଡିକ ଆୟତନ ଅନୁଯାୟୀ ଠାକୁରାଣୀ ଖଣିଟି ୨୦୨.୭୮୧ ହେକ୍ଟର ହୋଇଥିବା ବେଳେ ଜଜାଙ୍ଗ ଖଣିଟି ୬୮.୪୩୬ ହେକ୍ଟର ଓ ରେଙ୍ଗାଲବେଡ଼ା ଖଣି ଟି ୦.୮୪୪ ବର୍ଗକିମି ଅଞ୍ଚଳରେ ବିସ୍ତୃତ। ଖଣିଗୁଡିକରେ ଉଚ୍ଚମାନର ଲୁହାପଥର ଗଚ୍ଛିତ ରହିଛି। ଏହି ନିଲାମ ପ୍ରକ୍ରିୟାରେ ସରକାର ଖଣି ନିଲାମୀ କରି ମୋଟା ଅଙ୍କର ପ୍ରିମିୟମ ପାଉଥିବା ବେଳେ ଖଣି କମ୍ପାନୀଗୁଡିକ ଖଣି ମାଲିକମାନେ ବିଭିନ୍ନ ଅସାଧୁ ଉପାୟ ଅବଲମ୍ବନ କରି ଲାଭବାନ ହେଉଛନ୍ତି ହେଲେ ସ୍ଥାନୀୟ ଅଞ୍ଚଳରେ ମାନ୍ଦାବସ୍ଥା ଦେଖାଦେଉଛି। ଅତୀତରେ ଖଣି ହାତେଇଥିବା ମାଲିକମାନେ ଖଣି ଲିଜ, ନିଲାମ ପ୍ରକ୍ରିୟା ଓ ଉଚ୍ଚ ପ୍ରିମିୟମର ଦ୍ୱାହି ଦେଇ ସ୍ଥାନୀୟ ଅଞ୍ଚଳରେ ଶୂନ୍ୟ ନିଯୁକ୍ତି, ଶ୍ରମିକ ମରଣା ନୀତି, ଜିରୋ ସିଏସଆର ଆକ୍ଟିଭିଟି, ଖଣିଜ ଗୁଡିକର ସଡ଼କ ପଥରେ ପରିବହନ ଉପରେ କଟକଣା କରି ଅଞ୍ଚଳରେ ଆର୍ଥିକ ମାନ୍ଦାବସ୍ଥା ସୃଷ୍ଟି ହେବାରେ ସହାୟକ ହେଉଛନ୍ତି।

**ଦୌଡ଼ରେ ଏମ୍‌ଏନ୍‌ସି**

## ଦାନା ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ



ଡ୍ରାଇଭର ଗୁରୁତର

ତୁରୁମୁଙ୍ଗା, ୧୭।୧୨(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ସାହାରପଡ଼ା ବିଲା ରାସ୍ତାର ବିଲାଶାଳ ଜଙ୍ଗଲ ନିକଟରେ ବୁଧବାର ଅପରାହ୍ନରେ ଏକ ପିକ୍‌ଅପ୍ ଭ୍ୟାନ୍ ଭାରସାମ୍ୟ ହରାଇ ରାସ୍ତାକଡ଼ ଗଛକୁ ଧକ୍କା ଦେବା ଫଳରେ ଗାଡ଼ି ଭିତରେ ଡ୍ରାଇଭର ଚାପି ହୋଇ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଗାଡ଼ି ଭିତରୁ ଉଦ୍ଧାର କରି ୧୦୮ ସହାୟତାରେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ପରିଚୟ ମିଳି ପାରିନାହିଁ। ପିକ୍‌ଅପ୍ ଭ୍ୟାନ୍‌ରେ ଦାନା ବୋଝେଇ କରି ସାହାରପଡ଼ାରୁ ବିଲା ଛକ ପଟକୁ ଆସୁଥିବା ସମୟରେ ଏହି ଦୁର୍ଘଟଣା ଘଟିଛି। ତୁରୁମୁଙ୍ଗା ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ କରୁଛି।

## ଶିକ୍ଷକଙ୍କ ଅକାଳ ବିୟୋଗ


ଠାକୁରମୁଣ୍ଡା,୧୭।୧୨(ସମିସ): ଠାକୁରମୁଣ୍ଡା ବ୍ଲକ୍ ପଡ଼ିଆବେଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ନିଶାପୋଷି ଗ୍ରାମର ଶିକ୍ଷକ ରାଜେନ୍ଦ୍ର କୁମାର ମହାନ୍ତଙ୍କ ବୁଧବାର ଅକାଳ ବିୟୋଗ ହୋଇଛି। ତାଙ୍କ ମୃତ୍ୟୁରେ ଠାକୁରମୁଣ୍ଡା ବ୍ଲକ୍ ଶିକ୍ଷକମାନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ରାଜେନ୍ଦ୍ର ଶିକ୍ଷକତା କରୁଥିବାବେଳେ ମୃତ୍ୟୁ ସମୟରେ ସେ ଖଣ୍ଡବନ୍ଧ ଗ୍ରାମପଞ୍ଚାୟତ ନୂଆପଡ଼ା ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବରେ କାର୍ଯ୍ୟ କରୁଥିଲେ। ପୂର୍ବରୁ ସେ ଠାକୁରମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ସିଆର୍‌ସିସି ଭାବରେ ମଧ୍ୟ କାର୍ଯ୍ୟ ତୁଲାଇଥିଲେ। ସେ କିଛି ମାସ ପୂର୍ବରୁ କର୍କଟ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ଶେଷରେ ତାଙ୍କ ଘରେ ଥିବାବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁ ଖବର ଶୁଣି ସ୍ଥାନୀୟ ସରପଞ୍ଚ ଧର୍ମାନନ୍ଦ ନାଏକ, ଶିକ୍ଷକ ନେତା ତରଣୀସେନ ନାଏକଙ୍କ ସହ ଅନ୍ୟ ଶିକ୍ଷକ ଓ ଗ୍ରାମବାସୀମାନେ ଶୋକବ୍ୟକ୍ତ କରିଥିଲେ। ସେହିପରି ସହକର୍ମୀ ଶିକ୍ଷକମାନେ ଓ ସ୍ଥାନୀୟ ଲୋକେ ତାଙ୍କ ନିଶାପୋଷି ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଶିକ୍ଷକ ରାଜେନ୍ଦ୍ରଙ୍କ ସ୍ତ୍ରୀ ଓ ଦୁଇ ଜଣ ଝିଅ ଅଛନ୍ତି। ଗାଁ ଶ୍ମଶାନରେ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହୋଇଥିଲା।

## କାଠ ଚୋରା ଚାଲାଣ; ଭ୍ୟାନ୍ ଜବତ



ତୁରୁମୁଙ୍ଗା, ୧୭।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନ ଉଦୟପୁର ବିଟ୍ ଅନ୍ତର୍ଗତ ମଲାରପଦା ଗ୍ରାମ ନିକଟ ରାସ୍ତାରୁ ବୁଧବାର ଏକ ଚୋରା ଗମ୍ଭାରୀ କାଠଗଣ୍ଡି ବୋଝେଇ ପିକ୍‌ଅପ୍ ଭ୍ୟାନ୍‌କୁ ବନ ବିଭାଗ ଜବତ କରିଛି। ଗାଡ଼ିରେ ଗମ୍ଭାରୀ କାଠ ବୋଝେଇ କରି ଚୋରା ଚାଲାଣ କରାଯାଉଥିବା ଖବର ପାଇ ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାରଙ୍କ ନିର୍ଦ୍ଦେଶରେ ବନ ବିଭାଗର ପାରାଷ୍ଟାଫ୍ ଚଢ଼ଉ କରିଥିଲେ। ମାଫିଆମାନେ ଗାଡ଼ି ଛାଡ଼ି ଫେରାର ମାରିଥିଲେ। ଗାଡିରୁ ୨୩ଖଣ୍ଡ ଗମ୍ଭାରୀ ଗଣ୍ଡିଜବତ ହୋଇଛି।ଆନୁମାନିକମୂଲ୍ୟଦେଢ଼ଲକ୍ଷଟଙ୍କାରୁଅଧିକହେବ।ସାହାରପଡା ବନପାଳ ଶ୍ରୀମନ୍ତ ବେହେରା, ବନରକ୍ଷୀ ଝରଣାରାଣୀ ସାହୁ, ଦୀପକ ରଣାଙ୍କ ସମେତ ପାରା ଷ୍ଟାଫ୍ ଅଟଳ ସେଠୀ, ଏମ୍‌ଡି ୱାସିମ୍, ସଞ୍ଜୟ ମହାନ୍ତ ପ୍ରମୁଖ ସାମିଲ ଥିଲେ।

## ପୁଣି ଥରେ ଦିଲ୍ଲୀରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ ଉଦଳା ମାଟିର ପୁଅ କିଶନ କୁମାର



ଉଦଳା,୧୭।୧୨(ସମିସ): ପୁଣି ଥରେ ନିଜର ଓଜସ୍ୱିନୀ କୀର୍ତ୍ତିରୁ ପ୍ରଶଂସା ଏବଂ ଚର୍ଚ୍ଚା ସାଉଁଟିଛନ୍ତି ଉଦଳା ମାଟିର ଗୌରବ କିଶନ କୁମାର ସାହୁ। ଆସନ୍ତା ଜାନୁଆରୀ ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀରେ ଭାରତ ମଣ୍ଡପମ୍‌ରେ ଆୟୋଜିତ ହେବାକୁ ଯାଉଛି ବିକଶିତ ଭାରତ ୟଙ୍ଗ୍ ଲିଡର୍ସ ଡାଇଲଗ୍‌ର ଦ୍ୱିତୀୟ ସଂସ୍କରଣ। ଯେଉଁଥିରେ ଦେଶ ସାରାରୁ ଚୟନୀତ ଯୁବ ପ୍ରତିଭାମାନେ ୨୦୪୭ ସୁଦ୍ଧା ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଭାରତକୁ ବିକଶିତ କରିବାର ମୂଳମନ୍ତ୍ର ପ୍ରଧାନମନ୍ତ୍ରୀଙ୍କ ସମ୍ମୁଖରେ ଉପସ୍ଥାପନା କରିବେ। ଦେଶରୁ ୨.୫ କୋଟି ଯୁବ ପ୍ରତିଯୋଗିତା କରିଥିବାବେଳେ ସେଥିରୁ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇ ଉଦଳା ମାଟିକୁ ପୁଣି ଗୌରବାନ୍ୱିତ କରିଛନ୍ତି ସୁବକ୍ତା କିଶନ କୁମାର ସାହୁ। ତାଙ୍କ ବିଷୟ ରହିଛି 'ଓଘଡଓଇ'ଝ ଗ୍ମକ୍ଟଲଗ୍ମ କ୍ଟ୍ରକ୍ଟଙ୍ଗରକ୍ସ : ମଙ୍କକ୍ଷଗ୍ମଙ୍କକ୍ସବକ୍ଷ ୟସକ୍ଟ୍ରକ୍ଷକ୍ଟଙ୍କବମଛ ବଭୟ ଶକ୍ଷକ୍ଟଭବକ୍ଷ ସଭଲକ୍ଷଙ୍କରଭମର ଲକ୍ଟକ୍ସ ଙ୍କସଲଗ୍ମସଗ୍ମ ଭଷବକ୍ସବଗ୍ମ'। ଆସନ୍ତା ୮ ତାରିଖରେ କିଶନ ଓଡ଼ିଶା ଦଳର ପ୍ରତିନିଧି ରୂପେ ଭୁବନେଶ୍ୱରରେ ରାଜ୍ୟପାଳଙ୍କୁ ସାକ୍ଷାତ୍ କରି ଦିଲ୍ଲୀ ଅଭିମୁଖେ ବାହାରିବେ ଏବଂ ୧୨ ତାରିଖରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ସୂଚନାନୁଯାୟୀ, କିଶନ କୁମାର ଏହା ପୂର୍ବରୁ ୩ ଥର ଓଡ଼ିଶା ରାଜ୍ୟର ପ୍ରତିନିଧିତ୍ୱ କରି ଓଡ଼ିଶା ଏବଂ ନିଜ ମାତୃଭୂମିକୁ ଗୌରବାନ୍ୱିତ କରିଛନ୍ତି।

### ରାସ୍ତା ଦୁରବସ୍ଥାକୁ ନେଇ ଉତ୍ତେଜନା

# ସିଙ୍ଗଡ଼ା ୪୯ ନମ୍ବର ଜାତୀୟ ରାଜପଥ ଅବରୋଧ

କରଞ୍ଜିଆ,୧୭।୧୨(ସମିସ)



ବୁଧବାର ମୟୂରଭଞ୍ଜ ଜିଲ୍ଲାର ସିଙ୍ଗଡ଼ା ଅଞ୍ଚଳରେ ରାସ୍ତା ଦୁରବସ୍ଥାକୁ ନେଇ ଭୟଙ୍କର ଜନଅସନ୍ତୋଷ ଦେଖାଦେଇଛି। କେନ୍ଦୁଝର ସିଙ୍ଗଡ଼ାକୁ ସଂଯୋଗ କରୁଥିବା ୪୯ ନମ୍ବର ଜାତୀୟ ରାଜପଥ ମରାମତି ହୋଇ ନ ଥିବା ପ୍ରତିବାଦରେ ସିଙ୍ଗଡ଼ା ରାମଚନ୍ଦ୍ରପୁର ଗ୍ରାମର ଗାଲୁ ସାହିର ଶତାଧିକ ମହିଳା ଓ ପୁରୁଷ ବୁଧବାର ରାସ୍ତା ଉପରେ ଧାରଣା ଦେଇ ଅବରୋଧ କରିଥିଲେ। ଦୀର୍ଘ ଦିନ ଧରି ରାସ୍ତା ଅତ୍ୟନ୍ତ ଖରାପ ଅବସ୍ଥାରେ ଥିବାରୁ ବାରମ୍ବାର ସଡ଼କ ଦୁର୍ଘଟଣା ଘଟୁଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ଲୋକେ। ତା' ସହିତ ପ୍ରତିଦିନ ହଜାର ହଜାର ଭାରୀଯାନବାହନ ଚଳାଚଳ କରୁଥିବାରୁ ରାସ୍ତା ଓ ନିକଟବର୍ତ୍ତୀ ସାହିଗୁଡ଼ିକରେ ଭୟଙ୍କର ଧୂଳି ଉଡୁଛି। ଏହି ଧୂଳିର ପ୍ରଭାବରେ ଘରଦ୍ୱାର, ପାଣି, ଖାଦ୍ୟ ସାମଗ୍ରୀ ସବୁ ଦୂଷିତ ହେଉଥିବା ସହ ବାୟୁ ପ୍ରଦୂଷଣ ଗୁରୁତର ଆକାର ନେଇଛି। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁସାରେ, ଏହାକୁ ନେଇ ବାରମ୍ବାର ପ୍ରଶାସନକୁ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସ୍ଥାୟୀ ସମାଧାନ ମିଳି ନ ଥିଲା। ଏହି କାରଣରୁ ବାଧ୍ୟ ହୋଇ ବୁଧବାର ସକାଳୁ ପ୍ରାୟ ୩ରୁ ୪ ଘଣ୍ଟା ଧରି ୪୯ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରାଯାଇଥିଲା। ଫଳରେ ରାଜପଥର ଉଭୟ ପାର୍ଶ୍ୱରେ ଶହଶହ ଯାନବାହନ ଅଟକି ରହିଥିଲା। ଯାହା ଦ୍ୱାରା ସାଧାରଣ ଲୋକ ଓ ଯାତ୍ରୀମାନେ ଭୟଙ୍କର ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଘଟଣାର ସୂଚନା ପାଇ ସିଙ୍ଗଡ଼ା ଫାଣ୍ଡି ଅଧିକାରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ଯଥାଯଥ ବୁଝାସୁଝା ପରେ ପ୍ରତିବାଦକାରୀମାନେ ରାସ୍ତା ଅବରୋଧ ହଟାଇଥିଲେ। ଏହାପରେ ଜାତୀୟ ରାଜପଥରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ସ୍ଥାନୀୟ ଲୋକମାନେ ଶୀଘ୍ର ରାସ୍ତା ମରାମତି ସହ ଧୂଳି ନିୟନ୍ତ୍ରଣ ପାଇଁ ପଦକ୍ଷେପ ନେବାକୁ ପ୍ରଶାସନକୁ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ଚେତାବନୀ ଦେଇଛନ୍ତି।

## ଗରା, ବାଲ୍‌ଟି ଧରି ରାସ୍ତା ଅବରୋଧ କଲେ ଗ୍ରାମବାସୀ

ତିନି ବର୍ଷ ଧରି ସମ୍ପୂର୍ଣ୍ଣ ହେଉନି ପାଣିଟାଙ୍କି ନିର୍ମାଣ



ମୋରଡ଼ା,୧୭।୧୨(ସମିସ): ପାନୀୟଜଳ ସମସ୍ୟାକୁ ନେଇ ରାସ୍ତା ଅବରୋଧ କରିବା ସହିତ ଧାରଣାରେ ବସିଛନ୍ତି ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ବ୍ଲକ୍ ଅଧୀନ କୋହି ପଞ୍ଚାୟତର ରାଇଡିହା ଗ୍ରାମବାସୀ।

ସୂଚନା ଅନୁଯାୟୀ, ଉକ୍ତ ଗ୍ରାମରେ ଗତ ୩ ବର୍ଷ ତଳେ ଜଳ ଜୀବନ ମିଶନରେ ୩୦ ହଜାର ଲିଟର କ୍ଷମତା ସମ୍ପନ୍ନ ଏକ ଓଭରହେଡ୍ ପାଣି ଟାଙ୍କିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ନିର୍ମାଣ କାର୍ଯ୍ୟ ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଗ୍ରାମବାସୀ ପିଇବା ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀମାନେ ବାରମ୍ବାର ପ୍ରଶାସନକୁ ଏ ବାବଦରେ ଜଣାଇଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରି ନ ଥିଲା। ଫଳରେ ବୁଧବାର ଗ୍ରାମବାସୀମାନେ ଗରା, ବାଲ୍‌ଟି ଧରି ଗଡ଼ିଆ-ବାରମାଇଲ ମୁଖ୍ୟ ରାସ୍ତାର ରାଇଡିହା ଛକ ନିକଟରେ ଧାରଣାରେ ବସିବା ସହିତ ରାସ୍ତା ଅବରୋଧ କରିଥିଲେ। ଦୀର୍ଘ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧାରଣାରେ ବସିବା ପରେ ଘଟଣାସ୍ଥଳରେ ପୁଲିସ ପ୍ରଶାସନ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲା। ତେବେ କନିଷ୍ଠ ଯନ୍ତ୍ରୀ ସସ୍ମିତା ପତି ପହଞ୍ଚି ଯଥାଶୀଘ୍ର ପାନୀୟଜଳ ବ୍ୟବସ୍ଥା କରିବାର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏନେଇ କନିଷ୍ଠ ଯନ୍ତ୍ରୀ ଶ୍ରୀମତୀ ପତିଙ୍କୁ ପଚାରିବାରୁ ଏ ବାବଦରେ ସେ ଠିକାଦାରଙ୍କୁ ତାଗିଦ୍ କରିଛନ୍ତି। ଠିକାଦାର ୧୦ ଦିନ ଭିତରେ ସମସ୍ତ ସମସ୍ୟାର ସମାଧାନ କରି ଲୋକଙ୍କୁ ପାଣି ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## ଉଠା ଜଳସେଚନ ବିଭାଗରେ ଅବ୍ୟବସ୍ଥା; ଚାଷୀ ହନ୍ତସନ୍ତ

ଆନନ୍ଦପୁର, ୧୭।୧୨(ସମିସ): ଆନନ୍ଦପୁର ଉଠା ଜଳସେଚନ କାର୍ଯ୍ୟାଳୟର ସହକାରୀ ଯନ୍ତ୍ରୀଙ୍କୁ ଦାୟିତ୍ୱରୁ ଅପସାରଣ କରାଯାଇ ଅନ୍ୟ ଜଣେ ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ ଦେବା ଘଟଣାରେ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାଯାଇଛି। ଅତିରିକ୍ତ ଦାୟିତ୍ୱ ନେଇଥିବା ଅଧିକାରୀ କେନ୍ଦୁଝର ଜିଲ୍ଲାର ଅନ୍ୟ ଚାରିଟି ଦାଇତ୍ୱରେ ଥିବାରୁ ଆନନ୍ଦପୁର କାର୍ଯ୍ୟାଳୟରେ ଅନୁପସ୍ଥିତ ରହୁଛନ୍ତି। ପ୍ରତିଦିନ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଚାଷୀମାନେ ଫେରୁଥିବା ଘଟଣାରେ ଅସନ୍ତୋଷ ପ୍ରକାଶ ପାଇଛି। ନିହିତ ସ୍ୱାର୍ଥ ପାଇଁ ଏପରି ବେନିୟମ କରାଯାଇଛି ବୋଲି କେତେକ ଚାଷୀ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗତ ୨୦୨୨ ଡିସେମ୍ବରରେ ଯୋଗଦେଇଥିବା ସହକାରୀ ଯନ୍ତ୍ରୀ କାର୍ଯ୍ୟ କରୁଥିବା ବେଳେ ତାଙ୍କ ସ୍ଥାନରେ ଅନ୍ୟ ଜଣେ ଯନ୍ତ୍ରୀଙ୍କୁ ଚଳିତ ମାସ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଗତ ୩ ତାରିଖରେ ଯୋଗଦେଇଥିବା ଯନ୍ତ୍ରୀ ଦାୟିତ୍ୱ ଗ୍ରହଣ କରି ଥରେ ମାତ୍ର ଆନନ୍ଦପୁରକୁ ଆସିଥିବା ଆଲୋଚନାରୁ ଜଣାଯାଇଛି। ଆନନ୍ଦପୁର ଉପଖଣ୍ଡର ଏହା ଏକମାତ୍ର କାର୍ଯ୍ୟାଳୟ ହୋଇଥିବାବେଳେ ଏପରି ବିଶୃଙ୍ଖଳା ଚାଷୀମାନଙ୍କ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି କରିଛି। ଉପଖଣ୍ଡ ଉଠା ଜଳସେଚନ କାର୍ଯ୍ୟାଳୟ ଜଣେ ସହକାରୀ ଯନ୍ତ୍ରୀ, ୪ ଜଣ କନିଷ୍ଠ ଯନ୍ତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀ ରହିବାର ବ୍ୟବସ୍ଥା ଥିବା ବେଳେ ମାତ୍ର ଜଣେ ସହକାରୀ ଯନ୍ତ୍ରୀ ଓ ଜଣେ ପମ୍ପ ଡ୍ରାଇଭରକୁ ନେଇ ଏହି କାର୍ଯ୍ୟାଳୟ କାମଚଳା ନୀତିରେ ଚାଲିଛି। ଗତ ୨୦୧୭ରୁ ସହକାରୀ ଯନ୍ତ୍ରୀ ପଦ ଖୋଲା ପଡ଼ିଥିବା ବେଳେ କେବଳ ଅତିରିକ୍ତ ଦାୟିତ୍ୱରେ ଚାଲିଥିବାରୁ ଆନନ୍ଦପୁର ଉପଖଣ୍ଡର ଚାଷୀମାନେ ନାହିଁ ନଥିବା ହିନସ୍ତା ହେଉଥିବା ଓ ସେଚ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଗୁରୁତର ଅଭିଯୋଗ ହୋଇଛି। ଆନନ୍ଦପୁର, ଘଷିପୁରା, ହାଟଡିହି ବ୍ଲକ ଓ ଆନନ୍ଦପୁର ପୌରାଞ୍ଚଳରେ ପ୍ରାୟ ୭ ଶହରୁ ଅଧିକ ଉଠା ସେଚପଏଣ୍ଟ ଥିବା ବେଳେ ବିଭାଗୀୟ ଯନ୍ତ୍ରୀ ଓ କର୍ମଚାରୀ ଅଭାବରୁ ରକ୍ଷଣାବେକ୍ଷଣ ହୋଇ ନପାରି ଅନେକ ପଏଣ୍ଟ ଅଚଳ ହୋଇପଡ଼ିଲାଣି। ପ୍ରାୟ ୧.୫୦ ଏକର ପରିମିତ ନିଜସ୍ୱ ଜମିରେ ଥିବା ଏହି କାର୍ଯ୍ୟାଳୟ ଗତ ୨୦୦୧ରୁ ରକ୍ଷଣାବେକ୍ଷଣ ଓ ମରାମତି ହୋଇ ନଥିବାରୁ ଏହା ଧୀରେ ଧୀରେ ଭୁଶୁଡ଼ି ପଡ଼ିବା ପରିସ୍ଥିତି ସୃଷ୍ଟି ହୋଇଛି।

## ବିଶ୍ୱତାରିଣୀ ମହିଳା କଲେଜର ବାର୍ଷିକ କ୍ରୀଡ଼ା



ହାଟଡ଼ିହୀ,୧୭।୧୨(ସମିସ): ହାଟଡ଼ିହୀ ବ୍ଲକ୍ ଛେନାପଦି ଛକସ୍ଥିତ ବିଶ୍ୱତାରିଣୀ ଯୁକ୍ତ ୨ ମହିଳା କଲେଜର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଅବସରରେ ଅଧକ୍ଷା ଶୁଭସ୍ମିତା ପଳିତାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ସମ୍ମାନିତ ଅତିଥି ବିଡିଓ ରଞ୍ଜନ କୁମାର ପରିଡ଼ା, ଯୁକ୍ତ ୩ କଲେଜ ଅଧକ୍ଷ ପ୍ରଶାନ୍ତ କୁମାର ପହି ପ୍ରମୁଖ ଯୋଗ ଦେଇଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ସୁରଭି ଦାସ ପ୍ରତିଯୋଗିତାକୁ ପରିଚାଳନା କରିଥିବା ବେଳେ ଦୀପ୍ତିମୟୀ ସେନାପତି ସଭା ସଂଯୋଜନା କରିଥିଲେ। ଉଦଯାପନୀ ଅବସରରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ଉପଜିଲ୍ଲପାଳ ନୀଳମାଧବ ସୁନା, ସମ୍ମାନିତ ଅତିଥି ଭାବେ ବିଜେପି ନେତା ଆଲୋକ ସେଠୀ, ସାଂସଦ ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତସିଂହାର, ବଉଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଅଜୟ ଜେନା, ଶାଳବଣି ମହାବିଦ୍ୟାଳୟର ଅଧ୍ୟାପକ ନିହାର ରଞ୍ଜନ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପିକା ଆଳତୀ ଦାସ, ଶିବାନୀ ଧଳ, ପଲିଶ୍ରୀ ପାଇକରାୟ, ଲୋପାମୁଦ୍ରା ପ୍ରଧାନ, ଶିବାନୀ ଧଳ, ସୁମିତ୍ରା ବେହେରା, ମନ୍ଦରଧର ରାଉତ, ସୁରଭି ଦାସ, ଅଣକର୍ମଚାରୀ ଅନାଦି ଚରଣ ଜେନା, ଦେବେନ୍ଦ୍ର ସା, ପ୍ରଦୀପ ମଲ୍ଲିକ, ଶିଶିର ସା, ଚନ୍ଦ୍ରମା ଜେନା ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ମୟୂରଭଞ୍ଜରେ ପୁଣି ଲଜ୍ଜା

## ୫ ବର୍ଷର ଶିଶୁକନ୍ୟା ଯୌନ ନିର୍ଯାତନା ଶିକାର

### ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି; ଆତ୍ମୀୟ ଗିରଫ

ବାରିପଦା,୧୭।୧୨(ସମିସ): ବାରିପଦା ସଦର ଥାନା ଅନ୍ତର୍ଗତ ଏକ ଗ୍ରାମରେ ଏକ ହୃଦୟବିଦାରକ ଘଟଣା ଘଟିଛି। ୧୫ ତାରିଖ ଅପରାହ୍ଣ ପ୍ରାୟ ୩ଟା ସମୟରେ ଏକ ୫ ବର୍ଷୀୟା ଶିଶୁକନ୍ୟାକୁ ପଡ଼ୋଶୀ ତଥା ଆତ୍ମୀୟ ଦିଲ୍ଲୀପ ହେମ୍ବ୍ରମ (୨୪) ଘର ପଛ ପଟର ଏକ ନିର୍ଜନ ସ୍ଥାନକୁ ନେଇ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଶିଶୁକନ୍ୟା ଜଣକ ଜୋର୍‌ରେ କାନ୍ଦିବାରୁ ପାଖରେ ଥିବା ତା'ର ମାଉସୀ ଶୁଣି ଦୌଡ଼ି ଆସି ଅଭିଯୁକ୍ତ କବଳରୁ ତାକୁ ଉଦ୍ଧାର କରିଥିଲେ। ଏହାପରେ ଝିଅର ମାଆ ମଙ୍ଗଳବାର ବାରିପଦା ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ୍ ତୁରନ୍ତ ଅଭିଯୁକ୍ତ ଦିଲ୍ଲୀପକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଥାନାରେ ପୋକ୍ସୋ ଆଇନ ଓ ଭାରତୀୟ ନ୍ୟାୟ ସଂହିତା ଅନୁସାରେ ଏକ ମାମଲା ରୁଜୁ ହୋଇଛି। ଶିଶୁକନ୍ୟାର ବୟାନ ଭିଡିଓଗ୍ରାଫି ସହ ରେକର୍ଡ କରାଯାଇଛି। ତାକୁ ପିଆର୍‌ଏମ୍ ମେଡିକାଲ୍ କଲେଜ ଓ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଉଭୟଙ୍କର ଡାକ୍ତରୀ ପରୀକ୍ଷା ପରେ ତଦନ୍ତ ଜାରି ରହିଛି। ଗ୍ରାମରେ ଏହି ଘଟଣାକୁ ନେଇ ତୀବ୍ର ଉତ୍କଣ୍ଠା ଓ କ୍ରୋଧ ପ୍ରକାଶ ପାଇଛି। ଶିଶୁକନ୍ୟାର ଶୀଘ୍ର ଆରୋଗ୍ୟ କାମନା କରିବା ସହିତ ଅଭିଯୁକ୍ତ ବିରୋଧରେ କଡ଼ା ଦଣ୍ଡବିଧାନ ଦାବି କରିଛନ୍ତି।

## ଜଗବନ୍ଧୁ ହାଇସ୍କୁଲର ବିଜ୍ଞାନ ପ୍ରକଳ୍ପ ଜିଲ୍ଲାସ୍ତରକୁ ମନୋନୀତ



ବଡ଼ସାହି,୧୭।୧୨(ସମିସ): ଏହି ବ୍ଲକ୍ ଅଧୀନ ବାଲିଯୋଡ଼ା ଗ୍ରାମସ୍ଥିତ ଜଗବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ପ୍ରକଳ୍ପ ଚଳିତ ମାସରେ କରଞ୍ଜିଆଠାରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ଅଂଶ ଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛି। ଗଣିତ ଶିକ୍ଷକ ଦୀପକ ରାମ ଓ ବିଜ୍ଞାନ ଶିକ୍ଷୟିତ୍ରୀ ରୋଜାଲିକା ଗିରିଙ୍କ ମାର୍ଗଦର୍ଶନରେ ନିର୍ମିତ ନବମ ଶ୍ରେଣୀର ଛାତ୍ରୀ ସୀତା ମୁର୍ମୁଙ୍କ ପ୍ରକଳ୍ପ "ଫିମେଲ୍ ସେଭିୟର' ଉପବିଷୟବସ୍ତୁ ଏମାର୍‌ଜିଂ ଟେକ୍‌ନୋଲୋଜିସ୍‌ରେ ପ୍ରଥମ ହୋଇ ଜିଲ୍ଲାସ୍ତରକୁ ମନୋନୀତ ହେବାର ସୌଭାଗ୍ୟ ଅର୍ଜନ କରିଛି। ଏଥିପାଇଁ ଉକ୍ତ ବିଦ୍ୟାଳୟ ପ୍ରଧାନଶିକ୍ଷକ ପାର୍ବତୀ ମୁର୍ମୁ, ପିଇଟି ପାର୍ଥସାରଥୀ ଜେନା, ରେଖାରାଣୀ ମହାକୁଡ଼, ଅଲିଭାଜ୍ୟୋତି ମହାପାତ୍ର, ତପସ୍ୱିନୀ ସାହୁ, ଇନ୍ଦୁଲତା ପତି, ଅଫିସ୍ ସହାୟକ ପଦ୍ମାବତୀ ମହାନ୍ତ, ଛାତ୍ରୀ ନିବାସର ମେଟ୍ରୋନ୍ ସୁକାନ୍ତି ମହାନ୍ତ, ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ, ଆଲୁମ୍‌ନି କମିଟିର ସମସ୍ତ ସଦସ୍ୟ, ସିଆର୍‌ସିସି ଇନ୍ଦ୍ରଜିତ ଗିରି ପ୍ରମୁଖ ଛାତ୍ରୀ ସୀତା ମୁର୍ମୁଙ୍କୁ ଶୁଭେଚ୍ଛା ଜଣାଇବା ସହ ଜିଲ୍ଲାସ୍ତରରେ ତାଙ୍କର ସଫଳତା କାମନା କରିଛନ୍ତି।

## ଜଜପଶି ପଞ୍ଚାୟତ ପିଇଓଙ୍କ ବଦଳି

● 'ସକାଳ' ପ୍ରଭାବ

ତୁରୁମୁଙ୍ଗା, ୧୭।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଚମ୍ପୁଆ ବ୍ଲକ ଜଜପଶି ପଞ୍ଚାୟତରେ ବ୍ୟାପକ ଅନିୟମିତତା ସହ ଅବ୍ୟବସ୍ଥା ହୋଇଆସୁଛି। ଏନେଇ ପଞ୍ଚାୟତର ପିଇଓ ଗଣେଶ୍ୱର ପ୍ରଧାନଙ୍କ ପୁଅ ହାତରେ ଗତକାଲି ଭତ୍ତା ବଣ୍ଟନ କରଯାଇଥିବା ସଂକ୍ରାନ୍ତ ଏକ ରିପୋର୍ଟ 'ସକାଳ'ରେ ବୁଧବାର ପ୍ରକାଶ ପାଇଲା ପରେ ବ୍ଲକ୍ ପ୍ରଶାସନ ତତ୍ପର ହୋଇଉଠିଛି। ସଂପୃକ୍ତ ପିଇଓ ଗଣେଶ୍ୱର ପ୍ରଧାନଙ୍କୁ ବିଡିଓ ବ୍ଲକ କାର୍ଯ୍ୟାଳୟକୁ ବଦଳି କରିଛନ୍ତି। ଏନେଇ ଚମ୍ପୁଆ ପଞ୍ଚାୟତସମିତି କାର୍ଯ୍ୟାଳୟର ଅର୍ଡର ନମ୍ବର ୭୨୪୦ରେ ଚମ୍ପୁଆ ବିଡିଓ ସ୍ମୃତିରଞ୍ଜନ ସାହୁ ବଦଳି କରିବା ସହ ଜଜପଶି ପଞ୍ଚାୟତରେ ନୂତନ ପିଇଓ ଭାବରେ ଅନୀଲ କୁମାର ମହାନ୍ତଙ୍କୁ ଯୋଗଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ଗୋଚର ଜମିରେ ନିର୍ମାଣ କାର୍ଯ୍ୟକୁ ବିରୋଧ

# ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ

ରାଇରଙ୍ଗପୁର,୧୭।୧୨(ସମିସ)



ଗୋଚର ଜମିକୁ ଜବରଦଖଲ କରି ନିର୍ମାଣ କାର୍ଯ୍ୟ କରିବାକୁ ବିରୋଧ କରି ଗ୍ରାମବାସୀମାନେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଘେରଉ କରିଛନ୍ତି। ବହଳଦା ତହସିଲ୍ ଅନ୍ତର୍ଗତ ଗମ୍ଭାରିଆ ଗ୍ରାମସ୍ଥିତ ଗୋଚର ଜମିକୁ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକେ ଜବରଦଖଲ କରି କବର ସ୍ଥାନ ନିର୍ମାଣ କାର୍ଯ୍ୟ କରୁଛନ୍ତି। ଯାହାକୁ ସ୍ଥାନୀୟ ଗ୍ରାମବାସୀମାନେ ଅନ୍ୟତ୍ର କରିବା ନେଇ ବାରମ୍ବାର କହିବା ସତ୍ତ୍ୱେ ଜୋର୍‌ଜବରଦସ୍ତ ସେଠାରେ ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି। ଉକ୍ତ ଗ୍ରାମର ଏହା ଏକମାତ୍ର ଗୋଚର ଜମି ଥିବାବେଳେ ଗାଈଗୋରୁ, ଛେଳିମେଣ୍ଢା ଆଦି ଗୃହପାଳିତ ପଶୁ ଚରାଇଥାନ୍ତି। କିନ୍ତୁ ଉକ୍ତ ଜମିକୁ ଉଦ୍ଦେଶ୍ୟମୂଳକ ଭାବେ ଜବରଦଖଲ କରିବାକୁ ପ୍ରୟାସ କରାଯାଉଛି ବୋଲି ଅଭିଯୋଗ କରିଛନ୍ତି। ଏନେଇ ରାଜସ୍ୱ ନିରୀକ୍ଷକ ସମେତ ବ୍ଲକ୍ ପ୍ରଶାସନ ଓ ଉପଜିଲ୍ଲାପାଳଙ୍କୁ ଅଭିଯୋଗ ଜଣାଇଥିଲେ। କିନ୍ତୁ କୌଣସି ସମାଧାନ ହେଲା ନାହିଁ। ଯାହାକୁ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବହଳଦା ତହସିଲ୍‌ଦାର ବୁଧବାର ଗମ୍ଭାରିଆ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ପରିଦର୍ଶନରେ ଆସିଥିବାର ଖବର ପାଇ ଉତ୍ୟକ୍ତ ଗ୍ରାମବାସୀମାନେ କାର୍ଯ୍ୟାଳୟ ଘେରଉ କରିଥିଲେ। ଅଭିଯୋଗ ବାବଦରେ ତହସିଲ୍‌ଦାରଙ୍କୁ ଜଣାଇବା ସହ ରାଜସ୍ୱ ନିରୀକ୍ଷକ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ବୋଲି କହିଥିଲେ। ଯେପର୍ଯ୍ୟନ୍ତ ସମସ୍ୟାର ସମାଧାନ ନ ହେବ ସେପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ନେଇ ତହସିଲ୍‌ଦାର ଅନୁଧ୍ୟାନ କରିଥିଲେ। ତୁରନ୍ତ ଉକ୍ତ ସ୍ଥାନରୁ ସମସ୍ତ ଜବରଦଖଲ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ରବିବାର ସନ୍ଧ୍ୟା ସୁଦ୍ଧା ଜବରଦଖଲ ସ୍ଥାନରୁ ଖୁଣ୍ଟି ଓ ନିର୍ମାଣ କାର୍ଯ୍ୟ ହଟାଇ ନିଜ ଆୟତ୍ତକୁ ନେବାକୁ ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନଚେତ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲ୍‌ଦାର ଲିଖିତ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀମାନେ ଆନ୍ଦୋଳନରୁ ଓହରିଥିଲେ। ଆଗକୁ ଜମି ଜବରଦଖଲମୁକ୍ତ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀମାନେ ଚେତାବନୀ ଦେଇଛନ୍ତି।

## ବାଣିଜ୍ୟ ମହୋତ୍ସବରେ ହସ୍ତଶିଳ୍ପ ସାମଗ୍ରୀର ଚାହିଦା



ଆନନ୍ଦପୁର,୧୭।୧୨ (ସମିସ): ଆନନ୍ଦପୁର ଷ୍ଟାଡିୟମରେ ଚାଲିଥିବା ଆନନ୍ଦପୁର ବାଣିଜ୍ୟ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଆଜି ପ୍ରବଳ ଜନସମାଗମ ଦେଖିବାକୁ ମିଳିଛି। ବିଶେଷ କରି ଖାଦ୍ୟ ହସ୍ତଶିଳ୍ପ ଓ ମନୋହରୀ ସାମଗ୍ରୀ ବିକ୍ରି ହେଉଥିବା ଷ୍ଟଲ୍‌ରେ ଲୋକଙ୍କ ଗହଳି ଦେଖିବାକୁ ମିଳିଛି। ଅଧ୍ୟାପକ ବିଜୟ କୁମାର ସାହୁଙ୍କ ସଞ୍ଚାଳନ ଓ ପ୍ରେସ୍ କ୍ଲବ୍ ସଭାପତି ନାରାୟଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଡ଼ ବିପିନି ବିହାରୀ ମିଶ୍ର ଉଦ୍ୟୋଗୀ ନବଜ୍ୟୋତି ପଟ୍ଟନାୟକ ଚିତ୍ରତାରକା ଅଶ୍ରୁମୋଚନ ମହାନ୍ତି, ପୂର୍ଣ୍ଣେନ୍ଦୁ ଦତ୍ତ, ରତ୍ନା ହସ୍ପିଟାଲର ଅଧକ୍ଷ ନଟବର ରଣା ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ଯୋଗଗୁରୁ ଅନ୍ନଦା ଶଙ୍କର ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ସମ୍ପାଦକ ସନ୍ତୋଷ ରାଉତ ଧନ୍ୟବାଦ ଦେଇଥିଲେ। ନୃତ୍ୟଗୁରୁ ଜିତୁ ଦାଶଙ୍କ ତତ୍ତ୍ୱାବଧାନରେ ସରଗମ ନୃତ୍ୟାନୁଷ୍ଠାନ, ଢେଙ୍କାନାଳ ଓ ସାଇକଳା ନୃତ୍ୟାନୁଷ୍ଠାନ, ଯାଜପୁର ରୋଡର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରେସ୍ କ୍ଲବ୍ ସଦସ୍ୟ ନାରାୟଣ ପଣ୍ଡା, ଶତ୍ରୁଘ୍ନ ସାହୁ, ଦିଲ୍ଲୀପ ମିଶ୍ର, ସ୍ୱିପ୍ନେଶ୍ୱର ପଣ୍ଡା, ସତ୍ୟଜିତ ସାହୁ, ରାଜୀବ ଜେନା, ଗୋପାଳ ରାଉତ, ଶ୍ରୀକୁମାର ମିଶ୍ର, ଉପେନ୍ଦ୍ର ସାହୁ, ରାଜେନ୍ଦ୍ର ଦାଶ, ଉମାକାନ୍ତ ସାହୁ, ସ୍ମୃତିରଂଜନ ବିହାରୀ, ଅନିଲ ସାହୁ, ଲିଟୁ ହଜାରୀ, ଗତିକୃଷ୍ଣ ଭୂୟାଁ, ରାଜକିଶୋର ସାହୁ, ଜିତୁ ହଜାରୀ, ସୁଶାନ୍ତ ସାହୁ, ପାର୍ଥସୌରଭ ସା, ବିକାଶ ବିଶ୍ୱାଳ, କବୀନ୍ଦ୍ର ଖୁଣ୍ଟିଆ, କୈଳାସଚନ୍ଦ୍ର ନାୟକ, ଗୋପୀନାଥ ପାତ୍ର, ମୃତ୍ୟୁଞ୍ଜୟ ସାହୁ ସହଯୋଗ କରିଥିଲେ।



ହିଜାବ ଟାଣିବା ମାମଲା

## ନୀତୀଶଙ୍କୁ ପାକିସ୍ତାନୀ ଡନ୍‌ର ଧମକ



ପାଟନା, ୧୭।୧୨ (ଏଜେନ୍ସି): ନିଯୁକ୍ତିପତ୍ର ବାଣ୍ଟିବା ଅବସରରେ ଜଣେ ମୁସଲମାନ ମହିଳା ଡାକ୍ତରଙ୍କ ହିଜାବ ଟାଣି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ବିବାଦରେ ପଡ଼ିଛନ୍ତି। ଏବେ ପାକିସ୍ତାନୀ ଡନ୍ ଶେହଜାଦ ଭଟ୍ଟି ଏଥିରେ ମୁଣ୍ଡ ପଶାଇଛି। ସେ ନୀତୀଶଙ୍କୁ ଧମକ ଦେଇଛି। ଡନ୍ ଏକ ଭିଡିଓ ଜାରି କରି କହିଛି ଯେ, ମୁଖ୍ୟମନ୍ତ୍ରୀ ସାର୍ବଜନୀନ ଭାବେ ମହିଳାଙ୍କୁ କ୍ଷମା ମାଗନ୍ତୁ, ନଚେତ ପରିଣତି ଭୟଙ୍କର ହେବ। ପରେ ଆଉ ଚେତାବନୀ ଦିଆଯାଇ ନ ଥିଲା ବୋଲି କହିବ ନାହିଁ। ପୂର୍ବରୁ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇକୁ ଧମକ ଦେଇ ଭଟ୍ଟି ଚର୍ଚ୍ଚାରେ ଥିଲା। ଭଟ୍ଟି ଠାରୁ ବିପଦ ଥିବା ଦର୍ଶାଇ ତିହାର ଜେଲ୍‌ରେ ବନ୍ଦ ଥିବା ଲରେନ୍ସର ଭାଇ ଅନମୋଲ ବିଷ୍ଣୋଇ ଦିଲ୍ଲୀ କୋର୍ଟରେ ବୁଲେଟପ୍ରୁଫ ଜ୍ୟାକେଟ ଏବଂ ଗାଡ଼ି ଦାବି କରିଥିଲା। ଗତ ୧୫ ତାରିଖରେ ବିହାରର ଏକ କାର୍ଯ୍ୟକ୍ରମରେ ମୁସଲିମ ମହିଳାଙ୍କ ବୁର୍ଖା ଟାଣି ଦେଇଥିଲେ। ଏହାକୁ ନେଇ ପାକିସ୍ତାନୀ ଡନ୍ ଭିଡିଓରେ କହିଛି ଯେ ବିହାରରେ କ'ଣ ହୋଇଥିଲା ତାହା ସମସ୍ତେ ଦେଖିଛନ୍ତି। ବଡ଼ ପଦରେ ଥିବା ବ୍ୟକ୍ତି ଜଣେ ମୁସଲିମ ମହିଳାଙ୍କ ସହ ଖରାପ ବ୍ୟବହାର କରିଛି। ପରେ ଶେହଜାଦ ଏମିତି କରିଦେଲା, ସେମିତି କରିଦେଲା ବୋଲି ଆଉ ଅଭିଯୋଗ ଲଗାଇବ ନାହିଁ। ସେହି ବ୍ୟକ୍ତି ପାଖରେ ଏବେ ବି ସମୟ ଅଛି। ଆଜି ସେହି ମହିଳାଙ୍କୁ କ୍ଷମା ମାଗି ନିଅନ୍ତୁ। କ୍ଷମା ନ ମାଗିଲେ ଦାୟୀ ସଂସ୍ଥା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ପରେ ଚେତାବନୀ ଦିଆଯାଇ ନ ଥିଲା ବୋଲି ଆଉ କହିବ ନାହିଁ।

## 'ଅପରେସନ ସିନ୍ଦୂର' ମନ୍ତବ୍ୟ ପାଇଁ କ୍ଷମା ମାଗିବିନି: ଚୌହାନ

ମୁମ୍ବଇ, ୧୭ ।୧୨(ଏଜେନ୍ସି): କଂଗ୍ରେସ ନେତା ପୃଥ୍ୱୀରାଜ ଚୌହାନ ଅପରେସନ ସିନ୍ଦୂର ନେଇ ଦେଇଥିବା ମନ୍ତବ୍ୟ ପାଇଁ କ୍ଷମା ମାଗିବାକୁ ମନା କରିଦେଇଛନ୍ତି। ମୁଁ କ୍ଷମା ମାଗିବି ନାହିଁ ବୋଲି ସେ ବୁଧବାର ସ୍ପଷ୍ଟ କରିଛନ୍ତି। ମୁଁ କୌଣସି ଭୁଲ କଥା କହିନାହିଁ। ତେଣୁ କ୍ଷମା ମାଗିବାର କୌଣସି କାରଣ ନାହିଁ ବୋଲି ସେ କହିଛନ୍ତି। ଗୋଟିଏ ଦିନ ପୂର୍ବରୁ ସେ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଯୁଦ୍ଧର ପ୍ରଥମ ଦିନରେ ହିଁ ଭାରତୀୟ ସେନା ହାରିଯାଇଥିଲା ବୋଲି ସେ କହିଥିଲେ। ଏହାକୁ ନେଇ ବିଜେପି ତରଫରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସେନାକୁ ଅପମାନ କରିବା ଏବେ କଂଗ୍ରେସର ପରିଚୟ ହୋଇସାରିଲାଣି ବୋଲି ବିଜେପି ମୁଖପାତ୍ର ଶାହଜାଦ ପୁନାୱାଲା କହିଛନ୍ତି। କେବଳ ଚୌହାନ ନୁହେଁ ପୂର୍ବରୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ସମାନ ପ୍ରକାର ମନ୍ତବ୍ୟ ଦେଇସାରିଛନ୍ତି ବୋଲି ସେ କହିଛନ୍ତି। କଂଗ୍ରେସ ସେନାର ଅପମାନ କରୁଛି ଓ ଭାରତ ଏହାକୁ ବରଦାସ୍ତ କରିବ ନାହିଁ ବୋଲି ବିଜେପି ନେତା ଗିରିରାଜ ସିଂ ମଧ୍ୟ କହିଛନ୍ତି।

## କବାଡ଼ି ଖେଳାଳି ହତ୍ୟା ଅଭିଯୁକ୍ତକୁ ଏନକାଉଣ୍ଟର

ମୋହାଲି୧୭ ।୧୨(ଏଜେନ୍ସି): ପଞ୍ଜାବର ମୋହାଲିରେ ୩୦ ବର୍ଷୀୟ କବାଡ଼ ଖେଳାଳି କନୱାର ଦିଗ୍‌ବିଜୟ ସିଂଙ୍କୁ ଗୁଳିକରି ହତ୍ୟା କରାଯାଇଥିବା ମାମଲାର ମୁଖ୍ୟ ଅଭିଯୁକ୍ତ ହରପିନ୍ଦର ଏନକାଉଣ୍ଟରେ ମୃତ୍ୟୁବରଣ କରିଛି। ଟୁର୍ଣ୍ଣାମେଣ୍ଟ ମଝିରେ ହିଁ ତାଙ୍କୁ ହତ୍ୟା କରାଯାଇଥିଲା ଓ ଏ ନେଇ ସାରା ଦେଶରେ ହଇଚଇ ସୃଷ୍ଟି ହୋଇଥିଲା। ହତ୍ୟାକାଣ୍ଡର ଦୁଇଦିନ ପରେ ପୁଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ହରପିନ୍ଦର ହେଉଛି ତର୍ଣ୍ଣ ତରାନ ଜିଲ୍ଲାରେ ନାଇଶେରା ପାନ୍ନୁଆନ୍ ବାସିନ୍ଦା। ଏନ୍‌କାଉଣ୍ଟରରେ ଗୁଳି ବିନିମୟ ହେବା ପରେ ଆହତ ହେବା ପରେ ତାକୁ ହସ୍ପିଟାଲ ନିଆଯାଇଥିଲା। ସେଠାରେ ସେ ମୃତ୍ୟୁବରଣ କରିଥିଲା ବୋଲି ମୋହାଲି ପୁଲିସ କହିଛି। ଏଥିରେ ଦୁଇଜଣ ପୁଲିସ ଅଧିକାରୀ ମଧ୍ୟ ଆହତ ହୋଇଥିଲେ ଓ ସେମାନେ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ହରପିନ୍ଦର ଜଣେ ଅଭ୍ୟାସଗତ ଅପରାଧି ଥିଲା ଓ ସେ ଏକାଧିକ ଅପରାଧରେ ସାମିଲ ଥିଲା ବୋଲି ପୁଲିସ କହିଛି। ସୋମବାର ଦିଗବିଜୟ ସିଂହ ଓରଫ ରାଣା ବାଲାଚାଉରିଆଙ୍କୁ ସ୍ଥାନୀୟ ସୋହାନା ଅଞ୍ଚଳରେ ଥିବା ବେଦ୍‌ୱାନ ସ୍ପୋର୍ଟ୍ସ କ୍ଲବରେ ଗୁଳି କରାଯାଇଥିଲା। ତାଙ୍କୁ ତୁରନ୍ତ ଫର୍ଟିସ ହସ୍ପିଟାଲ ନିଆଯାଇଥିଲା। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଗୋଆ ନାଇଟକ୍ଲବ ଅଗ୍ନିକାଣ୍ଡ: ଅଞ୍ଜୁନା ଜିଲ୍ଲା କୋର୍ଟରେ ଲୁଥ୍ରା ଭ୍ରାତା ହାଜର

ପାଣାଜୀ, ୧୭ ।୧୨(ଏଜେନ୍ସି): ଗୋଆର 'ବିର୍ଚ ବାଇ ରୋମିଓ ଲେନ୍' ନାଇଟ କ୍ଲବ ଅଗ୍ନିକାଣ୍ଡ ମାମଲାରେ ମୁଖ୍ୟ ଅଭିଯୁକ୍ତ ତଥା ଦୁଇ ଭାଇ ଗୌରବ ଲୁଥରା ଓ ସୌରଭ ଲୁଥରାଙ୍କୁ ସ୍ଥାନୀୟ ପୁଲିସ ଜିଲ୍ଲା କୋର୍ଟରେ ହାଜର କରିଛି। ପୁଲିସ ଦୁହିଁଙ୍କୁ ନେଇ ଉତ୍ତର ଗୋଆର ମୋପାସ୍ଥିତ ମନୋହର ଅନ୍ତର୍ଜାତୀୟ ବିମାନ ବନ୍ଦରରେ ସକାଳ ୧୦.୪୫ରେ ପହଞ୍ଚିଥିଲା। ଦୁହିଁଙ୍କୁ ସିଓଲିମ୍‌ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଆଯାଇ ପରୀକ୍ଷା କରାଯାଇଥିଲା। ଏହାପରେ ଦୁହିଁଙ୍କୁ ମପୁସାସ୍ଥିତ ଜିଲ୍ଲା ହସ୍ପିଟାଲକୁ ନିଆଯାଇଥିଲା। ଏଠରେ ପାଖାପାଖି ଏକ ଘଣ୍ଟାଧରି ଦୁଇଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ଅଞ୍ଜୁନା ଥାନକୁ ନିଆଯାଇଥିଲା। ଏହାପରେ ଥାନଠାରୁ ୧୦ କିମି ଦୂରେ ଥିବା ଜିଲ୍ଲାକୋର୍ଟରେ ଦୁଇଜଣଙ୍କୁ ହାଜର କରାଯାଇଥିଲା। ବିମାନ ବନ୍ଦରରୁ ୬ଟି ପୁଲିସ ଜିପ୍‌ର ସୁରକ୍ଷା ବଳୟରେ ଦୁଇଜଣଙ୍କୁ ଅଣାଯାଇଥିଲା। ଅଗ୍ନିକାଣ୍ଡ ହେବା ପରେ ଏନେଇ ଅଞ୍ଜୁନା ପୁଲିସ ଦୁଇ ଭାଇଙ୍କ ବିରୋଧରେ ବିଭିନ୍ନ ମାମଲା ରୁଜୁ କରିଥିଲା। ମଙ୍ଗଳବାର ଥାଇଲାଣ୍ଡରୁ ଦିଲ୍ଲୀ ଅଣାଯିବା ପରେ ଦୁଇଜଣଙ୍କୁ ଗିରଫ କରାଯାଇଥିଲା। ଡିସେମ୍ବର ୯ରେ ଦୁଇଜଣଙ୍କୁ ଥାଇଲାଣ୍ଡରେ ଗିରଫ କରାଯାଇଥିଲା। ଡିସେମ୍ବର ୬ ତାରିଖ ୧୧.୪୫ରେ ନାଇଟ କ୍ଲବରେ ଅଗ୍ନିକାଣ୍ଡ ଘଟିଥିଲା ଓ ଏଥିରେ ୨୫ ଜଣ ଲୋକ ମୃତ୍ୟୁବରଣ କରିଥିଲେ।



## ବନ୍ୟଜନ୍ତୁଙ୍କ ଆତଙ୍କ; ଚାଷ ଛାଡୁଛନ୍ତି କୃଷକ

ପିଥୋରାଗଡ଼, ୧୭ ।୧୨(ଏଜେନ୍ସି): ହିମାଳୟ କ୍ଷେତ୍ରରେ ଦେବଭୂମି କୁହାଯାଉଥିବା ଉତ୍ତରାଖଣ୍ଡ ରାଜ୍ୟର ଶାନ୍ତ ଓ ସୁନ୍ଦର ପାହାଡ଼ିଆ ଅଞ୍ଚଳରୁ ଏକ ଭିନ୍ନ ତଥା ସ୍ୱତନ୍ତ୍ର ଖବର ସାମ୍ନାକୁ ଆସିଛି। ପାର୍ବତ୍ୟ ଉପତ୍ୟକାରେ ଥିବା ଗାଁ ଗୁଡିକରେ ଏବେ ମଣିଷ ଓ ବନ୍ୟଜନ୍ତୁଙ୍କ ମଧ୍ୟରେ ସଂଘର୍ଷ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏଥିରେ ମଣିଷ ହିଁ ଅଧିକ କ୍ଷତିଗ୍ରସ୍ତ ହେଉଛି। ଏକଦା ସବୁଜ କ୍ଷେତ୍ରରେ ପରିପୂର୍ଣ୍ଣ ଏହି ଅଞ୍ଚଳଗୁଡିକ ଏବେ ଜନଶୂନ୍ୟ ହେବାକୁ ବସିଲାଣି। ମାଙ୍କଡ଼ ଓ ଘୁଷୁରୀଙ୍କ ଆତଙ୍କ କାରଣରୁ କୃଷକମାନେ ଚାଷଜମି ଛାଡିବାକୁ ବାଧ ହେଉଛନ୍ତି। କିଷାନ ସମ୍ମାନ ନିଧି (କୃଷକ ସମ୍ମାନ ପାଣ୍ଠି), କ୍ରେଡିଟ କାର୍ଡ ଓ ଫସଲ ବୀମା ଭଳି ସରକାରୀ ଯୋଜନା ସତ୍ତ୍ୱେ, ଚାଷର ପରିସର ସଙ୍କୁଚିତ ହେଉଛି। ପାହାଡ ଜଙ୍ଗଲରୁ ସୃଷ୍ଟି ହେଉଥିବା ବନ୍ୟଜନ୍ତୁଙ୍କ ବିପଦ କୃଷକମାନଙ୍କୁ ସେମାନଙ୍କ ପୈତୃକ ଜମି ଛାଡି ସହରକୁ ସ୍ଥାନାନ୍ତର ହେବାକୁ ବାଧ କରୁଛି। ସବୁଠାରୁ ପିଥୋରାଗଡ଼ ଜିଲ୍ଲା ଏହି କାରଣରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ଗତ ଗୋଟିଏ ଦଶନ୍ଧି ମଧ୍ୟରେ ଏହି ଜିଲ୍ଲାର ସ୍ଥିତି ଏତେ ଭୟଙ୍କର ହୋଇଛି ଯେ, ୧୬, ୪୭୬ ହେକ୍ଟର ଭୂମି ପଡ଼ିଆ ହୋଇ ପଡ଼ିଛି। ଯେଉଁଠାରେ ଫସଲ ହେଉଥିଲା ଏବେ ସେଠାରେ ଘାଓ ଓ ବୁଦାର ବଣ ଦେଖିବାକୁ ମିଳୁଛି। କୃଷି ବିଭାଗର ତଥ୍ୟ ଅନୁଯାୟୀ, ଏହି ଜିଲ୍ଲାରେ ୭୩, ୭୪୪ କୃଷକ ଅଛନ୍ତି। ଉପତ୍ୟାକା ଅଞ୍ଚଳରେ ଛାଷ ଓ ଉଦ୍ୟାନ କୃଷି ଉପରେ ଲୋକେ ନିର୍ଭର କରନ୍ତି। କିନ୍ତୁ ଏବେ ସ୍ଥାନାନ୍ତର କାରଣରୁ କ୍ଷେତଗୁଡିକ ପଡ଼ିଆ ହୋଇ ପଡ଼ିଛି। ମିଳିଥିବା ରିପୋର୍ଟ ଅନୁଯାୟୀ ଗତ ଏକ ଦଶନ୍ଧି ମଧ୍ୟରେ ଖରିଫ୍ ଓ ରବି ଫସଲ ଚାଷ ଜମିର ମୋଟ କ୍ଷେତ୍ରଫଳ ୧୬, ୪୭୬ ହେକ୍ଟର ହ୍ରାସ ପାଇଛି। ୨୦୧୫-୧୬ରେ ଜିଲ୍ଲାରେ ୪୩, ୭୬୬ ହେକ୍ଟର ଜମିରେ ଖରିପ ଫସଲ ଚାଷ ହୋଇଥାଏ। କିନ୍ତୁ ଗତ ଗୋଟିଏ ଦଶକରେ ଏହା କମିବା ସହ ୩୪, ୧୭୯ ହେକ୍ଟରରେ ପହଞ୍ଚିଛି। ୪.୬ ପ୍ରତିଶତ ଲୋକ ବନ୍ୟଜନ୍ତୁଙ୍କ କାରଣରୁ ଚାଷ ଜମି ଛାଡିଛନ୍ତି। ଦିନରେ ମାଙ୍କଡ଼ ଓ ରାତିରେ ଘୁଷୁରୀ କ୍ଷତି ପହଞ୍ଚାଉଛନ୍ତି ବୋଲି କୁହାଯାଇଛି।

# ଆଉ ୭ ଦେଶ ଉପରେ କଟକଣା ଲଗାଇଲେ ଟ୍ରମ୍ପ

**ଆମେରିକା ଆସିପାରିବେନି ବୁର୍କିନା ଫାସୋ, ମାଲି, ନାଇଜର, ଦକ୍ଷିଣ ସୁଦାନ, ସିରିଆ, ପାଲେଷ୍ଟାଇନ୍‌ର ନାଗରିକ**



ୱାଶିଂଟନ, ୧୭ ।୧୨(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯାତ୍ରା କଟକଣା ନେଇ ଆହୁରି କଠୋର ଆଭିମୁଖ୍ୟ ପୋଷଣ କରିଛନ୍ତି। ସେ ଆଉ ୭ଟି ଦେଶ ଉପରେ ସମ୍ପୂର୍ଣ୍ଣ ଯାତ୍ରା କଟକଣା ଲାଗୁ କରିଛନ୍ତି। ଅର୍ଥାତ ଆଉ ୭ଟି ଦେଶର ନାଗରିକ ଆମେରିକା ଆସିବାକୁ ସେ ସମ୍ପୂର୍ଣ୍ଣ ଭାବେ ନିଷିଦ୍ଧ କରିଛନ୍ତି। ଗତମାସ ହ୍ୱାଇଟ୍ ହାଉସ ନିକଟରେ ନ୍ୟାସନାଲ ଗାର୍ଡଙ୍କ ଉପରେ ଜଣେ ଆଫଗାନ ଶରଣାର୍ଥୀ ଗୁଳିମାଡ଼ କରିବା ପରେ ସେ ଏହି ନିଷ୍ପତ୍ତି ନେଇଛନ୍ତି। କେବଳ ସେତିକି ନୁହେଁ, ଅନ୍ୟ ୧୫ଟି ଦେଶ ଉପରେ ସେ ଆଂଶିକ ନିଷିଦ୍ଧାଦେଶ ଜାରି କରିଛନ୍ତି। ଅର୍ଥାତ ଏହି ୧୫ଟି ଦେଶର ନାଗରିକ ଆମେରିକାରେ ସ୍ଥାୟୀ ଭାବେ ବସବାସ କରିପାରିବେ ନାହିଁ ବୋଲି କୁହାଯାଇଛି। ଟ୍ରମ୍ପ ମଙ୍ଗଳବାର ଏନେଇ ଘୋଷଣା ପତ୍ର ଉପରେ ଦସ୍ତଖତ କରିଥିଲେ। ଏଥିସହ ଆମେରିକା ଆସିବା ନେଇ ପୂର୍ଣ୍ଣ ଓ ଆଂଶିକ ଯାତ୍ରା କଟକଣା ଲାଗୁ ହୋଇଥିବା ଦେଶ ସଂଖ୍ୟା ୩୯ ରେ ପହଞ୍ଚିଛି। ପୂର୍ବରୁ ୧୯ଟି ଦେଶ ଉପରେ ଯାତ୍ରା କଟକଣା ଲାଗୁ ହୋଇଥିଲା। ଏଗୁଡିକ ମଧ୍ୟରୁ ଦୁଇଟି ଦେଶ ସିଏରା ଲେଓନ ଓ ଲାଓସ ଉପରେ ଏବେ ପୂର୍ଣ୍ଣ ପ୍ରତିବନ୍ଧକ ଲାଗୁ ହୋଇଛି। ଏଥିସହ ପୂର୍ଣ୍ଣ ପ୍ରତିବନ୍ଧ ଲାଗୁ ହୋଇଥିବା ଦେଶ ସଂଖ୍ୟା ୭ରେ ପହଞ୍ଚିଛି। ରାଷ୍ଟ୍ରୀୟ ସୁରକ୍ଷା, ସାର୍ବଜନିକ ସୁରକ୍ଷା, ଦୁର୍ବଳ ଯାଞ୍ଚ ପ୍ରଣାଳୀ ଓ ଭସା ଓଭରଷ୍ଟେ (ଭିସା ଅବଧି ଶେଷ ହେବା ପରେ ମଧ୍ୟ ରହିବା)କୁ ଦୃଷ୍ଟିରେ ରଖି ଏହି ପ୍ରଦକ୍ଷେପ ନିଆଯାଇଛି ବୋଲି ଟ୍ରମ୍ପ ପ୍ରଶାସନ ତରଫରୁ କୁହାଯାଇଛି। ଜାନୁଆରୀ ପହିଲାରୁ ଏହି କଟକଣାର ନୂଆ ନିୟମ ଲାଗୁ ହେବ। ତେବେ ଏଥିରୁ ସ୍ଥାୟୀ ନିବାସୀ, କ୍ରୀଡ଼ାବିତ ଓ କୂଟନିତୀଜ୍ଞଙ୍କୁ ଛାଡ଼ କରାଯାଇଛି। ହ୍ୱାଇଟ ହାଉସ ତରଫରୁ ଦିଆଯାଇଥିବା ସୂଚନା ଅନୁସାରେ ଏହି ନୂଆ ଘୋଷଣାରେ ବୁର୍କିନା ଫାସୋ, ମାଲି, ନାଇଜର, ଦକ୍ଷିଣ ସୁଦାନ, ସିରିଆ ଓ ପାଲେଷ୍ଟାଇନ୍ ଭଳି ଦେଶଗୁଡିକ ଉପରେ ସମ୍ପୂର୍ଣ୍ଣ ଯାତ୍ରା ପ୍ରତିବନ୍ଧକ ଲାଗୁ କରାଯାଇଛି। ଏକମାତ୍ର ଦେଶ ଭାବେ ତୁର୍କମେନିସ୍ତାନ ଉପରୁ ଅଣ-ପ୍ରବାସୀ ଭିସା ଉପରେ ପ୍ରତିବନ୍ଧକ ହଟାଇ ଦିଆଯାଇଛି କିନ୍ତୁ ପ୍ରବାସୀ ଭିସା ଉପରେ କଟକଣା ପୂର୍ବଭଳି ଜାରି ରହିଛି। ପୂର୍ବରୁ ଟ୍ରମ୍ପ କହିଥିଲେ ଯେ, ପ୍ରବାସନ ନୀତିଗୁଡିକ କାରଣରୁ ହିଁ ଆମେରିକୀୟଙ୍କ ଜୀବନ ଏବେ ନଷ୍ଟ ହୋଇଛି।

ଉଲ୍ଲେଖଥାଉ କି, ଆମେରିକା ଭିସା ନୀତି ଅନୁସାରେ ପୂର୍ଣ୍ଣ ପ୍ରତିବନ୍ଧକ ଅର୍ଥ ହେଉଛି, ଦେଶଗୁଡିକର ଅଧିକାଂଶ ନାଗରିକଙ୍କୁ ଆମେରିକାରେ ପ୍ରବେଶ କରିବାକୁ ପୂରା ନିଷିଦ୍ଧ କରାଯାଇଥାଏ। ସେହିପରି ଆଂଶିକ ପ୍ରତିବନ୍ଧର ଅର୍ଥ ହେଉଛି ଦେଶଗୁଡିକର ନାଗରିକଙ୍କ ଉପରେ କିଛି ସ୍ୱତନ୍ତ୍ର ଭିସା ଓ ପ୍ରବେଶକୁ ନିଷିଦ୍ଧ କରାଯାଇଥାଏ। କିନ୍ତୁ ଅନ୍ୟ ଭିସା ଗୁଡିକ ଉପରେ ନୁହେଁ। ଉଦାହରଣ ସ୍ୱରୂପ ପ୍ରବାସୀ ଭିସା ଉପଲବ୍ଧ ହେବ ନାହିଁ। କିନ୍ତୁ ପର୍ଯ୍ୟଟନ ଭିସା ମିଳିପାରିବ। ଛାତ୍ରମାନଙ୍କୁ ଅନୁମତି ପ୍ରଦାନ କରାଯିବ। କିନ୍ତୁ କାର୍ଯ୍ୟ ଭିସା ପ୍ରତିବନ୍ଧିତ ହେବ।

- ୧୫ ଦେଶ ଉପରେ ଲାଗୁ ହେଲା ଆଂଶିକ କଟକଣା
- ଏପର୍ଯ୍ୟନ୍ତ ମୋଟ୍ ୩୯ଟି ଦେଶ ତାଲିକାଭୁକ୍ତ
- କ୍ରୀଡ଼ାବିତ, କୂଟନୀତିଜ୍ଞଙ୍କୁ ଛାଡ଼

# ଖୋଲିବ ଏପଷ୍ଟିନ୍ ଫାଇଲ୍ସ



- ସାରା ବିଶ୍ୱର ନେତା-ବ୍ୟବସାୟୀ ଭୟଭୀତ
- ଭାରତୀୟଙ୍କୁ ନେଇ ଅନିଶ୍ଚିତତା

ୱାଶିଂଟନ, ୧୭।୧୨ (ଏଜେନ୍ସି): ଦୁର୍ଦ୍ଦାନ୍ତ ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନ ସମ୍ବନ୍ଧିତ ବହୁ ବର୍ଷ ତଳର ପୁରୁଣା ଫାଇଲକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଦିନକ ପରେ ଶୁକ୍ରବାର ଖୋଲିବାକୁ ଯାଉଛି। ଏହି ଫାଇଲରେ ଟ୍ରମ୍ପଙ୍କ ମଧ୍ୟ ନାମ ରହିଛି। କିଛି ଦିନ ତଳେ ରାଷ୍ଟ୍ରପତିଙ୍କ ସହ କିଛି ଯୁବତୀଙ୍କ ଫଟୋ ଭାଇରାଲ ହୋଇଥିଲା। ମାତ୍ର ଏବେ ସମ୍ପୂର୍ଣ୍ଣ ଫାଇଲ ଖୋଲିବାକୁ ଯାଉଥିବାରୁ ସାରା ବିଶ୍ୱର ନେତା ଏବଂ ବ୍ୟବସାୟୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳି ଯାଇଛି। ଭଦ୍ର ମୁଖା ତଳେ ଥିବା ଭୟାନକ ରୂପ ଦୁନିଆ ସାମ୍ନାକୁ ନ ଆସୁ ବୋଲି ସମସ୍ତେ ଚାହୁଁଛନ୍ତି। ସେଥିପାଇଁ ବଡ଼ ବଡ଼ ଲୋକଙ୍କ ମନରେ ଛନକା ପଶିଛି।

ଏପଷ୍ଟିନଙ୍କ ସମ୍ବନ୍ଧିତ ସମସ୍ତ ଇମେଲ, ଫଟୋ ଏବଂ ପ୍ରମାଣପତ୍ରକୁ ଟ୍ରମ୍ପ ପ୍ରଶାସନ ସାର୍ବଜନୀନ କରିପାରେ। ଏପଷ୍ଟିନର ସମ୍ପୂର୍ଣ୍ଣ ନେଟୱର୍କର ସତ ସାମ୍ନାକୁ ଆଣିବା ଏହାର ଉଦ୍ଦେଶ୍ୟ। ଏହି ନେଟୱର୍କରେ ନାବାଳିକାଙ୍କୁ ଯୌନ ଉତ୍ପୀଡ଼ନ ଦିଆଯାଉଥିବା ଅଭିଯୋଗ ହୋଇଛି। ଏହି ଉତ୍ପୀଡ଼ନରେ ବିଶ୍ୱର ଅନେକ ଶକ୍ତିଶାଳୀ ବ୍ୟକ୍ତି ସାମିଲ ଅଛନ୍ତି। ଗତ ୧୨ ତାରିଖରେ ଜାରି ୧୯ ଫଟୋରେ ଟ୍ରମ୍ପଙ୍କ ତିନୋଟି ଫଟୋ ଥିଲା। ଏଥିରେ ପୂର୍ବତନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ, ଅରବପତି ବିଲ୍‌ଗେଟ୍ସଙ୍କ ଭଳି ବଡ଼ ବ୍ୟକ୍ତିତ୍ୱ ମଧ୍ୟ ସାମିଲ ରହିଥିଲେ। ତେଣୁ ସାରା ବିଶ୍ୱରେ ରାଜନେତା ଏବଂ ବ୍ୟବସାୟୀଙ୍କ ମଧ୍ୟରେ ଭୟ ବସା ବାନ୍ଧିଛି। ତେବେ ଏ ପର୍ଯ୍ୟନ୍ତ କୌଣସି ଭାରତୀୟ ନାଗରିକ କିମ୍ବା ନେତା, ବ୍ୟବସାୟୀଙ୍କ ନାମ ଆନୁଷ୍ଠାନିକ ଭାବେ ସାମ୍ନାକୁ ଆସିନାହିଁ।

ବିଜେପି ନେତା ସୁବ୍ରମଣ୍ୟନ ସ୍ୱାମୀ ଦାବି କରିଛନ୍ତି ଯେ ଏଥିରେ କିଛି ଭାରତୀୟ ମନ୍ତ୍ରୀ, ପୂର୍ବତନ ମନ୍ତ୍ରୀ ଏବଂ ବର୍ତ୍ତମାନର ସାଂସଦଙ୍କ ନାମ ଥାଇପାରେ। ତେବେ ଆମେରିକା ନ୍ୟାୟ ବିଭାଗ ଏହାର କୌଣସି ସଙ୍କେତ ଦେଇନାହିଁ। କିନ୍ତୁ ଆମେରିକା ବାହାରର ନେତା ଏବଂ ବ୍ୟବସାୟୀଙ୍କ ସହ ଏପଷ୍ଟିନର ସମ୍ବନ୍ଧ ଥିଲା ବୋଲି କୁହାଯାଉଛି। ତେଣୁ ସାରା ବିଶ୍ୱର ନଜର ଏହି ଫାଇଲ୍ସ ଉପରେ ରହିଛି। ଏପଷ୍ଟିନଙ୍କ ସମ୍ପତ୍ତିରୁ ଜାରି ୧୯ ଫଟୋରେ ୯ ପ୍ରମୁଖ ବ୍ୟକ୍ତିଙ୍କ ନାମ ସାମ୍ନାକୁ ଆସିଛି। ତେବେ ଏହା କୌଣସି ଅପରାଧ ସାବ୍ୟସ୍ତ କରି ନାହିଁ। କିନ୍ତୁ ଏପଷ୍ଟିନଙ୍କ ସହ ଦେଖା ଦେଇଥିବାରୁ ବିବାଦ ଏବଂ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିରେ ଡୋନାଲ୍ଡ ଟ୍ରମ୍ପ, ପୂର୍ବତନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ, ଅରବପତି ବିଲ୍ ଗେଟ୍ସ, ବ୍ରିଟେନ ରାଜାଙ୍କ ଭାଇ ପ୍ରିନ୍ସ ଆଣ୍ଡ୍ରୁ, ଟ୍ରମ୍ପଙ୍କ ପୂର୍ବତନ ପରାମର୍ଶଦାତା ଷ୍ଟିଭ ବେନନ, ହାର୍ଭାର୍ଡ ୟୁନିଭର୍ସିଟିର ପୂର୍ବତନ ଅଧ୍ୟକ୍ଷ ଲ୍ୟାରି ସମର୍ସ, ଚଳଚ୍ଚିତ୍ର ନିର୍ମାତା ଉଡି ଏଲନ, ବ୍ୟବସାୟୀ ରିଚର୍ଡ ବ୍ରେନସନ ଏବଂ ଓକିଲ ଏଲନ ଡର୍ସୋଭିଟଜଙ୍କ ନାମ ରହିଛି।

ଗତ ମାସରେ ଆମରିକାର ଉଭୟ ସଦନ ଏହି ଫାଇଲକୁ ଜାରି କରିବା ପାଇଁ ବହୁମତରେ ଅନୁମତି ଦେଇଥିଲା। 'ହାଉସ ଅଫ ରିପ୍ରେଜେନଟେଟିଭ' ଏହି ବିଲ୍‌କୁ ୪୨୭-୧ ମତରେ ମଞ୍ଜୁରି ଦେଇଥିଲା। ସିନେଟରେ ମଧ୍ୟ ଏହା ସର୍ବସମ୍ମତି କ୍ରମେ ପାରିତ ହୋଇ ଯାଇଥିଲା। ରାଷ୍ଟ୍ରପତି ଚାହିଁଥିଲେ ଏହାକୁ ରୋକି ଦେଇଥାନ୍ତି। ମାତ୍ର ସଦନରେ ବହୁମତରେ ପାରିତ ହୋଇଥିବାରୁ ଟ୍ରମ୍ପ ବାଧ ହୋଇ ଏଥିରେ ସ୍ୱାକ୍ଷର କରିଥିଲେ।

## ଗାନ୍ଧୀ ପରିବାରକୁ ନିର୍ଯାତନା ଦିଆଯାଉଛି: ଖଡ଼ଗେ

ନୂଆଦିଲ୍ଲୀ, ୧୭।୧୨ (ଏଜେନ୍ସି): ନ୍ୟାସନାଲ ହେରାଲ୍ଡ ମାମଲାକୁ ନେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ବୁଧବାର ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀ କରି କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ସେ କୋର୍ଟଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। କେବଳ ପ୍ରତିଶୋଧର ଭାବନା ରଖି ଏହି ମାମଲା ଉଠାଯାଇଥିଲା ବୋଲି କହିଛନ୍ତି। ଖଡ଼ଗେଙ୍କ ଅନୁଯାୟୀ, ୧୯୩୮ରେ ସ୍ୱାଧୀନତା ସଂଗ୍ରାମୀମାନେ ନେସନାଲ ହେରାଲ୍ଡ ପ୍ରତିଷ୍ଠା କରିଥିଲେ। କିନ୍ତୁ ସିବିଆଇ ଏବଂ ଇଡିକୁ ବ୍ୟବହାର କରି କଂଗ୍ରେସ ନେତାଙ୍କୁ ବିଜେପି ବଦନାମ କରୁଛି। ବିଶେଷ କରି ଗାନ୍ଧୀ ପରିବାରକୁ ଉତ୍ପୀଡ଼ନ ଦିଆଯାଉଛି। ଏହି ମାମଲାରେ କୌଣସି ଏତଲା ରୁଜୁ କରାଯାଇ ନ ଥିଲା। କେହି ଅଭିଯୋଗ କରିବା ମାତ୍ରେ ସିଧା ତଦନ୍ତ ଆରମ୍ଭ କରାଯାଇଥିଲା। କୋର୍ଟ ମଧ୍ୟ ଏହି ପ୍ରସଙ୍ଗ ଉଠାଇ ଥିଲେ। ନ୍ୟାୟ ସପକ୍ଷରେ ହିଁ କୋର୍ଟ ନିଷ୍ପତ୍ତି ଦେଇଛନ୍ତି। ଏହା କେନ୍ଦ୍ର ମୁହଁକୁ ଚାପୁଡ଼ା ସଦୃଶ ହୋଇଛି। ଏହାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଇସ୍ତଫା ଦେବା ଉଚିତ। ସେମାନେ ଏପରି ଭାବେ ଲୋକଙ୍କୁ ଉତ୍ପୀଡ଼ନ ଦେବା ଅନୁଚିତ। ଏଭଳି କାର୍ଯ୍ୟ ଜାରି ରଖିଲେ ଆମେ ଭବିଷ୍ୟତରେ ଚୁପ୍ ହୋଇ ବସିବୁ ନାହିଁ ବୋଲି ଖଡ଼ଗେ କହିଛନ୍ତି। ୨ ହଜାର କୋଟି ଟଙ୍କାର ସମ୍ପତ୍ତି କବ୍‌ଜା ସମ୍ବନ୍ଧିତ ଏହି ନେସନାଲ ହେରାଲ୍ଡ ମାମଲାର ଶୁଣାଣି କରିବାକୁ ଦିଲ୍ଲୀର ରାଉଜ ଆଭେନ୍ୟୁ କୋର୍ଟ ସୋମବାର ମନା କରିଦେଇଥିଲେ। ଇଡି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଓଲଟାଇ ଦେଇଥିଲା। ପ୍ରଥମେ ତଦନ୍ତ କରି ପରେ ଏତଲା ରୁଜୁ କରିଥିଲା ବୋଲି କୋର୍ଟ କହିଥିଲେ। ଏହି ମାମଲାରେ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏବଂ ତାଙ୍କ ପୁଅ ରାହୁଲ ଗାନ୍ଧୀ ଅଭିଯୁକ୍ତ ଥିଲେ।

## ଟ୍ରକ୍ ତଳେ ପଶିଗଲା କାର୍: ୪ ବନ୍ଧୁ ମୃତ

ଋଷିକେଶ୍, ୧୭ ।୧୨(ଏଜେନ୍ସି): ଉତ୍ତରାଖଣ୍ଡର ଋଷିକେଶରେ ମଙ୍ଗଳବାର ରାତି ୧୦ଟାରେ ଏକ ବଡ଼ ଧରଣର ଦୁର୍ଘଟଣା ଘଟିଛି। ଦ୍ରୁତଗତିରେ ଆସୁଥିବା ଏକ ମହିନ୍ଦ୍ରା ଏକ୍ସୟୁଭି୫୦୦ କାର୍ ରାସ୍ତା କଡ଼ରେ ଠିଆ ହୋଇଥିବା ଟ୍ରକକୁ ଧକ୍କା ଦେବା ପରେ ଏହି ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ହିଁ କାର୍‌ରେ ବସିଥିବା ୪ ଜଣ ବନ୍ଧୁ ମୃତ୍ୟୁବରଣ କରିଥିଲେ। ଏମାନଙ୍କ ମଧ୍ୟରୁ ଜଣଙ୍କର ପତ୍ନୀ ଗର୍ଭବତୀ ଅଛନ୍ତି। କାର୍‌ଟି ହରିଦ୍ୱାରରୁ ଆସୁଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଚିତ୍କାର ଶୁଣିବାକୁ ମିଳିଥିଲା ଓ ବାଟରେ ଯାଉଥିବା ଲୋକମାନେ ତୁରନ୍ତ ସାହାଯ୍ୟ କରିବାକୁ ଦୌଡ଼ି ଆସିଥିଲେ। ଦୁର୍ଘଟଣା ପୂର୍ବରୁ ଏକ ସିସିଟିଭି ଭିଡିଓ ସାମ୍ନାକୁ ଆସିଛି। ଦ୍ରୁତଗତିରେ ଯାଉଥିବା କାର୍‌ଟି ଭାରସାମ୍ୟ ହରାଇ ଏକ ଗାଇକୁ ଧକ୍କା ଦେଉଥିବାର ଭଡିଓରେ ଦେଖିବାକୁ ମିଳିଛି। ସୂଚନା ପାଇବା ମାତ୍ରେ ଋଷିକେଶ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲା। କାର୍‌ଟି ଏତେଜୋରରେ ଧକ୍କା ଦେଇଥିଲା ଯେ, ଯାତ୍ରୀମାନଙ୍କ ମାଂସ ଖଣ୍ଡ ବିଛାଡି ହୋଇ ରାସ୍ତାରେ ପଡ଼ିଥିଲା ବୋଲି ପ୍ରତ୍ୟେକ୍ଷଦର୍ଶୀ କହିଛନ୍ତି। କାରକୁ କାଟି କ୍ଷତବିକ୍ଷତ ଶବଗୁଡିକୁ ବାହାରକୁ ଅଣାଯାଇଥିଲା ଏଥିପାଇଁ ପୁଲିସକୁ ଭାରତ ପରିଶ୍ରମ କରିବାକୁ ପଡ଼ିଥିଲା। ମୃତକଙ୍କ ପରିଚୟ ମିଳିସାରିଛି ଓ ସମସ୍ତେ ସ୍ଥାନୀୟ ବାସିନ୍ଦା ବୋଲି ପୁଲିସ କହିଛି।

## ଅଷ୍ଟ୍ରେଲିଆ ଆତଙ୍କବାଦୀ ଆକ୍ରମଣକୁ ଭାରତ-ଇସ୍ରାଏଲର ଷଡ଼ଯନ୍ତ୍ର କହିଲା ପାକିସ୍ତାନ

ଇସଲାମାବାଦ, ୧୭ ।୧୨(ଏଜେନ୍ସି): ଅଷ୍ଟ୍ରେଲିଆର ସିଡ୍‌ନୀରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ନେଇ ପାକିସ୍ତାନ ସୂଚନା ପ୍ରସାରଣ ମନ୍ତ୍ରୀ ଆତାଉଲ୍ଲା ତରାର ମନ୍ତବ୍ୟ ଦେଇଛନ୍ତି। ଏହି ଆତଙ୍କବାଦୀ ଘଟଣା ପାଇଁ ପାକିସ୍ତାନକୁ ଅଯଥାରେ ଦାୟୀ କରାଯାଇଛି। ଏହା ପ୍ରକୃତରେ ଭାରତ- ଇସ୍ରାଏଲ ଭଳି ଶତ୍ରୁ ଦେଶର ଷଡ଼ଯନ୍ତ୍ର ବୋଲି ସେ କହିଛନ୍ତି। ଆକ୍ରମଣକାରୀକୁ ପାକିସ୍ତାନ ସହ ଜଡ଼ିତ କରାଯାଇଥିଲା ଓ ଏହା ଦ୍ୱାରା ପାକିସ୍ତାନର ଛବି ଖରାପ କରିବାକୁ ପ୍ରୟାସ କରାଯାଇଥିଲା। ବିନା କୌଣସି ପ୍ରମାଣ ସହ ପାକିସ୍ତାନକୁ ବଦ୍‌ନାମ କରାଯାଇଥିଲା। ଖାସ୍ କରି ଇସ୍ରାଏଲ, ଭାରତର ସାମାଜିକ ଓ ବୈଦ୍ୟୁତିକ ଗଣମାଧ୍ୟମ ଦ୍ୱାରା ଏହି ମିଥ୍ୟା ଖବର ପ୍ରଚାର ଓ ପ୍ରସାର କରାଯାଇଥିଲା ବୋଲି ସେ କହିଛନ୍ତି। ଏହା ଦ୍ୱାରା ପାକିସ୍ତାନର ଯେଉଁ କ୍ଷତି ହୋଇଛି, ତାହା କିପରି ଭରଣା ହେବ। ଏନେଇ କ୍ଷମା ମଗାଯିବ ନା ଆଇନଗତ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସେ ପ୍ରଶ୍ନ ପଚାରିଛନ୍ତି। ତେବେ ଅଷ୍ଟ୍ରେଲିଆ ଅଧିକାରୀମାନଙ୍କୁ ସେ ପ୍ରଶଂସା କରିଛନ୍ତି। ସେମାନେ ପେସାଦାର ଢଙ୍ଗରେ ଯାଞ୍ଚ ପ୍ରକ୍ରିୟା ସମ୍ପର୍ଣ୍ଣ କରିଥିଲେ। ସେମାନେ ବିନା କୌଣସି ପ୍ରମାଣରେ କୌଣସି ଦେଶ ଉପରେ ଅଭିଯୋଗ ଆଣି ନଥିଲେ।

**ଏନ୍‌ଏଚ୍‌ଏଆଇ, ଏମସିଡିକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା**

# ପ୍ରଦୂଷଣ ପାଇଁ ଦିଲ୍ଲୀର ଟୋଲ୍ ବନ୍ଦ କରିବାକୁ ନିର୍ଦ୍ଦେଶ

- ଜାନୁଆରୀ ୩୧ ପର୍ଯ୍ୟନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ
- ଟୋଲ୍ ରାଜସ୍ୱର ସମୀକ୍ଷା କରିବେ କୋର୍ଟ
- ଟଙ୍କା ପାଇଁ କନଟ ପ୍ଲେସରେ ଟୋଲ୍ ଲଗାଇବ କି

ନୂଆଦିଲ୍ଲୀ, ୧୭।୧୨ (ଏଜେନ୍ସି):ଦିଲ୍ଲୀ-ଏନ୍‌ସିଆରରେ ପ୍ରଦୂଷଣ ପ୍ରାଣଘାତୀ ପାଲଟି ଯାଇଛି। ସ୍ଥିତିରେ କୌଣସି ସୁଧାର ଆସୁ ନ ଥିବାବେଳେ ଦିନକୁ ଦିନ ଭୟଙ୍କର ହେବାରେ ଲାଗିଛି। ଏହି ମାମଲା ଉପରେ ଶୁଣାଣି କରି ରାଜଧାନୀ ପ୍ରବେଶ ପଥରେ ଟୋଲ୍ ପ୍ଲାଜାକୁ ନେଇ ସୁପ୍ରିମକୋର୍ଟ ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନଏଚଏଆଇ) ଏବଂ ଦିଲ୍ଲୀ ପୌର ନିଗମ (ଏମସିଡି)କୁ ଭର୍ତ୍ସନା କରିଛନ୍ତି। ଏନ୍‌ଏଚଆଇକୁ ନୋଟିସ ଜାରି କରି ଜବାବ ମାଗିଛନ୍ତି। ବିଶେଷ କରି ଦିଲ୍ଲୀ-ଗୁରୁଗାଁଓ ସୀମାରେ ଥିବା ଟୋଲ୍ ପାଇଁ ଅନେକ ସମସ୍ୟା ସୃଷ୍ଟି ହେଉଛି। ଏଥିଯୋଗୁଁ ଘଣ୍ଟା ଘଣ୍ଟା ପର୍ଯ୍ୟନ୍ତ ଟ୍ରାଫିକ ଜାମ୍ ରହୁଥିବାବେଳେ ବାୟୁ ପ୍ରଦୂଷଣ ବଢୁଛି। ଏହା ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରିଦେଉଛି ବୋଲି ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି।

ଜନଗହଳିପୂର୍ଣ୍ଣ ସହରୀ ଅଞ୍ଚଳରେ ଟୋଲ୍ ଆଦାୟର ତର୍କ ଉପରେ ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଛନ୍ତି। ପ୍ରଦୂଷଣସ୍ତର ସବୁଠାରୁ ସାଂଘାତିକ ଥିବାବେଳେ ଜାନୁଆରୀ ୩୧ ପର୍ଯ୍ୟନ୍ତ ୯ଟି ଟୋଲ୍‌ରୁ ଆଦାୟ କାହିଁକି ବନ୍ଦ କରିପାରିବେନି ବୋଲି ପଚାରିଛନ୍ତି। ଟ୍ରାଫିକ ଜାମରୁ ମୁକ୍ତି ଲାଗି ଟୋଲ୍ ପ୍ଲାଜାକୁ କିଛି ସମୟ ପାଇଁ ବନ୍ଦ କରିବାକୁ କିମ୍ବା ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସିଜେଆଇ କହିଥିଲେ ଯେ ଆମେ ଟୋଲ୍‌ର ବିରୋଧୀ ନୁହେଁ। କିନ୍ତୁ ଭିଡ଼ ଯୋଗୁଁ ଲୋକେ କୌଣସି କାର୍ଯ୍ୟକ୍ରମରେ ଯୋଗଦେବାକୁ ଭୟ କରୁଛନ୍ତି। ଟୋଲ୍ ପାଇଁ ଗାଡ଼ିଗୁଡ଼ିକ ଘଣ୍ଟା ଘଣ୍ଟା ପର୍ଯ୍ୟନ୍ତ ଅଟକି ରହୁଛି। ଜାନୁଆରୀ ୩୧ ପର୍ଯ୍ୟନ୍ତ ଟୋଲ ଆଦାୟ ନ କରିବାର ପନ୍ଥା ବାହାର କରି। ଟଙ୍କାର ଆବଶ୍ୟକତା ପାଇଁ କାଲି କନଟ ପ୍ଲେସରେ ବି ଟୋଲ୍ ଲଗାଇ ଦେବକି ବୋଲି ସିଜେଆଇ ପଚାରିଛନ୍ତି।

ସୁପ୍ରିମକୋର୍ଟ ଦିଲ୍ଲୀ ପ୍ରଦୂଷଣକୁ ପ୍ରତି ବର୍ଷ ହେଉଥିବାସମସ୍ୟା କହିଛନ୍ତି। ଏହାର ମୁକାବିଲା ପାଇଁ ଦୀର୍ଘକାଳୀନ ସମାଧାନ ବାହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କମିଶନ ଫର ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟ (ସିଏକ୍ୟୁଏମ)କୁ ନିଜ ପୁରୁଣା ନୀତି ଉପରେ ପୁଣି ବିଚାର କରିବାକୁ କହିଛନ୍ତି। କେବଳ ନିୟମ କରିଦେଲେ ହେବ ନାହିଁ। ସରକାରୀ ପ୍ରଭାବୀ ସମାଧାନ ପନ୍ଥା ଏବଂ ନିୟମକୁ ଠିକ୍ ଭାବେ ଲାଗୁ କରିବା ଉଚିତ।

ଏହା ସହିତ ଟୋଲ୍ ପ୍ଲାଜାରୁ କେତେ ରାଜସ୍ୱ ଆଦାୟ ହେଉଛି ଏବଂ ହାଇୱେର ରକ୍ଷଣାବେକ୍ଷଣରେ କେତେ ଟଙ୍କା ଖର୍ଚ୍ଚ କରାଯାଉଛି ତାହାର ଯାଞ୍ଚ କରାଯିବ ବୋଲି ଖଣ୍ଡପୀଠ କହିଛନ୍ତି। ତେବେ ନର୍ସରୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ବନ୍ଦ ନିଷ୍ପତ୍ତିରେ ଦଖଲ ଦେବାକୁ ମନା କରିଦେଇଛନ୍ତି। ସେହିପରି ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ପୂର୍ବରୁ ଦିଆଯାଇଥିବା ନିର୍ଦ୍ଦେଶକୁ ସମୀକ୍ଷା କରିଛନ୍ତି। ବିଏସ-୪ ଏବଂ ଏହା ଉପରର ଗାଡ଼ିକୁ କେବଳ ଦିଲ୍ଲୀରେ ପ୍ରବେଶ ପାଇଁ ଅନୁମତି ଦେଇଛନ୍ତି।

ଶାଢ଼ି ଏକ ପାରମ୍ପରିକ ପରିଧାନ ଭାବେ ପରିଚିତ । ପ୍ରତ୍ୟେକ ମହିଳା ଏହା ପିନ୍ଧିବାକୁ ପସନ୍ଦ କରନ୍ତି । ଏଥିପାଇଁ ସ୍ୱତନ୍ତ୍ର ଅଳଙ୍କାର ସହ ମେକ୍‌ଅପ୍ ମଧ୍ୟ କରିଥାନ୍ତି । ଏହା ମହିଳାଙ୍କ ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ । ତେବେ ପାରମ୍ପରିକ ଶାଢ଼ି ଭଳି ପାରମ୍ପରିକ ଅଳଙ୍କାର ରହିଛି । ସେହିପରି ଶାଢ଼ିକୁ ଏଲିଗେଣ୍ଟ ଏବଂ ରାଜକୀୟ ଲୁକ୍ ଦେବାକୁ ଚାହୁଁଥିଲେ, ମିନାକାରୀ କାନଫୁଲ ପିନ୍ଧିପାରିବେ । ଏହା ବିଶେଷ କରି ବିବାହ ଉତ୍ସବ, ପର୍ବ ପର୍ବାଣିରେ ପିନ୍ଧିଲେ ଭଲ ମାନିଥାଏ ।



## ଶାଢ଼ିକୁ ସୁନ୍ଦର ମିନାକାରୀ କାନଫୁଲ

### ବିଡସ୍ ମିନାକାରୀ

ଆଜିକାଲି ମଲ୍‌ଟି ମୀନାକାରୀ ବିଡସ୍ ଇୟରିଂ ଖୁବ୍ ଟ୍ରେଣ୍ଡରେ ରହିଛି । ଏଥିରେ ଛୋଟ, ଛୋଟ ରଙ୍ଗିନ୍ ବିଡସ୍, କୁନ୍ଦନ, ମୋତି ସମେତ ମିନାକାରୀ କାମ ରହିଥାଏ । ଏହା ହାଲୁକା ହେବା ସହ ଉଭୟ କାଜୁଆଲ୍ ଏବ ଫେଷ୍ଟିଭ୍ ଦୁଇଟି ଲୁକ୍ ପାଇଁ ଭଲ ହୋଇଥାଏ ।

### ସ୍ୱାର୍କଲ ଇୟରିଙ୍ଗ୍

ଗ୍ଲାମ୍ ତଥା ଆକର୍ଷଣୀୟ ଲୁକ୍ ପସନ୍ଦ ଥିଲେ, ସ୍ୱାର୍କଲ ମିନାକାରୀ କାନଫୁଲ ପିନ୍ଧିପାରିବେ । ଏଥିରେ ମିନାକାରୀ ସମେତ ଷ୍ଟୋନ୍, କୁନ୍ଦନ ଏବଂ କ୍ରିଷ୍ଟଲ୍ କାମ ରହିଥାଏ । କଳା ,ଗାଢ଼ ନୀଳରଙ୍ଗର ଶାଢ଼ିକୁ ଏହା ଖୁବ୍ ସୁନ୍ଦର ମାନିଥାଏ । ଏଥିରୁ ଏକ ରାଜକୀୟ ଏବଂ ଗ୍ଲାମରସ୍ ଲୁକ୍ ମିଳିଥାଏ ।

### ମିନାକାରୀ ପେଣ୍ଟିଂ ଡିଜାଇନ୍

କ୍ଲାସିକ୍ ଏବଂ କଳାକୃତି ଜିନିଷ ପିନ୍ଧିବାକୁ ପସନ୍ଦ ଥଲେ ମିନାକାରୀ ଡିଜାଇନ୍ ପିନ୍ଧିପାରିବେ । ଏଥିରେ ଫୁଲ, ପତ୍ର ପାରମ୍ପରିକ ମୋଟିଫ୍ ଭଳି ଡିଜାଇନ୍ ଥାଏ । ଯାହା ଏହାକୁ ଖୁବ୍ ଆକର୍ଷଣୀୟ କରିଥାଏ । ଏହି କାନଫୁଲ ସିଲ୍‌କ, ବନାରସି ଏବଂ କାଞ୍ଜିବରମ୍ ଶାଢ଼ିରେ ବେଶୀ ସୁନ୍ଦର୍ ଦେଖାଯାଏ ।



### ବଟର୍‌ଫ୍ଲାଏ ଝୁମୁକା

ଚାନ୍ଦବାଲି କାନଫୁଲ ଭାରତୀୟ ମହିଳାଙ୍କର ପ୍ରଥମ ପସନ୍ଦ ହୋଇଥାଏ । ଏଥିରେ ମିନାକାରୀ ଡିଜାଇନ୍ ଥିଲେ ଏହାର ସୁନ୍ଦରତା ଦ୍ୱିଗୁଣିତ ହୋଇଯାଏ । ଏହା ମୁହଁର ଉଜ୍ଜ୍ୱଳତା ବୃଦ୍ଧି କରିବା ସହ ଏକ ନାଚୁରାଲ ଲୁକ୍ ଦେଇଥାଏ । ଏହାକୁ ପୂଜା, ପର୍ବପର୍ବାଣି ଆଦି ନାନା ଉତ୍ସବରେ ପିନ୍ଧିପାରିବେ ।





## କମାରଶାଳରୁ ଲକ୍ଷପତି ପ୍ରମିଳା



**କମାର କାରିଗରମାନେ ଲୁହାରୁ କଟୁରୀ, ଦାଆ,ଟାଙ୍ଗିଆ, ହାତୁଡ଼ି, ପନିକି ଭଳି ଉପକରଣ ପ୍ରସ୍ତୁତ କରିଥାନ୍ତି । ସେହିପରି ଲୁହାରୁ ଯନ୍ତ୍ରପାତି ସମେତ ଅନେକ ଭାରିଯାନ ମଧ୍ୟ ତିଆରି ହୋଇଥାଏ । ଏହି କ୍ରମରେ ଏବେ ଲୁହାକୁ ତରଳାଇ, ସେଥିରୁ ଭଳିକି ଭଳି ଘରସଜ୍ଜା ଉପକରଣ ଯଥା - ଚଢ଼େଇ, ପଶୁପକ୍ଷୀ, ବାସ୍ତୁକଳା ଏବଂ ଫର୍ଣ୍ଣିଚର ପ୍ରସ୍ତୁତ କରି ଆତ୍ମନିର୍ଭର ହୋଇଛନ୍ତି ଛତିଶଗଡ଼, ଛୋଟେ ରାଜପୁର ଗ୍ରାମର ପ୍ରମିଳା ମରକାମ । ଏହା ମାଧ୍ୟମରେ ସେ ବସ୍ତର ଆଦିବାସୀଙ୍କ ପାରମ୍ପରିକ କଳାକୁ ଜୀବିତ ରଖିଛନ୍ତି । ଏହାକୁ ରାଜ୍ୟ ବାହାରେ ବିକ୍ରି କରି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିପାରୁଛନ୍ତି ।**

ପ୍ରମିଳା ପ୍ରଥମେ କୃଷିକାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିଲେ ; ପରବର୍ତ୍ତୀ ସମୟରେ ସେ ପବିତ୍ରା ସ୍ୱୟଂ ସହାୟକ ଗୋଷ୍ଠୀ ସହ ଯୋଡ଼ି ହୋଇଥିଲେ । ଏଥିରେ ସେ ୮୦ ପ୍ରକାର ଲୁହା ଉପକରଣ ପ୍ରସ୍ତୁତି ତାଲିମ୍ ନେଇଥିଲେ । ପରେ ଏହି କଳାକୁ ଉପଯୋଗ କରି ସେ ଭଳିକି ଭଳି କଳାକୃତି ଯଥା- ନର୍ତ୍ତକୀ, ପଶୁପକ୍ଷୀ ଏବଂ ଗ୍ରାମୀଣ ଜୀବନର ଝଲକ୍ ଦେଖାଇଥିଲେ । ରାଷ୍ଟ୍ରୀୟ ଆଜୀବିକା ମିଶନ (ବିହାନ) ସହାୟତାରେ ସେ ନିଜ କଳାକୁ ରାଜ୍ୟର ବିଭିନ୍ନ ସ୍ଥାନରେ ପରିଚିତ କରିଥିଲେ । ଏଥିସହ ଗୁଜୁରାଟ, ଗୋଆ, ଦିଲ୍ଲୀ, ଆସାମ, ନୋଏଡ଼ା ଭଳି ସ୍ଥାନରେ ଆୟୋଜିତ ଆଜୀବିକା ସରସ ମେଳାରେ ଭାଗ ନେଇଥିଲେ । ଏହି କଳାକୃତିରେ ସେ ଏପର୍ଯ୍ୟନ୍ତ ୧୨ ଲକ୍ଷ ଆୟ କରିଛନ୍ତି ।

### ୧୫୦୦ରୁ ଉର୍ଦ୍ଧ୍ୱ କଳାକୃତି

ବସ୍ତର ଆଦିବାସୀ ସଂସ୍କୃତିରେ ଏହା ଏକ ପାରମ୍ପରିକ କଳା ଭାବେ ପରିଚିତ । ଏହାକୁ ସ୍ଥାନୀୟ ଭାଷାରେ ଲୌହ ଶିଳ୍ପ କୁହାଯାଏ । ଏହା ବିଶେଷ କରି ବସ୍ତର ଅଞ୍ଚଳରେ ଖୁବ୍ ଲୋକପ୍ରିୟ । ପ୍ରମିଳା ଏପର୍ଯ୍ୟନ୍ତ ୧୫୦୦ରୁ ଉର୍ଦ୍ଧ୍ୱ ଲୁହା କଳାକୃତି ପ୍ରସ୍ତୁତ କରିସାରିଛନ୍ତି । ଏହାର ମୂଲ୍ୟ ପାଖାପାଖି ୩୦ ଲକ୍ଷ ରହିଛି । ସେଥିମଧ୍ୟରୁ ୮୫୭ କଳାକୃତିକୁ ସେ ସରସ ମେଳା, ସରସ ଗ୍ୟାଲେରୀ ଏବଂ ସ୍ଥାନୀୟ ବଜାରରେ ବିକ୍ରି କରିଛନ୍ତି । ଏଥିରୁ ତାଙ୍କୁ ତେର ଲକ୍ଷ ଆୟ କରିଛନ୍ତି । ଚଳିତ ମାସ ଦିଲ୍ଲୀରେ ଆୟୋଜିତ ସରସ ମେଳାରେ ସେ ୪୯୬ ଉତ୍ପାଦ ବିକ୍ରି କରି ସେ ତିନି ଲକ୍ଷ ଟଙ୍କା ରୋଜଗାର କରିଛନ୍ତି ।

### ପାରମ୍ପରିକ କଳାର ପ୍ରଚାର ପ୍ରସାର

ଲୁହା କଳାକୃତିରୁ ଜୀବିକା ଅର୍ଜନ କରିବା ସହ ପ୍ରମିଳା ବସ୍ତର ସଂସ୍କୃତି ଏବଂ ପରମ୍ପରାକୁ ବିଶ୍ୱ ପରିଚିତ କରିବା ଦିଗରେ କାର୍ଯ୍ୟ କରୁଛନ୍ତି । ଏହି ହସ୍ତନିର୍ମିତ କଳାକୁ ଛତିଶଗଡ଼ ସମେତ ବିଭିନ୍ନ ସ୍ଥାନରେ ବିକ୍ରି କରୁଛନ୍ତି । ପ୍ରତ୍ୟେକ କଳାକୃତିରେ ଆଦିବାସୀ ସଂସ୍କୃତି ଏବଂ ପ୍ରକୃତିର ଝଲକ ଦେଖିବାକୁ ମିଳିଥାଏ । ପିଢ଼ି ପରେ ପିଢ଼ି ଧରି ମହିଳାମାନେ ଏହି କାର୍ଯ୍ୟ କରୁଛନ୍ତି । ଏହାଦ୍ୱାରା ରୋଜଗାରକ୍ଷମ ହୋଇଛନ୍ତି ।

## ବ୍ରାଇଡାଲ୍ ସ୍ନିକର୍

**ସାଧାରଣତଃ ବିବାହ ଲୁକ୍ ପାଇଁ ଆଉଟ୍‌ଫିଟ୍ ଏବଂ ଅଳଙ୍କାର ଭଳି ଆଜିକାଲି ଫୁଟ୍‌ୱେୟାର୍‌କୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି । ପୂର୍ବରୁ ଯୁବତୀମାନେ ବିବାହରେ ଷ୍ଟାଇଲିସ୍ ସ୍ୟାଣ୍ଡେଲ ଓ ହାଫ୍ ସୁ ପିନ୍ଧୁଥିବାବେଳେ ଆଜିକାଲି ବର-କନିଆ ଉଭୟ ଷ୍ଟାଇଲିସ୍ ଓ ମ୍ୟାଚିଂ ସ୍ନିକର ପିନ୍ଧୁଛନ୍ତି । ଏହି ସ୍ନିକର୍ସ ଡିଜାଇନ୍ ଖୁବ୍ ଆକର୍ଷଣୀୟ ହେବା ସହ ପାଦକୁ ଶୀତରୁ ସୁରକ୍ଷା ମଧ୍ୟ ଦେଇଥାଏ । କେବଳ ସେତିକି ନୁହେଁ, ଏହା ପିନ୍ଧିବାକୁ ମଧ୍ୟ ଆରାମଦାୟକ ଲାଗିଥାଏ । ଆସନ୍ତୁ ଜାଣିବା କିଛି ଆକର୍ଷଣୀୟ ସ୍ନିକର ଡିଜାଇନ୍ ବିଷୟରେ...**



### ଏମ୍ବ୍ରୋଡୋରୀ ସହ ମୋତି

ପର୍ଲ ତଥା ମୋତିକାମଯୁକ୍ତ ବ୍ରାଇଡାଲ୍ ସ୍ନିକର ଏବେ ଟ୍ରେଣ୍ଡରେ ରହିଛି । ଛୋଟମାଳି ନିର୍ମିତ ଏହି ସ୍ନିକର୍ସ ଦେଖିବାକୁ ସୁନ୍ଦର ହେବା ସହ ଏକ ବିଳାସମୟ ଲୁକ୍ ଦେଇଥାଏ । ଲେହେଙ୍ଗା ସୁନେଲି କିମ୍ବା ପେଷ୍ଟାଲ୍ ରଙ୍ଗ ଥିଲେ ଏହି ସ୍ନିକର ପିନ୍ଧିପାରିବେ । ଏଥିରୁ ଆକର୍ଷଣୀୟ ଲୁକ୍ ମିଳିଥାଏ ।

### ଗ୍ଲିଟର୍

ଜୋତାପ୍ରେମୀଙ୍କ ପାଇଁ ଗ୍ଲିଟର୍ ସୁ ଭଲ ହୋଇଥାଏ । ଏହା ସୁନ୍ଦର ଦିଶିବା ସହ ଫଟୋସୁଟ୍ କଲେ ଭଲ ଫଟୋ ଉଠିଥାଏ । ସେହିପରି ଏହାକୁ ପିନ୍ଧି ଚାଲିବା ମଧ୍ୟ ସୁବିଧାଜନକ ହୋଇଥାଏ । ଏହା ବିଶେଷ କରି ବିବାହ ରିସେପ୍‌ସନ୍ ପାର୍ଟିରେ ପିନ୍ଧିପାରିବେ ।

### ଧଳା ସ୍ନିକର


ଧଳା ରଙ୍ଗର ବ୍ରାଇଡାଲ୍ ସ୍ନିକର୍ସ ସବୁବେଳେ ଷ୍ଟାଇଲିଶ୍ ଦେଖାଯାଏ । ଏଥିରେ ହାଲୁକା ସିମର୍ ତଥା ନେଟ୍ ଲିୟାରିଙ୍ଗ୍ ଲଗାଯାଇଥାଏ । ତେବେ ଏହା ସବୁରଙ୍ଗର ଆଉଟ୍‌ଫିଟ୍‌କୁ ଭଲ ମାନିଥାଏ । ସେହିପରି କିଛି ଯୁବତୀ ମେହେନ୍ଦୀ ଫଙ୍କ୍‌ସନ୍‌ରେ ରଙ୍ଗିନ ସ୍ନିକର ପିନ୍ଧିବାକୁ ପସନ୍ଦ କରନ୍ତି ।

### କଷ୍ଟମାଇଜ୍ ସ୍ନିକର୍

ଅନେକ କନିଆ କଷ୍ଟମାଇଜ୍ ସ୍ନିକର୍ ପିନ୍ଧିବାକୁ ପସନ୍ଦ କରୁଛନ୍ତି । ଏଥିପାଇଁ ନିଜ ପସନ୍ଦ ମୁତାବକ ଡିଜାଇନ୍ କରିଥାନ୍ତି । ଏଥିରେ ନା, ବିବାହ ତାରିଖ, ଆଦି ସ୍ୱତନ୍ତ୍ର ଭାବେ ଲେଖାଯାଇଥାଏ । ଏଥିରୁ ଫୁଟ୍‌ୱେୟାର୍ ଖୁବ୍ ସ୍ମରଣୀୟ ହୋଇଥାଏ ।

## ସୁସ୍ଥ ତ୍ୱଚା ପାଇଁ ଡବଲ୍ କ୍ଲିନ୍‌ଜିଙ୍ଗ୍

**ସାଧାରଣତଃ ଡବଲ କ୍ଲିନ୍‌ଜିଙ୍ଗ ସ୍କିନ୍ କେୟାରର ଏକ ପ୍ରମୁଖ ଅଂଶ । ଏହା ତ୍ୱଚାକୁ ଗଭୀରରୁ ସଫା କରିଥାଏ । ଏହା ଦୁଇଟି ପର୍ଯ୍ୟାୟରେ କରାଯାଏ । ତ୍ୱଚାକୁ ଦୁଇଥର ସଫା କରିବା ଦ୍ୱାରା ଏହା ତ୍ୱଚାରେ ଥିବା ମଇଳାକୁ ବାହାର କରି ଚମକ ଆଣିଥାଏ । ତେଣୁ ଡବଲ କ୍ଲିନ୍‌ଜିଙ୍ଗ୍‌ରେ ପ୍ରଥମେ ତେଲ ଲଗାଇ ସଫା କରିବାକୁ ପଡ଼ିଥାଏ । ଏହାପରେ ପାଣି ଯୁକ୍ତ କ୍ଲିନ୍‌ଜରରେ ମୁହଁ ଧୁଆଯାଏ ।**



- ନିୟମିତ ଡବଲ କ୍ଲିନ୍‌ଜିଙ୍ଗ କରିବା ଦ୍ୱାରା ତ୍ୱଚା କୋମଳ ହେବା ସହ ଉଜ୍ଜ୍ୱଳତା ବୃଦ୍ଧି ପାଏ । ଏଥି ସହିତ ତ୍ୱଚାରେ ଥିବା ମଇଳା ସଫା ହୋଇଥାଏ । ବ୍ରଣ ସମସ୍ୟା ଦୂର ହୁଏ ।
- କ୍ଲିନ୍‌ଜର ବ୍ୟବହାର ଦ୍ୱାରା ତ୍ୱଚାରେ ଥିବା ମେକ୍‌ଅପ୍, ଧୂଳି, ପ୍ରଦୂଷଣ ଆଦି ବାହାରି ଯାଏ ।
- ସେହିପରି ମଇଳା ଏବଂ ପ୍ରଦୂଷଣ ପାଇଁ ତ୍ୱଚା ସମୟ ପୂର୍ବରୁ ବୟସ୍କ ଦେଖାଯାଏ । କିନ୍ତୁ ଡବଲ କ୍ଲିନ୍‌ଜିଙ୍ଗ୍ ଦ୍ୱାରା ତ୍ୱଚା ଯବାନ ରହିଥାଏ ।
- ଏହା ତ୍ୱଚାର ପି. ଏଚ୍ ସ୍ତରକୁ ସନ୍ତୁଳନ ରଖିଥାଏ । ଏଥି ସହ ବ୍ଲାକ୍‌ହେଡ୍‌ସ ଏବଂ ହ୍ୱାଇଟ୍‌ହେଡ୍ସରୁ ସୁରକ୍ଷା ଦେଇଥାଏ ।

## ଶୀତଦିନେ କେଶର ଯତ୍ନ

**ଶୀତଦିନେ ତ୍ୱଚା ଭଳି କେଶର ଯତ୍ନ ନେବାକୁ ପଡ଼ିଥାଏ । ଅତ୍ୟଧିକ ଥଣ୍ଡା କାରଣରୁ କେଶ ରୁକ୍ଷ, ଶୁଷ୍କ ଏବଂ ଦୁର୍ବଳ ହୋଇଯାଏ । ଏଥିପାଇଁ ଶୀତଦିନେ କେଶରେ ତେଲ ଲଗାଇଲେ ଏଥିରୁ ସୁଫଳ ମିଳିଥାଏ । ଏହା କେଶ ବୃଦ୍ଧି କରି ଉଜ୍ଜ୍ୱଳ ଏବଂ ମଜଭୁତ୍ କରିଥାଏ ।**

### ନଡ଼ିଆ ତେଲ

କେଶରେ ନଡ଼ିଆ ତେଲ ଲଗାଇବା ପାଇଁ ସବୁବେଳେ ଅର୍ଗାନିକ୍ କୋଲ୍ଡ ପ୍ରେସ୍ ନାଚୁଲାଲ୍ ତେଲ ଲଗାଇପାରିବେ । ଏହି ତେଲରେ ଅଧିକ ପୋଷକ ତତ୍ତ୍ୱ ରହିଥାଏ । ଏହା କେଶ ବୃଦ୍ଧି କରିବା ସହ ଉଜ୍ଜ୍ୱଳ କରିଥାଏ ।

### ଲଗାଇବା ବିଧି

ପ୍ରଥମେ ନଡ଼ିଆ ତେଲକୁ ଗରମ କରନ୍ତୁ । ଦୁଇଟି ଭିଟାମିନ୍ ଇ କ୍ୟାପ୍‌ସୁଲ୍ ମିଶାଇ ଗୋଳାଇ ଦିଅନ୍ତୁ । ଏହାକୁ ହାତପାପୁଲିରେ ନେଇ ଘସି କେଶରେ ଧୀରେ ଧୀରେ କରି ଲଗାନ୍ତୁ । ତେଲ ନଖ ଉଷୁମ ରହିବା ଆବଶ୍ୟକ । ଏହା ଅଧିକ ଗରମ ହେଲେ କେଶକୁ କ୍ଷତି ପହଞ୍ଚାଇଥାଏ ।

### କିଛି ସମୟ ରଖନ୍ତୁ

ନଡ଼ିଆ ତେଲକୁ କେଶରେ ଲଗାଇ କିଛି ସମୟ ଛାଡ଼ି ଦିଅନ୍ତୁ । ଡିପ୍ କଣ୍ଡିସନିଙ୍ଗ୍ ଚାହୁଁଥିଲେ ଏହାକୁ କେଶରେ ଦୁଇଘଣ୍ଟା ରଖନ୍ତୁ । ତକିଆରେ ତେଲ ଲଗାଇବା ପାଇଁ ସାୱାର କ୍ୟାପ୍ କିମ୍ବା ଏକ ଟାୱେଲ୍‌ରେ କେଶ ଘୋଡ଼ାନ୍ତୁ । ଏହାପରେ ଯେ କୌଣସି ମାଇଲ୍ଡ ସାମ୍ପୁ ଲଗାଇ ଭଲ ଭାବେ ସଫା କରନ୍ତୁ ।

### ଡ୍ରାୟର ବ୍ୟବହାର

କେଶରେ ହେୟାର ଡ୍ରାଏର୍ ବ୍ୟବହାର ନ କରି ଏହାକୁ ପ୍ରଥମେ ଟାୱେଲରେ ପୋଛି, ପବନରେ ଶୁଖାନ୍ତୁ । କେଶ ଶୁଖିଆସିଲେ ହାତରେ ଗୋଲାପ ଜଳ ସହ ଆଲୋଭେରା ଜେଲ ମିଶାଇ ଲଗାନ୍ତୁ । ଏହା କେଶରେ ପ୍ରାକୃତିକ ସିରମ୍ ଭଳି କାର୍ଯ୍ୟ କରିଥାଏ ।



ମୋ ହାଣ୍ଡିଶାଳରୁ...

## ପଟାଟୋ କଟ୍‌ଲେଟ୍



### ଆବଶ୍ୟକ ସାମଗ୍ରୀ

ସିଝାଆଳୁ – ଦୁଇଟି, କଟା ଗାଜର – ଅଧା କପ୍, କଟା ପିଆଜ – ଅଧା କପ୍, ଲଙ୍କା – ଦୁଇଟି, ବେସନ – ଅଧା କପ୍, ଧନିଆ ପତ୍ର – ଅଳ୍ପ, ଲଙ୍କା ଗୁଣ୍ଡ – ଅଧା ଚାମଚ, ହଳଦୀଗୁଣ୍ଡ – ଅଧା ଚାମଚ, ଜିରା ଗୁଣ୍ଡ – ଅଧା ଚାମଚ, କନ୍‌ଫ୍ଲୋର୍ ଅଧା କପ୍, ସିମେଇ – ଏକ କପ୍, ଟମାଟୋ ସସ୍, ଲୁଣ- ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଆଳୁରୁ ଚୋପା ଛଡ଼େଇ ଗୋଟିଏ ବାଉଲ୍‌ରେ ରଖନ୍ତୁ । ସେଥିରେ ଅଳ୍ପ ଗାଜର, ପିଆଜ, ଧନିଆପତ୍ର, ଲଙ୍କା, ହଳଦୀଗୁଣ୍ଡ, ଲୁଣ, ଚାଟ୍ ମସଲା ସହ ବେସନ ପକାଇ ଭଲରେ ଗୋଳାଇ ଦିଅନ୍ତୁ । ଏହାକୁ ଛୋଟ ଗୁଳା କରି ହାତରେ କଟ୍‌ଲେଟ୍ ଆକାର ଦିଅନ୍ତୁ । ଏହାପରେ ଗୋଟିଏ ପାତ୍ରରେ ଅଳ୍ପ କନ୍‌ଫ୍ଲୋର୍ ନେଇ ସେଥିରେ ପାଣି ମିଶାଇ ଏକ ଘୋଳ ପ୍ରସ୍ତୁତ କରନ୍ତୁ । ଏହାପରେ ପ୍ରସ୍ତୁତ କରିଥିବା ଆଳୁ କଟ୍‌ଲେଟ୍‌କୁ କନ୍‌ଫ୍ଲୋର୍‌ରେ ଭଲଭାବେ ବୁଡ଼ାନ୍ତୁ । ଏହାକୁ ସିମେଇରେ କୋଟ୍ କରି ଗୋଟିଏ ପ୍ଲେଟ୍‌ରେ ରଖନ୍ତୁ । ଗ୍ୟାସ୍ ଲଗାଇ କଡ଼େଇ ବସାଇ ତେଲ ଦିଅନ୍ତୁ । ତେଲ ଗରମ ହୋଇଗଲେ ସେଥିରେ ପ୍ରସ୍ତୁତ କରି ରଖିଥିବା କଟ୍‌ଲେଟ୍‌କୁ ପକାଇ ଛାଣନ୍ତୁ । ଏହା ହାଲୁକା ସୁନେଲି ରଙ୍ଗ ହୋଇଗଲେ ଗୋଟିଏ ପ୍ଲେଟ୍‌କୁ କାଢ଼ି ପରଷନ୍ତୁ 'ପଟାଟୋ କଟ୍‌ଲେଟ୍' ।

## ବ୍ଲେଜର୍ କିଣୁଥିଲେ ଧ୍ୟାନ ଦିଅନ୍ତୁ

**ବ୍ଲେଜର୍ ଅଫିସ୍ ସମେତ ଦୈନନ୍ଦିନ ବ୍ୟବହାର ପାଇଁ ଭଲ ହୋଇଥାଏ । ଏହା ମହିଳାଙ୍କୁ ସ୍ମାର୍ଟ ଏବଂ ଆକର୍ଷଣୀୟ ଲୁକ୍ ଦେଇଥାଏ । ତେଣୁ ବ୍ଲେଜର୍ କିଣୁଥିଲେ କେତୋଟି ଦିଗ ପ୍ରତି ଧ୍ୟାନ ଦେବା ଜରୁରୀ ।**



- ବ୍ଲେଜର୍ ଫିଟିଙ୍ଗ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବହ କରିଥାଏ । ବ୍ଲେଜର୍ ଢିଲା ଥିଲେ ଏହା ପିନ୍ଧିବାକୁ ଅସହଜ ମନେ ହୋଇଥାଏ । ସେହିପରି ଏହା ଅଧିକ ଟାଇଟ୍ ହେଲେ ମଧ୍ୟ ଭଲ ଲାଗେନି । ତେଣୁ ନିଜ ଶାରୀରିକ ଗଠନ ଅନୁଯାୟୀ ବ୍ଲେଜର୍ କିଣିବା ଆବଶ୍ୟକ ।
- ସେହିପରି ବ୍ଲେଜର୍ କିଣିବା ସମୟରେ ଆରାମଦାୟକ କପଡ଼ା ପ୍ରତି ଧ୍ୟାନ ଦେବା ଜରୁରୀ । ଉଲ୍, ଲାଇଲେନ୍, ସୂତା ଭଳି କପଡ଼ା ସବୁବେଳେ ଭଲ ହୋଇଥାଏ । ଏହା ତ୍ୱଚାକୁ ଶୀତ ଏବଂ ଥଣ୍ଡା ପବନରୁ ସୁରକ୍ଷା ଦେଇଥାଏ ।
- ବ୍ଲେଜରର୍ ରଙ୍ଗ ତ୍ୱଚାକୁ ପ୍ରଭାବିତ କରିଥାଏ । ତେଣୁ ବ୍ଲେଜର୍ କିଣିବା ସମୟରେ ଏହାର ରଙ୍ଗ ପ୍ରତି ଧ୍ୟାନ ଦେବା ଜରୁରୀ । ଏଥିସହ ନିଜ ପସନ୍ଦ ଓ ଋତୁ ପରିବର୍ତ୍ତନକୁ ଧ୍ୟାନରେ ରଖିବା ଆବଶ୍ୟକ ।
- ବ୍ଲେଜର୍‌ରେ କେତୋଟି ବଟନ ରହିବା ଆବଶ୍ୟକ ତାହା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ତିନି ବଟନ ଜ୍ୟାକେଟ୍ ସାଧାରଣ ହୋଇଥାଏ । ତେଣୁ ଚାରି ରୁ ପାଞ୍ଚଟି ବଟନ ଭଲ ବିକଳ୍ପ ହୋଇଥାଏ ।

## ଭାରତ-ଦକ୍ଷିଣ ଆଫ୍ରିକା ୪ର୍ଥ ଟି-୨୦

# ଘନ କୁହୁଡ଼ି: ଲକ୍ଷ୍ନୌ ମ୍ୟାଚ୍ ବାତିଲ୍

ଲକ୍ଷ୍ନୌ, ୧୭ ।୧୨ (ଏଜେନ୍ସି):




ଘରୋଇ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚଳିତ ଟି-୨୦ ସିରିଜର ଚତୁର୍ଥ ମ୍ୟାଚ୍ ବୁଧବାର ସ୍ଥାନୀୟ ଏକନା କ୍ରିକେଟ୍ ଷ୍ଟାଡିୟମରେ ଖେଳାଯିବାର ଥିଲା । କିନ୍ତୁ ଘନ କୁହୁଡ଼ି ଯୋଗୁ ମ୍ୟାଚ୍ ବାତିଲ ହୋଇଛି । ରାତି ୭ଟାରେ ଆରମ୍ଭ ହେବାର ଥିଲା । ତେବେ କୁହୁଡ଼ିର ପ୍ରଭାବ ବଢ଼ି ବଢ଼ି ଚାଲିଥିବାରୁ ମ୍ୟାଚରେ ଟସ୍ ପକାଇବା ମଧ୍ୟ ସମ୍ଭବପର ହୋଇପାରି ନଥିଲା । ଦୁଇ ଅମ୍ପାୟର ୩୦ ମିନିଟ୍‌ର ଅନ୍ତରାଳରେ ଛଅ ୬ଥର ପିଚ୍ ଓ ପଡ଼ିଆ ଅନୁଧ୍ୟାନ କରିସାରିଥିଲେ ମଧ୍ୟ ମ୍ୟାଚ୍ ଆରମ୍ଭ କରିବା ଲାଗି ପରିବେଶ ଅନୁକୂଳ ନ ଥିଲା । ଫଳରେ ଷଷ୍ଠଥର ପାଇଁ ପଡ଼ିଆ ନିରୀକ୍ଷଣ ପରେ ଦୁଇ ଅମ୍ପାୟାର ମ୍ୟାଚ୍ ବାତିଲ୍ ପାଇଁ ନିଷ୍ପତ୍ତି ନେଇଥିଲେ । ମ୍ୟାଚ୍ ବାତିଲ ପରେ ଦର୍ଶକଙ୍କ ମଧ୍ୟରେ ନିରାଶା ଖେଳିଯାଇଥିଲା ।

ଉତ୍ତର ଭାରତରେ ବିଶେଷ କରି ଲକ୍ଷ୍ନୌରେ ଶୀତଦିନେ କୁହୁଡ଼ିର ପ୍ରଭାବ ବେଶ୍ ରହିଥାଏ । କୁହୁଡି ଲାଗି ଅଧିକାଂଶ ଦିନ ଏଠାରେ ରେଡ ଆଲର୍ଟ ଜାରି କରାଯାଇଥାଏ । ଏଭଳି ସ୍ଥିତିରେ ବିସିସିଆଇ ମ୍ୟାଚ୍ ଆୟୋଜନ ପାଇଁ ଏହି ଭେନ୍ୟୁକୁ ଚୟନ କରିବା ନେଇ ପ୍ରଶ୍ନ ଉଠିଛି ।

୪ର୍ଥ ଟି-୨୦ କୁହୁଡ଼ି ଲାଗି ବାତିଲ ହେବାରୁ ଭାରତ ୨-୧ରେ ଅଗ୍ରଣୀ ରହିଛି । ଫଳରେ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଆସନ୍ତା ୧୯ ତାରିଖରେ ଖେଳାଯିବାକୁ ଥିବା ୫ମ ଟି-୨୦ ନିର୍ଣ୍ଣାୟକ ସାବ୍ୟସ୍ତ ହେବ ।

ପୂର୍ବରୁ କଟକରେ ଖେଳାଯାଇଥିବା ସିରିଜର ପ୍ରଥମ ମ୍ୟାଚକୁ ଭାରତ ୧୦୧ ରନରେ ବିଜୟୀ ହୋଇଥିଲା । ଏହାପରେ ଚଣ୍ଡିଗଡ଼ରେ ଅନୁଷ୍ଠିତ ୨ୟ ମ୍ୟାଚକୁ ୫୧ ରନରେ ଜିତି ଦକ୍ଷିଣ ଆଫ୍ରିକା ସିରିଜକୁ ୧-୧ ବରାବରସ୍ଥିତିକୁ ଆଣିଥିଲା । ତେବେ ସୂର୍ଯ୍ୟକୁମାରଙ୍କ ନେତୃତ୍ୱାଧୀନ ଘରୋଇ ଦଳ ୩ୟ ଟି-୨୦କୁ ୭ ୱିକେଟରେ ଜିତି ଅଗ୍ରଣୀ ରହିଛି ।

## ଗିଲ୍ ଆହତ; ସିରିଜରୁ ବାଦ୍ ପଡ଼ିପାରନ୍ତି

ଦକ୍ଷିଣ ଆଫ୍ରିକା ବିପକ୍ଷ ୪ର୍ଥ ଟି-୨୦ ମୁକାବିଲା ପୂର୍ବରୁ ଘରୋଇ ଭାରତୀୟ ଦଳର ଉପ-ଅଧିନାୟକ ଶୁବମନ ଗିଲ୍ ଆହତ ହୋଇଥିଲେ । ବ୍ୟାଟିଂ ସେସନ ସମୟରେ ଗିଲ୍‌ଙ୍କ ପାଦରେ ଆଘାତ ଲାଗିଥିଲା । ଏକ ବଲ୍ ସିଧାସଳଖ ଆସି ତାଙ୍କ ବାମପାଦ ଅଗ୍ରଭାଗରେ ମାଡ଼ ହୋଇଥିଲା । ଯେଉଁଥି ପାଇଁ ସେ ଟି-୨୦ ସିରିଜର ବଳକା ମୁକାବିଲାରୁ ବାଦ୍ ପଡ଼ିପାରନ୍ତି ବୋଲି ରିପୋର୍ଟ ପ୍ରକାଶ ପାଇଛି । ଗିଲ୍‌ଙ୍କ ସ୍ଥାନରେ ଇନଫର୍ମ ୱିକେଟ୍‌କିପର ବ୍ୟାଟର୍ ସଞ୍ଜୁ ସାମସନ ଖେଳିପାରନ୍ତି । ଗିଲ୍ ଚଳିତ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜରେ ବେଶ୍ ନୈରାଶ୍ୟଜନକ ପ୍ରଦର୍ଶନ କରିଛନ୍ତି । କଟକରେ ସେ ମାତ୍ର ୪ ରନ କରିଥିବାବେଳେ ଚଣ୍ଡିଗଡ଼ରେ ଖାତା ଖୋଲିପାରି ନ ଥିଲେ । ସେହିଭଳି ଧର୍ମଶାଳାରେ ଅନୁଷ୍ଠିତ ୩ୟ ମ୍ୟାଚରେ ୨୮ ବଲରେ ୨୮ ରନ କରିଥିଲେ ।

## କୁହୁଡ଼ି ପାଇଁ ରହିଥିଲା ରେଡ୍ ଆଲର୍ଟ

ଭୁବନେଶ୍ୱର(ସମିସ): ଚତୁର୍ଥ ଟି-୨୦ ଖେଳାଯିବାକୁ ଥିବା ଲକ୍ଷ୍ନୌର ଏହି ଅଞ୍ଚଳ ତରାଇ ବେଲ୍ଟ ଅଧିନରେ ଆସୁଛି । ସାଧାରଣତଃ ଏହା ପାହାଡ଼ି ଅଞ୍ଚଳ ଭଳି । ତେଣୁ ଶୀତ ଦିନେ ଏଠାରେ କୁହୁଡ଼ି ହେବାକୁ ପରିସ୍ଥିତି ସର୍ବଦା ଅନୁକୂଳ ରହିଥାଏ । ଜଙ୍ଗଲରେ ଜଳୀୟବାଷ୍ପର ଅଭାବ ନଥାଏ । ଏଠାରେ ମଧ୍ୟ ଭରପୁର ସବୁଜିମା ଥିବାରୁ ଜଳୀୟବାଷ୍ପ ରହୁଛି, ଯାହାକି କୁହୁଡ଼ି ପାଇଁ ବେଶ୍ ଅନୁକୂଳ ସ୍ଥିତି ସୃଷ୍ଟି କରୁଛି । ପବନର ବେଗ ଅଧିକ ନ ରହିଲେ ଏମିତି ସ୍ଥିତି ରହିଥାଏ । ବର୍ତ୍ତମାନ ଏହି ସ୍ଥିତି ରହିଥିବାରୁ କୁହୁଡ଼ି ହେଉଛି । ଏହାସହିତ ବୁଧବାର ଲକ୍ଷ୍ନୌର ଏହି ଅଞ୍ଚଳରେ ଘନ କୁହୁଡ଼ି ପାଇଁ ରେଡ୍ ଆଲର୍ଟ ଜାରି କରାଯାଇଥିଲା । ଏଭଳିସ୍ଥିତିରେ ବିସିସିଆଇ ଏଠାରେ ମ୍ୟାଚ୍ ଆୟୋଜନ କରିବାକୁ ନେଇ ଚାରିଆଡ଼ୁ ପ୍ରଶ୍ନ ଉଠିଛି ।

## ସୟଦ ମୁସ୍ତାକ ଅଲି ଟ୍ରଫି ଫାଇନାଲ ଆଜି

# ପ୍ରଥମ ଟାଇଟଲ୍ ଲକ୍ଷ୍ୟରେ ଝାଡ଼ଖଣ୍ଡ, ହରିୟାଣା

ପୁଣେ, ୧୭ ।୧୨ (ଏଜେନ୍ସି): ବିସିସିଆଇ ଘରୋଇ ଟି-୨୦ ଟୁର୍ଣ୍ଣାମେଣ୍ଟ ସୟଦ ମୁସ୍ତାକ ଅଲି ଟ୍ରଫିର ୧୮ ତମ ସଂସ୍କରଣ ଫାଇନାଲ ଗୁରୁବାର ଝାଡ଼ଖଣ୍ଡ ଓ ହରିୟାଣା ମଧ୍ୟରେ ଖେଳାଯିବ । ପୁଣେର ଏମ୍‌ସିଏ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ଫାଇନାଲ ମ୍ୟାଚକୁ ନେଇ ଉଭୟ ଝାଡ଼ଖଣ୍ଡ ଓ ହରିୟାଣା ଦଳ ବେଶ୍ ଉତ୍ସାହୀ ରହିଛନ୍ତି । ଯିଏବି ଜିତିବ ସେହି ଦଳ ପ୍ରଥମଥର ଲାଗି ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିବ । ଉଭୟ ଦଳ ପ୍ରଥମଥର ଲାଗି ଫାଇନାଲରେ ପ୍ରବେଶ କରିଥିବାରୁ ଏଥର ଟୁର୍ଣ୍ଣାମେଣ୍ଟରେ ନୂଆ ବିଜେତା ଦେଖିବାକୁ ମିଳିବ । ଇଶାନ କିଶାନଙ୍କ ନେତୃତ୍ୱାଧୀନ ଝାଡ଼ଖଣ୍ଡ ବର୍ତ୍ତମାନ ସୁଦ୍ଧା ଟୁର୍ଣ୍ଣାମେଣ୍ଟରେ ୯ଟି ମ୍ୟାଚ୍ ଖେଳି ଅପରାଜେୟ ରହିଛି । ଫାଇନାଲରେ ମଧ୍ୟ ଦଳ ଏହି ବିଜୟଧାରାକୁ ବଜାୟ ରଖିବାକୁ ଲକ୍ଷ୍ୟ ରଖିଛି । ଅପରପକ୍ଷରେ ଅଧିନାୟକ ଅଙ୍କିତ କୁମାର ଦମ୍‌ଦାର ବ୍ୟାଟିଂ କରି ହରିୟାଣା ଫାଇନାଲରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ହରିୟାଣା କିନ୍ତୁ ଗ୍ରୁପ୍ ଓ ସୁପରଲିଗ୍ ପର୍ଯ୍ୟାୟରେ ୩ଟି ମ୍ୟାଚ୍ ହାରିଥିବାରୁ ବ୍ୟାକ୍‌ଫୁଟରେ ରହିଛି । ଅପରାହ୍ଣ ୪ଟା ୩୦ରୁ ଫାଇନାଲ ମ୍ୟାଚ୍ ଆରମ୍ଭ ହେବ ।




## ଶ୍ରୀଧର ଶ୍ରୀଲଙ୍କା ଦଳର ଫିଲ୍ଡିଂ କୋଚ୍

କଲମ୍ବୋ, ୧୭ ।୧୨ (ଏଜେନ୍ସି): ଶ୍ରୀଲଙ୍କା କ୍ରିକେଟ୍ ପକ୍ଷରୁ ଭାରତର ଆର୍ ଶ୍ରୀଧରଙ୍କୁ ଜାତୀୟସିନିଅରପୁରୁଷଦଳରଫିଲ୍ଡିଂ କୋଚ୍ ଭାବେ ନିଯୁକ୍ତ କରାଯାଇଛି । ଫେବୃଆରୀ ୭ରୁ ଆରମ୍ଭ ହେବାକୁ ଥିବା ଟି-୨୦ ବିଶ୍ୱକପ୍ ଲାଗି ଏହି ଶ୍ରୀଧରଙ୍କୁ ଏହି ଗୁରୁଦାୟିତ୍ୱ ଦେଇଛି ଶ୍ରୀଲଙ୍କା କ୍ରିକେଟ । ୫୫ ବର୍ଷୀୟ ପୂର୍ବତନ ହାଇଦରାବାଦ୍ କ୍ରିକେଟର୍ ଶ୍ରୀଧର ଏଥିପୂର୍ବରୁ ୨୦୧୪ରୁ ୨୦୨୧ ପର୍ଯ୍ୟନ୍ତ ଭାରତୀୟ କ୍ରିକେଟ୍ ଦଳର ଫିଲ୍ଡିଂ କୋଚ୍ ଭାବେ କାର୍ଯ୍ୟ କରିଥିଲେ । ତାଙ୍କ ନିକଟରେ ପାଖାପାଖି ୩୦୦ ଅନ୍ତର୍ଜାତୀୟ ମ୍ୟାଚରେ ସହାୟକ ଷ୍ଟାଫ୍ ଭାବେ କାର୍ଯ୍ୟ ଅଭିଜ୍ଞତା ରହିଛି । ଶ୍ରୀଧର ଏଥିପୂର୍ବରୁ ଶ୍ରୀଲଙ୍କା ହାଇପରଫର୍ମାନ୍ସ ସେଣ୍ଟରରେ ମଧ୍ୟ କିଛି ଦିନ କାର୍ଯ୍ୟ କରିଛନ୍ତି । ଟି-୨୦ ବିଶ୍ୱକପ୍‌ରେ ଶ୍ରୀଲଙ୍କା ଗ୍ରୁପ୍-ବି'ରେ ଅଷ୍ଟ୍ରେଲିଆ, ଜିମ୍ବାୱେ, ଆୟର୍ଲାଣ୍ଡ ଓ ଓମାନ ସହ ସ୍ଥାନ ପାଇଛି ।

## ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ୍

# ନାଗପୁରକୁ ହରାଇ ସେମିରେ କଳାହାଣ୍ଡି




ଭାପୁର, ୧୭ ।୧୨ (ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ଼ ନାଲି ସାଗର ପଡ଼ିଆରେ ଚାଲିଥିବା ୧୬ତମ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ୩ୟ ଦଳ ଭାବେ କଳାହାଣ୍ଡି କ୍ରିକେଟ୍ କ୍ଲବ (କେସିଏ) ସେମିଫାଇନାଲରେ ପ୍ରବେଶ କରିଛି । ବୁଧବାର ଅନୁଷ୍ଠିତ ୩ୟ କ୍ୱାର୍ଟର ଫାଇନାଲରେ କେସିଏ ୫ ୱିକେଟ୍‌ରେ ନାଗପୁରର କରିମ ସ୍ପୋର୍ଟ୍ସ ଏକାଡେମୀକୁ ପରାସ୍ତ କରିଥିଲା । ଟସ୍ ଜିତି ବ୍ୟାଟିଂ କରିଥିବା ନାଗପୁର ୨୦ ଓଭରରେ ୧୪୯ ରନ କରିଥିଲା । ଜବାବରେ କଳାହାଣ୍ଡି କ୍ରିକେଟ୍ କ୍ଲବ ୧୮.୫ ଓଭରରେ ୫ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା । ବିଜୟୀ ଦଳର ସୁପ୍ରିୟୋ ଚକ୍ରବର୍ତ୍ତୀ ୩୭ ବଲରୁ ୫୨ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ । ସେହିଭଳି ବୋଲିଂରେ ସେ ୩ଟି ୱିକେଟ୍ ନେଇ ଦମ୍‌ଦାର ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିଲେ । ଯେଉଁଥି ପାଇଁ ତାଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା ।

ଆଜିର ମ୍ୟାଚରେ କଣ୍ଠଶିଳ୍ପୀ ଯୁଦ୍ଧିଷ୍ଠିର ଖୁଣ୍ଟିଆ ଓ ସରୋଜ ମହାପାତ୍ର, କ୍ରିକେଟ୍ ଏକ୍ସପର୍ଟ ସୁଧାଂଶୁ ଶେଖର କର ଅତିଥିଭାବେ ଯୋଗଦେଇଥିଲେ । ଗୁରୁବାର ଚତୁର୍ଥ କ୍ୱାର୍ଟର ଫାଇନାଲ ଭାଇଜାଗର ନବସିପ୍ ଚାମ୍ପିଅନ୍ସ ଓ ଟିସିସି ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ । ଆୟୋଜକ ଫତେଗଥ ଯୁବକ ସଂଘ ସଭାପତି ବେଣୁଧର ପ୍ରଧାନ ଏହି ସୂଚନା ଦେଇଛନ୍ତି ।

## ୧୯ ବର୍ଷରୁ କମ୍ ଜାତୀୟ ମହିଳା ଦିନିକିଆ ଟ୍ରଫି

# ବିଜୟଲକ୍ଷ୍ମୀଙ୍କ ୫ ୱିକେଟ୍ ସତ୍ତ୍ୱେ ହାରିଲା ଓଡ଼ିଶା

ଭୁବନେଶ୍ୱର, ୧୭ ।୧୨ (ସମିସ): ବିସିସିଆଇ ଆନୁକୂଲ୍ୟରେ ଥିରୁଅନନ୍ତପୁରମରେ ଚାଲିଥିବା ୧୯ ବର୍ଷରୁ କମ୍ ଜାତୀୟ ମହିଳା ଦିନିକିଆ ଟ୍ରଫିରେ ଓଡ଼ିଶା ଦ୍ୱିତୀୟ ପରାଜୟବରଣ କରିଛି । ବୁଧବାର ଅନୁଷ୍ଠିତ ଏଲିଟ୍ ଗ୍ରୁପ୍-ଇ'ର ଏକ ମ୍ୟାଚରେ ରାଜସ୍ଥାନ ୧୧୪ ରନରେ ଓଡ଼ିଶାକୁ ହରାଇଥିଲା । ଟସ୍ ଜିତି ବ୍ୟାଟିଂ କରିଥିବା ରାଜସ୍ଥାନ ବ୍ରିନ୍ଦା ଶର୍ମା (୭୦ ରନ)ଙ୍କ ଅର୍ଦ୍ଧଶତକ ବଳରେ ୪୬.୨ ଓଭରରେ ୨୧୩ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ଓଡ଼ିଶାର ବିଜୟଲକ୍ଷ୍ମୀ ବେହେରା ୫ଟି ୱିକେଟ ସଫଳତା ପାଇଥିଲେ । ଜବାବରେ ଓଡ଼ିଶା ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୯୯ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା । ଅନୁଷ୍କା ମହାନ୍ତି ଓ ପ୍ରିୟଙ୍କାରୀ ମୁଦୁଲି ୧୫ ରନ ଲେଖାଏ କରିଥିଲେ । ବିଜୟୀ ରାଜସ୍ଥାନ ଦଳର ମଇନା ସିୟଲ ୪ଟି ୱିକେଟ୍ ନେଇଥିଲେ । ଓଡ଼ିଶା ପୂର୍ବରୁ ପ୍ରଥମ ମ୍ୟାଚରେ ୭ ୱିକେଟରେ ଗୁଜରାଟ ନିକଟରୁ ହାରିଥିଲା । କିନ୍ତୁ ଦ୍ୱିତୀୟ ମ୍ୟାଚରେ ବିଜୟଲକ୍ଷ୍ମୀଙ୍କ ଅପରାଜିତ ୯୯ ରନ ବଳରେ ଓଡ଼ିଶା ଦ୍ୱିତୀୟ ମ୍ୟାଚରେ ୪ ୱିକେଟରେ ଆସାମକୁ ମାତ୍ ଦେଇଥିଲା । ଓଡ଼ିଶା ବର୍ତ୍ତମାନ ୩ଟି ମ୍ୟାଚରୁ ୪ ପଏଣ୍ଟ ପାଇ ଗ୍ରୁପ୍-ଇ'ରେ ୫ମ ସ୍ଥାନରେ ରହିଛି । ଗୁରୁବାର ଓଡ଼ିଶା ପରବର୍ତ୍ତୀ ମ୍ୟାଚରେ ଦିଲ୍ଲୀକୁ ଭେଟିବ ।



## ଜାତୀୟ ଭଲିବଲ୍: ଓଡ଼ିଶାର ଡବଲ୍ ବିଜୟ

ଭୁବନେଶ୍ୱର, ୧୭ ।୧୨ (ସମିସ): ରାଜସ୍ଥାନରେ ଚାଲିଥିବା ୪୯ତମ ଜାତୀୟ ଜୁନିଅର ଭଲିବଲ୍ ଚାମ୍ପିଅନସିପ୍‌ରେ ଓଡ଼ିଶା ଡବଲ୍ ବିଜୟ ହାସଲ କରିଛି । ମଙ୍ଗଳବାର ଓଡ଼ିଶାର ଉଭୟ ବାଳକ ଓ ବାଳିକା ଦଳ ସହଜ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି । ଶ୍ରୀବିଦ୍ୟା ଦାଶଙ୍କ ନେତୃତ୍ୱାଧୀନ ବାଳିକା ଦଳ ୩-୦ (୨୫-୧୩, ୨୫-୬, ୨୫-୩)ରେ ଲଦାଖକୁ ପରାସ୍ତ କରିଥିଲା । ସେହିଭଳି ଓଡ଼ିଶା ବାଳକ ଦଳ ସମାନ ୩-୦ ସେଟ୍ (୨୫-୧୮, ୨୫-୧୫, ୨୫-୧୪)ରେ ଦଦ୍ରା ଓ ନଗର ହାବେଲୀକୁ ହରାଇଛି । ଏହି ଅବସରରେ ଓଡ଼ିଶା ଭଲିବଲ୍ ସଂଘର ସଭାପତି ପ୍ରଫେସର ଅଚ୍ୟୁତ ସାମନ୍ତ ଉଭୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ।

# ମୁକ୍ତେଶ୍ୱର କପ୍‌ରେ ଏଥର ୨୦ ଦଳ




ଭୁବନେଶ୍ୱର, ୧୭ ।୧୨ (ସମିସ): ଭୁବନେଶ୍ୱରର ଅନ୍ୟତମ ପୁରାତନ କ୍ଲବ ମୁକ୍ତେଶ୍ୱର କ୍ଲବ ଆନୁକୂଲ୍ୟରେ ୧୬ ବର୍ଷରୁ କମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୮ମ ସଂସ୍କରଣ ଶୁକ୍ରବାରଠାରୁ ଆରମ୍ଭ ହେବାକୁଯାଉଛି । ଜାନୁଆରୀ ୪ ତାରିଖ ପର୍ଯ୍ୟନ୍ତ ଚାଲିଥିବାକୁ ଥିବା ଚଳିତ ସଂସ୍କରଣରେ ମୋଟ୍ ୨୦ଟି ଦଳ ଅଂଶଗ୍ରହଣ କରିବେ । ନକ୍‌ଆଉଟ୍‌ଭିତ୍ତିକ ଏହି ଟୁର୍ଣ୍ଣାମେଣ୍ଟରେ ଏଥର ଫାଇନାଲକୁ ମିଶାଇ ମୋଟ୍ ୧୯ଟି ମ୍ୟାଚ୍ ଖେଳାଯିବ । ଗତ ସଂସ୍କରଣର ଚାମ୍ପିଅନ ପାରାମାଉଣ୍ଟ ସ୍ପୋର୍ଟିଂ, ରନର୍ସଅପ୍ ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ (ଏମ୍‌ସିସି) ସମେତ ଦୁଇ ସେମିଫାଇନାଲିଷ୍ଟ ରାମେଶ୍ୱର ସ୍ପୋର୍ଟିଂ ଓ ରାଇଜିଂ ଷ୍ଟୁଡେଣ୍ଟ୍ସ ଦଳ ସିଧାସଳଖ କ୍ୱାର୍ଟର ଫାଇନାଲ ଖେଳିବେ । ଅନ୍ୟ ୧୬ଟି ଦଳ କ୍ୱାଲିଫାୟରରୁ ସେମାନଙ୍କ ଅଭିଯାନ ଆରମ୍ଭ କରିବେ ବୋଲି ଟୁର୍ଣ୍ଣାମେଣ୍ଟ ସମ୍ବନ୍ଧରେ ସୂଚନା ଦେଇ ଆୟୋଜକ କ୍ଲବର ସମ୍ପାଦକ ଗୌରପ୍ରସାଦ ନନ୍ଦ ଏହା କହିଛନ୍ତି ।

କ୍ୱାଲିଫାୟର ଓ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚଗୁଡ଼ିକ ୨୦ ଓଭରବିଶିଷ୍ଟ, କ୍ୱାର୍ଟର ଓ ସେମିଫାଇନାଲ ୩୦ ଓଭର ଏବଂ ଫାଇନାଲ ୪୦ ଓଭରବିଶିଷ୍ଟ ଖେଳାଯିବ । ସେହିଭଳି ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ଦଳକୁ ପ୍ରଶାନ୍ତ ମହାପାତ୍ର କପ୍ ସହ ୩୦ ହଜାର ଟଙ୍କା ଏବଂ ରନର୍ସଅପ୍ ହୋଇଥିବା ଦଳ ସୁବାଶିଷ ଭୂୟାଁ ଟ୍ରଫି ସହ ୨୦ ହଜାର ଟଙ୍କା ପୁରସ୍କାର ରାଶି ପାଇବ । ଏହାବାଦ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳିଙ୍କୁ ୩ ହଜାର, ଶ୍ରେଷ୍ଠ ବ୍ୟାଟର୍ ଓ ବୋଲରଙ୍କୁ ୨୫୦୦ ଟଙ୍କା, ଫାଇନାଲର ଶ୍ରେଷ୍ଠ ଖେଳାଳିଙ୍କୁ ୨୦୦୦ ଟଙ୍କା, ଶ୍ରେଷ୍ଠ ଫିଲ୍ଡର, ୱିକେଟ୍‌କିପର ଓ ସେମିଫାଇନାଲର ଶ୍ରେଷ୍ଠ ଖେଳାଳିଙ୍କୁ ୧୫୦୦ ଟଙ୍କା ପୁରସ୍କାର ଦିଆଯିବ । ଶୁକ୍ରବାର କ୍ୱାଲିଫାୟର ପର୍ଯ୍ୟାୟରେ ଟାଉନ କ୍ଲବ ଓ ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏସନ ମଧ୍ୟରେ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ । ସେହିଦିନ ଅପରାହ୍ଣରେ ଦ୍ୱିତୀୟ ମ୍ୟାଚରେ ଓସ୍କାର ସ୍ପୋର୍ଟିଂ ଓ ଜୁଭେନାଇଲ କ୍ରିକେଟ୍ କ୍ଲବ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଖେଳାଯିବ । ଏହି ଟୁର୍ଣ୍ଣାମେଣ୍ଟରେ ଜାନୁଆରୀ ୩ରେ ମହିଳା କ୍ରିକେଟ୍ ଦଳ ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି ।

ଏହାବାଦ୍ ଟୁର୍ଣ୍ଣାମେଣ୍ଟରୁ ଶ୍ରେଷ୍ଠ-୪୦ଜଣ ଖେଳାଳିଙ୍କୁ ଚୟନ କରାଯାଇ ସେମାନଙ୍କ ମଧ୍ୟରେ ଟିମ୍ କରାଯାଇ ଦ୍ୱି-ଦିବସୀୟ ମ୍ୟାଚ୍ ଖେଳାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକାରୀ ସଭାପତି ଗୁରଜିତ୍ ସିଂହ ଚୌହାନ ସୂଚନା ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ କ୍ଲବର ଉପସଭାପତି ଶରଣଜିତ୍ ସିଂହ, ଯୁଗ୍ମ ସମ୍ପାଦକ ଆଞ୍ଜେଲ ରୋମି ମିଶ୍ର, କୋଷାଧ୍ୟକ୍ଷ ଦତ୍ତାତ୍ରେୟ ମିଶ୍ର, ସୁନିଲ ସାହୁ, ସଦସ୍ୟ ଅନୁରାଗ ଷଡ଼ଙ୍ଗୀ ଓ ରାହୁଲ ହୋତା ପ୍ରମୁଖ ଉପସ୍ଥିତ ରହିଥିଲେ ।

## ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର ଫାଇନାଲ୍ସ

# ସାତ୍ୱିକ- ଚିରାଗଙ୍କ ବିଜୟ ଅଭିଯାନ

ସିଡନୀ,୧୭ ।୧୨(ଏଜେନ୍ସି): ଏଠାରେ ଆରମ୍ଭ ହୋଇଥିବା ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର ଫାଇନାଲ୍ସରେ ଭାରତୀୟ ଅଭିଜ୍ଞ ପୁରୁଷ ଯୋଡି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି । ବୁଧବାର ବିଶ୍ୱର ୩ ନଂ ଯୋଡି ପ୍ରଥମ ରାଉଣ୍ଡ ମୁକାବିଲାରେ ପ୍ରଥମ ଗେମ୍‌ରେ ପରାସ୍ତ ହୋଇଥିଲେ ମଧ୍ୟ ପ୍ରତ୍ୟାବର୍ତ୍ତନ କରି ପରବର୍ତ୍ତୀ ଦୁଇଟି ଗେମ୍‌ରେ ବାଜି ମାରିଥିଲେ । ସାତ୍ୱିକ- ଚିରାଗ ୧୨-୨୧, ୨୨-୨୦, ୨୧- ୧୪ ଗେମ୍‌ରେ ଚୀନ୍‌ର ଚାଙ୍ଗ ୱାଙ୍ଗ ଓ ୱେଇ କେଙ୍ଗ ଲିଆଙ୍ଗଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି । ଏବେ ଏହି ଭାରତୀୟ ଯୋଡି ଗୁରୁବାର ପରବର୍ତ୍ତୀ ରାଉଣ୍ଡରେ ଇଣ୍ଡୋନେସିଆର ଫଜର ଅଲଫିଆନ ଓ ମହମ୍ମଦ ଶୋହିବୁଲ ଫକରୀଙ୍କୁ ଭେଟିବେ ।

## ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲ

# ସେମିରେ ସୂରଜ ଏଫ୍‌ସି

ବାରଙ୍ଗ/ନନ୍ଦନକାନନ, ୧୭।୧୨(ସମିସ): ଗଣ୍ଡରପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଗଣ୍ଡରପୁର କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଚତୁର୍ଥ ଦିବସରେ ସହରାଞ୍ଚଳ ବିଭାଗରେ ସମ୍ବଲପୁର ସମଲେଶ୍ୱରୀ ସ୍ପୋର୍ଟିଂକୁ ୨-୦ଗୋଲ୍‌ରେ ହରାଇ ସୂରଜ ଏଫ୍‌ସି ଫୁଲବାଣୀ ଦଳ ସେମିଫାଇନାଲରେ ପ୍ରବେଶ କରିଛି । ସୂରଜ ଏଫ୍‌ସି ପକ୍ଷରୁ ନାଇଜେରିଆନ ଖେଳାଳି ୨ଟି ଯାକ ଗୋଲ୍ ଦେଇଥିଲେ ।



ସେହିଭଳି ଗ୍ରାମାଞ୍ଚଳ-ଏ'ଡିଭିଜନର ପ୍ରଥମ ମ୍ୟାଚରେ ସୁପ୍ରିମ ଫୁଟବଲ କ୍ଲବ (ବରାହୀପୁର) ୪-୩ ଟ୍ରାଇ ବ୍ରେକର ଗୋଲ ଜରିଆରେ ମହାବୀର କ୍ଲବ ନରଣପୁରକୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା । ଦ୍ୱିତୀୟ ମ୍ୟାଚରେ ମଇନ୍ଦିପୁର ଫୁଟବଲ କ୍ଲବ ୭-୬ ଟ୍ରାଇବ୍ରେକର ଗୋଲରେ ପଦ୍ମକେଶରୀପୁର ଚମ୍ପା ନହାକାଣି ଫୁଟବଲ କ୍ଲବକୁ ହରାଇ କ୍ୱାର୍ଟରକୁ ଉନ୍ନୀତ ହୋଇଛି । ଅପରପକ୍ଷରେ ଗ୍ରାମାଞ୍ଚଳର-ବି' ଡିଭିଜନରେ ଜୟଦୁର୍ଗା କ୍ଲବ (ଆମଣ) ୫-୪ ଟାଇ ବ୍ରେକର ଜରିଆରେ ଉରାଳୀକୁ, ଦ୍ୱିତୀୟ ମ୍ୟାଚରେ ସିଆର୍‌ଆର୍‌ଆଇ ୪-୩ ଟ୍ରାଇବେକରରେ ରୁରାଲ କ୍ଲବ ଗବବସ୍ତକୁ ହରାଇ କ୍ୱାର୍ଟର ଫାଇନାଲ ଟିକଟ୍ ହାସଲ କରିଛି । ଆଜିର ଦିବସରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ଯୋଗଦେଇଲେ । ଗୁରୁବାର ଗ୍ରାମାଞ୍ଚଳ-ବି ଡିଭିଜନର ପ୍ରଥମ ମ୍ୟାଚ ବାରଙ୍ଗ ବାୟର ସହ ସାଇଁସ, ଦ୍ୱିତୀୟ ମ୍ୟାଚ ତଣ୍ଡି କଣାସ-ଉତ୍ତମପୁର, ତୃତୀୟ ମ୍ୟାଚରେ ଘାଟିକିଆ ସହ ଗୋଠପୁର, ଚର୍ତୁଥ ମ୍ୟାଚ ଉସୁମା ସହ ବଉଳକୁଦ ମଧ୍ୟରେ ଖେଳାଯିବ । ସହରାଞ୍ଚଳ ବିଭାଗରେ ବିହାରର ୟୁନାଟେଡ୍ ସି-୧ ସହ ମା ମଙ୍ଗଳା କ୍ଲବ୍ (ଢେଙ୍କାନାଳ) ମଧ୍ୟରେ ମୁକାବିଲା ହେବ ବୋଲି ଆୟୋଜକ ଜ୍ଞାନରଞ୍ଜନ ରାଉତ ସୂଚନା ଦେଇଛନ୍ତି ।

## ଆସେସ୍ ସିରିଜ: ଆଡିଲେଡ୍‌ରେ ୩ୟ ଟେଷ୍ଟ ଆରମ୍ଭ

# କାରୀଙ୍କ ଶତକ ଅଷ୍ଟ୍ରେଲିଆର ସମ୍ମାନ ରଖିଲା

ଆଡିଲେଡ୍, ୧୭ ।୧୨ (ଏଜେନ୍ସି):

ୱିକେଟ୍‌କିପର ଆଲେକ୍ସ କାରୀଙ୍କ ଶତକ ବଳରେ ବୁଧବାରଠାରୁ ଏଠାରେ ଆରମ୍ଭ ହୋଇଥିବା ଇଂଲଣ୍ଡ ବିପକ୍ଷ ଆସେସ୍ ସିରିଜର ୩ୟ ଟେଷ୍ଟରେ ଘରୋଇ ଅଷ୍ଟ୍ରେଲିଆ ଭଲ ସ୍ଥିତିରେ ରହିଛି । ଆଡିଲେଡ୍ ଓଭାଲରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ପ୍ରଥମ ପାଳିରେ ୮୩ ଓଭରରେ ୮ ୱିକେଟ୍ ହରାଇ ୩୨୮ ରନ କରିଛି । ପୂର୍ବରୁ ପ୍ରଥମ ଦୁଇଟି ଟେଷ୍ଟକୁ ଜିତି ଅଷ୍ଟ୍ରେଲିଆ ୨-୦ରେ ଅଗ୍ରଣୀ ରହିଛି ।

### ୨୫.୨୦ କୋଟିର ଖେଳାଳି ଖାତା ଖୋଲିପାରିଲେନି

ଘରୋଇ ଦଳର ଅଧିନାୟକ ପ୍ୟାଟ୍ କମିନ୍ସ ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ । ତେବେ ଅଷ୍ଟ୍ରେଲିଆ ୨୫ ଓଭର ମଧ୍ୟରେ ୯୪ ରନରେ ଦୁଇ ଓପନର୍ ଟ୍ରାଭିସ ହେଡ୍ (୧୦ ରନ), ଜେକ୍ ୱେଦରଲ୍ଡ (୧୮), ମାର୍ନସ ଲାବୁଶେନ (୧୯) ଓ କାମେରନ ଗ୍ରୀନଙ୍କ ୱିକେଟ୍ ହରାଇ ସଙ୍କଟରେ ପଡ଼ିଥିଲା । ଗତକାଲି ଆଇପିଏଲ୍ ମିନି ନିଲାମୀରେ ୨୫.୨୦ କୋଟି ମୂଲ୍ୟରେ ବିକ୍ରି ହୋଇଥିବା ଗ୍ରୀନ କିନ୍ତୁ ଆଜି ଖାତା ଖୋଲିପାରି ନ ଥିଲେ । ଦୁଇଟି ବଲ୍ ଖେଳିଥିବା ଗ୍ରୀନ ଦ୍ରୁତ ବୋଲର ଜୋଫ୍ରା ଆର୍ଚରଙ୍କ ବଲରେ କ୍ୟାଚ୍ ଆଉଟ୍ ହୋଇଥିଲେ । କୋଲକାତା ନାଇଟ୍ ରାଇଡର୍ସ ଗ୍ରୀନଙ୍କୁ ୨୫.୨୦ କୋଟିରେ କ୍ରୟ କରିବା ପରେ ସେ ଆଇପିଏଲ୍ ଇତିହାସର ସବୁଠୁ ଦାମି ଖେଳାଳି ହୋଇଛନ୍ତି । କିନ୍ତୁ ଆଜି ସେ ଖାତା ଖୋଲି ନ ପାରିବାକୁ ନେଇ ଚାରିଆଡ଼ ଚର୍ଚ୍ଚା ହେଉଛି । ଚତୁର୍ଥ ୱିକେଟ ପତନ ପରେ ଉସମାନ ଖୱାଜାଙ୍କ ସହ କାରୀ ଯୋଗଦେଇ ସ୍ଥିତି ସମ୍ଭାଳିଥିଲେ । ଉଭୟ ପଞ୍ଚମ ୱିକେଟ୍ ଭାଗୀଦାରିରେ ୯୧ ରନ ସଂଗ୍ରହ କରିବାରୁ ଦଳୀୟ ସ୍କୋର ୨୦୦ ନିକଟତର ହୋଇଥିଲା । ତେବେ ୮୨ ରନ କରିଥିବାବେଳେ ସ୍ପିନର ୱିଲ ଜ୍ୟାକ୍ସଙ୍କୁ ବଡ଼ ସଟ୍ ମାରିବାକୁ ଯାଇ ଖୱାଜା ଆଉଟ୍ ହୋଇଥିଲେ । ଅପରପାର୍ଶ୍ୱରେ କିନ୍ତୁ କାରୀ ସତର୍କତାର ସହ ଖେଳି ନିଜର ୩ୟ ଶତକ ହାସଲ କରିଥିଲେ । ଏଥିସହ ଦଳୀୟ ସ୍କୋର ମଧ୍ୟ ୩୦୦ ରନ ଅତିକ୍ରମ କରିଥିଲା । ୧୦୬ ରନ କରିଥିବାବେଳେ ଜ୍ୟାକ୍ସଙ୍କ ୨ୟ ଶିକାର ବନିଥିଲେ କାରୀ । ଷ୍ଟମ୍ପ ଅପସାରଣବେଳକୁ ମିଚେଲ ଷ୍ଟାର୍କ ୩୩ ଓ ନାଥନ ଲିଅନ କୌଣସି ରନ ନ କରି ଅପରାଜିତ ରହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଜୋଶ୍ ଇଂଲିଶ ୩୨, ପ୍ୟାଟ୍ କମିନ୍ସ ୧୩ ରନ କରିଥିଲେ । ବୋଲିଂରେ ଆର୍ଚରଙ୍କୁ ୩ଟି ଏବଂ ବ୍ରାୟଡନ କ୍ରାସ ଓ ଜ୍ୟାକ୍ସଙ୍କୁ ୨ଟି ୱିକେଟ୍ ମିଳିଛି । ପ୍ରଥମ ଦିନ ୫୬ ହଜାର ୨୯୮ ଦର୍ଶକ ଷ୍ଟାଡିୟମରେ ମ୍ୟାଚ୍ ଦେଖିଥିବା ଜଣାପଡ଼ିଛି ।



### ସ୍ୱର୍ଗତ ପିତାଙ୍କ ଉଦ୍ଦେଶ୍ୟରେ ଶତକ ଉତ୍ସର୍ଗ

ଆଲେକ୍ସ କାରୀ ଘରୋଇ ଆଡିଲେଡ୍ ଗ୍ରାଉଣ୍ଡରେ ପରିବାର ଓ ବନ୍ଧୁଙ୍କ ସାମ୍ନାରେ ଏହି ୩ୟ ଟେଷ୍ଟ ଶତକ ମାରିଥିଲେ । କାରୀଙ୍କ ପତ୍ନୀ ଏଲୋଇସ ମଧ୍ୟ ଷ୍ଟାଣ୍ଡରେ ଉପସ୍ଥିତ ରହି ସ୍ୱାମୀଙ୍କୁ ଚିୟର କରିଥିଲେ । ତେବେ କାରୀ ଏହି ଶତକକୁ ସ୍ୱର୍ଗତ ପିତା ଗର୍ଡନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ । ଗତ ସେପ୍ଟେମ୍ବରରେ କାରୀଙ୍କ ପିତାଙ୍କ ବ୍ଲଡ କ୍ୟାନସରରେ ବିୟୋଗ ଘଟିଥିଲା ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS